ସମ୍ପାଦକୀୟ



لا إله إلا الله محمد رسول الله

# ବିଶ୍ୱ ବ୍ୟାପକ ଶାନ୍ତିଦୂତ

## ହଜରତ ମିର୍ଜା ମସରୁର ଅହମଦ-ଜିନ୍ଦାବାଦ

ଉର୍ଦ୍ଦୁ ସାପ୍ତାହିକ ସମ୍ବାଦପତ୍ର 'ବଦର୍'ର ଏହି ବିଶେଷାଙ୍କ ପାଇଁ ଆମ ପ୍ରିୟ ମୁନିବ ହଜରତ ଖଲିଫତୁଲ୍ ମସିହ ପଂଚମ[ଅବ] ଏହି ଶିରୋନାମା ଅନ୍ତର୍ଗତ 'ଜିହାଦ୍‌କୀ ହକିକତ୍ ହଜରତ ମସିହ ମଉଦ[ଅସ]କୀ କିତାବ୍ ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଔର୍ ଜିହାଦ୍ କୀ ରୌଶନୀ ମେଁ' ବିଷୟକୁ ସଦୟ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହା ଆମ ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ ଓ ଖୁସିର ବିଷୟ ଯେ ମହାମାନ୍ୟ ହୁଜୁର ବିଗତ ବର୍ଷମାନଙ୍କ ପରି ଏ ବର୍ଷ ମଧ ନିଜର ବ୍ୟସ୍ତବହୁଳ ଜୀବନ ସତ୍ୱେ 'ବଦ୍‌ର'ର ପାଠକମାନଙ୍କ ସକାଶେ ଅତ୍ୟନ୍ତ ମର୍ମସ୍ପର୍ଶୀ ବାର୍ତା ତଥା ସ୍ୱହସ୍ତରେ ସ୍ୱାକ୍ଷରିତ ଏକ ଫଟୋ ମଧ ପଠାଇଛନ୍ତି । ଆମେମାନେ ହଜୁର ଅନ୍‌ୱର[ଅବ]ଙ୍କ ଏହି ଅପାର ସ୍ନେହ ଓ ପ୍ରେମ ଯୋଗୁଁ ତାଙ୍କଠାରେ ଅଶେଷ କୃତଜ୍ଞତା ବ୍ୟକ୍ତ କରୁଛୁ । ହୃଦୟର ଗଭୀରତମ ପ୍ରଦେଶରୁ ତାଙ୍କ ପାଇଁ ପ୍ରାର୍ଥନା କରୁଛୁ ଯେ: **'ଅଲ୍ଲାହୁମ୍ମା ଅୟଦ ଇମାମନା ବିରୁହିଲ୍ କୁଦୁସ୍ ୱ୍ବାରିକ୍‌ଲନା ଫୀ ଉମ୍‌ରେହୀ ୱ୍ ଅମ୍‌ରେହୀ'**

ଜିହାଦ୍ ତିନି ପ୍ରକାରର ବୋଲି ବର୍ଣ୍ଣନା କରାଯାଇଥାଏ । (୧) 'ଜିହାଦ୍ ଅସଗର' ଅର୍ଥାତ ତରବାରୀର ଜିହାଦ୍ (୨) 'ଜିହାଦ୍ ଅକବର୍' ଅର୍ଥାତ ଆତ୍ମଶୁଦ୍ଧିର ଜିହାଦ (୩) 'ଜିହାଦ୍ କବୀର' ଅର୍ଥାତ ଇସଲାମର ପ୍ରଚାର ଓ ପ୍ରସାରଭିତିକ ଜିହାଦ । ସବୁଠାରୁ ବଡ 'ଜିହାଦ ଅକବର୍' ଯାହାକୁ ଆତ୍ମଶୁଦ୍ଧିର ଜିହାଦ୍ ବୋଲି କୁହାଯାଏ, ତାହା ବ୍ୟତୀରେକେ ଅନ୍ୟ ଦୁଇ ଜିହାଦର ପଥ ସୁଗମ ହୋଇପାରିବ ନାହିଁ । ଯଦିଚ 'ଜିହାଦ ଅସଗର୍'ର ଯୁଗ ଯାହା ତରବାରି ଓ ବନ୍ଧୁକର ଜିହାଦ୍ ରୂପେ ସେତେବେଳେ ପ୍ରଜୁଜ୍ୟ ଥିଲା ଏବଂ ତଦନୁରୂପ 'ଜିହାଦ୍ ଅକବର୍' ଯାହା ଇସଲାମର ପ୍ରଚାର ପାଇଁ ଉଦ୍ଦିଷ୍ଟ ଥିଲା, ଏହି ଦୁଇଟିଯାକ ଜିହାଦ ହଜରତ ମୁହମ୍ମଦ[ସଅ]ଙ୍କ ଅନୁଚରମାନଙ୍କ ଦ୍ୱାରା ଅତି ସହଜ, ସୁଲଭ ଓ ଅନୁପମ ଶୈଳୀରେ ସମ୍ପାଦନ କରାଯାଉଥିଲା । ଏହାର ବଡ କାରଣ ହେଉଛି ଯେ ଜିହାଦ ଅକବରକୁ ସୁବିଧାରେ ହାସଲ କରିବା ପାଇଁ ଏହା ଅତୁଳନୀୟ ଭାବରେ କାର୍ଯ୍ୟ କରୁଥିଲା । ସୁତରାଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିହାଦ ହେଉଛି ଆତ୍ମଶୁଦ୍ଧି କରିବାର ଜିହାଦ, ଯାହା ପ୍ରତ୍ୟେକ ପରିସ୍ଥିତିରେ ଓ ପ୍ରତିକ୍ଷଣ କରାଯାଇ ପାରିବ । ଏହା ପରେ ଯାଇ ଆସିବ ଇସଲାମ ପ୍ରଚାର କରିବାର ଜିହାଦ । ଏହି ଜିହାଦ ମଧ କେତେକ ସମ୍ଭାବ୍ୟ ପରିସ୍ଥିତିକୁ ଛାଡିଦେଲେ ପ୍ରତ୍ୟେକ ସମୟରେ କରାଯାଇ ପାରିବ । ଅବଶ୍ୟ ତରବାରୀର ଜିହାଦକୁ ନିଷିଦ୍ଧ କରାଯାଇଛି ଏବଂ ଏହା କେବଳ ବିଶେଷ ପରିସ୍ଥିତି ପାଇଁ ଅନୁମତିଯୋଗ୍ୟ ହୋଇପାରେ ।

ଏହା ଆମମାନଙ୍କର ବହୁତ ବଡ ସୌଭାଗ୍ୟ ଯେ ଅଲ୍ଲାଃତାଲା ଆମମାନଙ୍କୁ ଏହି ଯୁଗର ଇମାମ ହଜରତ ମିର୍ଜା ଗୁଲାମ ଅହମଦ-ପ୍ରତିଶ୍ରୁତ ମସିହ ଓ ମେହଦୀ[ଅସ]ଙ୍କୁ ମାନିବାର ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଆମକୁ ମିଳିଥିବା ଏହି ପୁରସ୍କାର ତୁଳନାରେ ପୃଥିବୀର ଅନ୍ୟ ସମସ୍ତ ପୁରସ୍କାର ଅତି ତୁଚ୍ଛ । ଏହାର ଫଳ ସ୍ୱରୂପ ପୁଣି ଅଲ୍ଲାଃତାଲା ଆମକୁ ଖିଲାଫତର ଆଶୀର୍ବାଦ ଦ୍ୱାରା ପୁରସ୍କୃତ କରିଛନ୍ତି, ଯାହା ମାଧ୍ୟମରେ ଅଲ୍ଲାଃତାଲା ସଂସାରକୁ ଏକତା, ସୌହାର୍ଦ୍ଦ୍ୟ ଓ ସହଭାଗୀତାର ଅତି ମନୋରମ ଓ ଚିତାକର୍ଷକ ଦୃଶ୍ୟ ଦେଖାଉଛନ୍ତି । ଆମ ପାଇଁ ଏହା ଗୌରବର ବିଷୟ ଯେ ଆମେମାନେ ହେଉଛୁ ଗୋଟିଏ ହାତର ଇଂଗିତରେ ଉଠିବା ଏ ଗୋଟିଏ ହାତର ଇଂଗିତରେ ବସୁଥିବା ସଂପ୍ରଦାୟ ।

ଜମାଅତ ଅହମଦିୟା ବର୍ତମାନ ସମଗ୍ର ବିଶ୍ୱରେ 'ଜିହାଦ କବୀର' ଅର୍ଥାତ ପ୍ରଚାର ଓ ପ୍ରସାରର ଜିହାଦ କାର୍ଯ୍ୟରେ ନିୟୋଜିତ । ଏକପକ୍ଷେ ଇସଲାମର ସୁନ୍ଦର ଓ ମନଲୋଭା ଶିକ୍ଷାକୁ ସଂସାର ସମ୍ମୁଖରେ ଉପସ୍ଥାପନ କରୁଛି ତ ଅପରପକ୍ଷେ ଇସଲାମ ପ୍ରତି ଆରୋପ କରାଯାଉଥିବା ଜିହାଦର ଭୁଲ ଅର୍ଥ ଓ ତ୍ରୁଟିଯୁକ୍ତ ବ୍ୟାଖ୍ୟାର କାଳିମାକୁ ମଧ ଧୋଇବାରେ ଲାଗିଛି । ଅର୍ଥାତ ଏହି ଛବି ପ୍ରଦର୍ଶିତ କରୁଛି ଯେ ଇସଲାମ ପୃଥିବୀର କୋଣେ କୋଣେ କେବଳ ନିଜର ପ୍ରେମ ଓ ଶାନ୍ତିର ଶିକ୍ଷା ଯୋଗୁଁ ହିଁ ପ୍ରସାରିତ ହେଉଛି । ତାହା କେବେ ତରବାରି ବଳରେ ଓ ଜୋର ଜବରଦସ୍ତି କରିବା ଦ୍ୱାରା ନୁହେଁ ।

ଏହି ଅବସରରେ ଆମେମାନେ ବିଶେଷ ରୂପେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଚାହୁଁଛୁ ଯେ ଇସଲାମର ପ୍ରକୃତ ଛବି ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାରେ ଓ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ଦିଗରେ ସର୍ବଦା ସଂଘର୍ଷରତ ହେବା ଏବଂ ସମସ୍ୟାର ଫଳପ୍ରସୂ ସମାଧାନ ଦିଗରେ ହଜରତ ଖଲିଫତୁଲ ମସିହ ପଂଚମ[ଅବ]ଙ୍କର ସମଗ୍ର ବିଶ୍ୱରେ ଏକ ମହତ୍ୱପୂର୍ଣ୍ଣ ଅବଦାନ ରହିଛି । ସେ ବିଶ୍ୱଶାନ୍ତି ପ୍ରତିଷ୍ଠା ସମ୍ବନ୍ଧରେ

## ସୂଚୀପତ୍ର


| | | |
|---|---|---|
| ୧ | ସମ୍ପାଦକୀୟ | ୧ |
| ୨ | ପବିତ୍ର କୁର୍‌ଆନ୍ | ୨ |
| ୩ | ପବିତ୍ର ହଦିସ୍ | ୩ |
| ୪ | ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ପବିତ୍ର କଥନ | ୪ |
| ୫ | ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅୱ୍ୱଲ୍ (ପ୍ରଥମ) ର:ଅ ଙ୍କ ପବିତ୍ର କଥନ | ୬ |
| ୬ | ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି (ଦ୍ୱିତୀୟ) ର:ଅ ଙ୍କ ପବିତ୍ର କଥନ | ୭ |
| ୭ | ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ (ତୃତୀୟ) ରହେମୁଲ୍ଲାଃ ତାଆଲାଙ୍କ ପବିତ୍ର କଥନ | ୮ |
| ୮ | ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ରହେମୁଲ୍ଲାଃ ତାଆଲାଙ୍କ ପବିତ୍ର କଥନ | ୯ |
| ୯ | ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ (ପଂଚମ) ଅୟଦହୁଲ୍ଲାଃ ତାଆଲାଙ୍କ ପବିତ୍ର କଥନ | ୧୦ |
| ୧୦ | ବାସ୍ତବ ଏବଂ ସ୍ଥାୟୀ ବିଶ୍ୱଶାନ୍ତିର ପ୍ରତିଷ୍ଠା | ୧୧ |
| ୧୧ | ଇଂରେଜ ସରକାରଙ୍କ ସହିତ ଜିହାଦ୍ ବିସ୍ ସୈଫ୍ ଅର୍ଥାତ ତରବାରୀ ମୂଳକ ଯୁଦ୍ଧ ନ କରିବାର କାରଣ | ୧୬ |
| ୧୨ | ପବିତ୍ର କୋରାନ୍ ଶିକ୍ଷାର ଆଧାରରେ ଜିହାଦ୍‌ର ବାସ୍ତବିକତା | ୨୧ |
| ୧୩ | ରସୁଲୁଲ୍ଲାଃ ସ:ଆ:ସଙ୍କ ଆଦର୍ଶମୟ ଦୃଷ୍ଟିକୋଣରୁ ଜିହାଦ୍‌ର ଅସଲ ଭାବ | ୨୪ |
| ୧୪ | ଜିହାଦ୍‌ର ଭୁଲ୍ ଦୃଷ୍ଟିକୋଣର କୁପରିଣାମ ଏବଂ ଏହାର ସମାଧାନ | ୨୭ |


ସହସ୍ରାଧିକ ଭାଷଣ ଦେଇଛନ୍ତି । ଏହିସବୁ ଭାଷଣଗୁଡିକରେ ଏକପକ୍ଷେ ସେ ବିଶ୍ୱଶାନ୍ତି ପ୍ରତିଷ୍ଠା ଉପରେ ଜୋର ଦେଇଛନ୍ତି ତ ଅନ୍ୟପକ୍ଷେ ପବିତ୍ର କୁରଆନ, ହଦିସ ତଥା ହଜରତ ମୁହମ୍ମଦ[ସଅ]ଙ୍କ ପବିତ୍ର ଜୀବନୀ ମଧ୍ୟରୁ ଏହା ମଧ ପ୍ରମାଣିତ କରିଛନ୍ତି ଯେ ଇସଲାମ ବିଶ୍ୱଶାନ୍ତି ପାଇଁ ମୁଖ୍ୟ ଉଦ୍ୟୋକ୍ତା ଓ ଦୃଢ଼ ସମର୍ଥକ ରୂପେ ଛିଡା ହୋଇଛି । ଏହାର ଆତଙ୍କବାଦ ସହିତ କୌଣସି ଦୂରଦୂରାନ୍ତର ମଧ ସଂପର୍କ ନାହିଁ । ଇସଲାମର ପ୍ରକୃତ ଛବିକୁ ପୃଥିବୀରେ ପ୍ରଦର୍ଶିତ କରିବା ତଥା ଇସଲାମର ଚେହେରାରୁ ଆତଙ୍କବାଦ ଜିହାଦର ଆରୋପିତ କାଳିମାକୁ ପୋଛିବାରେ ମହାମାନ୍ୟ ଖଲିଫାଙ୍କର ଏକ ସଂପୂର୍ଣ୍ଣ ଭିନ୍ନ ଓ ଅନନ୍ୟ ଭୁମିକା ରହିଛି । ଏହି ପ୍ରସଙ୍ଗ ଉପରେ ବିଶ୍ୱର ବିଭିନ୍ନ ପାର୍ଲାମେଂଟ୍ ଓ ଖ୍ୟାତନାମା ସମ୍ବାଦ ସରବରାହ ସଂସ୍ଥାକୁ ଯାଇ ସେ ବକ୍ତୃତାମାନ ଦେଇଛନ୍ତି । ୨୨ ଅକ୍ଟୋବର ୨୦୦୭ରେ ସେ ବ୍ରିଟିସ ପାର୍ଲାମେଂଟ୍ ଭବନର ହାଉସ ଅଫ କମନ, ଲଣ୍ଡନରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଦ୍ୱିତୀୟ ଥର ଏହି ପାର୍ଲାମେଂଟ୍‌ରେ ୧୧ ଜୁନ୍ ୨୦୧୩ ରେ ମଧ ଭାଷଣ ଦେଇଥିଲେ । କ୍ୟାପିଟଲ ହିଲ୍, ଆମେରିକାରେ ୨୭ ଜୁନ୍ ୨୦୧୨ରେ, ଜର୍ମାନୀର ମିଲିଟାରୀ ହେଡକ୍ୱାଟରରେ ୩୦ ମଇ ୨୦୧୨ରେ, ୟୁରୋପିଆନ ପାର୍ଲାମେଂଟ୍ (ବ୍ରସେଲ୍‌ସ, ବେଲଜିୟମ୍)ରେ ୪ ଡିସେମ୍ବର ୨୦୧୨ରେ, ନ୍ୟୁଜିଲ୍ୟାଣ୍ଡ ପାର୍ଲାମେଂଟ୍‌ରେ ୪ ନଭେମ୍ବର ୨୦୧୩ରେ, ହଲାଣ୍ଡର ନ୍ୟାସନାଲ ପାର୍ଲାମେଂଟ୍‌ରେ ୬ ଅକ୍ଟୋବର ୨୦୧୫ରେ, କାନାଡାର ପାର୍ଲାମେଂଟ୍ ହଲ୍‌ରେ ୧୭ ଅକ୍ଟୋବର ୨୦୧୬ରେ ମହାଭାଗ ବକ୍ତବ୍ୟ ପ୍ରଦାନ କରିଛନ୍ତି । ବିଶ୍ୱର ଏହିସବୁ ପ୍ରଖ୍ୟାତ ସଦନମାନଙ୍କରେ ଇସଲାମର ଶିକ୍ଷାଭିତିକ ବିଶେଷତ୍ୱ ପ୍ରତିପାଦନ କରିବା ଅତ୍ୟନ୍ତ ବାହାଦୁରୀ ଓ ଅସୀମ ସାହାସିକ କାର୍ଯ୍ୟ, ଯାହା କେବଳ ଈଶ୍ୱରଙ୍କ ଖଲିଫା ହିଁ କରିପାରନ୍ତି ।

ଏହି ବର୍ଷ ୟୁରୋପ ଗସ୍ତ (ଫ୍ରାନ୍‌ସ, ହଲାଣ୍ଡ, ଓ ବେଲଜିୟମ୍) ଅବସରରେ ୮ ଅକ୍ଟୋବର ୨୦୧୯ ଦିନ ଫ୍ରାନସ ଠାରେ ସ୍ଥିତ ୟୁନେସ୍‌କୋ କାର୍ଯ୍ୟାଳୟରେ ମହାମାନ୍ୟ ହଜୁର ଇସଲାମୀୟ ଶିକ୍ଷା ଉପରେ ଆଲୋକପାତ କରି ନିଜର ବକ୍ତବ୍ୟ ରଖିଥିଲେ । ବିଶ୍ୱରେ ଜ୍ଞାନ ଓ ବିଜ୍ଞାନର ପ୍ରଗତି କ୍ଷେତ୍ରରେ ମୁସଲମାନମାନଙ୍କର କ'ଣସବୁ ମହତ୍ୱପୂର୍ଣ୍ଣ ଅବଦାନ ରହିଛି, ସେ ସମ୍ବନ୍ଧରେ ସେ କହିଥିଲେ । ପାଠକମାନଙ୍କୁ ଅବଗତ କରୁଛୁ ଯେ ୟୁନେସ୍‌କୋ, ମିଳିତ ଜାତିସଂଘର ଏକ ସଂସ୍ଥା ଯାହା ଶିକ୍ଷା, ସଂସ୍କୃତି ଓ ବିଜ୍ଞାନର ବିକାଶ ସାଧନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି । ଏଥିରେ ପ୍ରେସ ସ୍ୱାଧୀନତା, ଦାରିଦ୍ର୍ୟର ବିଲୋପ ଓ ଇଚ୍ଛାର୍ପିତ ସଂପତି ତଥା ଐତିହ୍ୟର ସୁରକ୍ଷା ଇତ୍ୟାଦି

*ଅବଶିଷ୍ଟାଂଶ ପୃଷ୍ଠା- ୩୧ ରେ ଦେଖନ୍ତୁ......*

**ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ସହିତ ଯୁଦ୍ଧ କର ଯେଉଁମାନେ ତୁମମାନଙ୍କ ବିରୁଦ୍ଧରେ ଯୁଦ୍ଧ କରୁଛନ୍ତି କିନ୍ତୁ ସୀମା ଲଙ୍ଘନ କରନାହିଁ । ବାସ୍ତବରେ ଅଲ୍ଲାଃ ସୀମାଲଙ୍ଘନକାରୀ ମାନଙ୍କୁ ଆଦୌ ପସନ୍ଦ କରନ୍ତି ନାହିଁ ।**

## ଅଲ୍ଲାଃତାଲାଙ୍କ ବାଣୀ

### ଅଲ୍ଲାଃଙ୍କ ମାର୍ଗରେ ଜିହାଦ୍ କରିବା ପାଇଁ ନିର୍ଦ୍ଦେଶ

✡ وَجَاهِدُوْا فِي اللّٰهِ حَقَّ جِهَادِهٖ (الحج:79)

ଅନୁବାଦ:- ଏବଂ ଅଲ୍ଲାଃଙ୍କ ମାର୍ଗରେ ଜିହାଦ୍ (ଅର୍ଥାତ୍ ପରିପୂର୍ଣ୍ଣ ଉଦ୍ୟମ) କର । (ଅଲ୍ହଜ୍:୭୯)

### ଜିହାଦ୍ର ବାସ୍ତବିକତା

✡ وَالَّذِيْنَ جَاهَدُوْا فِيْنَا لَنَهْدِيَنَّهُمْ سُبُلَنَا ؕ وَاِنَّ اللّٰهَ لَمَعَ الْمُحْسِنِيْنَ (العنکبوت:70)

ଅନୁବାଦ:- ଏବଂ ଯେଉଁମାନେ ଆମ ସହିତ ମିଳିତ ହେବାପାଇଁ ଉଦ୍ୟମ କରନ୍ତି, ଆମେ ସେମାନଙ୍କୁ ନିଶ୍ଚୟ ଆମ ପଥରେ ପରିଚାଳିତ ହେବାକୁ ସୁଯୋଗ ଦେବୁ; ଏବଂ ଅଲ୍ଲାଃ ନିଶ୍ଚୟ ହିତକାରୀମାନଙ୍କ ସହିତ ଥାଆନ୍ତି । (ଅଲ୍ଅନ୍କବୁତ୍:୭୦)

### ଜିହାଦ୍ର ପ୍ରକାର (କୁର୍ଆନ୍ ସହିତ ଜିହାଦ୍ କରିବା)

✡ فَلَا تُطِعِ الْكٰفِرِيْنَ وَجَاهِدْهُمْ بِهٖ جِهَادًا كَبِيْرًا (الفرقان:53)

ଅନୁବାଦ:- ସୁତରାଂ ତୁମେ ଅବିଶ୍ୱାସକାରୀମାନଙ୍କ କଥା ମାନନାହିଁ ଏବଂ ଏହା (ଅର୍ଥାତ୍ କୁର୍ଆନ୍) ମାଧ୍ୟମରେ ସେମାନଙ୍କ ବିରୁଦ୍ଧରେ ବଡ ଜିହାଦ୍ (ଅର୍ଥାତ୍ ପ୍ରବଳ ଉଦ୍ୟମ) କର । (ଅଲ୍ଫୁର୍କାନ୍:୫୩)

### ଜିହାଦ୍ ବିଲ୍ ମାଲ୍ (ଧନ ମାଧ୍ୟମରେ ଜିହାଦ୍)

✡ اِنَّ الَّذِيْنَ اٰمَنُوْا وَهَاجَرُوْا وَجٰهَدُوْا بِاَمْوَالِهِمْ وَاَنْفُسِهِمْ فِيْ سَبِيْلِ اللّٰهِ
وَالَّذِيْنَ اٰوَوْا وَّنَصَرُوْٓا اُولٰٓئِكَ بَعْضُهُمْ اَوْلِيَآءُ بَعْضٍ (الانفال:73)

ଅନୁବାଦ:- ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ହିଜ୍ରତ୍ କରିଛନ୍ତି ତଥା ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ନିଜର ଧନ ଓ ଜୀବନ ଦେଇ ଜିହାଦ୍ କରିଛନ୍ତି ଏବଂ ଯେଉଁମାନେ (ହିଜ୍ରତ୍କାରୀଙ୍କୁ) ସ୍ୱଗୃହରେ ଆଶ୍ରୟ ଦେଇଛନ୍ତି ତଥା ସେମାନଙ୍କୁ ସାହାଯ୍ୟ କରିଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ପରସ୍ପରର ଅନ୍ତରଙ୍ଗ ବନ୍ଧୁ । (ଅଲ୍ଅନ୍ଫାଲ୍:୭୩)

### ତରୱାରି ସାହାଯ୍ୟରେ ଜିହାଦ୍ - ଧର୍ମୀୟ ସ୍ୱାଧୀନତା ଓ ଉପାସନା ପୀଠର ସୁରକ୍ଷା ନିମନ୍ତେ ଜିହାଦ୍

✡ اُذِنَ لِلَّذِيْنَ يُقٰتَلُوْنَ بِاَنَّهُمْ ظُلِمُوْا ؕ وَاِنَّ اللّٰهَ عَلٰى نَصْرِهِمْ لَقَدِيْرُ ۨ○
الَّذِيْنَ اُخْرِجُوْا مِنْ دِيَارِهِمْ بِغَيْرِ حَقٍّ اِلَّآ اَنْ يَّقُوْلُوْا رَبُّنَا اللّٰهُ ؕ وَلَوْلَا دَفْعُ
اللّٰهِ النَّاسَ بَعْضَهُمْ بِبَعْضٍ لَّهُدِّمَتْ صَوَامِعُ وَبِيَعٌ وَّصَلَوٰتٌ وَّمَسٰجِدُ
يُذْكَرُ فِيْهَا اسْمُ اللّٰهِ كَثِيْرًا ؕ وَلَيَنْصُرَنَّ اللّٰهُ مَنْ يَّنْصُرُهٗ ؕ اِنَّ اللّٰهَ لَقَوِيٌّ
عَزِيْزٌ ○ (الحج:40-41)

ଅନୁବାଦ:- ଯେଉଁମାନଙ୍କ ସହିତ (ବିନା କାରଣରେ) ଯୁଦ୍ଧ କରାଯାଏ, ସେମାନଙ୍କୁ ମଧ୍ୟ (ଯୁଦ୍ଧ କରିବା ପାଇଁ) ଅନୁମତି ଦିଆଯାଉଅଛି, କାରଣ ସେମାନଙ୍କ ପ୍ରତି ଅତ୍ୟାଚାର କରାଯାଇଛି, ଏବଂ ବାସ୍ତବିକ ଅଲ୍ଲାଃ ସେମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ । ଏମାନେ (ସେହିଲୋକ) ଯେଉଁମାନଙ୍କୁ ସେମାନଙ୍କ ଗୃହରୁ କେବଳ 'ଅଲ୍ଲାଃ ଆମ୍ଭମାନଙ୍କର ପାଳନକର୍ତା ଅଟନ୍ତି' କହିବାରୁ କୌଣସି ଯୁକ୍ତି ସଙ୍ଗତ କାରଣ ନଥାଇ ବିତାଡିତ କରାଗଲା; ଏବଂ ଯଦି ଅଲ୍ଲାଃ ଏହି (ଅବିଶ୍ୱାସକାରୀ) ମାନଙ୍କ ମଧ୍ୟରୁ କେତେକଙ୍କୁ ଅନ୍ୟ କେତେକଙ୍କ ଦ୍ୱାରା (ଦୁଷ୍କାମୀରୁ) ଦୂରେଇ ନରଖନ୍ତେ, ତେବେ ଆଶ୍ରମ, ଗିର୍ଜା, (ୟୁହୁଦୀମାନଙ୍କ) ଉପାସନା ଗୃହ ଓ ମସ୍ଜିଦ୍ମାନଙ୍କୁ ଯେଉଁଠାରେ ଅଲ୍ଲାଃଙ୍କ ନାମ ବହୁଳ ଭାବରେ ନିଆଯାଏ, ଧ୍ୱଂସ କରିଦିଆଯାଆନ୍ତା; ଏବଂ ଅଲ୍ଲାଃ ସେହି ମାନଙ୍କୁ ସାହାଯ୍ୟ କରିବେ, ଯେଉଁମାନେ ତାହାଙ୍କୁ (ଅର୍ଥାତ୍ ଅଲ୍ଲାଃଙ୍କ ଧର୍ମକୁ) ସାହାଯ୍ୟ କରିବେ; ବାସ୍ତବିକ ଅଲ୍ଲାଃ ଅତ୍ୟନ୍ତ ବଳବାନ (ଓ) ପରାକ୍ରମୀ । (ଅଲ୍ହଜ୍:୪୦-୪୧)

### ଧର୍ମ ସଂକ୍ରାନ୍ତରେ କୌଣସି ପ୍ରକାର ବାଧ-ବାଧକତା ନାହିଁ

✡ لَآ اِكْرَاهَ فِي الدِّيْنِ ۙ قَدْ تَّبَيَّنَ الرُّشْدُ مِنَ الْغَيِّ ۚ فَمَنْ يَّكْفُرْ بِالطَّاغُوْتِ
وَيُؤْمِنْ بِاللّٰهِ فَقَدِ اسْتَمْسَكَ بِالْعُرْوَةِ الْوُثْقٰى ۗ لَا انْفِصَامَ لَهَا ؕ وَاللّٰهُ سَمِيْعٌ
عَلِيْمٌ ○ (البقرہ:257)

ଅନୁବାଦ:- ଧର୍ମ ସଂକ୍ରାନ୍ତରେ କୌଣସି ପ୍ରକାର ବାଧ-ବାଧକତା ନାହିଁ; (କାରଣ) ସତ୍ପଥ ଓ ଅସତ୍ପଥ ମଧ୍ୟରେ ଥିବା ପ୍ରଭେଦ ଭଲ ରୂପେ ପ୍ରକାଶିତ ହୋଇଯାଇଅଛି; ସୁତରାଂ (ଜାଣିରଖ ଯେ) ଯେଉଁ ବ୍ୟକ୍ତି (ନିଜ ଇଚ୍ଛାରେ) ପୁଣ୍ୟ କାର୍ଯ୍ୟରେ ପ୍ରତିରୋଧ କରୁଥିବା ବ୍ୟକ୍ତିମାନଙ୍କର (କଥାମାନିବାକୁ) ଅସ୍ୱୀକାର କରେ ଏବଂ ଅଲ୍ଲାଃଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରେ ସେ ଏପରି (ଏକ) ଶକ୍ତ ନିର୍ଭରଯୋଗ୍ୟ ବସ୍ତୁକୁ ଦୃଢ଼ ଭାବରେ ଧାରଣ କରିଛି ଯାହା (କଦାପି) ଭାଙ୍ଗିବ ନାହିଁ; ଏବଂ ଅଲ୍ଲାଃ ହିଁ ମହାନ୍ ଶ୍ରୋତା ଏବଂ ସର୍ବଜ୍ଞ । (ଅଲ୍ବକ୍ରାଃ:୨୫୭)

### ଯାହାର ଇଚ୍ଛା ସେ (ଏହାକୁ) ବିଶ୍ୱାସ କରୁ ଓ ଯାହାର ଇଚ୍ଛା ସେ (ଏହାକୁ) ପ୍ରତ୍ୟାଖ୍ୟାନ କରୁ

✡ وَقُلِ الْحَقُّ مِنْ رَّبِّكُمْ ۫ فَمَنْ شَآءَ فَلْيُؤْمِنْ وَّمَنْ شَآءَ فَلْيَكْفُرْ (الکہف:30)

ଅନୁବାଦ:-ଏବଂ (ତୁମେ ଲୋକମାନଙ୍କୁ) କୁହ, "ଏହି ସତ୍ୟ ତୁମ ପାଳନକର୍ତାଙ୍କ ତରଫରୁ ହିଁ (ଆସି) ଅଛି; ଯାହାର ଇଚ୍ଛା ସେ (ଏହାକୁ) ବିଶ୍ୱାସ କରୁ ଓ ଯାହାର ଇଚ୍ଛା ସେ (ଏହାକୁ) ପ୍ରତ୍ୟାଖ୍ୟାନ କରୁ । (ଅଲ୍କହଫ୍:୩୦)

### ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଯୁଦ୍ଧ କର କିନ୍ତୁ ସୀମା ଲଙ୍ଘନ କରନାହିଁ

✡ وَقَاتِلُوْا فِيْ سَبِيْلِ اللّٰهِ الَّذِيْنَ يُقَاتِلُوْنَكُمْ وَلَا تَعْتَدُوْا ؕ اِنَّ اللّٰهَ لَا يُحِبُّ
الْمُعْتَدِيْنَ (البقرہ:191)

ଅନୁବାଦ:- ଏବଂ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ସହିତ ଯୁଦ୍ଧ କର, ଯେଉଁମାନେ ତୁମମାନଙ୍କ ବିରୁଦ୍ଧରେ ଯୁଦ୍ଧ କରୁଛନ୍ତି କିନ୍ତୁ ସୀମା ଲଙ୍ଘନ କରନାହିଁ; (ଏବଂ ମନେରଖ ଯେ) ବାସ୍ତବରେ ଅଲ୍ଲାଃ ସୀମା ଲଙ୍ଘନକାରୀମାନଙ୍କୁ ଆଦୌ ପସନ୍ଦ କରନ୍ତି ନାହିଁ । (ଅଲ୍ବକ୍ରା:୧୯୧)

### ଯୁଦ୍ଧରେ କୌଣସି ପ୍ରକାରର ଅତିକ୍ରମଣ/ଅତ୍ୟାଚାର କରିବାର ଅନୁମତି ନାହିଁ

✡ وَاقْتُلُوْهُمْ حَيْثُ ثَقِفْتُمُوْهُمْ وَاَخْرِجُوْهُمْ مِّنْ حَيْثُ اَخْرَجُوْكُمْ
وَالْفِتْنَةُ اَشَدُّ مِنَ الْقَتْلِ ۚ وَلَا تُقٰتِلُوْهُمْ عِنْدَ الْمَسْجِدِ الْحَرَامِ حَتّٰى يُقٰتِلُوْ
كُمْ فِيْهِ ۚ فَاِنْ قٰتَلُوْكُمْ فَاقْتُلُوْهُمْ ؕ كَذٰلِكَ جَزَآءُ الْكٰفِرِيْنَ ○ فَاِنِ انْتَهَوْا
فَاِنَّ اللّٰهَ غَفُوْرٌ رَّحِيْمٌ ○ (البقرہ:191-192)

ଅନୁବାଦ:- ଏବଂ (ତୁମେମାନେ) ଯେଉଁଠାରେ ମଧ୍ୟ ସେ (ଅଯଥା ଯୁଦ୍ଧରତ ବ୍ୟକ୍ତି) ମାନଙ୍କ ପାଅ ସେଠାରେ ସେମାନଙ୍କୁ ହତ୍ୟାକର । ତୁମେମାନେ ସେମାନଙ୍କ ସେ ସ୍ଥାନରୁ ବିତାଡିତ କରିଦିଅ, ଯେଉଁଠାରୁ ସେମାନେ ତୁମମାନଙ୍କୁ ବିତାଡିତ କରିଥିଲେ; କାରଣ (ଏପରି ଫିତ୍ନା) ଉପଦ୍ରବ ହତ୍ୟା ଅପେକ୍ଷା ଅଧିକ କ୍ଷତିକାରଣ; ଏବଂ ତୁମେମାନେ ସେମାନଙ୍କ ସହିତ ମସ୍ଜିଦ୍ - ଏ - ହରାମ୍ର ଆଖପାଖରେ (ସେପର୍ଯ୍ୟନ୍ତ) ଯୁଦ୍ଧ କରନାହିଁ ଯେପର୍ଯ୍ୟନ୍ତ ସେମାନେ (ନିଜେ) ତୁମମାନଙ୍କ ସହିତ ସେଠାରେ ଯୁଦ୍ଧ (ଆରମ୍ଭ) ନକରନ୍ତି; କିନ୍ତୁ ଯଦି ସେମାନେ (ସେଠାରେ ମଧ୍ୟ) ତୁମମାନଙ୍କ ସହିତ ଯୁଦ୍ଧ କରନ୍ତି ତେବେ ତୁମେମାନେ (ମଧ୍ୟ) ସେମାନଙ୍କୁ ହତ୍ୟା କର; ଏହି ଅବିଶ୍ୱାସକାରୀମାନଙ୍କ ସକାଶେ ଏହା ହିଁ ପ୍ରତିଫଳ । ତା'ପରେ ଯଦି ସେମାନେ ନିବୃତ୍ତ ହୁଅନ୍ତି ତାହାହେଲେ ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ।

(ଅଲ୍ବକ୍ରାଃ:୧୯୨-୧୯୩)

### ଯୁଦ୍ଧର ଉଦ୍ଦେଶ୍ୟ ହେଉଛି ଧର୍ମୀୟ ସ୍ୱାଧୀନତାକୁ ସ୍ଥାପନ କରିବା

✡ وَقٰتِلُوْهُمْ حَتّٰى لَا تَكُوْنَ فِتْنَةٌ وَّيَكُوْنَ الدِّيْنُ لِلّٰهِ ؕ فَاِنِ انْتَهَوْا فَلَا
عُدْوَانَ اِلَّا عَلَى الظّٰلِمِيْنَ (البقرہ:194)

ଅନୁବାଦ:-ତୁମେମାନେ ସେମାନଙ୍କ ସହିତ ସେପର୍ଯ୍ୟନ୍ତ ଯୁଦ୍ଧ କର ଯେପରି କୌଣସି ବିଦ୍ରୋହ ବାକି ନରହେ ଓ ଧର୍ମ ଅଲ୍ଲାଃଙ୍କ ପାଇଁ ହିଁ ସ୍ୱୀକୃତ ହୋଇଯାଏ; କିନ୍ତୁ ଯଦି ସେମାନେ ନିବୃତ୍ତ ହୁଅନ୍ତୁ ତେବେ (ମନେରଖ) ଅତ୍ୟାଚାରୀମାନଙ୍କ ବ୍ୟତୀତ ଅନ୍ୟ କାହାରି ସହିତ ଶତ୍ରୁତା କରିବା ଉଚିତ୍ ନୁହେଁ । (ଅଲ୍ବକ୍ରା:୧୯୪)

**ହଜ୍ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃ ତାଆଲା କହୁଛନ୍ତି:- *ୱ କାତିଲୁହୁମ୍*** ବାକ୍ୟରେ ସେହି ଲୋକମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି ଯେଉଁମାନେ ଲୋକମାନଙ୍କୁ ଧର୍ମ ପରିତ୍ୟାଗ କରିବା ପାଇଁ ବାଧ୍ୟ କରୁଛନ୍ତି । ସୁତରାଂ ଯିଏ ତରୱାରି ସାହାଯ୍ୟରେ ଧର୍ମ ପରିତ୍ୟାଗ କରାଇବାକୁ ବାଧ୍ୟ କରେ ସେମାନଙ୍କ ସହିତ ପ୍ରତିରକ୍ଷା ମୂଳକ ଯୁଦ୍ଧ କରିବା ଉଚିତ୍ ଅଟେ ଏପରିକି ସେମାନେ ଉକ୍ତ କାର୍ଯ୍ୟରୁ ନିବୃତ୍ତ ହୋଇଯାଆନ୍ତୁ ।

ଯୁଦ୍ଧରେ ଶତ୍ରୁଙ୍କ ସହିତ ନ୍ୟାୟ କରିବା ମଧ୍ୟ ଜରୁରୀ

✡ يٰٓاَيُّهَا الَّذِيْنَ اٰمَنُوْا كُوْنُوْا قَوّٰمِيْنَ لِلّٰهِ شُهَدَآءَ بِالْقِسْطِ ۫ وَلَا يَجْرِمَنَّكُمْ
شَنَاٰنُ قَوْمٍ عَلٰٓى اَلَّا تَعْدِلُوْا ؕ اِعْدِلُوْا ۫ هُوَ اَقْرَبُ لِلتَّقْوٰى ۫ وَاتَّقُوا اللّٰهَ ؕ اِنَّ
اللّٰهَ خَبِيْرٌ ۢ بِمَا تَعْمَلُوْنَ (المائدہ:9)

ଅନୁବାଦ:- ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟସଙ୍ଗତ ଭାବରେ ସାକ୍ଷ ପ୍ରଦାନ କରି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଦୃଢ଼ ରୁହ ଏବଂ କୌଣସି ସମ୍ପ୍ରଦାୟର ଶତ୍ରୁତା ତୁମମାନଙ୍କୁ ନ୍ୟାୟ ଭିନ୍ନ ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତାଉ; ତୁମେମାନେ ନ୍ୟାୟ କର; ତାହା ଧର୍ମପରାୟଣତାର ଅଧିକ ନିକଟବର୍ତୀ; ଏବଂ ଅଲ୍ଲାଃଙ୍କୁ ଭୟ କର; ତୁମେମାନେ ଯାହା କରୁଅଛ; ବାସ୍ତବରେ ଅଲ୍ଲାଃ ସେ ବିଷୟରେ ଅବଗତ ଅଛନ୍ତି । (ଅଲ୍ମାଏଦା:୯)

## ହେ ଲୋକମାନେ ! ଶତୃଙ୍କ ସହିତ ମୁକାବିଲା କରିବା ପାଇଁ ଇଛା ରଖନାହିଁ, ଅଲ୍ଲାଃତାଲାଙ୍କଠାରୁ କୁଶଳ ଓ ମଙ୍ଗଳ ନିମନ୍ତେ ପ୍ରାର୍ଥନା ଭିକ୍ଷା କର, କିନ୍ତୁ ଯଦି ତୁମକୁ ଶତୃଙ୍କ ସହିତ ମୁକାବିଲା କରିବାକୁ ପଡେ ତେବେ ଧୈର୍ଯ୍ୟ ରକ୍ଷା କର ।

### ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ସଃଆଃସଙ୍କ କଥନ

### ଆଁ ହଜ୍‌ରତ୍ ସ:ଆ:ସ କଦାପି କାହାକୁ ମାରି ନାହାଁନ୍ତି

عَنْ عَائِشَةَ رَضِيَ اللّٰهُ عَنْهَا قَالَتْ مَا ضَرَبَ رَسُولُ اللّٰهِ صَلَّى اللّٰهُ عَلَيْهِ وَسَلَّمَ شَيْئًا قَطُّ بِيَدِهٖ وَلَا امْرَأَةً وَلَا خَادِمًا إِلَّا أَنْ يُّجَاهِدَ فِي سَبِيْلِ اللّٰهِ وَمَا نِيْلَ مِنْهُ شَيْءٌ قَطُّ فَيَنْتَقِمَ مِنْ صَاحِبِهٖ إِلَّا أَنْ يُّنْتَهَكَ شَيْءٌ مِنْ مَحَارِمِ اللّٰهِ فَيَنْتَقِمَ لِلّٰهِ عَزَّ وَجَلَّ۔ (مسلم، کتاب الفضائل، باب مباعدته للاثام واختياره من المباح)

ଅନୁବାଦ:- ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କେବେ କାହାକୁ ମାରିନାହାଁନ୍ତି, ନା କୌଣସି ମହିଳା ନା କୌଣସି ପୁରୁଷକୁ । ହଁ ଅବଶ୍ୟ ଅଲ୍ଲାଃତାଲାଙ୍କ ମାର୍ଗରେ ଆପଣ ସ:ଆ:ସ ଖୁବ୍ ଜିହାଦ୍ କରିଛନ୍ତି । ଆପଣ ସ:ଆ:ସଙ୍କୁ ଯଦି କେବେ କେହି ଦୁଃଖ, କଷ୍ଟ ପହଂଚାଇଛି ତେବେ ମଧ୍ୟ ଆପଣ ସ:ଆ:ସ ତା'ର ପ୍ରତିଶୋଧ ନେଇନାହାଁନ୍ତି । ହଁ ଯେବେ ଅଲ୍ଲାଃତାଲାଙ୍କର କୌଣସି ସମ୍ମାନସ୍ୱଦ ସ୍ଥାନର ଅନାଦାର ଓ ଅପମାନ କରାଯାଇଛି, ସେତେବେଳେ ପୁଣି ଆପଣ ସ:ଆ:ସ ଅଲ୍ଲାଃତାଲାଙ୍କ ଖାତିର୍ ପ୍ରତିଶୋଧ ନେଇଛନ୍ତି । (ମୁସ୍‌ଲିମ୍, କିତାବୁଲ୍ ଫଜାଇଲ୍)

### କେଉଁ କର୍ମ ଅଲ୍ଲାଃତାଲାଙ୍କୁ ଅଧିକ ପସନ୍ଦ

عَنْ عَبْدِ اللّٰهِ بْنِ مَسْعُوْدٍ رَضِيَ اللّٰهُ عَنْهُ قَالَ سَأَلْتُ النَّبِيَّ صَلَّى اللّٰهُ عَلَيْهِ وَسَلَّمَ : أَيُّ الْعَمَلِ أَحَبُّ إِلَى اللّٰهِ تَعَالٰى؟ قَالَ: اَلصَّلٰوةُ عَلٰى وَقْتِهَا : قُلْتُ ثُمَّ أَيٌّ؟ قَالَ: بِرُّ الْوَالِدَيْنِ، قُلْتُ : ثُمَّ أَيٌّ؟ قَالَ: اَلْجِهَادُ فِيْ سَبِيْلِ اللّٰهِ۔ (بخاری، کتاب الجهاد، باب فضل الجهاد والسير)

ଅନୁବାଦ:- ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କଠାରୁ ଏକଥା ବୁଝିବାକୁ ଚାହିଁବି ଯେ କେଉଁ କର୍ମ ଅଲ୍ଲାଃତାଲାଙ୍କୁ ସବୁଠାରୁ ଅଧିକା ପସନ୍ଦ । ଆପଣ ସ:ଆ:ସ କହିଲେ ସମୟାନୁସାରେ ନମାଜ ପାଠ କରିବା । ମୁଁ ପୁଣି ନିବେଦନ କଲି ଯେ ତା'ପରେ କେଉଁ କାର୍ଯ୍ୟ ? ଆପଣ ସ:ଆ:ସ କହିଲେ ମାଆ ବାପାଙ୍କ ସହିତ ପୁଣ୍ୟ ବ୍ୟବହାର କରିବା । ପୁଣି ମୁଁ ଜାଣିବାକୁ ଚାହିଁଲି ତା'ପରେ କ'ଣ ? ଆପଣ ସ:ଆ:ସ କହିଲେ ଅଲ୍ଲାଃତାଲାଙ୍କ ମାର୍ଗରେ ଜିହାଦ୍ କରିବା ଅର୍ଥାତ୍ ଅଲ୍ଲାଃତାଲାଙ୍କ ଦୀନ୍ (ଧର୍ମ)ର ପ୍ରଚାର ପ୍ରସାର ପାଇଁ ସମ୍ପୂର୍ଣ୍ଣ ରୂପେ ଚେଷ୍ଟା କରିବା । (ବୁଖାରୀ, କିତାବୁଲ୍ ଜିହାଦ୍)

### ନିଜର ଧନ, ଜୀବନ ଏବଂ ନିଜ କଥନ ଦ୍ୱାରା ଜିହାଦ୍ କର

عَنْ أَنَسٍ رَضِيَ اللّٰهُ عَنْهُ أَنَّ النَّبِيَّ صَلَّى اللّٰهُ عَلَيْهِ وَسَلَّمَ قَالَ : جَاهِدُوا الْمُشْرِكِيْنَ بِأَمْوَالِكُمْ وَأَنْفُسِكُمْ وَأَلْسِنَتِكُمْ۔

(ابوداؤد، کتاب الجهاد، باب کراهية ترک الغزو، جلد 1، صفحه 339)

ଅନୁବାଦ:- ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ମୁସ୍‌ରିକ୍ (ଅର୍ଥାତ୍ ଅନେକେଶ୍ୱରବାଦୀ)ଙ୍କ ସହିତ ନିଜର ଧନ ସମ୍ପତି, ନିଜ ଜୀବନ ଏବଂ ନିଜ କଥନ ମାଧ୍ୟମରେ ଜିହାଦ୍ କର । (ଅବୁଦାଉଦ୍ କିତାବୁଲ୍ ଜିହାଦ୍ ଭାଗ-୧, ପୃଷ୍ଠା-୩୩୯)

عَنْ مُعَاذٍ رَضِيَ اللّٰهُ عَنْهُ قَالَ: قَالَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ : اَلْغَزْوُ غَزْوَانِ فَأَمَّا مَنِ ابْتَغٰى وَجْهَ اللّٰهِ وَأَطَاعَ الْإِمَامَ وَأَنْفَقَ الْكَرِيْمَةَ وَيَاسَرَ الشَّرِيْكَ وَاجْتَنَبَ الْفَسَادَ فَإِنَّ نَوْمَهٗ وَنَبْهَهٗ أَجْرٌ كُلُّهٗ وَأَمَّا مَنْ غَزَا فَخْرًا وَرِيَاءً وَسُمْعَةً وَعَصَى الْإِمَامَ وَأَفْسَدَ فِي الْأَرْضِ فَإِنَّهٗ لَمْ يَرْجِعْ بِالْكَفَافِ۔

(موطا امام مالک، کتاب الجهاد، الترغيب فی الجهاد، صفحه 176)

ଅନୁବାଦ:- ହଜ୍‌ରତ୍ ମାଆଜ୍ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଗଜ୍‌ୱା(ଧର୍ମଯୁଦ୍ଧ) ଏବଂ ଜିହାଦ୍‌ରେ ଦୁଇ ପ୍ରକାରର ଲୋକେ ସାମିଲ୍ ହୋଇଛନ୍ତି । ଜଣେ ହେଉଛି ଏପରି ବ୍ୟକ୍ତି ଯିଏ ଖୁଦାଙ୍କ ପ୍ରସନ୍ନତା ଲାଭ ପାଇଁ ଜିହାଦ୍ କରିଥାଏ, ଇମାମ୍‌ଙ୍କ ଆଜ୍ଞା ପାଳନ କରିଥାଏ, ନିଜର ସର୍ବୋତମ ଧନକୁ ଖୁଦାଙ୍କ ମାର୍ଗରେ ଖର୍ଚ୍ଚ କରିଥାଏ, ନିଜ ସାଥୀଙ୍କ ସହିତ ନମ୍ର ବ୍ୟବହାର କରିଥାଏ ଏବଂ ଫିତ୍‌ନା ଫିସାଦ୍ (ଅର୍ଥାତ୍ ବିଭ୍ରାଟମୂଳକ ଓ ଉପଦ୍ରବ କାର୍ଯ୍ୟ କରିବା) ରୁ ନିବୃତ ରହିଥାଏ । ଏପରି ବ୍ୟକ୍ତିକୁ ନିଦ୍ରା ଓ ଜାଗ୍ରତ ସବୁ ଅବସ୍ଥାରେ ପୁଣ୍ୟ ମିଳିଥାଏ । ଦ୍ୱିତୀୟ ବ୍ୟକ୍ତି ହେଉଛି ଏପରି ଯିଏ ଅହଙ୍କାର ଦେଖାଇବା ପାଇଁ ଏବଂ ନାମ କମେଇବା ପାଇଁ ଜିହାଦ୍‌ରେ ସାମିଲ୍ ହୋଇଥାଏ, ଇମାମ୍‌ଙ୍କୁ ଅମାନ୍ୟ କରିଥାଏ ଏବଂ ଭୁପୃଷ୍ଟରେ ଫିତ୍‌ନା ଫିସାଦ୍‌କୁ ପ୍ରସାର ପ୍ରଚାର କରିଥାଏ । ଏପରି ବ୍ୟକ୍ତି ଅଭାଗା ଓ ଅସଫଳ ହୋଇଥାଏ । ସେ କିଛି ମଧ୍ୟ ହାସଲ କରିପାରିବ ନାହିଁ । (ମୌତା ଇମାମ୍ ମାଲିକ୍, କିତାବୁଲ୍ ଜିହାଦ୍, ପୃଷ୍ଠା-୧୭୬)

### ହେ ଲୋକମାନେ ! ଶତୃଙ୍କ ସହିତ ମୁକାବିଲା କରିବା ପାଇଁ ଇଛା କରନାହିଁ

عَنْ عَبْدِ اللّٰهِ بْنِ أَوْفٰى رَضِيَ اللّٰهُ عَنْهُمَا أَنَّ رَسُوْلَ اللّٰهِ صَلَّى اللّٰهُ عَلَيْهِ وَسَلَّمَ فِيْ بَعْضِ أَيَّامِهِ الَّتِيْ لَقِيَ فِيْهَا الْعَدُوَّ يَنْتَظِرُ حَتّٰى إِذَا مَالَتِ الشَّمْسُ قَامَ فِيْهِمْ فَقَالَ : يَا أَيُّهَا النَّاسُ لَا تَتَمَنَّوْا لِقَاءَ الْعَدُوِّ . وَاسْأَلُوا اللّٰهَ الْعَافِيَةَ ، فَإِذَا لَقِيْتُمُوْهُمْ فَاصْبِرُوْا ، وَاعْلَمُوْا أَنَّ الْجَنَّةَ تَحْتَ ظِلَالِ السُّيُوْفِ . ثُمَّ قَالَ النَّبِيُّ صَلَّى اللّٰهُ عَلَيْهِ وَسَلَّمَ : اَللّٰهُمَّ مُنْزِلَ الْكِتَابِ وَمُجْرِيَ السَّحَابِ ، وَهَازِمَ الْأَحْزَابِ اهْزِمْهُمْ وَانْصُرْنَا عَلَيْهِمْ ۔ (مسلم، کتاب الجهاد والسير)

ଅନୁବାଦ:- ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅଓଫ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଏକଦା ଯେତେବେଳେ ଶତୃମାନଙ୍କ ସହିତ ଯୁଦ୍ଧ ଲଢ଼ିବା ପାଇଁ ପ୍ରସ୍ତୁତି ଚଳାଇଥିଲେ, ଦିନେ ସୂର୍ଯ୍ୟ ଢ଼ଳିଯିବାର ଅପେକ୍ଷା କଲେ, ତା'ପରେ ଆପଣ ସ:ଆ:ସ ଛିଡା ହୋଇ ଉପଦେଶ ପ୍ରଦାନ କରି କହିଲେ ହେ ଲୋକମାନେ ଶତୃଙ୍କ ସହିତ ଲଢ଼ିବା ପାଇଁ ଇଛା ପୋଷଣ କରନାହିଁ । ଅଲ୍ଲାଃତାଲାଙ୍କଠାରୁ କୁଶଳ ଓ ମଙ୍ଗଳ ନିମନ୍ତେ ଦୁଆ କର କିନ୍ତୁ ଯେବେ ତୁମକୁ (କେବେ) ଶତୃଙ୍କ ସହିତ ମୁକାବିଲା କରିବାକୁ ପଡେ ତେବେ ଧୈର୍ଯ୍ୟ ଦେଖାଓ ଓ ଜାଣିରଖ ଯେ ବୈକୁଣ୍ଠ ତରବାରିର ଛାୟା ତଳେ ରହିଛି । ତା'ପରେ ପୁଣି ରସୁଲୁଲ୍ଲାଃ ସ:ଆ:ସ ଦୁଆ କଲେ:- ହେ ଅଲ୍ଲାଃ ! ତୁମେ ହେଉଛ ପୁସ୍ତକ ଅବତୀର୍ଣ୍ଣକାରୀ, ବାଦଲ ଚାଳନାକାରୀ, ଶତୃ ସମୁହକୁ ପରାଜୟ ପ୍ରଦାନକାରୀ । ତେଣୁ ତୁମେ ଏହି ଶତୃଙ୍କୁ ପରାଜିତ କର ଓ ତାଙ୍କ ବିପକ୍ଷରେ ଆମକୁ ସାହାଯ୍ୟ କର ।

(ମୁସ୍‌ଲିମ୍ କିତାବୁଲ୍ ଜିହାଦ୍)

### ସର୍ବୋତମ ଜିହାଦ୍ ହେଉଛି ଅତ୍ୟାଚାରୀ ସମ୍ରାଟଙ୍କ ସମ୍ମୁଖରେ ନ୍ୟାୟ କଥା କହିବା

عَنْ أَبِيْ سَعِيْدٍ الْخُدْرِيِّ رَضِيَ اللّٰهُ عَنْهُ عَنِ النَّبِيِّ صَلَّى اللّٰهُ عَلَيْهِ وَسَلَّمَ قَالَ: أَفْضَلُ الْجِهَادِ كَلِمَةُ عَدْلٍ عِنْدَ سُلْطَانٍ جَائِرٍ۔ (ترمذی۔ کتاب الفتن)

ଅନୁବାଦ:- ହଜ୍‌ରତ୍ ଅବୁ ସୟିଦ୍ ଖୁଦ୍‌ରି ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ସର୍ବୋତମ ଜିହାଦ୍ ହେଉଛି ଅତ୍ୟାଚାରୀ ସମ୍ରାଟଙ୍କ ସମ୍ମୁଖରେ ସତ୍ୟ ଓ ନ୍ୟାୟ କଥା କହିବା । (ତିରିମିଜି-କିତାବୁଲ୍ ଫିତନ୍)

عَنِ ابْنِ مَسْعُوْدٍ رَضِيَ اللّٰهُ عَنْهُ أَنَّ رَسُوْلَ اللّٰهِ صَلَّى اللّٰهُ عَلَيْهِ قَالَ: مَا مِنْ نَبِيٍّ بَعَثَهُ اللّٰهُ فِيْ أُمَّةٍ قَبْلِيْ إِلَّا كَانَ لَهٗ مِنْ أُمَّتِهٖ حَوَارِيُّوْنَ وَأَصْحَابٌ يَأْخُذُوْنَ بِسُنَّتِهٖ وَيَقْتَدُوْنَ بِأَمْرِهٖ ثُمَّ إِنَّهَا تَخْلُفُ مِنْ بَعْدِهِمْ خُلُوْفٌ يَقُوْلُوْنَ مَا لَا يَفْعَلُوْنَ وَيَفْعَلُوْنَ مَا لَا يُؤْمَرُوْنَ فَمَنْ جَاهَدَهُمْ بِيَدِهٖ فَهُوَ مُؤْمِنٌ وَمَنْ جَاهَدَهُمْ بِلِسَانِهٖ فَهُوَ مُؤْمِنٌ وَمَنْ جَاهَدَهُمْ بِقَلْبِهٖ فَهُوَ مُؤْمِنٌ وَلَيْسَ وَرَاءَ ذٰلِكَ مِنَ الْإِيْمَانِ حَبَّةُ خَرْدَلٍ۔ (مسلم، کتاب الايمان)

ଅନୁବାଦ:- ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ- ମୋ ପୂର୍ବରୁ ଅଲ୍ଲାଃତାଲା ଯେତେ ବି ନବୀ/ଅବତାର ପ୍ରେରଣ କରିଛନ୍ତି ସେମାନଙ୍କୁ କିଛି ନିଷ୍ଠାବାନ୍ ସାଥୀ ଏପରି ମିଳିଛନ୍ତି ଯେଉଁମାନେ ତାଙ୍କୁ ପୁର୍ଣ୍ଣ ଅନୁସରଣ କରି ତାଙ୍କ କାର୍ଯ୍ୟଶୈଳୀ ଉପରେ ପରିଚାଳିତ ହୋଇଛନ୍ତି । ପୁଣି ସେମାନଙ୍କୁ ମୃତ୍ୟୁପରେ କିଛି ଏପରି ଅଯୋଗ୍ୟ ଜନ୍ମ ହୋଇଗଲେ ଯେଉଁମାନେ ଯାହାକିଛି କହିଥାନ୍ତି ତା ଉପରେ ନିଜେ ପରିଚାଳିତ ହୁଅନ୍ତି ନାହିଁ ଏବଂ ଏପରି କଥା କହିଥାଆନ୍ତି ଯାହାର ନିର୍ଦ୍ଦେଶ ତାଙ୍କୁ ଦିଆଯାଇନାହିଁ । ସୁତରାଂ ଯେଉଁ ବ୍ୟକ୍ତି ଏହିପରି ଲୋକମାନଙ୍କ ସହିତ ହାତ ସାହାଯ୍ୟରେ ଜିହାଦ୍ କରିଥାଏ ସେ ହେଉଛି ପ୍ରକୃତ ମୋମିନ୍, ଯିଏ ସେମାନଙ୍କ ସହିତ ନିଜ ମୁହଁ ଦ୍ୱାରା ଜିହାଦ୍ କରିଥାଏ ସେ ମଧ୍ୟ ମୋମିନ୍ ଏବଂ ଯିଏ ସେମାନଙ୍କ ସହିତ ହୃଦୟ ଭିତରେ ଜିହାଦ୍ କରେ ଅର୍ଥାତ୍ ମନ ଭିତରେ ଖରାପ ଭାବିଥାଏ ସେ ମଧ୍ୟ ମୋମିନ୍ । ତା'ପରେ ଇମାନ୍‌ରେ ଟିକିଏ ହେଲେ ମଧ୍ୟ ବାକି ରହିନଥାଏ । (ମୁସ୍‌ଲିମ୍ କିତାବୁଲ୍ ଇମାନ୍)

### ମୋମିନ୍ କେବେ ତରୱାରି ସାହାଯ୍ୟରେ ଜିହାଦ୍ କରିଥାଏ ତ କେବେ ମୁହଁ ସାହାଯ୍ୟରେ

عَنْ كَعْبِ بْنِ مَالِكٍ رَضِيَ اللّٰهُ عَنْهُ أَنَّهٗ قَالَ لِلنَّبِيِّ صَلَّى اللّٰهُ عَلَيْهِ وَسَلَّمَ إِنَّ اللّٰهَ تَعَالٰى قَدْ أَنْزَلَ فِي الشِّعْرِ مَا أَنْزَلَ . فَقَالَ النَّبِيُّ صَلَّى اللّٰهُ عَلَيْهِ وَسَلَّمَ : إِنَّ الْمُؤْمِنَ يُجَاهِدُ بِسَيْفِهٖ وَلِسَانِهٖ وَالَّذِيْ نَفْسِيْ بِيَدِهٖ لَكَأَنَّمَا تَرْمُوْنَهُمْ بِهٖ نَضْحَ النَّبْلِ۔ (مشکوٰة، باب البيان والشعر)

ଅନୁବାଦ:-ହଜ୍‌ରତ୍ କାଆବ୍ ବିନ୍ ମାଲିକ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ନବୀ କରିମ୍ ସ:ଆ:ସଙ୍କ ନିକଟରେ ନିବେଦନ କଲି ଯେ ହଜୁର୍ ଶେର୍ ଓ୍ୱ ଶାୟର (ଅର୍ଥାତ୍ କାବ୍ୟକବିତା ଓ କବି) ମାନଙ୍କ ସମ୍ବନ୍ଧରେ ଯାହାକିଛି ଅଲ୍ଲାଃତାଲା ଅବତୀର୍ଣ୍ଣ କରିଛନ୍ତି ସେ ବିଷୟରେ ତ ହଜୁର୍‌ଙ୍କୁ ଖୁବ୍ ଜଣାଅଛି । (ପୁଣି ମୁଁ କିପରି କବିତା ମାଧ୍ୟମରେ କୁଫାରମାନଙ୍କ ନିନ୍ଦା କରିବି) ଏଥିରେ ଆପଣ ସ:ଆ:ସ କହିଲେ ମୋମିନ୍ କେବେ ତରୱାରି ସାହାଯ୍ୟରେ ଜିହାଦ୍ କରିଥାଏ ତ କେବେ କଥନ ସାହାଯ୍ୟରେ । ମୋତେ ତା ରାଣ, ଯାହାଙ୍କ ଆୟତରେ ମୋ ଜୀବନ ନାଟିକା ରହିଛି ତୁମେ ବର୍ତମାନ (ନିନ୍ଦା ଓ ତିରସ୍କାରମୂଳକ କବିତା ସାହାଯ୍ୟରେ) ସେମାନଙ୍କୁ ଏକ ପ୍ରକାରର ତୀର ସଦୃଶ ଛେଦି ପକାଉଛ ।

(ମିଶ୍‌କାତ୍, ବାବ୍ ଅଲ୍‌ବୟାନ୍ ଓ୍ୱସ୍ ଶେର୍)

## ଏପରି ଅଭିଯୋଗ କରିବା ଯେ ଇସଲାମ ଜୋର ଜବରଦସ୍ତି ଧର୍ମର ପ୍ରଚାର ଓ ପ୍ରସାର କରିବା ପାଇଁ ତରବାରି ଉତୋଳନ କରିଛି, ଅତ୍ୟନ୍ତ ଭିତିହୀନ ଓ ଲଜ୍ୟାକର ଅଭିଯୋଗ ।

**ଏହା କେବଳ ସେହିମାନଙ୍କ ଭୁଲ ମତ, ଯେଉଁମାନେ ପୂର୍ବ ଧାରଣାର ବଶବର୍ତୀ ହୋଇ ଅସହିଷ୍ଣୁତା ବଶତଃ କୁରଆନ, ହଦିସ ତଥା ନିର୍ଭରଯୋଗ୍ୟ ଇତିହାସକୁ ଅଧ୍ୟୟନ କରିନାହାନ୍ତି, ବରଂ ଅଯଥା ଆରୋପ ଓ ଲାଞ୍ଛନା ଲଗାଇବାକୁ ପଛାଉ ନାହାନ୍ତି ।**

# ହଜ୍‌ରତ୍ ମସିହ୍ ମଉଦ୍ ଆଃସ ଙ୍କ ପବିତ୍ର କଥନ

"ଇସଲାମ କେବେହେଲେ ବାଧ୍ୟ ବାଧକତାକୁ ସମର୍ଥନ କରେ ନାହିଁ । ଯଦି ପବିତ୍ର କୁରଆନ, ହଦିସ୍ ପୁସ୍ତକାବଳୀ ଓ ଐତିହାସିକ ନଥିପତ୍ରକୁ ଯତ୍ନ ସହକାରେ ପରୀକ୍ଷା କରାଯିବ ଓ ଯଥା ସମ୍ଭବ ଅଧ୍ୟୟନ କରାଯିବ ଏବଂ ସେ ବିଷୟରେ ମନୋଯୋଗ ପୂର୍ବକ କର୍ଣ୍ଣପାତ କରାହେବ, ତେବେ ଇସଲାମ ଧର୍ମର ପ୍ରଚାର ଓ ପ୍ରସାର ପାଇଁ ତରବାରୀ ପ୍ରୟୋଗ କରିବାକୁ ଯେ ଅନୁମୋଦନ କରିଛି, ଏହି ଅଭିଯୋଗ ଲଜ୍ଜାହୀନ ଭାବରେ ଓ ସମ୍ପୂର୍ଣ୍ଣ ରୂପେ ଅମୂଳକ ବୋଲି ଏକ ନିଶ୍ଚିତ ସିଦ୍ଧାନ୍ତରେ ଉପନୀତ ହେବା ଅବଶ୍ୟମ୍ଭାବୀ ମନେ ହେବ । ବସ୍ତୁତଃ ଯେଉଁମାନେ ପୂର୍ବ ଧାରଣାର ବଶବର୍ତୀ ନହୋଇ, ପବିତ୍ର କୁରଆନ ବା ହଦିସ ବା ଇସଲାମିକ୍ ଇତିହାସର ବିଶ୍ୱାସଯୋଗ୍ୟ ଉତ୍ସଗୁଡ଼ିକର ଅଧ୍ୟୟନ କରି ନାହାନ୍ତି, କେବଳ ସେହିମାନେ ଏ ପ୍ରକାର ମତ ପୋଷଣ କରନ୍ତି । କେବଳ ସେତିକି ନୁହେଁ, କେତେକ ବ୍ୟକ୍ତି ମିଥ୍ୟା ରଚନା କରିବାରେ ଆଗୁସାର ହୋଇଛନ୍ତି ଏବଂ ଅମୂଳକ ଦୋଷାରୋପ କରିବାରେ ପଛେଇ ନାହାନ୍ତି । ମୁଁ ଅବଶ୍ୟ ଜାଣେ ଯେ ସେହି ସମୟ ଖୁବ୍ ଶୀଘ୍ର ଆସିଯାଉଛି ଯେତେବେଳେ ସତ୍ୟାନୁସନ୍ଧିତ୍ସୁ ବ୍ୟକ୍ତିମାନେ ପ୍ରତିପକ୍ଷର ପ୍ରତାରଣାକୁ ଖୋଦ୍ ଦେଖିପାରିବେ । ଯେବେ ଇସଲାମର ଧର୍ମଗ୍ରନ୍ଥ କୁରଆନ ନିର୍ଦ୍ଦିଷ୍ଟ ଭାବେ ଧର୍ମ ପ୍ରଚାରରେ ବଳ ପ୍ରୟୋଗକୁ ନିଷିଦ୍ଧ କରିଛି, ତେବେ କ'ଣ ସେହି ଧର୍ମକୁ ବଳ ପ୍ରୟୋଗକାରୀ ଧର୍ମରୂପେ ଅଭିହିତ କରାଯାଇ ପାରିବ ? ପବିତ୍ର କୁରଆନରେ ଏହିପରି ଉଲ୍ଲେଖ ଅଛି ।

**'ଧର୍ମ ସଂକ୍ରାନ୍ତରେ କୌଣସି ପ୍ରକାର ବାଧ୍ୟ ବାଧକତା ନାହିଁ ।' (୨: ୨୫୭)**

ଯେଉଁ ଅବତାର ଦୀର୍ଘ ତେର ବର୍ଷ ଧରି ଦିନରାତି ମକ୍କାରେ ନିଜ ସହଚରମାନଙ୍କୁ ମନ୍ଦକାର୍ଯ୍ୟ ବଦଳରେ ମନ୍ଦକାର୍ଯ୍ୟ ନକରିବାକୁ, ବରଂ ଏହାକୁ ସହ୍ୟ କରିବାକୁ ଓ କ୍ଷମା ଦେବାକୁ ଉପଦେଶ ଦେଇଥିଲେ, କ'ଣ ସେହି ମହାନ୍ ଅବତାର ଅନ୍ୟମାନଙ୍କ ବିରୁଦ୍ଧରେ ବଳ ପ୍ରୟୋଗ କରିଥିବା ବିଷୟରେ ଆମେ ଅଭିଯୋଗ କରିପାରିବା ? ଅବଶ୍ୟ ଯେତେବେଳେ ଶତ୍ରୁ ପକ୍ଷର ମନ୍ଦ କାର୍ଯ୍ୟଗୁଡ଼ିକ ସକଳ ସୀମା ଅତିକ୍ରମ କରିଗଲା ଏବଂ ଯେତେବେଳେ ତାଙ୍କ ଚତୁଃପାର୍ଶ୍ୱରେ ରହୁଥିବା ବିଭିନ୍ନ ଜାତିର ଲୋକମାନେ ଇସଲାମକୁ ଲୋପ କରିଦେବା ପାଇଁ ବଦ୍ଧପରିକର ଉଦ୍ୟମ କରିଥିଲେ, ସେତେବେଳେ ଅଲ୍ଲାହଙ୍କର ସ୍ୱାଭିମାନ ସେମାନଙ୍କୁ ସତର୍କ କରାଇ ଦେଇଥିଲା ଯେ 'ଯେଉଁମାନେ ତରବାରି ଉତୋଳନ କରିଛନ୍ତି ସେମାନେ ସେହି ତରବାରି ଦ୍ୱାରା ନିହତ ହେବେ ।' ଅନ୍ୟଥା ପବିତ୍ର କୁରଆନ ବଳ ପ୍ରୟୋଗ କରିବାକୁ ଆଦୌ ଶିଖାଇ ନାହିଁ । ଯଦି ଧର୍ମ ପରିବର୍ତନ ପାଇଁ କୌଣସି ପ୍ରକାର ବଳପ୍ରୟୋଗ କରିବାକୁ ଶିକ୍ଷା ଦିଆଯାଇଥାନ୍ତା ବା ସେପରି କିଛି କରାଯାଇଥାନ୍ତା, ତେବେ ହଜରତ ମୁହମ୍ମଦସଅଙ୍କ ସହଚରମାନଙ୍କ ପକ୍ଷରେ ଦୁଃଖ କଷ୍ଟବେଳେ ସେପରି ଦୃଢ଼ତା ଓ ଅନୁରକ୍ତି ପ୍ରଦର୍ଶନ କରିବା ଅସମ୍ଭବ ହୋଇଥାନ୍ତା । ବସ୍ତୁତଃ କେବଳ ପ୍ରକୃତ ବିଶ୍ୱାସକାରୀମାନେ ଏପରି କରିପାରନ୍ତି । ଆମର ମୁନିବ ପବିତ୍ର ରସୁଲସଅଙ୍କର ସହଚରମାନଙ୍କ ଅନୁରକ୍ତି ଓ ଏକନିଷ୍ଠା ଏପରି ଏକ ସୁବିଦିତ ତଥ୍ୟ ଯେ ସେ ସମ୍ବନ୍ଧରେ ଆମମାନଙ୍କ ପକ୍ଷରୁ କୌଣସି ମନ୍ତବ୍ୟ ପ୍ରକାଶ କରିବାର ଆବଶ୍ୟକ ହିଁ ନାହିଁ । ଏ ବିଷୟ କାହାରି ଠାରୁ ଅଛପା ନୁହେଁ ଯେ ସେମାନଙ୍କ ମଧ୍ୟରେ ଏପରି ବହୁ ଅନୁରକ୍ତ ଓ ଏକନିଷ୍ଠ ଆଦର୍ଶ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କ ଦୃଷ୍ଟାନ୍ତ ଅନ୍ୟାନ୍ୟ ଦେଶର ଇତିହାସ ପୃଷ୍ଠାରେ ଖୋଜିଲେ ମଧ୍ୟ ମିଳିବା କଠିନ । ଅନ୍ୟ ପକ୍ଷରେ ସେମାନେ ନିଜର ସର୍ବଶ୍ରେଷ୍ଠ ଅବତାର ତଥା ପବିତ୍ର ରସୁଲଙ୍କ ଗହଣରେ ଥାଇ ଏଭଳି ଏକନିଷ୍ଠତା ପ୍ରଦର୍ଶନ କରିଥିଲେ ଯେ ଅନ୍ୟ କେହି ଯାହାର ମନ ଓ ହୃଦୟ ଧର୍ମାଲୋକରେ ଆଲୋକିତ ହୋଇ ନଥିବ, ସେ ସେଭଳି ଏକନିଷ୍ଠତା ପ୍ରଦର୍ଶନ କରିପାରିବ ନାହିଁ । ଅତଏବ ଇସଲାମ ଧର୍ମରେ ବାଧ୍ୟବାଧକତାର କୌଣସି ସ୍ଥାନ ନାହିଁ । ଇସଲାମରେ ତିନି ପ୍ରକାର ଯୁଦ୍ଧର ସ୍ୱରୂପ ଅନ୍ତର୍ଭୁକ୍ତ । (୧) ପ୍ରତିରକ୍ଷା ସ୍ୱରୂପ ଅର୍ଥାତ ଆତ୍ମ ସୁରକ୍ଷାର ଉପାୟ । (୨) ଶାସ୍ତି ସ୍ୱରୂପ ଅର୍ଥାତ ରକ୍ତ ବଦଳରେ ରକ୍ତ । (୩) ସ୍ୱାଧୀନତାର ପ୍ରତିଷ୍ଠା ସ୍ୱରୂପ ଅର୍ଥାତ ମୁକ୍ତ ଓ ଅବାଧ ରୂପେ ସ୍ୱଧର୍ମର ସୁରକ୍ଷା । ଯେପରି କି ମୁସଲମାନ ହେବା ପରେ ଯେଉଁମାନଙ୍କୁ ହତ୍ୟା କରାଯାଇଥିଲା, ସେପରି ଧର୍ମଗ୍ରହଣରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଶକ୍ତିକୁ ପରାହତ କରିବା ଇତ୍ୟାଦି । ସୁତରାଂ ଯେଉଁ ପରିସ୍ଥିତିରେ ଇସଲାମରେ ଏପରି ନିର୍ଦ୍ଦେଶ ମଧ୍ୟ ନାହିଁ ଯେ କୌଣସି ବ୍ୟକ୍ତିକୁ ବଳ ପ୍ରୟୋଗ ଓ ହତ୍ୟାର ଧମକ ଦେଇ ଧର୍ମ ଗ୍ରହଣ କରାଇବ, ତେବେ ପୁଣି କୌଣସି ଖୁନୀ ମେହଦୀ କିମ୍ବା ଖୁନୀ ମସିହଙ୍କ ଆଗମନର ପ୍ରତୀକ୍ଷା କରିବା ନିହାତି ଭାବରେ ଏକ ଅବାନ୍ତର ଓ ଧୃଷ୍ଟତାର ପରିଚୟ । କାରଣ ଏହା କେବେ ସମ୍ଭବ ନୁହେଁ ଯେ ପବିତ୍ର କୁରଆନ ଶିକ୍ଷାବିରୁଦ୍ଧ କୌଣସି ଏପରି ପୁରୁଷ ଦୁନିଆକୁ ଆସିବ, ଯିଏ ତରବାରୀ ଦ୍ୱାରା ଲୋକମାନଙ୍କୁ ମୁସଲମାନ କରାଇବ । ଏହି ବିଷୟ ଏପରି ନୁହେଁ ଯାହାକୁ ଲୋକେ ବୁଝିପାରିବେ ନାହିଁ କିମ୍ବା ଏହାକୁ ବୁଝିବା ସେମାନଙ୍କ ପକ୍ଷରେ କଷ୍ଟକର ହୋଇଥାନ୍ତା । କିନ୍ତୁ ସେହି ଅବୋଧ ଅଜ୍ଞାନୀ ଲୋକ ନିଜର ସ୍ୱାର୍ଥଜଡ଼ିତ କାରଣ ଯୋଗୁଁ ଏହି ସିଦ୍ଧାନ୍ତ ଆଡକୁ ଢଳି ପଡ଼ିଛନ୍ତି । କାରଣ ଆମର ଅଧିକାଂଶ ମୌଲବୀଙ୍କୁ ଏହି ଧୋକା ଲାଗିଛି ଯେ ସେମାନେ ଭାବୁଛନ୍ତି, ମେହଦୀଙ୍କ ଦ୍ୱାରା ଦୁଷ୍ଟ ସଂହାର ପାଇଁ ଘମାଘୋଟ ଲଢ଼ାଇ ହେବା ଫଳରେ ସେମାନଙ୍କୁ ଅଜସ୍ର ଧନରତ୍ନ ମିଳିଯିବ, ଏପରିକି ସେମାନେ ତାକୁ ସମ୍ଭାଳି ରଖିପାରିବେ ନାହିଁ । ଯେହେତୁ ଆଜିକାଲି ଏହି ଦେଶରେ ଆମର ଅଧିକାଂଶ ମୌଲବୀ ଅତ୍ୟନ୍ତ ସଂକୀର୍ଣ୍ଣମନା ହୋଇ ପଡ଼ିଛନ୍ତି, ସେଥିଯୋଗୁଁ ମଧ୍ୟ ସେମାନେ ଏପରି ମେହଦୀଙ୍କ ପ୍ରତିକ୍ଷାରେ ଦିନରାତି ବସିଛନ୍ତି, ଯାଦ୍ୱାରା ତାଙ୍କ ମାଧ୍ୟମରେ ସେମାନଙ୍କ ସ୍ୱାର୍ଥ ହାସଲ ହୋଇପାରିବ । ସୁତରାଂ ଏହି ଦୃଷ୍ଟିରୁ ଯେଉଁ ବ୍ୟକ୍ତି ଏପରି ମେହଦୀଙ୍କ ଆଗମନକୁ ଅମାନ୍ୟ କରିବ, ତା'ର ଏମାନେ ଶତ୍ରୁ ହୋଇଯାଆନ୍ତି ଏବଂ ତାକୁ ତତ୍‌କ୍ଷଣାତ କାଫିର୍ ଆଖ୍ୟା ଦିଆଯାଏ ତଥା ଇସଲାମରୁ ବହିଷ୍କୃତ କରାଯାଏ । ସୁତରାଂ ମୁଁ ମଧ୍ୟ ଏହି କାରଣରୁ ସେହି ଲୋକମାନଙ୍କ ଦୃଷ୍ଟିରେ କାଫିର (ବିଧର୍ମୀ) । କାରଣ ମୁଁ ଏପରି ଖୁନୀ ମେହଦୀ ଓ ହତ୍ୟାକାରୀ ମସିହଙ୍କ ଆସିବାକୁ ଅସ୍ୱୀକାର କରିଦେଇଛି, ଯାହା ଉପରେ ସେମାନଙ୍କର ଅଟଳ ବିଶ୍ୱାସ ରହିଛି । ବରଂ ଏହା ମଧ୍ୟ ଅନ୍ୟ ଏକ କାରଣ ଯେ ମୁଁ ଈଶ୍ୱରଙ୍କ ଠାରୁ ଦୈବିବାଣୀ ପ୍ରାପ୍ତ କରି ଏହା ସାଧାରଣ ଜନତାଙ୍କ ସମ୍ମୁଖରେ ଘୋଷଣା କରିଦେଲି ଯେ ମୁଁ ସ୍ୱୟଂ ହେଉଛି ସେହି ଅସଲ ମେହଦି ଓ ପ୍ରକୃତ ମସିହ ମଉଦ, ଯାହାଙ୍କ ଆଗମନର ଶୁଭ ସୂଚନା ବାଇବେଲ ଓ କୁରଆନରେ ମିଳୁଛି ଏବଂ ହଦିସ ପୁସ୍ତକରେ ମଧ୍ୟ ତାଙ୍କ ଆବିର୍ଭାବ ହେବାର ପ୍ରତିଶ୍ରୁତି ଦିଆଯାଇଛି । ମାତ୍ର କୌଣସି ତରବାରୀ ଓ ବନ୍ଧୁକ ଦ୍ୱାରା ନୁହେଁ । ଈଶ୍ୱର ମୋତେ ଆଦେଶ ଦେଇଛନ୍ତି ଯେ ଶାନ୍ତ, କୋମଳ, ସହନଶୀଳ ଓ ନିଃସ୍ୱ ଦୀନହୀନ ଭାବରେ ସେହି ପ୍ରଭୁଙ୍କ ଆଡକୁ ମଧ୍ୟ ନ ଆକର୍ଷିତ କରାଇବି, ଯେ କି ସତ୍ୟ, ବାସ୍ତବ, ଚିରଞ୍ଜୀବି, ପରିବର୍ତନଶୀଳ ଏବଂ ସଂପୂର୍ଣ୍ଣ ପବିତ୍ର । ସେ ସଂପୂର୍ଣ୍ଣ ସହନଶୀଳ ଓ ଦୟାବାନ ତଥା ସଂପୂର୍ଣ୍ଣ ନ୍ୟାୟବନ୍ତ ।

*(ମସିହ ହିନ୍ଦୁସ୍ତାନ ମେ, ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡ ୧୫, ପୃ ୧୧)*

କେତେକ ଇସଲାମ ମତାବଲମ୍ବୀ ଯାହାଙ୍କ ମଧ୍ୟରେ 'ଅହଲେ ହଦିସ' ନାମକ ଏକ ଗୋଷ୍ଠୀ ମଧ୍ୟ ଅଛି, ଯାହାକୁ ଓ୍ୱାହାବି କୁହାଯାଏ । ସେମାନଙ୍କ ହୃଦୟରେ ଖୁନୀ ମେହଦୀ ଓ ଖୁନୀ ମସିହ ମଉଦ ସମ୍ବନ୍ଧରେ ଏପରି ଧାରଣା ରହିଛି, ଯାହା ସେମାନଙ୍କ ଚାରିତ୍ରିକ ଅବସ୍ଥା ଉପରେ ଅତ୍ୟନ୍ତ କୁପ୍ରଭାବ ପକାଇଥାଏ । ଏପରି କି ତାହାର କୁପ୍ରଭାବ ଯୋଗୁଁ ନା କୌଣସି ଧର୍ମାବଲମ୍ବୀ ସହିତ ସେମାନେ ସଦଭାବ,

ମୈତ୍ରୀ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ରହିପାରିବେ । ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ଏହା ବୁଝିପାରିବ ଯେ ଏପରି ଭ୍ରମାତ୍ମକ ଧାରଣା ଦୃଢ ଅଭିଯୋଗର କାରଣ ସୃଷ୍ଟି କରିବ ଯେ ଅନ୍ୟ ସମ୍ପ୍ରଦାୟ ଲୋକଙ୍କ ଉପରେ ଏପରି ବଳ ପ୍ରୟୋଗ କରାଯାଉ, ଯେପରି କି ସେମାନେ ମୁସଲମାନ ହେବାକୁ ବାଧ୍ୟ ହେବେ । ତା'ନହେଲେ ସେମାନଙ୍କୁ ହତ୍ୟା କରାଯିବ । ଏଥିରୁ ପ୍ରତ୍ୟେକ ବିବେକଶୀଳ ବ୍ୟକ୍ତି ବୁଝିପାରିବ ଯେ କୌଣସି ବ୍ୟକ୍ତି ଅନ୍ୟ କୌଣସି ଧର୍ମର ସତ୍ୟତାକୁ ହୃଦୟଙ୍ଗମ କରିବା ଓ ତା'ର ସତଶିକ୍ଷା ଓ ସତଗୁଣାବଳୀ ଆଦି ପ୍ରତି ସଂପୂର୍ଣ୍ଣ ଅବଗତ ହେବା ପୂର୍ବରୁ ତାକୁ ବାଧ୍ୟ ବାଧକତା ପୂର୍ବକ ହତ୍ୟାର ଧମକ ଦେଇ ନିଜ ଧର୍ମରେ ଦୀକ୍ଷିତ କରାଇବା ଅତ୍ୟନ୍ତ ଅଶୋଭନୀୟ ଓ ନାପସନ୍ଦ କାର୍ଯ୍ୟ । ଏପରି ଉପାୟ ଦ୍ୱାରା ସେହି ଧର୍ମର ଉନ୍ନତି କିପରି ହେବ, ବରଂ ଏହାର ବିପରୀତରେ ପ୍ରତ୍ୟେକ ବିରୋଧୀ ଲୋକଙ୍କୁ ଅଯଥା ଅଭିଯୋଗ କରିବା ପାଇଁ ସୁଯୋଗ ମିଳିଯିବ । ଏପରି ନୀତି ଆପଣାଇବାର ଶେଷ ପରିଣାମ ସ୍ୱରୂପ ମାନବଜାତି ପ୍ରତି ହୃଦୟରୁ ସ୍ନେହ ଓ ସହାନଭୁତି ସଂପୂର୍ଣ୍ଣ ରୂପେ ଉଠି ଯିବ । ଦୟା, କ୍ଷମା, ନ୍ୟାୟ ଯାହା ମାନବିକତାର ବିଶେଷତ୍ୱ ସେ ସବୁ ଅଚିରେ ଉଭେଇ ଯିବ । ଏହା ପରିବର୍ତେ ହିଂସା, କପଟ ଓ ବିଦ୍ୱେଷ ବୃଦ୍ଧି ପାଇବ । ସୁତରାଂ ସେମାନଙ୍କ ଆଚରଣରେ କେବଳ ପଶୁତ୍ୱ ହିଁ ଦେଖାଯାଏ ଓ ଶିଷ୍ଟାଚାରର ଚିହ୍ନବର୍ଣ୍ଣ ନଥାଏ । ଏଥିରୁ ଏହା ସ୍ୱଷ୍ଟ ଜଣାପଡେ ଯେ ଏପରି ଆଚରିତ ନୀତି ସେହି ଈଶ୍ୱରଙ୍କ ତରଫରୁ ଆସିଥିବା କଦାପି ସମ୍ଭବପର ହୋଇପାରିବ ନାହିଁ, ଯାହାର ଟିକିନିଖି ପରୀକ୍ଷା ପରେ ନିଷ୍କର୍ସ ସାବ୍ୟସ୍ତ ହୋଇଥାଏ । (ମସିହ ହିନ୍ଦୁସ୍ତାନ ମେ, ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡ ୧୫, ପୃ ୭)

## ଚଳିତ ଯୁଗରେ ପ୍ରଚ୍ଛନ୍ନ ଯୁଦ୍ଧର ନମୁନା ଦେଖାଇବା ବାଞ୍ଛନୀୟ

ଆଜିକାଲି ଆମେ ରହୁଥିବା ଯୁଗରେ ପ୍ରକାଶ୍ୟ ଯୁଦ୍ଧରେ ଜଡିତ ରହିବାର କୌଣସି ଆବଶ୍ୟକତା ଓ ଚାହିଦା ନାହିଁ । ବରଂ ଏହି ଅନ୍ତିମ ସମୟ କାଳରେ ପ୍ରଚ୍ଛନ୍ନ ଯୁଦ୍ଧର ନମୁନା ଦେଖାଇବା ବାଞ୍ଛନୀୟ ଥିଲା ଓ ଆଧ୍ୟାତ୍ମିକତାର ଦୌଡରେ ସାମିଲ ହେବା ମନୁଷ୍ୟ ଦୃଷ୍ଟିର ଅନ୍ତରାଳେ ରହୁଥିଲା । କାରଣ ବର୍ତମାନ ଗୋପନରେ ସ୍ୱଧର୍ମ ପରିତ୍ୟାଗ ଓ ନାସ୍ତିକତାର ପ୍ରଚାର ପ୍ରସାର କରିବା ପାଇଁ ବଡ ବଡ ପନ୍ଦିଫିକର ଓ ହତିଆରବାଜି ଅସ୍ତ୍ରଶସ୍ତ୍ର ତିଆରି କରାଗଲାଣି । ସେଥି ସକାଶେ ସେମାନଙ୍କ ମୁକାବିଲା ସେହି ଧରଣର କୌଶଳ ଦ୍ୱାରା କରାଯିବା ଜରୁରୀ ହୋଇପଡିବ । କାରଣ ଆଜିକାଲି ଶାନ୍ତି ଓ ସହାବସ୍ଥାନର ଯୁଗ ହୋଇଥିବାରୁ ଆମମାନଙ୍କୁ ପ୍ରତ୍ୟେକ ପ୍ରକାର ସ୍ଥିରତା ଓ ସୁଖ ସ୍ୱାଚ୍ଛନ୍ଦ ହାସଲ ହୋଇଛି । ପ୍ରତ୍ୟେକ ମନୁଷ୍ୟ ମୁକ୍ତ ଓ ଅବାଧରେ ନିଜ ଧର୍ମର ପ୍ରଚାର ଓ ପ୍ରସାର ତଥା ବିଧି ଆଦେଶ ଉପରେ କାର୍ଯ୍ୟ ସମ୍ପାଦନ କରିପାରୁଛି । ପୁଣି ଇସଲାମ ତ ଏକ ସୁଶାନ୍ତ ସତ୍ୟର ପରିପ୍ରକାଶ ପାଇଁ ପୃଷ୍ଟପୋଷକତା କରିଥାଏ । ବରଂ ଏହା ପ୍ରକୃତପକ୍ଷେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ସହାବସ୍ଥାନର ପ୍ରଚାର କ୍ଷେତ୍ରରେ ମୁଖ୍ୟ ଭୁମିକା ହିଁ ଗ୍ରହଣ କରିଥାଏ । ଏପରି ଧାର୍ମିକ ସ୍ୱାଧିନତାର ଯୁଗରେ ଏହା କିପରି ପୂର୍ବର ନମୁନା ପ୍ରଦର୍ଶିତ କରିବାକୁ ପସନ୍ଦ କରିପାରନ୍ତା ? ସୁତରାଂ ଆଜିକାଲି ସେହି ଦ୍ୱିତୀୟ ନମୁନା ଅର୍ଥାତ ଆଧ୍ୟାତ୍ମିକ ସଂଘର୍ଷ ଦିଗରେ ଆଦର୍ଶ ପ୍ରତିପାଦିତ କରିବା ସର୍ବାଦୌ ବାଞ୍ଛନୀୟ ।

## ବର୍ତମାନ ଯୁଗରେ ପ୍ରଚଳିତ ଜିହାଦ

ଅନ୍ୟ ଏକ ବିଷୟ ହେଉଛି ଯେ ସେହି ପ୍ରଥମ ନମୁନା ଦେଖାଇବାରେ ଏକ ସ୍ୱତନ୍ତ୍ର ଦିଗ ରହିଥିଲା । ତାହା ହେଉଛି ସେ ସମୟରେ ବୀରତ୍ୱ ପ୍ରଦର୍ଶନ କରିବାର ଉଦ୍ଦେଶ୍ୟ ରହିଥିଲା । ଯାହା ତତ୍କାଳୀନ ଦୁନିଆରେ ଏକ ପ୍ରଶଂସିତ ଗୁଣ ରୂପେ ବିବେଚିତ ହେଉଥିଲା । ସେତେବେଳେ ଯୁଦ୍ଧକୁ ଏକ କଳାକୌଶଳ ବୋଲି କୁହାଯାଉଥିଲା । ଯେପରି କି ଜଣେ ବ୍ୟକ୍ତି ଦୂରରେ ବସି ମଧ୍ୟ ତୋପ ଓ ବନ୍ଧୁକ ଚାଳନା କରୁଥିଲା । ସେହି ଦିନମାନଙ୍କରେ ପ୍ରକୃତ ବୀର ଯୋଦ୍ଧା ତାକୁ କୁହାଯାଉଥିଲା, ଯିଏ ଖଣ୍ଡା ଆଗରେ ଛାତି ଦେଖାଉଥିଲା । କିନ୍ତୁ ଆଜିକାଲି ରଣକୌଶଳ କେବଳ ନିଜ ଭୀରୁତାକୁ ଘୋଡାଇବା । ଏବେ ଆଉ ବୀରତ୍ୱ ଓ ବାହାଦୁରୀ ଦେଖାଇବା କାର୍ଯ୍ୟ ବୋଲି କିଛି ନାହିଁ । ବରଂ ଯିଏ ଯେତେ ପ୍ରକାର ନିତ୍ୟନୂତନ ରଣ କୌଶଳ ବାହାର କଲା ଓ ତୋପ କମାଣ ଆଦି ଯୁଦ୍ଧାସ୍ତ୍ର ଗଚ୍ଛିତ ରଖିପାରିଲା ଓ ପ୍ରୟୋଗ କରିପାରିଲା, ସେ ସଫଳତା ଲାଭ କରିବାରେ ସକ୍ଷମ ହୋଇପାରୁଛି । ସେତେବେଳେ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେବାର ମୂଳ ଲକ୍ଷ୍ୟ ଥିଲା ବିଶ୍ୱାସକାରୀଙ୍କ ଅନ୍ତର୍ମନରେ ଲୁଚି ରହିଥିବା ବୀରତ୍ୱ ଓ ବାହାଦୁରୀକୁ ପ୍ରକାଶ୍ୟରେ ଦେଖାଇବା ଏବଂ ଈଶ୍ୱର ନିଜ ଇଚ୍ଛାମତେ ତାହାର ବାହ୍ୟ ଶକ୍ତିକୁ ଦୁନିଆରେ ବେଶ ଉତମ ରୂପେ ପ୍ରକଟ କରାଉଥିଲେ । ଏବେ ତାହାର ଆଉ କୌଣସି ଆବଶ୍ୟକତା ରହିଲା ନାହିଁ । ଏହା ସେଥିପାଇଁ ହେଲା ଯେ ଏବେକାର ଯୁଦ୍ଧରେ ବ୍ୟବହୃତ ଆଧୁନିକ କ୍ଷେପଣାସ୍ତ୍ର, ନୂଆ ନୂଆ ବୈଷୟିକ ଜ୍ଞାନ କୌଶଳରେ ନିର୍ମିତ ଅସ୍ତ୍ରଶସ୍ତ୍ର ତଥା ବୋମା ଓ ଯୁଦ୍ଧପୋତ ଇତ୍ୟାଦି ପୁରୁଣା ଯୁଗର ତରବାରୀ ଚାଳନା ଓ ସେନାମାନଙ୍କ ବୀରତ୍ୱର ଲଢୁଆ ମନୋବଳକୁ ମାଟିରେ ମିଶାଇ ଦେଲା । ଇସଲାମର ପ୍ରାରମ୍ଭିକ କାଳରେ ପ୍ରତିରକ୍ଷାମୂଳକ ଯୁଦ୍ଧ ତଥା ଶାରୀରିକ ପରାକ୍ରମ ଦେଖାଉଥିବା ଯୁଦ୍ଧର ଏଥିପାଇଁ ମଧ୍ୟ ଆବଶ୍ୟକ ପଡୁଥିଲା ଯେ ସେହି ଦିନମାନଙ୍କରେ ଇସଲାମ ଆଡକୁ ନିମନ୍ତ୍ରଣ କରାଯିବାର ସମୁଚିତ ଜବାବ ଶାସ୍ତ୍ରୀୟ ପ୍ରମାଣ ଓ ତର୍କଜ୍ଞାନ ଦ୍ୱାରା ନୁହେଁ, ବରଂ ତରବାରୀ ବଳରେ ଦିଆଯାଉଥିଲା । ସେଥିପାଇଁ ଧର୍ମର ପ୍ରଚାର ପାଇଁ ପ୍ରତ୍ୟୁତର ଦେବାର ଏକମାତ୍ର ସାଧନ ତରବାରୀ ଓ କମାଣାଦି ଥିଲା । କିନ୍ତୁ ବର୍ତମାନ ତରବାରିରେ ଆଉ ଉତର ଦିଆଯାଉ ନାହିଁ । ବରଂ ଶତ୍ରୁମାନଙ୍କ ଦ୍ୱାରା ଇସଲାମ ବିରୁଦ୍ଧରେ ଅପପ୍ରଚାର ଚଳାଇବା ପାଇଁ କଲମ ଓ ବିଭ୍ରାନ୍ତିକର ନଥିପତ୍ରରୁ ପ୍ରମାଣ ଖୋଜି ବାହାର କରାଯାଉଛି । ଏହି କାରଣ ଯୋଗୁଁ ଚଳିତ ଯୁଗରେ ଈଶ୍ୱରଙ୍କ ଇଚ୍ଛା କ୍ରମେ 'ସୈଫ୍' (ତରବାରି) ର କାର୍ଯ୍ୟ କଲମ ଦ୍ୱାରା ସମ୍ପାଦନ କରାଯାଇଛି । ଲେଖନୀ ମାଧ୍ୟମରେ ବଳିଷ୍ଟ ଯୁକ୍ତି ଓ ଯଥାର୍ଥ ପ୍ରମାଣ ଉପସ୍ଥାପନ ପୂର୍ବକ ବିରୁଦ୍ଧାଚରଣ ଗୋଷ୍ଠୀଙ୍କ ମୁହଁ ବନ୍ଦ କରାଯାଉଛି । ଏବେ କୌଣସି ଗଡ ଜିତିବାର ଉଦ୍ୟମ ହେଉ ନାହିଁ ଯେ କଲମର ଜବାବ ତରବାରୀରେ ଦେବା ପାଇଁ କୌଣସି ପ୍ରୟାସ କରାଯିବ ।

## ବର୍ତମାନ କଲମର ଆବଶ୍ୟକତା ଅଛି

ବର୍ତମାନ ସମୟ ପାଇଁ ଯାହାର ଆବଶ୍ୟକତା ଅଛି, ଅବଶ୍ୟ ବୁଝି ନିଅ ଯେ ତାହା ତରବାରୀ ନୁହେଁ ବରଂ ତାହା କଲମ । ଆମ ବିରୋଧିଗଣ ଇସଲାମ ପ୍ରତି ଯେଉଁ ବିଭ୍ରାନ୍ତିକର ତଥ୍ୟ ଯୋଗାଇ ନାନା ପ୍ରକାର ବିଜ୍ଞାନର ଚାତୁରୀ ଓ ଅସାଧୁ କୌଶଳ ଆଧାରରେ ଅଲ୍ଲାହତାଲାଙ୍କ ସତ୍ୟଧର୍ମ ଉପରେ ଆକ୍ରମଣ ଚଳାଇଛନ୍ତି, ସେଥି ପ୍ରତି ଗୁରୁତ୍ୱାରୋପ କରି ସେ ମୋତେ ନିର୍ଦ୍ଦେଶ ଦେଇଛନ୍ତି ଯେ ମୁଁ କଲମର କବଚ ପିନ୍ଧି ଏହି ଜ୍ଞାନ ଓ ବିଜ୍ଞାନର ପ୍ରଗତି ରଣକ୍ଷେତ୍ରରେ ଅବତୀର୍ଣ୍ଣ ହେବି ଏବଂ ଇସଲାମର ଆଧ୍ୟାତ୍ମିକ ବୀରତ୍ୱ ତଥା ପ୍ରଚ୍ଛନ୍ନ ଶକ୍ତିର ଚମତ୍କାରୀତା ପ୍ରଦର୍ଶନ କରିବି । ମୁଁ କ'ଣ ଏହି କ୍ଷେତ୍ରରେ ପରାକ୍ରମଶାଳୀ ହେବାର କେବେବି ଯୋଗ୍ୟ ହୋଇ ପାରିଥାନ୍ତି ? ଏହା ତ କେବଳ ଈଶ୍ୱରଙ୍କ କରୁଣା ଓ ତାହାଙ୍କ ବଦାନ୍ୟତା ଯେ ମୋ ପରି ଜଣେ ତୁଚ୍ଛ ମାନବର ହସ୍ତ ଦ୍ୱାର ତାଙ୍କ ଧର୍ମର ସମ୍ମାନ ପ୍ରକଟିତ ହେବାର ସ୍ୱର୍ଗୀୟ ଇଚ୍ଛା କାର୍ଯ୍ୟକାରୀ ହେଉ । ମୁଁ ଥରେ ଏହି ମିଥ୍ୟା ଅଭିଯୋଗ ଓ ଆକ୍ରମଣଗୁଡିକୁ ଗଣନା କରିଥିଲି । ଶତ୍ରୁମାନଙ୍କ ଦ୍ୱାରା ଇସଲାମ ବିରୁଦ୍ଧରେ ହୋଇଥିବା ଏହି ଅଭିଯୋଗ ସଂଖ୍ୟା ବର୍ତମାନ ସୁଦ୍ଧା ମୋର ଅନୁମାନ ଓ ଆକଳନ ଅନୁଯାୟୀ ତିନି ହଜାର ହୋଇଥିଲା । ମୁଁ ଭାବୁଛି ଏହି ସଂଖ୍ୟା ଆହୁରି ବଢି ଯାଇଥିବ । କେହି ଏହା ଭାବି ନନିଅନ୍ତୁ ଯେ ଇସଲାମର ମୂଳଭିତି କଣ ଏତେ ମାତ୍ରାରେ ଦୁର୍ବଳ ବିଷୟ ଉପରେ ପ୍ରତିଷ୍ଠିତ, ଯାହା ଉପରେ ତିନି ହଜାର ଅଭିଯୋଗ ଆସିପାରେ ? ନା ଏହା କଦାପି ନୁହେଁ । ଏହିସବୁ ଅଭିଯୋଗ ତ ଦୋଷ ଖୋଜୁଥିବା ସେହି କୁତ୍ସାରଟନାକାରୀ ତଥା ନରାଧମମାନଙ୍କ ଦୃଷ୍ଟିରେ ହୋଇପାରେ ! ମାତ୍ର ମୁଁ ତୁମକୁ ସତ୍ୟ କହୁଅଛି ଯେ ମୁଁ ଯେପରି ଏହି ଅଭିଯୋଗକ ଫର୍ଦ୍ଦକୁ ଆକଳନ କଲି, ସେହିପରି ଏହା ମଧ୍ୟ ଚିନ୍ତା କଲି ଯେ ଏହି ଅଭିଯୋଗର ଗଭୀରତାକୁ ମାପ କଲେ ତା'ମଧ୍ୟରେ ବାସ୍ତବିକ ସତ୍ୟତାର ରହସ୍ୟ ଏମିତି ଲୁଚି ରହିଛି, ଯାହାକୁ ଦୃଷ୍ଟିଶକ୍ତିର ଅଭାବରୁ ସେମାନଙ୍କୁ ଦେଖାଯାଉ ନାହିଁ । ଏହା ପ୍ରକୃତରେ ଈଶ୍ୱରଙ୍କ ଲୀଳା ଯେ ଏକପକ୍ଷେ ଚକ୍ଷୁହୀନ ଅଭିଯୋଗକାରୀ ଆସି ଏଠାରେ ଅଟକି ଯାଇଛନ୍ତି ତ ଅନ୍ୟପକ୍ଷେ ସତ୍ୟର ଅଗାଧ ଜ୍ଞାନତତ୍ତ୍ୱର ଗୋପନ ଭଣ୍ଡାର ଠୁଳ ହୋଇ ରହିଛି ।

(ମଲଫୁଜାତ, ପ୍ରଥମ ଖଣ୍ଡ, ପୃ ୪୪-୫୧, ମୁଦ୍ରିତ ୨୦୧୮ କାଦିୟାନ)

ଓଡ଼ିଆ ରୂପାନ୍ତର - **ଇଂ. ରୌଶନ୍ ଖାନ୍, କେରଙ୍ଗ (ଓଡ଼ିଶା)**

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

**ଜିହାଦ୍‌ର ଅନୁମତି ସେପର୍ଯ୍ୟନ୍ତ ରହିଛି, ଯେପର୍ଯ୍ୟନ୍ତ ବିଶ୍ୱାସକାରୀମାନେ ଅବିଶ୍ୱାସକାରୀମାନଙ୍କ ଅଭିସନ୍ଧିରେ ନ ପଡିଛନ୍ତି ଏବଂ ଯେଉଁମାନେ ବିଶ୍ୱାସ ଆଣିଛନ୍ତି, ସେମାନେ ନିଜର ଉପାସନାକୁ ବିନା କୌଣସି ଭୟ ଓ ବାଧାବିଘ୍ନରେ ନିର୍ବାହ ନ କରିଛନ୍ତି ।**

**—— ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅୱ୍ୱଲ୍ [ର:ଅ] (ପ୍ରଥମ) ଙ୍କ କଥନ ——**

## ଅଲ୍ଲାଃତାଲା ଅବତାରମାନଙ୍କୁ ଶାନ୍ତି ସ୍ଥାପନ କରିବା ପାଇଁ ପ୍ରେରଣ କରିଥାନ୍ତି, ଏ ଉଦ୍ଦେଶ୍ୟ ନଥାଏ ଯେ ସେମାନେ ଲୋକମାନଙ୍କୁ ଧରି ମୁସଲ୍‌ମାନ୍ କରନ୍ତୁ ।

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଅୱ୍ୱଲ୍ ର:ଅ ସୁରଃ ବକ୍‌ରା:୧୯୪ର ବ୍ୟାଖ୍ୟା କରି କହୁଛନ୍ତି:- ***ୱ୍କାତିଲୁହୁମ୍ ହତ୍‌ତା ଲା ତକୁନା ଫିତ୍‌ନାଃ ୱ୍ ୟକୁନଦ୍ ଦୀନୁ ଲିଲ୍ଲାଃ:-*** ଏକଥା ଖୁବ୍ ମନେରଖିବା ଉଚିତ୍ ଯେ ଅଲ୍ଲାଃ ଧର୍ମଗୁଡିକୁ ଶେଷ କରିବାକୁ ଚାହୁଁନାହାଁନ୍ତି ବରଂ ପବିତ୍ର କୋରାନ୍‌ରେ ଲେଖା ଯାଇଛି ଯେ ଅଲ୍ଲାଃତାଲା ଯଦି ଚାହିଁଥାନ୍ତେ ତେବେ ସମଗ୍ର ସଂସାରକୁ ଗୋଟିଏ ଧର୍ମରେ ଅଧିଷ୍ଠିତ କରିଦେଇଥାନ୍ତେ । ***ଫଲୌ ଶାଆତ୍ ଲହଦାକୁମ୍ ଅଜ୍‌ମଇନ୍ ।*** (ଅଲ୍-ଅନ୍‌ଆମ୍:୧୫୦)

ଆଉ ଏକ ସ୍ଥାନରେ (ଅଲ୍ଲାଃତାଲା) କହିଛନ୍ତି- ***ଲୌ ଲା ଦଫଉଲ୍ଲାହିନ୍ ନାସା ବାଜହୁମ୍ ବିବାଜିଲ୍ ଲହୁଦ୍ଦିମତ୍ ସୱ୍ୱାମିଉ ୱ୍ ବିୟଉଁ ୱ୍ ସଲୱ୍ୱାତୁଉଁ ୱ୍ ମସାଜିଦ୍ ।*** (ଅଲ୍‌ହଜ୍:୪୧) ଅର୍ଥାତ୍ ଯଦି ଅଲ୍ଲାଃତାଲା ଲୋକମାନଙ୍କ ମଧ୍ୟରୁ କେତେକଙ୍କୁ ଅନ୍ୟ କେତେକଙ୍କ ଦ୍ୱାରା ସୁରକ୍ଷିତ ନ ରଖିଥାନ୍ତେ ତେବେ ଇସାଇମାନଙ୍କ, ମୁସଲ୍‌ମାନ୍‌ମାନଙ୍କର, ମଜୁଶିମାନଙ୍କର ଏବଂ ୟୁହୁଦୀ ମାନଙ୍କ ଉପାସନା ପୀଠ ଗୁଡିକ ଧ୍ୱଂସ ହୋଇଯାଇଥାଆନ୍ତା । ଏଥିରୁ ଜଣାପଡୁଛି ଯେ ଧର୍ମ ଧର୍ମ ମଧ୍ୟରେ ଭିନ୍ନତା ରହିବା ଅଲ୍ଲାଃଙ୍କ ଇଛା ଅନ୍ତର୍ଗତ । ଅଲ୍ଲାଃତାଲା ଅବତାରମାନଙ୍କୁ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରେରଣ କରିଛନ୍ତି । ଏ ଇଛା ନଥାଇକି ଲୋକମାନଙ୍କୁ ଧରି ମୁସଲ୍‌ମାନ୍ ବନାଯାଉ ବରଂ ସେ ***ଲା ଇକ୍‌ରାହା ଫିଦ୍ଦିନ୍*** (ଅଲ୍-ବକ୍‌ରାଃ:୨୫୭) ଅନ୍ତର୍ଗତ ପରିଚାଳିତ ହୋଇଥାନ୍ତି କାରଣ ମଣିଷ ସେପର୍ଯ୍ୟନ୍ତ ଖୁଦାଙ୍କ ନିକଟରେ ମୋମିନ୍ ହୋଇନଥାଏ ଯେପର୍ଯ୍ୟନ୍ତ ସେ ହୃଦୟ ଭିତରୁ ଇମାନ୍ ନଆଣିଛି । ପୁଣି ଏହା ମଧ୍ୟ ଜରୁରୀ ଅଟେ ଯେ ତାହା ଇମାନ୍‌ର ଲକ୍ଷଣ ତା କର୍ମରୁ ହିଁ ପ୍ରତିଫଳିତ ହେଉଥିବ ଏବଂ କେହି ତାକୁ ରୋକିପାରିବେ ନାହିଁ ।

ସୁତରାଂ ଜିହାଦ୍‌ର ଅନୁମତି ସେପର୍ଯ୍ୟନ୍ତ ରହିଛି କି ମୋମିନ୍ ଯେପର୍ଯ୍ୟନ୍ତ ଅବିଶ୍ୱାସୀ ମାନଙ୍କ ଅତ୍ୟାଚାରରୁ ମୁକ୍ତ ନହୋଇଛନ୍ତି ଏବଂ ଯେଉଁମାନେ ଇମାନ୍ ଆଣିସାରିଛନ୍ତି ସେମାନେ ନିଜର ଇବାଦତ୍‌କୁ ବିନା କୌଣସି ଭୟ ଓ ପ୍ରତିବନ୍ଧକରେ ନିର୍ବାହ ନକରିଛନ୍ତି । ସେମାନେ ଶଠତା ଓ କପଟତାରେ କାର୍ଯ୍ୟ ନେବାପାଇଁ ବାଧ ନହୁଅନ୍ତୁ ବରଂ ***ୟକୁନଦ୍ଦିନୁ ଲିଲ୍ଲାହି*** ଅର୍ଥାତ୍ ଅଲ୍ଲାଃଙ୍କ ପାଇଁ ତାଙ୍କର ଧର୍ମ ହେଉ ଓ ଫିତ୍‌ନା ନ ରହୁ । (ହକାୟକୁଲ୍ ଫୁର୍‌କାନ୍, ଖଣ୍ଡ-୧, ପୃଷ୍ଠା-୩୨୭)

ସୁରତୁଲ୍ ହଜ୍‌ର ଆୟତ ନଂ-୩୯-୪୦ର ବ୍ୟାଖ୍ୟା କରି ସେ କହୁଛନ୍ତି:- ***ଇନ୍ନଲ୍ଲାହା ୟୁଦାଫିଉ ଅନିଲ୍ ଲଜିନା ଆମନୁ ଇନ୍ନଲ୍ଲାହା ଲା ୟୁହିବ୍‌ବୁ କୁଲ୍ଲା ଖୱ୍ୱାନିନ୍ କଫୁର୍*** (ଅଲ୍‌ହଜ୍:୩୯) ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଅୱ୍ୱଲ୍ ର:ଅ କହୁଛନ୍ତି - ***ଇନ୍ନଲ୍ଲାହା ୟୁହାଫିଉ ଅନିଲ୍ ଲଜିନା ଆମନୁ*** ଅଲ୍ଲାଃତାଲା ପ୍ରତ୍ୟେକ ବସ୍ତୁର ସୀମା ନିର୍ଦ୍ଧାରଣ କରିଛନ୍ତି । ଯେତେବେଳେ ସେହି ସୀମାଠାରୁ କେଉଁ ବସ୍ତୁ ଅଧିକ ବଢ଼ିବାକୁ ଲାଗେ ତାକୁ ପ୍ରତିରୋଧ କରିବା ପାଇଁ ସେ ବସ୍ତୁ ସୃଷ୍ଟି କରିଥାଏ । କୁଫ୍‌ରୁ (ଅଧର୍ମ) ବଢ଼ିଗଲା । ତେଣୁ ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଏବଂ ତାହାଙ୍କ ଜମାତ୍‌କୁ ସେ ସୃଷ୍ଟି କରିଦେଲେ କାରଣ ସେ ବିଧର୍ମୀମାନଙ୍କୁ ପସନ୍ଦ କରେନାହିଁ । (ଲୋକମାନଙ୍କର) ଏ ଧାରଣା ରହିଛି ଯେ କେହିଜଣେ ମେହ୍‌ଦୀ ଏପରି ଆସିବେ ଯିଏ ସମଗ୍ର ମାନବଜାତିକୁ ମୁସଲ୍‌ମାନ୍ ବନାଇଦେବେ, ଏହା ହେଉଛି ଏକ ବ୍ୟର୍ଥ ଭାବନା । କ'ଣ ସେ (ମେହ୍‌ଦୀ) ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କଠାରୁ ବଳି ପବିତ୍ର ଶକ୍ତି ଧାରଣ କରିଥିବା କୌଣସି ବ୍ୟକ୍ତି ହେବ? କ'ଣ ସେ ପବିତ୍ର କୋରାନ୍‌ଠାରୁ ବଳି ଆଉ କୌଣସି ପୁସ୍ତକ ଆଣିବ? ଅଲ୍ଲାଃତାଲା ପ୍ରତ୍ୟେକଙ୍କୁ ଗୋଟିଏ ସୀମା ମଧ୍ୟରେ ରଖିବାକୁ ଚାହିଁଥାନ୍ତି ।

ସେହିପରି ପୁଣି କହୁଛନ୍ତି:- ***ଉଜିନା ଲିଲ୍‌ଲଜିନା ୟୁକାତଲୁନା ବିଅନ୍ନହୁମ୍ ଜୁଲିମୁ ୱ୍ଇନ୍ନଲ୍ଲାହା ଅଲା ନସ୍‌ରିହିମ୍ ଲକଦିର୍*** -*(ସୁର୍‌ତୁଲ୍ ହଜ୍:୪୦)* ଅର୍ଥାତ୍ ଯେଉଁମାନଙ୍କ ସହିତ ବିନା କାରଣରେ ଯୁଦ୍ଧ କରାଯାଏ, ସେମାନଙ୍କୁ ମଧ୍ୟ (ଯୁଦ୍ଧ କରିବା ପାଇଁ) ଅନୁମତି ଦିଆଯାଉଅଛି କାରଣ ସେମାନେ ଅତ୍ୟାଚାରିତ ଏବଂ ଅଲ୍ଲାଃ ସେହି ଶତ୍ରୁମାନଙ୍କ ଉପରେ ବିଜୟ ପ୍ରଦାନ କରିବାକୁ ସମର୍ଥ....... ଖୁଦାତାଲା ଇସ୍‌ଲାମ୍‌କୁ ଦୁଇପଟୁ ବିଜୟ ପ୍ରଦାନ କରିବାକୁ ଚାହାଁନ୍ତି । ଏପରି ଏକ ସମୟ ଥିଲା ଯେତେବେଳେ ଶତ୍ରୁ ଇସ୍‌ଲାମ୍‌ର ମୁଳୋତ୍ପାଟନ କରିବା ପାଇଁ ତରବାରି ଉଠାଇଥିଲେ, ମୁସଲ୍‌ମାନ୍ ମାନଙ୍କୁ ହତ୍ୟା କରିବା ଆରମ୍ଭ କରିଦେଲେ । ସେତେବେଳେ ଇସ୍‌ଲାମ୍ ମୁସଲ୍‌ମାନ୍ ମାନଙ୍କୁ ବିଦ୍ରୋହ କରିବାରୁ ନିବୃତ ରଖିଲା ଯେ ଏବେ ଯୁଦ୍ଧ କରନାହିଁ (ବରଂ) ଏ ଦେଶ ଛାଡି ଚାଲିଯାଅ ଯେଉଁଠି ଦୁଃଖ (ଓ ନିର୍ଯାତନା) ମିଳୁଛି! ସେଥିଯୋଗୁ ମକ୍କା ମୁଅଜ୍ଜମା ଅର୍ଥାତ୍ ମହାନ୍ ମକ୍କାର ଦେଶକୁ ଛାଡିବାକୁ ପଡିଲା । ଯେବେ ଶତ୍ରୁମାନଙ୍କୁ ଏତିକିରେ ମଧ୍ୟ ଧୈର୍ଯ୍ୟ ରହିଲାନାହିଁ ଓ ସେମାନେ (ମୁସଲ୍‌ମାନ୍ ମାନଙ୍କ) ପଛରେ ପଡିଗଲେ ତେଣୁ ପରିଶେଷରେ ଇସ୍‌ଲାମ୍ ତରୱ୍ୱାର ଉଠାଇଲା ଓ ସଫଳ ହେଲା ।

ପୁଣି ଏବେ ୧୪ ସଦିରେ କେବଳ ତର୍କମୂଳକ ଅସ୍ତ୍ର ସାହାଯ୍ୟରେ ଇସ୍‌ଲାମ୍ ସଙ୍ଗେ ଯୁଦ୍ଧ ଆରମ୍ଭ ହୋଇଯାଇଛି । ଇସ୍‌ଲାମ୍ କାରଣରୁ କୌଣସି ଜାତି, କୌଣସି ମୁସଲ୍‌ମାନ୍ ଉପରେ ଏବେ ହତିଆର୍ ବ୍ୟବହାର କରୁନାହିଁ । ତେବେ ଇସ୍‌ଲାମ୍ ମଧ୍ୟ ସ୍ପଷ୍ଟ ପ୍ରମାଣ, ଯୁକ୍ତିଯୁକ୍ତ ତର୍କ ଏବଂ ସ୍ପଷ୍ଟ ଦଲିଲ୍ ଦ୍ୱାରା ମୁକାବିଲା ଆରମ୍ଭ କରିଛି ।

ମୁର୍ତିପୂଜା କରୁଥିବା ଜାତିଗୁଡିକ ଇସ୍‌ଲାମ୍‌ର ମୁକାବିଲାରେ ପରାଜୟ ବରଣ କରି ମୂର୍ତିପୂଜାର ଦାବିରୁ ରହିତ ହେଉଛନ୍ତି ଏବଂ ବିଲ୍‌କୁଲ୍ ଏ ପ୍ରସଙ୍ଗରେ ନୀରବ ହୋଇ ରହୁଛନ୍ତି କାରଣ ଇଣ୍ଡିଆରେ କିଛି ବ୍ରହ୍ମୋ (ସମାଜି) ହୋଇଗଲାଣି ଏବଂ କିଛି ଆର୍ଯ୍ୟସମାଜି ଓ ଏପଟେ ୟୁରୋପ ତଥା ଆମେରିକାରେ ୟୁନିଟେରିଆନ୍, ଫ୍ରି ଥିଙ୍କର୍‌ମାନଙ୍କ ସମୁଦ୍ର ଲହରୀ ମାରୁଅଛି । ଏହା ବହୁତ ଭଲା ହେଲା । ହଜ୍‌ରତ୍ (ଇସା) ମସିହ୍‌ଙ୍କ ଇଶ୍ୱରତ୍ୱ ଧ୍ୱଂସ ହେଉଅଛି.....ଜଗତ ପବିତ୍ର ଇସ୍‌ଲାମ୍ ଧର୍ମ ଭିତରକୁ ଆସୁଅଛି ।

ଦୁନିଆରେ ଯେଉଁ ପୁଣ୍ୟ ରହିଛି ତାହା ସହିତ କିଛି ଦୁଃଖକଷ୍ଟ ମଧ୍ୟ ରହିଛି ଏବଂ ସୁଖ ସହିତ ଦୁଃଖ ଓ ଦୁଃଖ ସହିତ ସୁଖ । ଶେଷ ଉକ୍ତିଟିର ଉଦାହରଣ ହେଉଛି ପ୍ରଶବ ବେଦନା ପରେ ପୁଣି ପୁତ୍ର ସନ୍ତାନ ଜନ୍ମ ହେବା ।

ସାହାବାମାନେ ମକ୍କା ମୁଅଜ୍ଜମା (ଅର୍ଥାତ୍ ମହାନ୍ ମକ୍କା)ରେ ଭୀଷଣ ଦୁଃଖ ଯନ୍ତ୍ରଣାରେ ପିଡୀତ ଥିଲେ । (୧)କିଛି ଲୋକଙ୍କର ଗୋଟିଏ ଗୋଡକୁ ଗୋଟିଏ ଓଟ ସହିତ ଓ ଦ୍ୱିତୀୟ ଗୋଡଟିକୁ ଆଉ ଗୋଟିଏ ଓଟ ସହିତ ବାନ୍ଧି ବିପରୀତ ଦିଗରେ ଚଲାଇ ଚିରି ଦିଆଯାଉଥିଲା । (୨)କିଛି ମହିଳାଙ୍କ ଯୌନାଙ୍ଗରେ କନ୍ତ ପୁରାଇଦେଇ ଗଳାପଟେ ବାହାର କରିଦିଆଯାଉଥିଲା । (୩)ତିନିବର୍ଷ ପର୍ଯ୍ୟନ୍ତ ବନୁ ହାସିମ୍‌ଙ୍କୁ ଶସ୍ୟ (ଅର୍ଥାତ୍ ଖାଇବା ପାଇଁ ଦାନା) ପହଂଚାଇବାରେ ବାଧା ପକାଗଲା । (୪)କିଛି ସାହାବାମାନଙ୍କୁ ଭୀଷଣ ଉତପ୍ତ ପଥର ଉପରେ ଶୁଆଇ ଦିଆଯାଉଥିଲା । କିନ୍ତୁ ସେମାନେ ବହୁତ ଧୈର୍ଯ୍ୟ, ଦୃଢ଼ତା ଓ ସାହସର ସହିତ ସେହି ସମସ୍ତ ଯନ୍ତ୍ରଣାକୁ ସହି ଯାଉଥିଲେ ।

ମୁହରମ୍ (ମାସରେ) ଯେବେ ଇମାମ୍ ହୁସେନ୍ ର:ଅଙ୍କ ଦୁଃଖ, ଯନ୍ତ୍ରଣା ସମ୍ବନ୍ଧରେ ବର୍ଣ୍ଣନା କରାଯାଏ କିନ୍ତୁ ସାହାବା ର:ଅ ଯେଉଁଭଳି ଦୁଃଖ ଯନ୍ତ୍ରଣା ସହିଛନ୍ତି ସେ ସବୁ ତାଙ୍କଠାରୁ ଅନେକ କ୍ଷେତ୍ରରେ ଅଧିକା । ସୁତରାଂ ଏହି ଧୈର୍ଯ୍ୟର ପ୍ରତିବଦଳରେ ଜିହାଦ୍ କରିବା ପାଇଁ ଅନୁମତି ଦିଆଗଲା । ଏକଥା ହେଉଛି ଭୁଲ୍ ଯେ ସେମାନଙ୍କୁ ଅଧିକ ଲୋକଙ୍କର ଅପେକ୍ଷା ଥିଲା । ***ଲାତୁକଲ୍ଲିଫୁ ଇଲ୍ଲା ନଫ୍‌ସିକା*** *(ଅନ୍‌ନିସା:୮୫)* ର ଆଦେଶ ଏବ ହୁନୈନ୍ ଯୁଦ୍ଧରେ ସମସ୍ତଙ୍କ ପଳାୟନ କରିବା ସତ୍ୱେ ମଧ୍ୟ ଛିଡା ହୋଇ ରହିବା ଏହାର ସାକ୍ଷୀ । ସୁତରାଂ ଏକଥା ହେଉଛି ମିଥ୍ୟା ଯେ ଇସ୍‌ଲାମ୍ ତରୱ୍ୱାରି ସାହାଯ୍ୟରେ ପ୍ରସାର କରାଯାଇଛି । ଆଉ ଏକ ଉପକାର ଇସ୍‌ଲାମ୍ କରିଛି, ଯାହା ମୋ ମତରେ ଦୁନିଆର କୌଣସି ସୁଧାରକ ଏବଂ ସଂସ୍କାରକଙ୍କ ମୁଣ୍ଡରେ ପଶିନାହିଁ, ତାହା ହେଉଛି ଏହା ***ଇନ୍ନଲ୍ଲାହା ୟୁଦାଫିଉ ଅନିଲ୍ଲଜିନା ଆମନୁ ଇନ୍ନଲ୍ଲାହା ଲାୟୁହିବ୍‌ବୁ କୁଲ୍ଲା ଖୱ୍ୱାନିନ୍ କଫୁର୍..... ଲହୁଦ୍ଦିମତ୍ ସୱ୍ୱାମିଉ ୱ୍ ବିୟଉଁ ୱ୍ ସଲୱ୍ୱାତୁଉଁ ୱ୍ ମସାଜିଦୁ ୟୁଜ୍‌କରୁ ଫିହସ୍‌ମୁଲ୍ଲାହି କସିରା ।*** ଆମେ ବେଳେବେଳେ ନିଜେ ସୁରକ୍ଷାର ନିର୍ଦ୍ଦେଶ ଦେଇଥାଉ । ଏହାର ଉଦ୍ଦେଶ୍ୟ ହେଉଛି ଏହା କି ଯଦି ଏପରି ନକରାଯାଏ ତେବେ ଗିର୍ଜା ଧ୍ୱଂସ ହୋଇଯିବ । ଧର୍ମଶାଳା ଏବଂ ୟୁହୁଦୀମାନଙ୍କ ଉପସନା ପୀଠ ଧ୍ୱଂସ ହୋଇଯିବ । ଆମେ ସେଗୁଡିକ ଧ୍ୱଂସ ହେବାପାଇଁ ଚାହୁଁନାହୁଁ । କ'ଣ ଏହି ସ୍ୱର୍ଣ୍ଣିମ ନିୟମ ଦୁନିଆର କୌଣସି ଧାର୍ମିକ ପୁସ୍ତକରେ ମିଳୁଛି କି? ଯଯି ଏହି ବାକ୍ୟ ଇଞ୍ଜିଲ୍‌ରେ ଥାଆନ୍ତା ତେବେ ଇସାଇମାନେ ଯେଉଁ ବ୍ୟବହାର ନିଜ ବିରୋଧିମାନଙ୍କ ସହିତ କରିଛନ୍ତି ତାହା ହୋଇନଥାନ୍ତା । ମାଇଥୋଲୋଜିକୁ ପଢ଼ । ତାହାଲେ ତୁମେ ଜାଣିପାରିବ ଯେ ଇସାଇମାନଙ୍କ ପୂର୍ବରୁ କେତେ ମାତ୍ରାରେ ଉପାସନା ପୀଠ ଥିଲା, ଯାହାର ଆଜି ନାମ ଓ ଚିହ୍ନଁବର୍ଣ୍ଣ ମଧ୍ୟ ନାହିଁ । ଉଦାହରଣ ସ୍ୱରୂପ ପଡାମୁର୍‌ରେ ଏକ ମହାନ୍ ମନ୍ଦିର ଥିଲା ଯେଉଁଠି ମହାନ୍ ସିକନ୍ଦର୍ ପାଦରେ ଚାଲିଚାଲି ହଜ୍ କରିବା ପାଇଁ ଆସିଥିଲା । କିନ୍ତୁ ଆଜି କେହି ବତାଇପାରିବେ ନାହିଁ ଯେ ସେହି ମନ୍ଦିରଟି କେଉଁଠି ଥିଲା ।

ଏତେ ସଂକୀର୍ଣ୍ଣ ହୃଦୟତା, ଜିଦି କରିବା ଏବଂ ଦ୍ୱେଷ ରଖିବା ଓ ହଠତାକୁ ଇସ୍‌ଲାମ୍ ପସନ୍ଦ କରେନାହିଁ ଯେ ଉପାସନା ପୀଠ ଗୁଡିକୁ ଭାଙ୍ଗି ଦିଆଯାଉ । ମୁସଲ୍‌ମାନ୍‌ମାନେ ଯେଉଁଠି ୮୦୦ ବର୍ଷ, ହଜାର ଓ ୧୧୦୦ ବର୍ଷ ମଧ୍ୟ ରାଜତ୍ୱ

*ଅବିଶିଷ୍ଟାଂଶ ପୃଷ୍ଠା- ୩୪ ରେ ଦେଖନ୍ତୁ .....*

**ଦିବ୍ୟବାଣୀ ସାହାଯ୍ୟରେ ଲୋକମାନଙ୍କୁ ଧର୍ମଆଡକୁ ଡାକ । ଆମ ଅସ୍ତ୍ର ହେଉଛି ପବିତ୍ର କୁର୍‌ଆନ୍ । ଏହି କୁର୍‌ଆନ୍ ରୂପକ ତରବାରି ନେଇ ଦୁନିଆ ସହିତ ଜିହାଦ୍ କରିବା ପାଇଁ ବାହାରିପଡ ।**

**(ସୟ୍ୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି (ଦ୍ୱିତୀୟ) ର:ଅଙ୍କ କଥନ)**

### ଆମ ହତିଆର୍ ହେଉଛି ପବିତ୍ର କୁର୍‌ଆନ୍

ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଏହି ଆୟତ ***ଉଦ୍‌ଉ ଇଲା ସବିଲି ରବ୍‌ବିକା ବିଲ୍ ହିକ୍‌ମତି*** ର ବ୍ୟାଖ୍ୟା କରି କହୁଛନ୍ତି:-

ନବୁଓ୍ୱତ୍‌ର ଯେତେଗୁଡିଏ ଅର୍ଥ ରହିଛି ତା ଅନୁସାରେ ଏହାର ଅର୍ଥ ଏପରି ହେବ ଯେ ଅଲ୍ଲାଃଙ୍କ ବାଣୀ ସାହାଯ୍ୟରେ ଲୋକମାନଙ୍କୁ ଧର୍ମ ଆଡକୁ ଡାକ । ଯେଉଁ ପ୍ରମାଣମାନ ସ୍ୱୟଂ ପବିତ୍ର କୁର୍‌ଆନ୍ ଦେଇଅଛି ତାହା ସବୁକୁ ପେଶ୍ କର । ନିଜ ଆଡୁ ମନଗଢ଼ା କଥା ପେଶ୍ କରନାହିଁ । ଆହ୍ ! ଯଦି ଏହି ସୁତ୍ରକୁ ମୁସଲ୍‌ମାନମାନେ ବୁଝିନେଇଥାଆନ୍ତେ ତେବେ ୟୁହୁଦୀୟତ୍ ଏବଂ ଇସାୟିୟତ୍‌କୁ ଖାଇଯାଇଥାଆନ୍ତେ । ଆମ ହତିଆର୍ ହେଉଛି ପବିତ୍ର କୁର୍‌ଆନ୍ ଯାହା ସମ୍ବନ୍ଧରେ ଅଲ୍ଲାଃତାଲା କହୁଛନ୍ତି- ***ଓ୍ୱଜାହିଦ୍‌ହୁମ୍ ବିହି*** (ଫୁର୍‌କାନ୍ ରୁକୁ ୫) ଅର୍ଥାତ୍ ଏହି କୁର୍‌ଆନ୍ ରୂପକ ତରବାରି ନେଇ ଦୁନିଆ ସହିତ ଜିହାଦ୍ କରିବା ପାଇଁ ବାହାରିପଡ କିନ୍ତୁ ଦୁଃଖ ଲାଗୁଛି ଯେ ଆଜି ଦୁନିଆର ପ୍ରତ୍ୟେକ ବସ୍ତୁ ମୁସଲ୍‌ମାନ୍‌ମାନଙ୍କ ନିକଟରେ ରହିଛି, କିନ୍ତୁ ଯଦି କିଛି ନାହିଁ ତେବେ ତାହା ହେଉଛି ଏହି ତରବାରି, ଯାହାକୁ ସାଥିରେ ନେଇ ବାହାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । (ତଫସିର୍ କବୀର୍ ଖଣ୍ଡ-୪, ପୃଷ୍ଠା-୨୭୩)

### ଫଲା ତାଅଜଲ୍ ଆଲୈହିମ୍‌ରେ ଜିହାଦ୍ ପ୍ରସଙ୍ଗକୁ ବିଲ୍‌କୁଲ୍ ସ୍ୱଷ୍ଟ କରିଦିଆଯାଇଅଛି

ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଏହି ପବିତ୍ର ଆୟତ ***ଫଲା ତାଅଜଲ୍ ଆଲୈହିମ୍ ଇନ୍ନମା ନଉଦ୍ଦୁଲହୁମ୍ ଅଦ୍ଦନ୍*** (ସୁରା ମରିୟମ୍:୮୫) ତଫସିର୍‌ରେ କହୁଛନ୍ତି:-

"ଦେଖ ଏ ସ୍ଥାନରେ ଜିହାଦ୍ ସମ୍ବନ୍ଧରେ କିପରି ସ୍ୱଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦିଆଯାଇଛି ଓ କିଭଳି ଏହି ମହାନ୍ ଦୃଷ୍ଟିକୋଣକୁ ସମର୍ଥନ କରାଯାଇଛି ଯାହାକୁ ଅହେମଦୀୟା ସମ୍ପ୍ରଦାୟର ସଂସ୍ଥାପକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବର୍ତମାନ ଯୁଗରେ ଜିହାଦ୍ ସମ୍ବନ୍ଧରେ ଉପସ୍ଥାପନ କରିଛନ୍ତି ।

ଏହି ଆୟତରେ ଅଲ୍ଲାଃତାଲା ବତାଇଛନ୍ତି ଯେ ଏପରି ଏକ ଯୁଗ ଆସିବାକୁ ଅଛି ଯେତେବେଳେ ମୁସଲ୍‌ମାନ୍‌ମାନଙ୍କର ଗୋଟିଏ ଭାଗ ଏହା କହିବ ଯେ ଇସ୍‌ଲାମ୍‌ର ଉନ୍ନତି ଏବେ ଏହିପରି ହୋଇପାରିବ ଯେ ଏହି କୁଫାର୍‌ମାନଙ୍କ ସହିତ ଜିହାଦ୍ କରାଯାଉ ଏବଂ ଏମାନଙ୍କୁ ତରବାରିର ବଳପ୍ରୟୋଗ କରି ନିଃଶେଷ କରିବା ପାଇଁ ଚେଷ୍ଟା କରାଯାଉ, କିନ୍ତୁ ଏମାନଙ୍କର ଏହି ରାୟ ସମ୍ପୂର୍ଣ୍ଣ ରୂପେ ଭୁଲ୍ ହେବ । ସଠିକ୍ ଓ ସିଧା ମାର୍ଗ ଏହା ହେବ ଯେ ସେମାନଙ୍କ ସହିତ ମୁକାବିଲା କରିବା ପାଇଁ ଜଲ୍‌ଦବାଜି ଅର୍ଥାତ୍ ଶିଘ୍ରତାର ସହିତ କାମ ନ ନିଆଯାଉ ଏବଂ ସେମାନଙ୍କ ଆକ୍ରମଣକୁ ଧୈର୍ଯ୍ୟର ସହିତ ବର୍‌ଦାସ୍ତ କରାଯାଉ । କେବଳ ଆଧାତ୍ମିକ ମାର୍ଗକୁ ଗ୍ରହଣ କରାଯାଉ ଅର୍ଥାତ୍ ଇସ୍‌ଲାମ୍‌ର ତବ୍‌ଲିଗ୍ ଏବଂ ଦୁଆଏଁ ଅର୍ଥାତ୍ ପ୍ରାର୍ଥନା ଇତ୍ୟାଦି । ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯିଏ ଖୁଦାତାଲାଙ୍କ ତରଫରୁ ଦୁନିଆର ସୁଧାର ଆଣିବା ପାଇଁ ପ୍ରେରଣ ହୋଇଥିଲେ ସେ ଲୋକମାନଙ୍କ ସମ୍ମୁଖରେ ଏ ଘୋଷଣା କରିଛନ୍ତି ଯେ:-

*ଯେ ହୁକୁମ୍ ସୁନ୍‌କେ ଭି ଜୋ ଲଢ଼ାଇ କୋ ଜାଏଗା*
*ଓ୍ୱ କାଫିରୋଁ ସେ ସଖ୍‌ତ୍ ହଜିମତ୍ ଉଠାଏଗା*

ଆପଣ ଆ:ସ କହୁଛନ୍ତି ଯେ ଯେତେବେଳେ ମୁସଲ୍‌ମାନଙ୍କ ନିକଟରେ କୌଣସି ପ୍ରକାରର ଶକ୍ତି ହିଁ ନାହିଁ ତେବେ ତରବାରି ସାହାଯ୍ୟରେ ଯୁଦ୍ଧ କରିବା ତାଙ୍କ ପାଇଁ କିଭଳି ବୈଧ ହୋଇପାରେ । ଯେତେବେଳେ ସେ ସମୟ ଆସିବ ସେତେବେଳେ ଅଲ୍ଲାଃତାଲା ଯେଉଁ ପ୍ରକାରରେ ଚାହିଁବେ ମୁସଲ୍‌ମାନ୍‌ମାନଙ୍କୁ ସେମାନଙ୍କ ସହିତ ମୁକାବିଲା କରିବା ପାଇଁ ଶକ୍ତି ପ୍ରଦାନ କରିଦେବେ ।  ସେ ଯାହାହେଉ ଆପଣ ଜିହାଦ୍ ସମ୍ବନ୍ଧରେ ମୁସଲ୍‌ମାନ୍‌ମାନଙ୍କ ମଧ୍ୟରେ ପ୍ରଚଳିତ ଭାବନାକୁ ଖଣ୍ଡନ କଲେ ଏବଂ ଏହା ହିଁ ସେହି ବାସ୍ତବିକତା ଯାହା *ଲାତାଜଲ୍* ରେ ବର୍ଣ୍ଣନା କରାଯାଇଅଛି ।

ଅସଲ କଥା ହେଉଛି ଏହା କି ଏହି ସୁରଃରେ ଇସାଇମାନଙ୍କର ଉନ୍ନତି କରିବା ସମ୍ବନ୍ଧରେ ଯାହା କିଛି ଚର୍ଚ୍ଚା କରାଯାଇଛି ତାହା ଆସନ୍ତା ଯୁଗରେ ହେବାକୁ ଥିଲା ବରଂ ହଦିସ୍ ଓ କୁର୍‌ଆନ୍ ଏହି ଶେଷ ଯୁଗ ସହିତ ଏହାକୁ ସଂଲଗ୍ନ କରାଯାଇଛି । ସୁତରାଂ *ଲାତାଜଲ୍* ର ଅର୍ଥରେ ରସୁଲେ କରିମ୍ ସ:ଆ:ସଙ୍କ ଅସ୍ତିତ୍ୱ ନାହିଁ ବରଂ ଆସନ୍ତା ଯୁଗର ମୁସଲ୍‌ମାନ୍ ଅଛନ୍ତି ଏବଂ ଏଥିରେ ବତାଯାଇଛି ଯେ ସେମାନେ ଏକ ସମୟରେ ଇସାଇମାନଙ୍କ ଉନ୍ନତିକୁ ଦେଖି ସେମାନଙ୍କ ସହିତ ଜିହାଦ୍ କରିବା ପାଇଁ ଉତ୍ସାହିତ ହୋଇଯିବେ । ସୁତରାଂ ଏକଥା ବଡ ଆଚମ୍ବିତ ଯେ ଯେଉଁ ଯୁଗରେ ଇସାଇମାନେ ମୁସଲ୍‌ମାନ୍‌ମାନଙ୍କ ଶିକାର ଥିଲେ ଏବଂ ସେମାନଙ୍କୁ ତାଙ୍କ ସହିତ ମୁକାବିଲା କରିବା ପାଇଁ ଶକ୍ତି ଥିଲା ସେ ସମୟରେ ତ ମୁସଲ୍‌ମାନ୍‌ମାନେ ତାଙ୍କଠାରୁ ଦୂରେଇ ରହିଲେ ଏବଂ ଯେତେବେଳେ ଇସାଇମାନେ ଦୁନିଆରେ ବ୍ୟାପିଗଲେ ସେତେବେଳେ ଏମାନଙ୍କୁ ଜିହାଦ୍ କରିବାର ଭାବନା ଆସିଲା । ଯେବେ କି ବର୍ତମାନ ଖୁଦାଙ୍କ ଇଛା *ନଉଦ୍ଦୁଲହୁମ୍ ଅଦ୍ଦନ୍* ପ୍ରକାଶ ହୋଇସାରିଥିଲା ଓ ଏକଥା ଜାଣିବା ପରେ ମୁସଲ୍‌ମାନ୍‌ମାନଙ୍କ ପାଇଁ ଆବଶ୍ୟକ ଥିଲା ଯେ ବିଗତ ଅବହେଳା ଯୋଗୁ ଇସ୍‌ତେଗ୍‌ଫାର୍ କରିଥାନ୍ତେ ଓ ଆସନ୍ତା ପାଇଁ ଅଲ୍ଲାଃତାଲାଙ୍କ ନିକଟରେ ସ୍ୱଷ୍ଟ ଭାବେ ଦୁଆ କରିଥାନ୍ତେ ଯେ ଏମାନଙ୍କ ଫିତ୍‌ନାରୁ ସେ ମୁସଲ୍‌ମାନ୍‌ମାନଙ୍କୁ ବଂଚାନ୍ତୁ ଏବଂ ଜିହାଦ୍ ବିଲ୍ କୁର୍‌ଆନ୍ ଆରମ୍ଭ କରିଦେଇଥାନ୍ତେ । ଯଦ୍ୱାରା ପୂର୍ବରେ ହୋଇଥିବା ଅବହେଳା ଗୁଡିକ ଦୂର ହୋଇଯାଇଥାନ୍ତା ଏବଂ ପବିତ୍ର କୁର୍‌ଆନ୍‌ର ବର୍‌କତ୍‌ରୁ ଇସାଇମାନଙ୍କ ଶକ୍ତି ଭଙ୍ଗ ହୋଇଯାଇଥାନ୍ତା କିନ୍ତୁ ସେମାନେ ତରବାରି ସହିତ ଯୁଦ୍ଧର ଅସମୟରେ ପ୍ରକାଶ କରି ଇସାଇମାନଙ୍କୁ ଇସ୍‌ଲାମ୍ ବିରୋଧରେ ପ୍ରପଗଣ୍ଡା କରିବା ପାଇଁ ଅବସର ଦେଇଦେଲେ ଓ ଏହାଦ୍ୱାରା ପ୍ରଭାବିତ ହୋଇ ହଜାର ହଜାର ମୁସଲ୍‌ମାନ୍ ଇସାଇ ହୋଇଗଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।* ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହିଁ ଏପରି ଜଣେ ବ୍ୟକ୍ତି ଥିଲେ ଯିଏ ଏହି ଦୁର୍ବଳତା ପ୍ରତି ଧ୍ୟାନ ଆକର୍ଷଣ କରାଇଲେ କିନ୍ତୁ ଏଥିଯୋଗୁ ତାଙ୍କ ଉପରେ କୁଫ୍‌ରୁ (ଅର୍ଥାତ୍ ଅମାନ୍ୟକାରୀ ଓ ଅବିଶ୍ୱାସକାରୀ)ର ଫତ୍‌ଓ୍ୱା ଲଗାଗଲା ଏବଂ କୁହାଗଲା ଯେ ଏହିବ୍ୟକ୍ତି ଇସ୍‌ଲାମ୍‌ର ଉନ୍ନତିର ଶତୃ ଅଟେ । ଯେବେ କି ଇସ୍‌ଲାମ୍‌ର ଉନ୍ନତି ହେବାର ଏକମାତ୍ର ମାଧ୍ୟମ ହେଉଛି ଏ ଯୁଗରେ ଇସ୍‌ଲାମ୍‌ର ସଠିକ୍ ଶିକ୍ଷାକୁ ପ୍ରଚାର ପ୍ରସାର କରିବା ଯଦ୍ୱାରା ଇସାଇମାନଙ୍କର ଗୋଟିଏ ଭାଗକୁ ଜିତାଯାଇପାରିବ ଏବଂ ବାକିଭାଗଙ୍କ ହୃଦୟରୁ ଭୁଲ୍ ବୁଝାମଣାକୁ ଦୂର କରାଯାଇପାରିବ କିନ୍ତୁ ଦୁଃଖ ଲାଗୁଛି ଯେ ଏହି ଖିଦ୍‌ମତ୍ କରିବା ଯୋଗୁ ଆପଣ ଆ:ସଙ୍କୁ ମୁସଲ୍‌ମାନ୍‌ମାନେ ଏତେ ମାତ୍ରାରେ ଗାଳିଗୁଲଜ ଦେଇଛନ୍ତି ଯେ ବୋଧହୁଏ ଅନ୍ୟକୌଣସି ନବୀ (ଓ ଅବତାରମାନଙ୍କୁ) ଏତେମାତ୍ରାରେ ଗାଳିଗୁଲଜ ମିଳିନଥିବ.... ଏହି ଅତ୍ୟାଚାରର ପ୍ରତିଶୋଧ କୟାମତ ଦିନ ଆମେ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ଜରିଆରେ ନେବା । ସେ ସ୍ୱୟଂ ସେହି ଅତ୍ୟାଚାରୀମାନଙ୍କ ଉପରେ ନିଜର ଅପ୍ରସନ୍ନତାର ପରିପ୍ରକାଶ କରିବେ ଏବଂ ଆମ ହୃଦୟ ଉପରେ ସନ୍ତୁଷ୍ଟତାର ମଲମ ରଖିଦେବେ । *ଇନ୍‌ଶାଅଲ୍ଲାଃ ତାଆଲା....*  ସେ ଯାହାହେଉ *ଫଲା ତାଅଜଲ୍ ଆଲୈହିମ୍* ରେ ଜିହାଦ୍‌ର ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ରୂପେ ସ୍ୱଷ୍ଟ କରିଦିଆଯାଇଛି ଏବଂ ଅଲ୍ଲାଃତାଲା ଏହା ବତାଇ ଦେଇଛନ୍ତି ଯେ ଆମେ ସେମାନଙ୍କ ପାଇଁ ଗୋଟିଏ ସମୟ ଧାର୍ଯ୍ୟ କରିଛୁ ଏବଂ ଆମେ ସେମାନଙ୍କ ଧ୍ୱଂସ ହେବାର ଘଡିକୁ ଗଣୁଅଛୁ । ଯେତେବେଳେ ସେ ସମୟ ଆସିବ ସେତେବେଳେ ଆମେ ନିଜେ ହିଁ ଧରିନେବୁ । (ତଫସିର୍ କବୀର୍, ଖଣ୍ଡ-୫, ପୃଷ୍ଠା-୩୬୫)

ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ *ଫଲାତୁତିଇଲ୍ କାଫିରିନା ଓ୍ୱଜାହିଦ୍‌ହୁମ୍ ବିହି ଜିହାଦନ୍ କବୀରା* ଆୟତର ତଫସିର୍ କରି କହୁଛନ୍ତି:-

ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହିଛନ୍ତି ଯେ- *ଓ୍ୱଜାହିଦ୍‌ହୁମ୍ ବିହି ଜିହାଦନ୍ କବୀରା* (ଫୁର୍‌କାନ୍ ରୁକୁ ୫) ଅର୍ଥାତ୍ ହେ ମୁହମ୍ମଦ୍ ରସୁଲଲ୍ଲାଃ ! ତୁମକୁ ଯୁଦ୍ଧ କରିବାକୁ ହେବ କିନ୍ତୁ ସେହି ଯୁଦ୍ଧଗୁଡିକ ତୁମ ଜୀବନର ଉଦ୍ଦେଶ୍ୟ ହେବନାହିଁ ବରଂ ତୁମ ଜୀବନର କାର୍ଯ୍ୟଗୁଡିକ ମଧ୍ୟରୁ ଗୋଟିଏ ବହୁତ ଛୋଟିଆ ଅଂଶ ହେବ । ତୁମ ଜୀବନର ଉଦ୍ଦେଶ୍ୟ ହେଉଛି ଏହା କି କୁର୍‌ଆନ୍ ଦ୍ୱାରା ନିଜ କୌମ୍ ସହିତ ଯୁଦ୍ଧ କର, ଏହି ଯୁଦ୍ଧ ହିଁ ବଡ ଯୁଦ୍ଧ ବୋଲାଇବ । ଆ ତୁଳନାରେ ତରବାରି ସହିତ ଯୁଦ୍ଧ କରିବା ଛୋଟ ବୋଲାଇବ ।

ଏବେ ଦେଖିନିଅନ୍ତୁ ଏହି ଭବିଷ୍ୟବାଣୀ କେଡେ ଶାନ୍‌ର ସହିତ ପୁରଣ ହେଲା । ମକ୍କାବାସୀଙ୍କୁ ଅବଶ୍ୟ କେତେକ ଆରବର କବିଲା ମାନଙ୍କ ସହିତ ଯୁଦ୍ଧ କରିବାକୁ ପଡିଲା କିନ୍ତୁ ସେହି କବିଲା ଗୁଡିକ ମଧ୍ୟ ଛୋଟ ଛୋଟ ଥିଲେ ଓ ତାହାର ଫଳାଫଳ ମଧ୍ୟ ଛୋଟ ଥିଲା । କିନ୍ତୁ ଯେଉଁ ଯୁଦ୍ଧ ଆପଣଙ୍କୁ ପବିତ୍ର କୋରାନ୍ ଜରିଆରେ କରିବାକୁ ପଡିଲା ତାହା ଆରବୀୟ ଲୋକମାନଙ୍କ ସହିତ ମଧ୍ୟ ହେଲା, ଇରାନ୍ ସହିତ ମଧ୍ୟ ହେଲା ଏବଂ ପୁଣି ପରେ ସାରା ଦୁନିଆ ସହିତ ହେଲା ଏବଂ ହେଉଅଛି । ଯେଉଁଦିନ ଏହି ଯୁଦ୍ଧର ଫଳାଫଳ ବାହାରିବ, ସାରା ଦୁନିଆର ହୃଦୟ ଇସ୍‌ଲାମ୍ ପାଇଁ ଖୋଲିଯିବ । ଏବଂ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ବାଦ୍‌ଶାହାତ୍ (ସାମ୍ରାଜ୍ୟ) ସମତଳଭୂମି ଏବଂ ସମୂଦ୍ର ଗୁଡିକୁ ଲଂଘି ଦୁନିଆର କୋଣ ଅନୁକୋଣରେ ପହଂଚିଯିବ । ଆ ମୁକାବିଲାରେ ବାହ୍ୟ ଯୁଦ୍ଧ ଗୁଡିକର ଫଳାଫଳ ବହୁତ ଛୋଟିଆ ଥିଲା କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ଏପରି ସ୍ୱଷ୍ଟ ଆୟତ ମହଜୁଦ୍ ଥିବାରେ ମଧ୍ୟ ପାଶ୍ଚାତ୍ୟ ଲୋକମାନେ ଏପର୍ଯ୍ୟନ୍ତ ଏ

*ଅବଶିଷ୍ଟାଂଶ ପୃଷ୍ଠା - ୩୪ ରେ ଦେଖନ୍ତୁ...*

## ନିଜର ସମସ୍ତ ଶକ୍ତି ଓ ସମ୍ବଳକୁ ବିନିଯୋଗ କରି ଅଲ୍ଲାଃତାଲାଙ୍କ ମାର୍ଗରେ ଜିହାଦ୍ କର ଏବଂ ଏହି ସବୁ ପ୍ରୟାସ ଓ ଜିହାଦକୁ ନିଜର ଶୀର୍ଷ ସ୍ଥାନରେ ପହଂଚାଅ

**(ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ (ତୃତୀୟ) ରହ୍‌ମୁଲ୍ଲାହୋ ତାଆଲାଙ୍କ ପବିତ୍ର କଥନ)**

### ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ଲଗାଇ ଅଲ୍ଲାଃତାଲାଙ୍କ ମାର୍ଗରେ ଜିହାଦ୍ କର ଏବଂ ଏହି ଚେଷ୍ଟାକୁ ଶେଷ ସୀମାରେ ପହଂଚାଅ

ଇବ୍ରାହିମ୍ ଦୁଆ ଏବଂ ସେହି ଭବିଷ୍ୟବାଣୀ ଗୁଡିକ ମୁତାବକ ଯାହା ପୂର୍ବରୁ ଆସିଥିବା ଐଶି ପୁସ୍ତକ ଗୁଡିକରେ ମିଳୁଥିଲା ଅଲ୍ଲାଃତାଲା ନବୀ ଅକ୍‌ରମ୍ ସ:ଆ:ସଙ୍କ ଜରିଆରେ ଗୋଟିଏ ଉମ୍ମତେ ମୁସ୍‌ଲିମାକୁ ସ୍ଥାପନ କଲେ । ଯେପରିକି ପବିତ୍ର କୋରାନ୍‌ର ସୁରଃ ହଜ୍‌ରେ କହୁଛନ୍ତି:-

وَجَاهِدُوْا فِي اللّٰهِ حَقَّ جِهَادِهٖ هُوَ اجْتَبٰىكُمْ وَمَا جَعَلَ عَلَيْكُمْ فِي الدِّيْنِ مِنْ حَرَجٍ
مِلَّةَ اَبِيْكُمْ اِبْرٰهِيْمَ هُوَ سَمّٰىكُمُ الْمُسْلِمِيْنَ مِنْ قَبْلُ وَفِيْ هٰذَا لِيَكُوْنَ الرَّسُوْلُ
شَهِيْدًا عَلَيْكُمْ وَتَكُوْنُوْا شُهَدَآءَ عَلَى النَّاسِ فَاَقِيْمُوا الصَّلٰوةَ وَاٰتُوا الزَّكٰوةَ
وَاعْتَصِمُوْا بِاللّٰهِ هُوَ مَوْلٰىكُمْ فَنِعْمَ الْمَوْلٰى وَنِعْمَ النَّصِيْرُ (سورة الحج:79)

ଏଠାରେ ଅଲ୍ଲାଃତାଲା ଏହା କହିଛନ୍ତି ଯେ ନିଜର ସମସ୍ତ ଶକ୍ତି ଓ ନିଜର ସମସ୍ତ ବଳ ଓ ନିଜର ସମସ୍ତ ସାମର୍ଥ୍ୟ ସହିତ ଅଲ୍ଲାଃତାଲାଙ୍କ ମାର୍ଗରେ ଜିହାଦ୍ କର ଏବଂ ଏହି ଚେଷ୍ଟା ଓ ଏହି ଜିହାଦ୍‌କୁ ଶେଷ ସୀମାରେ ପହଂଚାଇଦିଅ **(ହକ୍‌କା ଜିହାଦିହି)** ଏହାର ହକ୍‌କୁ ପୁରା କର କାରଣ ସେ ତୁମକୁ ନିର୍ବାଚିତ କରିଛନ୍ତି ଓ ତୁମକୁ ସମ୍ମାନ ଦେଇଛନ୍ତି ଏବଂ ତୁମକୁ ପୁର୍ଣ୍ଣଧର୍ମ ପ୍ରଦାନ କରିଛନ୍ତି । ସର୍ବୋତମ ନିର୍ଦ୍ଦେଶାବଳୀ ଗୁଡିକ ତୁମମାନଙ୍କ ପାଇଁ ଅବତୀର୍ଣ୍ଣ କରିଛନ୍ତି ଏବଂ ଏହି ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରିଚାଳିତ ହେବାପାଇଁ ଯେଉଁ ଶକ୍ତି ଓ ଯେଉଁ ବଳର ଆବଶ୍ୟକତା ଥିଲା ତାହା ମଧ୍ୟ ତତ୍‌ସହିତ ତୁମକୁ ପ୍ରଦାନ କରାଯାଇଛି । ତେଣୁ ଏହି ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରିଚାଳିତ ହେବାଦ୍ୱାରା ତୁମ ଉପରେ କୌଣସି କଷ୍ଟ ହେବନାହିଁ । ତୁମର ବାପା ଇବ୍ରାହିମ୍‌ଙ୍କ ସମ୍ପ୍ରଦାୟ ! ଅଲ୍ଲାଃ ତୁମର ନାମକୁ *ଅଲ୍‌ମୁସ୍‌ଲିମିନ୍* ଦେଇଛନ୍ତି । ଉମ୍ମତେ ମୁସ୍‌ଲିମା ଅଭିହିତ କରିଛନ୍ତି । ତୁମ ସମ୍ବନ୍ଧରେ ଏହି ନାମଟି ପୂର୍ବ ପୁସ୍ତକ ଗୁଡିକରେ ମଧ୍ୟ ବ୍ୟବହାର ହୋଇଥିଲା ଏବଂ ପବିତ୍ର କୋରାନ୍‌ରେ ମଧ୍ୟ ତୁମକୁ ***ଉମ୍ମତନ୍ ମୁସ୍‌ଲିମତନ୍-ଅଲ୍‌ମୁସ୍‌ଲିମିନ୍*** ର ନାମ ଧରି ମନେ ପକାଉଛି ଏବଂ ଏହି ନାମ ସେହି ପ୍ରାର୍ଥନାର ଫଳ ଅଟେ ଯାହାକୁ ହଜ୍‌ରତ୍ ଇବ୍ରାହିମ୍ ଆଲୈହିସ୍ ସଲାମ୍ କରିଥିଲେ ଯେ ଗୋଟିଏ ଉମ୍ମତେ ମୁସ୍‌ଲିମା ଦୁନିଆରେ ସ୍ଥାପନ କରାଯାଉ । (ଏହି ସର୍ବୋତମ ରସୁଲ୍‌ଙ୍କ ଆବିର୍ଭାବ ସହିତ) ଏବଂ ତାଙ୍କର ସନ୍ତାନମାନେ ମଧ୍ୟ ଉମ୍ମତେ ମୁସ୍‌ଲିମାରେ ସାମିଲ୍ ହୁଅନ୍ତୁ । ସୁତରାଂ ଖାନା କାବାର ଉଦ୍ଦେଶ୍ୟ ଗୁଡିକ ସହିତ ସମ୍ପର୍କ ରଖିଥିବା ଯେଉଁ ଆୟତ ଗୁଡିକ ଅଛନ୍ତି ସେଥି ମଧ୍ୟରୁ ***ୱମିନ୍ ଜୁର୍‌ରିୟତିନା ଉମ୍ମତମ୍ ମୁସ୍‌ଲିମତଲ୍ ଲକା*** ର ଦୁଆ ଥିଲା । ପବିତ୍ର କୋରାନ୍ ସୁରଃ ହଜ୍‌ର ଏହି ଆୟତ୍‌ରେ ଏ ଦାବୀ କରିଥାଏ ଯେ ଉକ୍ତ ଦୁଆ କବୁଲ୍ ଅର୍ଥାତ୍ ଗ୍ରହଣୀୟ ହୋଇଗଲା ଏବଂ ଯେଉଁ ଭବିଷ୍ୟବାଣୀ ଗୁଡିକ ପୂର୍ବ ପୁସ୍ତକ ଗୁଡିକରେ କରାଯାଇଥିଲା ସେଗୁଡିକ ପୂରଣ ହେବାର ସମୟ ଆସିଗଲା । ଆଁ ହଜ୍‌ରତ୍ ସ:ଆ:ସ ଆବିର୍ଭାବ ହୋଇସାରିଛନ୍ତି ଏବଂ ଉମ୍ମତେ ମୁସ୍‌ଲିମା ସ୍ଥାପନ ହୋଇଯାଇଛି ଏବଂ ଏଥି ସକାଶେ ସ୍ଥାପନ ହୋଇଛି ଯେ ମନୁଷ୍ୟ ଭିତରେ ଯେଉଁ ଆଧ୍ୟାତ୍ମିକ ଓ ଚାରିତ୍ରିକ ଶକ୍ତି, ସାମର୍ଥ୍ୟ ଓ ବଳକୁ ରଖାଯାଇଥିଲା ସେ ସବୁର ପରିପ୍ରକାଶ କରିବାର ସମୟ ଆସିଯାଇଛି । ଏବେ ଏ ଦୁନିଆ ଦେଖିବ ଯେ ମଣିଷ ନିଜ ପାଳନକର୍ତାଙ୍କ ମାର୍ଗରେ ନିଜର ଶକ୍ତିକୁ କିପରି ଖର୍ଚ୍ଚ କରୁଅଛି ଏବଂ ନିଜର ସାମର୍ଥ୍ୟକୁ ସେ ନିଜ ଶେଷ ସୀମା ପର୍ଯ୍ୟନ୍ତ କିପରି ପହଂଚାଉଛି । (ଖୁତ୍‌ବାତେ ନାସିର୍, ଖଣ୍ଡ-୧, ପୃଷ୍ଠା-୭୩୨, ଖୁତ୍‌ବାଜୁମା-୯ ଜୁନ୍ ୧୯୬୭)

### ସାରା ଦୁନିଆର ଆଟମ୍‌ବମ୍ ଏବଂ ହାଇଡ୍ରୋଜେନ୍‌ବମ୍ ମିଶିକରି ମଧ୍ୟ ଗୋଟିଏ ହୃଦୟକୁ ପରିବର୍ତନ କରିପାରିବେ ନାହିଁ ।

ବର୍ତମାନ ଅଲ୍ଲାଃତାଲା ଖିଲାଫତେ ସାଲ୍‌ସା (ତୃତୀୟ)ଙ୍କ ଜରିଆରେ ଦଲିଲ୍ ସହିତ ଏବଂ ଐଶି ନିଦର୍ଶନ ସହିତ ଗଲ୍‌ବା ଇସ୍‌ଲାମ୍ ଅର୍ଥାତ୍ ଇସ୍‌ଲାମ୍‌ର ବିଜୟ ପାଇଁ ଅଧିକରୁ ଅଧିକ ସାମାନ୍ ସୃଷ୍ଟି କରିଚାଲିଛି ଏବଂ କରିଚାଲିବ ଯେପର୍ଯ୍ୟନ୍ତ ତାହା ଶେଷ ଗଲ୍‌ବା ଇସ୍‌ଲାମ୍‌କୁ ହାସଲ ନକରି ଦେଇଛି, ଯାହାପାଇଁ ହଜ୍‌ରତ ମସିହ୍ ମଉଦ୍ ଆ:ସ ଆବିର୍ଭାବ ହୋଇଛନ୍ତି ଏବଂ ସମସ୍ତ ମାନବଜାତି ଯେପର୍ଯ୍ୟନ୍ତ ଇସ୍‌ଲାମ୍‌ରେ ଦାଖିଲ୍ ହୋଇ ନବୀ ଅକ୍‌ରମ୍ ସ:ଆ:ସଙ୍କ ପାଇଁ ଉତ୍ସର୍ଗ ନ ହୋଇଛନ୍ତି । ଏହି ବିଜୟ ପ୍ରାପ୍ତ କରିବା ପାଇଁ ଯେଉଁ ଜିହାଦ୍‌ର ଆବଶ୍ୟକ ରହିଛି ତାହା ତରବାରିର ଜିହାଦ୍ ନୁହେଁ କାରଣ ଇସ୍‌ଲାମ୍ ବିରୁଦ୍ଧରେ ତରବାରିକୁ ବାହାର କରାଯାଉନାହିଁ ନା ଧର୍ମକୁ ନିଃଶେଷ କରିଦେବା ପାଇଁ ଆଟମ୍‌ବମ୍ ପ୍ରୟୋଗ କରାଯାଉଛି । ଶତୃମାନଙ୍କୁ ଧ୍ୱଂସ କରିବା ପାଇଁ ଆଟମ୍‌ବମ୍ ବ୍ୟବହାର କରାଯାଇଥାଏ ଏବଂ ହେବା ମଧ୍ୟ ଉଚିତ୍ କାରଣ ତାହାର ବିଧ୍ୱଂସକାରୀ ପ୍ରଭାବ ଶରୀର ଉପରେ ପଡିଥାଏ । କିନ୍ତୁ ଧର୍ମର ମୁକାବିଲାରେ ନା ତ ଆଟମ୍‌ବମ୍ ପ୍ରୟୋଗ କରାଯାଇଥାଏ ନା ପ୍ରୟୋଗ କରାଯାଇପାରିବ କାରଣ ଯେପରିକି ମୁଁ ୟୁରୋପ୍‌କୁ କହିଛି ଓ ଏବେ ମଧ୍ୟ ବତାଇଛି ଯେ ସାରା ଦୁନିଆର ଆଟମ୍‌ବମ୍ ଏବଂ ହାଇଡ୍ରୋଜେନ୍ ବମ୍ ମିଶିଯାଇ ମଧ୍ୟ ଗୋଟିଏ ହୃଦୟ ଭିତରେ କୌଣସି ପରିବର୍ତନ ଆଣିପାରିବେ ନାହିଁ । ଲକ୍ଷ ଲକ୍ଷ କୋଟି କୋଟି ଲୋକଙ୍କୁ ଧ୍ୱଂସ କରିପାରିବେ, ଏଥିରେ କୌଣସି ସନ୍ଦେହ ନାହିଁ କିନ୍ତୁ ଗୋଟିଏ ହୃଦୟ ଭିତରେ ତାହା ପରିବର୍ତନ ସୃଷ୍ଟି କରିପାରିବ ନାହିଁ । ସେହି କୃପାକୁ ଅଲ୍ଲାଃତାଲା ଆମ ସହିତ ସାମିଲ୍ କରିଦେଇଛନ୍ତି । ଆମେ ତାହାର ପ୍ରଶଂସା ଗାନ କରୁଅଛୁ । (ଖୁତ୍‌ବାତେ ନାସିର୍, ଖଣ୍ଡ-୩, ପୃଷ୍ଠା-୨୪୭, ଖୁତ୍‌ବାଜୁମା ୩୧ ଜୁଲାଇ ୧୯୭୦)

### ଆତ୍ମସୁଦ୍ଧି ଏବଂ କୋରାନ୍‌ର ଜ୍ୟୋତି ଜରିଆରେ ସଇତାନି ଅନ୍ଧକାର ବିରୋଧରେ ଜିହାଦ୍ କରିବା ହେଉଛି ଆପୋଷରେ ଅନିର୍ବାର୍ଯ୍ୟ

ଯେଉଁଠି ଜିହାଦ୍‌ର ସମ୍ପର୍କ ରହିଛି ତାହାକୁ ତିନିଭାଗରେ ବିଭକ୍ତ କରାଯାଇଛି । ପ୍ରଥମ ଜିହାଦ୍ ମୂଳତଃ ମନ ବିରୁଦ୍ଧରେ ଜିହାଦ୍ କରିବା ଅର୍ଥାତ୍ ଏପରି ମନର କାମନା ଯାହା ମଣିଷର ପ୍ରକୃତି ଏବଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତାର ବିରୋଧ କରୁଥିବ, ସେ ସବୁର ମୁକାବିଲା କରିବା, ସେ ସବୁକୁ ଦବାଇଦେବା ଓ ସେଗୁଡିକର ପ୍ରଭାବକୁ ଗ୍ରହଣ ନକରିବା । ତାଠାରୁ ବଳି ଏହା କି ତାକୁ ନିଜର ସାମର୍ଥ୍ୟର ପରିଧି ଭିତରେ ରଖି ଉଚ୍ଚତମ ସ୍ଥାନରେ ପହଂଚାଇ ଅଲ୍ଲାଃତାଲାଙ୍କ ଅତ୍ୟନ୍ତ ପ୍ରେମକୁ ହାସଲ କରିବା । ଏହା ଏକ ବୁନିଆଦି ଜିହାଦ୍ ଯାହାକୁ ଜିହାଦେ ଅକ୍‌ବର୍ କୁହାଯାଏ । ଏହିଠାରୁ ହିଁ ଜିହାଦ୍‌ର ମୂଳଦୁଆ ଆରମ୍ଭ ହୋଇଥାଏ ଏବଂ ତା ଉପରେ ପୁଣି ଦ୍ୱିତୀୟ ଜିହାଦ୍‌ର ଅଟ୍ଟାଳିକାଟି ଛିଡା ହୋଇଥାଏ । ଯେପର୍ଯ୍ୟନ୍ତ ମନ ସହିତ ସଫଳତାର ଜିହାଦ୍ ନହେବ ଅନ୍ୟ ଦୁଇଟି ଜିହାଦ୍ ସମ୍ଭବ ହେବନାହିଁ । ସୁତରାଂ ନିଜ ମନ ବିରୋଧରେ ମଣିଷର ଜିହାଦ୍ ଅର୍ଥାତ୍ ସଇତାନି ପ୍ରବଂଚନା ଏବଂ ସଇତାନ୍‌ଦ୍ୱାରା ସୃଷ୍ଟି ହୋଇଥିବା ଅଭିଳାସ ବିରୋଧରେ ଜିହାଦ୍‌ର ସଫଳତା ଏବଂ ଆତ୍ମଶୁଦ୍ଧି ଉପରେ ଏହି ଦୁଇଟି ଜିହାଦ୍‌ର ସଫଳତାର ଆଧାର ରହିଛି କାରଣ ଏହା ହେଉଛି ସବୁଠାରୁ ବଡ ଜିହାଦ୍ । ଅନ୍ୟ ଦୁଇଟି ଜିହାଦ୍ ଏହାର ମୂଳଦୁଆ ଉପରେ ଉଠିଥାଏ । ତେଣୁ ଯଦି ଏହି ମୂଳଜିହାଦ୍ ସଫଳ ନହେବ ତେବେ ଅନ୍ୟ ଦୁଇଟି ଜିହାଦ୍‌ର ସଫଳତା ସମ୍ଭବ ନୁହେଁ । ତେଣୁ ସର୍ବପ୍ରଥମେ ନିଜର ଆତ୍ମଶୁଦ୍ଧି ହେବା ଜରୁରୀ ।

ଦ୍ୱିତୀୟ ଜିହାଦ୍ ହେଉଛି ପବିତ୍ର କୋରାନ୍ ଏବଂ ତାହାର ପ୍ରକାଶନର ଜିହାଦ୍ ଏହାକୁ ଜିହାଦେ କବୀର୍ କୁହାଯାଏ । ଏହା ଜିହାଦେ ଅକ୍‌ବର୍ ଅର୍ଥାତ୍ ଆତ୍ମଶୁଦ୍ଧିର ଜିହାଦ୍‌ରୁ ବାହାରିଥାଏ । ଆପୋଷରେ ଏମାନଙ୍କର ଗଭୀର ସମ୍ବନ୍ଧ ରହିଛି କାରଣ ମନ ବିରୁଦ୍ଧରେ ଜିହାଦ୍ କରିବା ପବିତ୍ର କୋରାନ୍‌ର ଶିକ୍ଷା ଓ ପବିତ୍ର କୋରାନ୍‌ର ଜ୍ୟୋତି ବିନା ସମ୍ଭବ ହିଁ ନୁହେଁ । ଏବେ ଯେଉଁଠି ମନ ବିରୁଦ୍ଧରେ ଜିହାଦ୍ କରିବାର ସମ୍ବନ୍ଧ ରହିଛି ଏହା ପରିଶେଷରେ ସର୍ବାଗ୍ରେ ନଚେତ୍ ଏହା ମାନିବାକୁ ପଡ଼ିବ ଯେ ନିଜେ ଅମଳ ନକରି ଅନ୍ୟମାନଙ୍କୁ ଉପଦେଶ ଦେଉଅଛେ ତେଣୁ ପବିତ୍ର କୋରାନ୍‌ର ନିର୍ଦ୍ଦେଶ ମୁତାବକ ମନର ଇଚ୍ଛାଗୁଡିକର ବିରୋଧରେ ଜିହାଦ୍ କରିବା ଅର୍ଥାତ୍ ମନର ସୁଧାର ଏବଂ ପବିତ୍ର କୋରାନ୍‌ର ଜ୍ୟୋତି ଜରିଆରେ ସଇତାନି ଅନ୍ଧକାର ବିରୁଦ୍ଧରେ ଜିହାଦ୍ କରିବା ଆପୋଷରେ ଅନିର୍ବାର୍ଯ୍ୟ । ଯେତେବେଳେ ମନୁଷ୍ୟର ଇଚ୍ଛା ଏବଂ ସଇତାନି ଶଙ୍କା ମନୁଷ୍ୟର ଆତ୍ମାକୁ ଘେରାଉ କରିବା ପାଇଁ ଚେଷ୍ଟା କରିଥାନ୍ତି ତାକୁ ଏବଂ ତାକୁ ଜନ୍ମ ଦେଇଥିବା ପାଳନକର୍ତାଙ୍କ ମଧ୍ୟରେ ଦୂରତା ସୃଷ୍ଟି କରିବା ପାଇଁ ଚେଷ୍ଟା କରିଥାନ୍ତି ତେବେ ତାଙ୍କଠାରୁ ବଂଚିବା ପାଇଁ ଅର୍ଥାତ୍ ମନକୁ ସୁଧାରିବା ପାଇଁ ମଣିଷ ପବିତ୍ର କୋରାନ୍‌କୁ ମାଧ୍ୟମ ବନାଇଥାଏ । ପୁଣି କୋରାନ୍‌ର ଜ୍ୟୋତିକୁ ପ୍ରସାର କରିବା କୋରାନ୍‌ର ଜ୍ୟୋତି ଜରିଆରେ ହିଁ ସମ୍ଭବ । ଯେପରି କି କୁହାଯାଇଛି-

*ମୁହମ୍ମଦ୍[ସ:ଆ:ସ] ହସ୍ତ୍ ବୁର୍‌ହାନେ ମୁହମ୍ମଦ୍[ସ:ଆ:ସ]*

ସେହିପରି ଏହା ମଧ୍ୟ ଏକ ବାସ୍ତବିକ କଥା ଯେ (ଯେମିତି ଅଲ୍ଲାଃତାଲା ଚାହୁଁଛନ୍ତି) କୋରାନ୍‌ର ଜ୍ୟୋତିର ପ୍ରକାଶନ ଏବଂ ପବିତ୍ର କୋରାନ୍‌ର ରାଜତ୍ୱକୁ ସ୍ଥାପନ କରିବା କୋରାନ୍‌ର ଜ୍ୟୋତି ବିନା ସମ୍ଭବ ନୁହେଁ । ସୁତରାଂ ଯେବେ ନିଜ ମନ ଭିତରେ ସେହି ଜ୍ୟୋତି ଗୁଡିକୁ ଆୟତ କରିନେଲେ ତେବେ ପୁଣି ସେହି ଜ୍ୟୋତି ଗୁଡିକୁ ନେଇ ଦୁନିଆକୁ ସୁଧାରିବା ପାଇଁ ବାହାରିଯିବାକୁ ହେବ ଏବଂ କୋରାନ୍‌ର ପ୍ରକାଶନ କରିବାକୁ

*ଅବିଶିଷ୍ଟାଂଶ ପୃଷ୍ଠା-୩୦ ରେ ଦେଖନ୍ତୁ......*

# ନିଜ ପାଳନକର୍ତ୍ତାଙ୍କ ପ୍ରତି ମାନବଜାତିକୁ ଆହ୍ୱାନ୍ ଦେବା ହେଉଛି ପ୍ରକୃତ ପକ୍ଷେ ପ୍ରଥମ ଓ ସର୍ବୋତମ ଜିହାଦ୍

## (ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ରହ୍‌ମହୁଲ୍ଲାହୋ ତାଆଲାଙ୍କ ପବିତ୍ର କଥନ)

### ଅନ୍ୟ ସମସ୍ତ ଧର୍ମ ଉପରେ ଇସ୍‌ଲାମ୍‌କୁ ବିଜୟ ପ୍ରଦାନ କରିବାର ବାସ୍ତବିକତା

ଯେତେବେଳେ ଏକଥା କୁହାଯାଉଛି ଯେ ଏହି ଉଦ୍ଦେଶ୍ୟ ପାଇଁ ଇସ୍‌ଲାମ୍‌କୁ ସୃଷ୍ଟି କରାଯାଇଛି କି ଦୁନିଆର ସମସ୍ତ ଧର୍ମ ଉପରେ ଏହା ବିଜୟ ଲାଭ କରୁ । ତେବେ ଏହାର ଅର୍ଥ କଦାପି ଏପରି ନୁହେଁ ଯେ ତରବାରିକୁ ହାତରେ ଧରାଯାଉ ଅର୍ଥାତ୍ ମୁସଲ୍‌ମାନ୍‌ମାନଙ୍କୁ ଏ ଶିକ୍ଷା ଦିଆଯାଇଅଛି କି ତୁମେ ତରବାରିକୁ ହାତରେ ଧରି ସାରା ଦୁନିଆରେ ଯେତେକ (ଇସ୍‌ଲାମ୍‌ର) ଅମାନ୍ୟକାରୀ ଅଛନ୍ତି, ସେମାନଙ୍କ ମୁଣ୍ଡ କାଟିଚାଲ ଓ ଯିଏ (ଇସ୍‌ଲାମ୍‌କୁ) ସ୍ୱୀକାର କରିନେବ ଓ ମୁଣ୍ଡ ନୁଆଁଇଦେବ କେବଳ ତାଙ୍କୁ ହିଁ ଶାନ୍ତିର ବାର୍ତ୍ତା ଦିଅ, ବାକି ଅନ୍ୟ ସମସ୍ତଙ୍କ ପାଇଁ ତୁମେ ବିଭ୍ରାଟ ଓ ଯୁଦ୍ଧର ବାର୍ତ୍ତା ହୋଇଯାଅ । ଏକଥା ନା ତ ବୁଦ୍ଧି ସଂଗତ କଥା ନା ବ୍ୟବହାରିକ ରୂପେ ସଂସାରରେ ଏପରି ହୋଇପାରେ ନା କେବେ ହୋଇଛି । ସେଇଥିପାଇଁ ଜମାତ୍ ଅହେମଦୀୟାକୁ ସର୍ବଦା ଏ ସିଦ୍ଧାନ୍ତକୁ ଆଖି ଆଗରେ ରଖିବା ଉଚିତ୍ ଯେ ଯେବେ ଆମେ ମୁକାବିଲା, ଜିହାଦ୍ ଏବଂ ମାନବଜାତି ଉପରେ ଇସ୍‌ଲାମ୍‌କୁ ବିଜୟ ପ୍ରଦାନ କରିବାର କଥା କହିଥାଉ ସେତେବେଳେ କୁର୍‌ଆନ୍ ଏବଂ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ପାରିଭାସିକ ଭାଷାରେ କଥା କହିଥବ ଏବଂ ଦୁନିଆର ପରିଭାଷା ସହିତ ଏହାର କୌଣସି ସମ୍ପର୍କ ନଥାଏ । ସୁତରାଂ ଏହି କାରଣ ଯୋଗୁ ବର୍ତମାନ ସମୟରେ ବିପତିରେ ସେହି ମୁସଲ୍‌ମାନ୍‌ମାନେ ପଡିଛନ୍ତି ଯେଉଁମାନେ ଏକଥାକୁ ବୁଝିପାରୁନାହାଁନ୍ତି, ନା ବୁଝିପାରିବେ । ସ୍ଥାନେସ୍ଥାନେ ନିଜକୁ ଅସୁବିଧା ଓ କଠିନ ପରିସ୍ଥିତିରେ ପାଉଛନ୍ତି ଏବଂ ଦିନକୁ ଦିନ ସେମାନଙ୍କ ଅବସ୍ଥା ଖରାପ ହୋଇଚାଲିଛି, କାରଣ ସେମାନଙ୍କ ମାର୍ଗଦର୍ଶକ (ଅର୍ଥାତ୍ ଧର୍ମଗୁରୁ)ମାନେ ସେମାନଙ୍କୁ ଭୁଲ୍ ଶିକ୍ଷା ଦେଉଛନ୍ତି । ବିଭିନ୍ନ ଦେଶଗୁଡିକରେ ଦୁର୍ବଳ ସଂଖ୍ୟାଲଘୁମାନେ ଅଛନ୍ତି । ତେଣୁ ଇସ୍‌ଲାମୀୟ ଶିକ୍ଷାକୁ ଭୁଲ୍‌ଭାବେ ଉପସ୍ଥାପନ କରାଯିବା ଫଳରେ ସେମାନେ ନିଜ ପ୍ରତିକ୍ରିୟାକୁ ସଠିକ୍ ମାର୍ଗରେ ପରିପ୍ରକାଶ କରିପାରୁନାହାଁନ୍ତି । ଭୁଲ୍ ମାର୍ଗରେ ଚଲାଉଛନ୍ତି, ଯେଉଁଠି ଚାଲିବା ତାଙ୍କ ପାଇଁ ସମ୍ଭବ ନୁହେଁ । ଏହା ଫଳରେ ଭୀଷଣ କ୍ଷତି ଉଠାଉଛନ୍ତି ଏବଂ ଅଧିକରୁ ଅଧିକ ବଦ୍‌ନାମ୍ କରିବାର କାରଣ ହେଉଛନ୍ତି । (ଖୁତ୍‌ବାତେ ତାହିର୍, ଖଣ୍ଡ-୧୦, ପୃଷ୍ଠା-୫୬, ଖୁତ୍‌ବାଜୁମା ୨୫ ଜାନୁଆରୀ ୧୯୯୧)

### ସେହି ତିନୋଟି ବିଚାରଧାରା ଯାହାଫଳରେ ଇସ୍‌ଲାମ୍‌ର ଛବି ଖରାପ ହେଉଅଛି

ଇସ୍‌ଲାମ୍ ଜଗତରେ ଏମିତି ବହୁତ ଭୟଙ୍କର ପ୍ରଥର ପ୍ରଚଳନ ରହିଛି ଯାହା ଇସ୍‌ଲାମ୍ ସହିତ କୃତଘ୍ନତାର ଆଦେଶ ରଖିଛି । ଇସ୍‌ଲାମ୍‌ର ନ୍ୟାୟପୂର୍ଣ୍ଣ ଶିକ୍ଷାକୁ ବୁଝିବା ଓ ଗ୍ରହଣ କରିବା ପରିବର୍ତେ ଇସ୍‌ଲାମ୍‌କୁ ଦୁନିଆ ସାମ୍‌ନାରେ ଏପରି ଏକ ଧର୍ମ ରୂପେ ଉପସ୍ଥାପନ କରାଯାଉଅଛି ଯାହାର ନ୍ୟାୟ ସହିତ ଦୂରରୁ ମଧ୍ୟ କୌଣସି ସମ୍ପନ୍ଧ ନାହିଁ । ସେମାନଙ୍କ ମଧ୍ୟରୁ ସବୁଠାରୁ ବଡ ଦୋଷ ମୁଲା ଓ ରାଜନୈତିଜ୍ଞମାନଙ୍କର । ଏହି ଦୁଇ ଦଳ ମିଳିତ ଭାବେ ଇସ୍‌ଲାମ୍‌ର ନ୍ୟାୟିକ ବ୍ୟବସ୍ଥାକୁ ଧ୍ୱଂସ କରୁଅଛନ୍ତି ଏବଂ ତିନୋଟି ଏପରି ବିଚାର ଧାରା ଇସ୍‌ଲାମ୍ ସହିତ ଯୋଡି ଉପସ୍ଥାପନ କରାଯାଉଅଛି ଯାହା ଫଳରେ ବାହ୍ୟ ଜଗତରେ ଇସ୍‌ଲାମ୍‌ର ଛବି ଅତ୍ୟାଚାରିଭାବେ ଖରାପ କରି ଉପସ୍ଥାପିତ କରାଯାଉଅଛି ଏବଂ ପ୍ରତ୍ୟେକ ଇସ୍‌ଲାମୀୟ ରାଷ୍ଟ୍ରଗୁଡିକରୁ ମଧ୍ୟ ଶାନ୍ତି ଉଠିଯାଉଅଛି ।

ପ୍ରଥମ ବିଚାରଧାରା ଏହା ଉପସ୍ଥାପନ କରାଯାଉଅଛି ଯେ ତରବାରି ବ୍ୟବହାର କରିବାର ବିଚାରଧାରାକୁ ପ୍ରସାର କରିବା ନା କେବଳ ଉଚିତ୍ ବରଂ ଜରୁରୀ ଅଟେ ଏବଂ ତରବାରି ପ୍ରୟୋଗ କରି ବିଚାରଧାରାକୁ ପରିବର୍ତନ କରିଦେବାର ନାମ ହେଉଛି ଇସ୍‌ଲାମୀ ଜିହାଦ୍ କିନ୍ତୁ ତତ୍‌ସହିତ ଏକଥା ମଧ୍ୟ କୁହାଯାଉଛି ଯେ ଏ ହକ୍ କେବଳ ମୁସଲ୍‌ମାନ୍‌ଙ୍କୁ ମିଳିଛି । ଇସାଇ, ୟୁହୁଦୀ, ହିନ୍ଦୁ ବା ବୌଦ୍ଧମାନଙ୍କୁ ଏ ହକ୍ ହାସଲ୍‌ନାହିଁ ଯେ ସେ କୌଣସି ମୁସଲ୍‌ମାନଙ୍କ ବିଚାରଧାରାକୁ ଜୋର୍ ଜବର୍‌ଦସ୍ତି ପରିବର୍ତନ କରିପାରିବେ । କିନ୍ତୁ ଖୁଦାତାଲା ଏ ସମସ୍ତ ହକ୍ ମୁସଲ୍‌ମାନ୍‌ମାନଙ୍କ ଠାରେ ନ୍ୟସ୍ତ କରିଦେଇଛି । କେଡେ ଅନ୍ୟାୟପୂର୍ଣ୍ଣ, କେଡେ ମୁର୍ଖତାପୂର୍ଣ୍ଣ ଚିନ୍ତାଧାରା ! କିନ୍ତୁ ଏହାକୁ ଇସ୍‌ଲାମ୍ ନାମରେ ସାରା ଦୁନିଆରେ ପ୍ରଚାର ପ୍ରସାର କରାଯାଉଅଛି ।

ପୁଣି ଦ୍ୱିତୀୟ ଭାଗ ହେଉଛି ଏହାର ଏପରି କି ଯଦି କୌଣସି ଅଣମୁସ୍‌ଲିମ୍ ମୁସଲ୍‌ମାନ୍ ହୋଇଯାଏ ତେବେ କାହାର ଅଧିକାର ନାହିଁ ଯେ ମୃତ୍ୟୁଦଣ୍ଡ ଦେଇପାରିବ । ସାରା ଦୁନିଆରେ ଯେଉଁଠାରେ ମଧ୍ୟ କୌଣସି ବ୍ୟକ୍ତି ଏକଥା ଚାହୁଁ ଯେ ସେ ନିଜ ଧମୟକୁ ଛାଡି ଇସ୍‌ଲାମ୍ ଗ୍ରହଣ କରୁ ଦୁନିଆର କୌଣସି ଧର୍ମକୁ ମାନୁଥିବା ଲୋକମାନଙ୍କୁ ଏ ହକ୍ ନାହିଁ ଯେ ତାକୁ ମୃତ୍ୟୁ ଦଣ୍ଡ ଦେବେ କିନ୍ତୁ ଯଦି କୌଣସି ମୁସଲ୍‌ମାନ୍ ଅନ୍ୟ କୌଣସି ଧର୍ମ ଗ୍ରହଣ କରିନିଏ ତେବେ ଦୁନିଆର ପ୍ରତ୍ୟେକ ମୁସଲ୍‌ମାନ୍‌ମାନଙ୍କୁ ଏ ହକ୍ ରହିଛି ଯେ ସେମାନେ ତା ମୁଣ୍ଡ କାଟିଦେବେ । ଏହା ଇସ୍‌ଲାମ୍‌ର ଦ୍ୱିତୀୟ ନ୍ୟାୟିକ ନିୟମ ଯାହାକୁ ଇସ୍‌ଲାମ୍‌ର (ତଥାକଥିତ) ଧ୍ୱଜାବାହକ ଖୁଦା ଏବଂ କୁରାନ୍ ନାମରେ ଦୁନିଆ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି ।

ତୃତୀୟ ନିୟମ ହେଉଛି ଏହା କି ମୁସଲ୍‌ମାନ୍ ଦେଶଗୁଡିକର ଏ କର୍ତବ୍ୟ ଯେ ଇସ୍‌ଲାମ୍‌ର ଶରୀୟତ୍‌କୁ ଜୋର୍ ଜବର୍‌ଦସ୍ତି ସେହି ନାଗରିକମାନଙ୍କ ଉପରେ ମଧ୍ୟ ଲାଗୁ କରନ୍ତୁ ଯେଉଁମାନେ ଇସ୍‌ଲାମ୍ ଉପରେ ଇମାନ୍ ଆଣୁନାହାଁନ୍ତି କିନ୍ତୁ ଅନ୍ୟ କୌଣସି ଧର୍ମକୁ ଏ ଅଧିକାର ନାହିଁ ଯେ ସେମାନେ ନିଜ ନିଜର ଶରୀୟତ୍‌କୁ ମୁସଲ୍‌ମାନମାନଙ୍କ ଉପରେ ଲାଗୁ କରିବେ । ସୁତରାଂ ଏହି ବିଚାରଧାରା ନ୍ୟାୟିକ ଦୃଷ୍ଟିକୋଣରୁ ୟୁହୁଦୀମାନଙ୍କ ମଧ୍ୟ ହକ୍ ନାହିଁ ଯେ ମୁସଲ୍‌ମାନ୍‌ମାନଙ୍କ ସହିତ ତାଲ୍‌ମୁଦ୍‌ରେ ବର୍ଣ୍ଣିତ ହୋଇଥିବା (ନିୟମାନୁସାରେ) ବ୍ୟବହାର କରିବେ ଏବଂ ହିନ୍ଦୁମାନଙ୍କୁ ମଧ୍ୟ ଏ ଅଧିକାର ନାହିଁ ଯେ ମୁସଲମାନମାନଙ୍କ ସହିତ ମନୁସ୍ମୃତିର ବର୍ଣ୍ଣନା ଅନୁସାରେ ବ୍ୟବହାର କରିବେ । ତେଣୁ ଏହା ହେଉଛି ନ୍ୟାୟର ତୃତୀୟ ଛବି । ଏହା କେବଳ ତିନୋଟି ଉଦାହରଣ, କିନ୍ତୁ ବାସ୍ତବରେ ଯଦି ଆପଣମାନେ ଆହୁରି ଅଧିକ ନିରୀକ୍ଷଣ କରିବେ ତେବେ ବହୁତ ଗୁଡିଏ ଏମିତି କଥା ଆହୁରି ମଧ୍ୟ ରହିଛି ଯେଉଁଥିରେ ଆଜିକାର ମୌଲବୀମାନଙ୍କ ଦ୍ୱାରା ଉପସ୍ଥାପିତ ଇସ୍‌ଲାମୀୟ ବିଚାରଧାରା ପବିତ୍ର କୋରାନ୍‌ର ସ୍ୱଷ୍ଟ ନ୍ୟାୟ ସଂଗତ ସିଦ୍ଧାନ୍ତର ବିରୋଧ କରୁଛି ଏବଂ ଏହାକୁ ରଦ୍ଦ କରିବାର ସପକ୍ଷରେ ଅଛି । ଆଜି ଦୁନିଆରେ ଇସ୍‌ଲାମ୍ ବିରୁଦ୍ଧରେ ସବୁଠାରୁ ଅଧିକା ବ୍ୟବହୃତ ହେଉଥିବା ହତିଆର୍ ହେଉଛି ଏହି ତିନୋଟି ବିଚାରଧାରା ଯାହାର ଫ୍ୟାକ୍ଟ୍ରି ଗୁଡିକ ମୁସଲ୍‌ମାନ୍ ଦେଶଗୁଡିକରେ ସ୍ଥାପନ କରାଯାଇଛି । ୟୁହୁଦୀମାନେ ସବୁଠାରୁ ଅଧିକ ସଫଳତାର ସହିତ ଏହି ତିନୋଟି ଇସ୍‌ଲାମୀୟ ବିଚାରଧାରାକୁ ଅର୍ଥାତ୍ *ନଉଜୁବିଲ୍ଲାମିନ୍ ଜାଲିକ୍* ଇସ୍‌ଲାମୀୟ ସିଦ୍ଧାନ୍ତ ଗୁଡିକୁ ମୌଲବୀମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଇସ୍‌ଲାମୀୟ ସିଦ୍ଧାନ୍ତ କହିବା ଉଚିତ୍, ପାଶ୍ଚାତ୍ୟ ଦେଶଗୁଡିକରେ ଏବଂ ଅନ୍ୟାନ୍ୟ ଦେଶଗୁଡିକରେ ପେଶ୍ କରୁଛନ୍ତି ଏବଂ କହୁଛନ୍ତି ଯେ ଏହି ଲୋକମାନଙ୍କ ଠାରୁ ତୁମକୁ କିଭଳି ଶାନ୍ତି ମିଳିପାରିବ ଏବଂ ଏମାନଙ୍କଠାରୁ ଆମକୁ କିଭଳି ଶାନ୍ତି ମିଳିପାରିବ ଯେଉଁମାନଙ୍କର ନ୍ୟାୟିକ ବିଚାରଧାରା ଏବଂ ଇନ୍‌ସାଫ୍‌ର ବିଚାରଧାରା ପାଗଳଙ୍କ ସଦୃଶ ଯାହା ମଧ୍ୟରେ କୌଣସି ବୁଦ୍ଧିର କିରଣ ମଧ୍ୟ ଦେଖିବାକୁ ମିଳୁନାହିଁ । ମୁସଲ୍‌ମାନ୍‌ମାନଙ୍କ ପାଇଁ ଆଉକିଛି ଅଧିକା ଏବଂ ବାକି ଅନ୍ୟ ସମସ୍ତଙ୍କ ପାଇଁ ଆଉ କିଛି ଅଧିକାର ରହିଛି । ଦୁନିଆରେ ରାଜ୍ କରିବା ପାଇଁ ସବୁତକ ହକ୍ ମୁସଲ୍‌ମାନ୍‌ମାନଙ୍କୁ ଦିଆଯାଇଛି ଏବଂ ବାକି ଅନ୍ୟସମସ୍ତେ ସେ ହକ୍‌ରୁ ବଂଚିତ । ଯଦି *ନଉଜୁବିଲ୍ଲା ମିନ୍ ଜାଲିକ୍* ଏହା ହେଉଛି କୋରାନ୍‌ର ବିଚାରଧାରା ତେବେ ସାରା ଦୁନିଆ ଏହି ବିଚାରଧାରାକୁ ନିଶ୍ଚିତ ରୂପେ ଦୂରେଇ ଯିବ ଏବଂ ମୁସଲ୍‌ମାନ୍‌ମାନଙ୍କୁ ବିଶ୍ୱଶାନ୍ତି ପାଇଁ ଭୀଷଣ ବିପଦପୂର୍ଣ୍ଣ ଭାବେ ବିଚାର କରାଯିବ ।

... ପୁଣି ଗୋଟିଏ ଆଶ୍ଚର୍ଯ୍ୟର କଥା ହେଉଛି ଏହା କି ଜିହାଦ୍‌ର ଦାବି ମଧ୍ୟ କରାଯାଉଛି ଏବଂ ଏଲାନ୍ ମଧ୍ୟ କରାଯାଉଛି ଓ ତତ୍‌ସହିତ ମୁଲାମାନଙ୍କର ଏହି ତିନୋଟି ବିଚାରଧାରାକୁ ଗ୍ରହଣ ମଧ୍ୟ କରାଯାଉଛି । ଏହା ରାଜନେତାମାନଙ୍କର ଦ୍ୱିତୀୟ ଅପରାଧ ଯେ ସେମାନେ ଏକଥାକୁ ଜାଣି ଓ ବୁଝି ମଧ୍ୟ ଅର୍ଥାତ୍ ଇସ୍‌ଲାମ୍‌ର ନ୍ୟାୟିକ ବ୍ୟବସ୍ଥା ଏହିପ୍ରକାରର ଯୁଦ୍ଧ କରିବାକୁ ପ୍ରୋତ୍ସାହିତ କରେନାହିଁ, ଯେଉଁପ୍ରକାରର ଯୁଦ୍ଧ କରିବାକୁ ମୁଲାମାନେ ଜିହାଦ୍ ଅଭିହିତ କରିଛନ୍ତି । ଯେବେମଧ୍ୟ କୌଣସି ଦେଶକୁ ବିପଦର ଆଶଙ୍କା ଥିବ ଏବଂ ରାଜନୈତିକ ଯୁଦ୍ଧ ସାମ୍‌ନାରେ ଥିବ ସେତେବେଳେ ସେହି ରାଜନେତାମାନେ ଖୁଦ୍ ମୁଲାମାନଙ୍କ ଦ୍ୱାରା ଏକଥା କୁହାଇ ଓ ସେମାନଙ୍କର ସମସ୍ୱର ହୋଇ ସାଧାରଣ ଲୋକମାନଙ୍କୁ ଜିହାଦ୍ ନାମରେ ଡାକୁଛନ୍ତି । ଯାହାଫଳରେ ଏ ଦୁନିଆ ସେମାନଙ୍କଠାରୁ ଆହୁରି ଦୂରେଇ ଯାଉଛି ଓ ମନଭିତରେ ଏ ବିଶ୍ୱାସ ରଖୁଛି ଯେ ଏମାନଙ୍କ ରାଜନେତାମାନେ ପ୍ରକାଶ୍ୟରେ ତ ଏକଥା କହୁଛନ୍ତି ଯେ ଇସ୍‌ଲାମୀୟ ଜିହାଦ୍‌ର କଦାପି ଏ ଅର୍ଥ ନୁହେଁ ଯେ ତରବାରିର ଶକ୍ତି ପ୍ରୟୋଗ କରି ବିଚାରଧାରାର ପ୍ରସାର କର ବା ପ୍ରତ୍ୟେକ ଯୁଦ୍ଧରେ ଖୁଦାଙ୍କ ନାମକୁ ବ୍ୟବହାର କର କିନ୍ତୁ ଯେତେବେଳେ ଆବଶ୍ୟକ ହେଉଛି ସେତେବେଳେ ସର୍ବଦା ଏହି ବିଚାରଧାରାର ସାହାଯ୍ୟ ନେଉଛନ୍ତି । ପ୍ରତ୍ୟେକ ସ୍ଥାନରେ ବାରମ୍ବାର ଏହିପରି ହେଉଅଛି ଓ ହୋଇଆସୁଅଛି । (ଖୁତ୍‌ବାତେ ତାହେର୍, ଖଣ୍ଡ-୧୦, ପୃଷ୍ଠା-୧୭୮, ଖୁତ୍‌ବାଜୁମା-୧ ମାର୍ଚ୍ଚ୍ ୧୯୯୧)

### ବାସ୍ତବିକ ଓ ପ୍ରାଥମିକ ଓ ସର୍ବୋତମ ଜିହାଦ୍ ହେଉଛି ନିଜ ପାଳନକର୍ତ୍ତାଙ୍କ ଆଡକୁ ମନୁଷ୍ୟ ଜାତିକୁ ଡାକିବା

ادْعُ إِلَىٰ سَبِيلِ رَبِّكَ بِالْحِكْمَةِ وَالْمَوْعِظَةِ الْحَسَنَةِ وَجَادِلْهُم بِالَّتِي هِيَ أَحْسَنُ
إِنَّ رَبَّكَ هُوَ أَعْلَمُ بِمَن ضَلَّ عَن سَبِيلِهِ وَهُوَ أَعْلَمُ بِالْمُهْتَدِينَ ۝ (النحل:126)

*ଅବଶିଷ୍ଟାଂଶ - ପୃଷ୍ଠା - ୩୬ ରେ ଦେଖନ୍ତୁ....*

## ଜିହାଦ୍ କେବଳ ଧର୍ମ ଉପରେ ଆକ୍ରମଣ କରୁଥିବା ଲୋକମାନଙ୍କ ବିରୁଦ୍ଧରେ କରାଯାଏ । ଅନ୍ୟ ସମସ୍ତ ପ୍ରକାର ଯୁଦ୍ଧ ରାଜନୈତିକ ଓ ସାମ୍ପ୍ରଦାୟିକ ଯୁଦ୍ଧ ବୋଲାଇଥାଏ ।

**(ସୟ୍ୟଦ୍ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଲ୍‌ଖାମିସ୍ (ପଂଚମ) ଅଃବଃଅ ଙ୍କ ପବିତ୍ର କଥନ)**

### ଜିହାଦ୍ ହେଉଛି ତାହା, ଯାହା କେବଳ ଧର୍ମ ଉପରେ ଆକ୍ରମଣ କରୁଥିବା ଲୋକମାନଙ୍କ ବିରୁଦ୍ଧରେ କରାଯାଇଥାଏ

ଧର୍ମ ଯୁଦ୍ଧରେ ଅତ୍ୟାଚାର ପିଡୀତ ଏବଂ ସତ୍‌ପଥରେ ଥିବା ଲୋକମାନଙ୍କୁ ଅଲ୍ଲାଃତାଲା ନିଶ୍ଚିତ ରୂପେ ସାହାଯ୍ୟ କରିଥାନ୍ତି । ସେହି ଯୁଦ୍ଧରେ ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନରେ ସେତେବେଳେ ଯେଉଁ ଅତ୍ୟାଚାର ହେଉଥିଲା ତାହା ଅତ୍ୟାଚାରର ଅନ୍ତିମ ସ୍ତର ଥିଲା । ମୁସଲ୍‌ମାନ୍‌ମାନଙ୍କର ମକ୍କାରେ ଯେଉଁ ଦୁରାବସ୍ଥା ଥିଲା ତାହା ଏଥିରୁ ସବୁ ସମୟରେ ପ୍ରକାଶ ହେଉଥିଲା । ଯଦି କାହାସଙ୍ଗେ ଧର୍ମଯୁଦ୍ଧ କରାଯାଉଥିଲା ତେବେ ତାହା ମୁସଲ୍‌ମାନ୍‌ମାନଙ୍କ ସହିତ ହେଉଥିଲା । ସୁତରାଂ ଅଲ୍ଲାଃତାଲା ନିଜର ପ୍ରତିଶୃତି ମୁତାବକ ତାହାଙ୍କ ଶକ୍ତିଶାଳୀ ଓ ପରାକ୍ରମୀ ହେବାର ପ୍ରମାଣ ଦେଲା ଏବଂ ସ୍ୱଳ୍ପ ସାଧନ, ଅଳ୍ପ କିଛି ଲୋକ ଏବଂ ଅନୁଭବହୀନ ରହିଥିବା ସତ୍ୱେ ମଧ୍ୟ ମୁସଲ୍‌ମାନ୍‌ମାନଙ୍କୁ ଏ ଆଦେଶ ଦେଲା ଯେ ଏବେ ତୁମେମାନେ ଯୁଦ୍ଧ କର । ପୁଣି ସେମାନଙ୍କୁ ସେ ସାହାଯ୍ୟ ମଧ୍ୟ କଲା ଓ ଫରିସ୍ତା (ଅର୍ଥାତ୍ ଦେବଦୂତ)ମାନଙ୍କୁ ମୁସଲ୍‌ମାନଙ୍କ ସାହାଯ୍ୟ ସକାଶେ ପଠାଇଲେ । ସୁତରାଂ ଏଥିରୁ ଏହା ସ୍ପଷ୍ଟ ହୋଇଗଲା ଯେ ଅଲ୍ଲାଃତାଲା କେବଳ ପ୍ରତିରକ୍ଷା ପାଇଁ ଯୁଦ୍ଧ କରିବାକୁ ଅନୁମତି ଦେଇଥିଲେ, ଶାନ୍ତି ପ୍ରତିଷ୍ଠା ନିମନ୍ତେ ଦେଇଥିଲେ । ଜିହାଦ୍ ହେଉଛି ତାହା, ଯାହା କେବଳ ଧର୍ମ ଉପରେ ଆକ୍ରମଣ କରୁଥିବା ଲୋକମାନଙ୍କ ବିରୁଦ୍ଧରେ କରାଯାଇଥାଏ । ବାକି ସବୁ ଯୁଦ୍ଧକୁ ତାହା ମୁସଲ୍‌ମାନ୍ ଦେଶମାନଙ୍କ ମଧ୍ୟରେ ହେଉ ଅବା ମୁସଲ୍‌ମାନ୍‌ଙ୍କର ଅଣାମୁସଲ୍‌ମାନ୍‌ମାନଙ୍କ ସହିତ ହେଉ ତାହାକୁ ରାଜନୀତିକ ଓ ସାମ୍ପ୍ରଦାୟିତ ଯୁଦ୍ଧ କୁହାଯାଏ । ଏବଂ ଆଜିକାଲି ଯେଉଁ ଯୁଦ୍ଧ ହେଉଅଛି ତାହା ରାଜନିତୀକ ସାମ୍ପ୍ରଦାୟିକ, ତାହା ଜିହାଦ୍ ନୁହେଁ ।

ପୁଣି ଅଲ୍ଲାଃତାଲା ନିଜକୁ ଶକ୍ତିଶାଳୀ ହେବାର ଘୋଷଣା କରି ଏହା କହୁଛନ୍ତି ଯେ ଧର୍ମ ଉପରେ ଆକ୍ରମଣ କରୁଥିବା ଲୋକମାନଙ୍କ ବିରୁଦ୍ଧରେ ମୁଁ ଧର୍ମକୁ ମାନୁଥିବା ଲୋକମାନଙ୍କୁ (ଅର୍ଥାତ୍ ଧାର୍ମିକମାନଙ୍କୁ) ସାହାଯ୍ୟ କରିବି । ଯେହେତୁ ଅଲ୍ଲାଃତାଲାଙ୍କ ଘୋଷଣା ମୁତାବକ ବର୍ତମାନ ଶେଷ ଓ ସମ୍ପୂର୍ଣ୍ଣ ଧର୍ମ ହେଉଛି ଇସ୍‌ଲାମ୍ ଧର୍ମ ତେଣୁ ଅଲ୍ଲାଃତାଲା ମୁସଲ୍‌ମାନ୍‌ମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି ଏବଂ ଇନ୍ନଲ୍ଲାହା ଲକୱିୟୁନ୍ ଅଜିଜ୍ କହିଛି, ଅର୍ଥାତ୍ ଅଲ୍ଲାଃତାଲା ଅତ୍ୟନ୍ତ ଶକ୍ତିଶାଳୀ ଓ ପରାକ୍ରମୀ ହେବାର କଥା କହି ଏହା ଘୋଷଣା କରିଦେଲେ ଯେ ମୁସଲ୍‌ମାନ୍‌ମାନଙ୍କ ବିରୁଦ୍ଧରେ ଯଦି ଧର୍ମଯୁଦ୍ଧ କରାଯିବ ତେବେ ମୁଁ ସାହାଯ୍ୟ କରିବି । ସୁତରାଂ ଆଜିକାଲି ଯେଉଁ ଆକ୍ରମଣ, ଉପଦ୍ରବ ବା ଯୁଦ୍ଧ ହେଉଅଛି, ସେଥିରେ ମୁସଲ୍‌ମାନ୍‌ମାନେ ବିଜୟୀ ହେବା ପରିବର୍ତେ ଅପମାନିତ ହେଉଛନ୍ତି । ଏହା ହେଉଛି ତାର ପ୍ରମାଣ ଓ ଦଲିଲ୍ ଯେ ଏହା ଜିହାଦ୍ ନୁହେଁ ଏବଂ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଏହା ଧର୍ମଯୁଦ୍ଧ ନୁହେଁ । ସେଇଥିପାଇଁ ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗ ତାଙ୍କୁ ମିଳୁନାହିଁ । (ଖୁତ୍‌ବାତେ ମସ୍‌ରୁର୍, ଖଣ୍ଡ-୭, ପୃଷ୍ଠା-୪୭୮, ଖୁତ୍‌ବାଜୁମା ପ୍ରଦତ ୯ ଅକ୍ଟୋବର ୨୦୦୯)

### ଦୁନିଆକୁ ନିଜର ଶାନ୍ତି ଓ ସୁରକ୍ଷାର ଭୟ ଇସ୍‌ଲାମ୍ ନିକଟରୁ ନାହିଁ ବରଂ ସେହି ଲୋକଙ୍କଠାରୁ ଅଛି ଯେଉଁମାନେ ଇସ୍‌ଲାମ୍ ବିରୋଧି

ବିଗତ ଦିନ ଏଠାରେ ଗୋଟିଏ ଖବର କାଗଜର ସ୍ତମ୍ଭକାର ଲେଖିଛନ୍ତି ଏବଂ ସେହିପରି ଜଣେ ଅଷ୍ଟ୍ରେଲିୟାନ୍ ରାଜନୈତିଜ୍ଞ ମଧ୍ୟ କହିଛନ୍ତି ଯେ ଇସ୍‌ଲାମ୍‌ର ଶିକ୍ଷାରେ ଯେଉଁ ଜିହାଦ୍ ଓ ଅନ୍ୟକିଛି ନିର୍ଦ୍ଦେଶାବଳୀ ଗୁଡିକ ରହିଛି, ସେଥିଯୋଗୁ ମୁସଲ୍‌ମାନ୍‌ମାନେ ଚରମପନ୍ଥୀ ହୋଇଯାଉଛନ୍ତି..... ଆଜିକାଲି ଇସ୍‌ଲାମ୍ ନାମରେ ଇରାକ୍ ଏବଂ ସିରିଆ ଦେଶରେ ଚରମପନ୍ଥୀ ଗୋଷ୍ଠୀମାନେ ଯେଁଉସବୁ ଇଲାକାକୁ ଆୟତ କରି ନିଜର ସରକାର୍ ସ୍ଥାପନ କରିଛନ୍ତି ସେ ପ୍ରାଶ୍ଚାତ୍ୟ ଦେଶଗୁଡିକୁ ନା କେବଳ ଧମକ ଦେଉଛନ୍ତି ବରଂ କେତେକ ସ୍ଥାନରେ ଅତ୍ୟାଚାରପୂର୍ଣ୍ଣ ଆକ୍ରମଣ କରି ନିରୀହମାନଙ୍କୁ ହତ୍ୟା ମଧ୍ୟ କରିଛନ୍ତି..... ଏକଥା ଯେଉଁଠି ସାଧାରଣ ଲୋକମାନଙ୍କୁ ଭୟଭୀତ କରିଦେଇଛି ସେଠାରେ ସେହି ଲୋକମାନଙ୍କୁ ଯେଉଁମାନେ କେତେକ ଦେଶର ଲିଡର୍ ଅଟନ୍ତି, ଅଜ୍ଞାନତା ଯୋଗୁ ବା ଇସ୍‌ଲାମ୍ ବିରୋଧି ଭାବନା ଯୋଗୁ ଇସ୍‌ଲାମ୍ ବିରୁଦ୍ଧରେ କହିବା ପାଇଁ ଅବସର ମଧ୍ୟ ଦେଇଛି । କହୁଥିବା ଓ ଲେଖୁଥିବା ଲୋକମାନେ ମଧ୍ୟ ଏକଥା ଲେଖୁଛନ୍ତି ଓ କହୁଛନ୍ତି ଯେ ଠିକ୍ ଅଛି ଅନ୍ୟ ଧର୍ମଗୁଡିକର ଶିକ୍ଷାରେ ମଧ୍ୟ କଠୋରତା ରହିଛି । କେତେକ ନିର୍ଦ୍ଦେଶାବଳୀ ଏପରି ରହିଛି, କିନ୍ତୁ ତାକୁ ମାନୁଥିବା ଲୋକେ ତା ଉପରେ ଏବେ ପରିଚାଳିତ ହେଉନାହାଁନ୍ତି ବା ପରିସ୍ଥିତି ମୁତାବକ ସେଥିରେ ପରିବର୍ତନ କରିଦିଆଯାଇଛି ଓ ଯୁଗର ଆବଶ୍ୟକତା ମୁତାବକ ଏ ଶିକ୍ଷାକୁ ଆପଣେଇ ନିଆଯାଇଛି ଏବଂ ଏକଥା ଉପରେ ସେମାନେ ଜୋର୍ ଦେଉଛନ୍ତି ଯେ ଏବେ ପବିତ୍ର କୋରାନ୍‌ର ନିର୍ଦ୍ଦେଶାବଳୀ ଗୁଡିକୁ ମଧ୍ୟ ଏ ଯୁଗ ମୁତାବକ କରାଯିବା ଆବଶ୍ୟକ ।

..... ଆମେ ମାନୁଅଛୁ ଯେ ଇସ୍‌ଲାମ୍ ନାମରେ କେତେକ ମୁସଲ୍‌ମାନ୍ ସଂଗଠନର ଭୁଲ୍ କର୍ମ ଇସ୍‌ଲାମ୍‌କୁ ବଦ୍‌ଲାମ୍ କରିଦେଇଛି କିନ୍ତୁ ଏଥିସକାଶେ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ଓ ଏଥିରେ ଶେଷ ସୀମା ପର୍ଯ୍ୟନ୍ତ ଚାଲିଯିବା ମଧ୍ୟ ଇସ୍‌ଲାମ୍ ବିରୋଧରେ ମନଭିତରେ ଥିବା ବିଦ୍ୱେଷଭାବ ଓ ଘୃଣାଭାବକୁ ପରିପ୍ରକାଶ କରୁଅଛି । ଏହାର ଏକ ଅତ୍ୟନ୍ତ ପରିପ୍ରକାଶ ହେଉଛି ଆଜିକାଲି ଆମେରିକାର ଜଣେ ଆସାୟୀ ରାଷ୍ଟ୍ରପତି ପ୍ରାର୍ଥୀଙ୍କର ଇସ୍‌ଲାମ୍ ଓ ମୁସଲ୍‌ମାନ୍‌ମାନଙ୍କ ବିରୁଦ୍ଧରେ ସ୍ୱର ଉତଳନ କରିବା । ସେ ଯାହାହେଉ ସେ ଇସ୍‌ଲାମ୍ ସମ୍ବନ୍ଧରେ ଯାହାକିଛି କହୁଥାଉ, କିନ୍ତୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାର ମୁକାବିଲା ନା ଅନ୍ୟ କୌଣସି ଧର୍ମର ଶିକ୍ଷା କରିପାରିବ ଏବଂ ନା ସେମାନଙ୍କର ସ୍ୱକୃତ କାନୁନ୍ କରିପାରିବ ।

ବିଗତ ଦିନ ଏଠି ବ୍ରିଟିସ୍ ପାର୍ଲିଆମେଂଟ୍‌ରେ ଗ୍ଲାସ୍‌ଗୋର ଜଣେ ଏମ୍.ପି ଇସ୍‌ଲାମ୍‌ର ବାସ୍ତବିକତା ସମ୍ବନ୍ଧରେ ଜମାତ୍ ଅହେମଦୀୟାର ଉଦାହରଣ ଦେଇ କହିଲେ ଯେ ଇସ୍‌ଲାମ୍‌ର ଶାନ୍ତି ସୁରକ୍ଷାର ଶିକ୍ଷା ଉପରେ ଯଦି କିଏ ପରିଚାଳିତ ହେଉଥାନ୍ତି ତାହାଲେ ସେମାନେ ଅହେମଦୀ ମୁସଲ୍‌ମାନ୍ ଏବଂ ମୁଁ ଗ୍ଲାସ୍‌ଗୋଠାରେ ଅନୁଷ୍ଠିତ ହୋଇଥିବା ତାଙ୍କର ଏକ ପିସ୍ ସିମ୍ପୋଜିୟମ୍‌ରେ ସାମିଲ୍ ହୋଇଥିଲି । (ହଜୁର୍ କହୁଛନ୍ତି) ସେ ବହୁତ ପ୍ରଶଂସା କଲେ । ଏଥିରେ ସେଠାରେ ବସିଥିବା ଗୃହମନ୍ତ୍ରୀ ମଧ୍ୟ କହିଲେ ଯେ ୦ ଯେଉଁ ଇସ୍‌ଲାମ୍‌କୁ ଅହେମଦୀମାନେ ଉପସ୍ଥାପନ କରୁଛନ୍ତି ତାହା ବାସ୍ତବରେ ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଯାହାକୁ ଇସ୍‌ଲାମୀୟ ଚରମପନ୍ଥୀମାନେ ଦେଖାଉଛନ୍ତି ଏବଂ ବାସ୍ତବରେ ଅହେମଦୀମାନେ ହିଁ ଶାନ୍ତିପ୍ରିୟ ନାଗରିକ ଓ ବାସ୍ତବିକତା ହେଉଛି ଏହା କି ଅହେମଦୀମାନେ କୌଣସି ନୁଆ ଶିକ୍ଷା ଉପସ୍ଥାପନ କରୁନାହାଁନ୍ତି ବରଂ ପବିତ୍ର କୋରାନ୍ ଶିକ୍ଷାକୁ ପେଶ୍ କରୁଛନ୍ତି । କିନ୍ତୁ ଏହା ଯଦି ଗୋଟିଏ ଘଟଣା ବୋଲି ଭାବି ଚୁପ୍ ହୋଇଗଲ ତେବେ କିଛି ସମୟ ପରେ ଲୋକମାନେ ଏହା କହି ଭୁଲିଯିବେ ଯେ ହଁ ବ୍ରିଟିଶ୍ ପାର୍ଲିଆମେଂଟ୍‌ରେ ଗୋଟିଏ ପ୍ରଶ୍ନ ଉଠିଥିଲା ଏବଂ କଥା ଶେଷ ହୋଇଗଲା । ଏହାକୁ ତ ସବୁ ସମୟରେ ତାଜା ରଖିବାର ଆବଶ୍ୟକ ରହିଛି ଯେ ଇସ୍‌ଲାମ୍‌ର ଶିକ୍ଷା କଣ ? ପ୍ରେସ୍ ଥରେ ଏ ଖବର ଦେଇଦେଲା ଏବଂ ଆମେ ଚୁପ୍ ହୋଇଗଲୁ । କିନ୍ତୁ ଚରମପନ୍ଥୀ କାର୍ଯ୍ୟକଳାପର କୌଣସି ଘଟଣା ଘଟିଥାଏ ବା ନଘଟିଥାଏ ତେବେ ମଧ୍ୟ ସେ ସମ୍ବନ୍ଧରେ ଖବରକାଗଜ ଗୁଡିକରେ ବଡ ବହ ମୋଟାମୋଟା ହେଡ୍‌ଲାଇନ୍ ଦିଆଯାଇଥାଏ । ପୁଣି ଇସ୍‌ଲାମ୍ ବିରୋଧି ଲୋକମାନଙ୍କୁ ଇସ୍‌ଲାମ୍ ବିରୁଦ୍ଧରେ କହିବା ପାଇଁ ଅବସର ମିଳିଯାଏ ।

ବିଗତ ଦିନ ଯେବେ ମୁଁ ଜାପାନ୍‌ରେ ଥିଲି ସେଠାରେ ମଧ୍ୟ ଶିକ୍ଷିତ ଲୋକମାନେ ଏକଥା ପ୍ରକାଶ କରିଥିଲେ ବରଂ ଜଣେ ଇସାଇ ପାଦ୍ରୀ ମଧ୍ୟ ଏକଥା କହିଲେ ଯେ ତୁମେ କୁର୍‌ଆନ୍ କରିମ୍‌ର ଆଲୋକରେ ଇସ୍‌ଲାମ୍‌ର ଯେଉଁ ଶିକ୍ଷାକୁ ବତାଉଛ ତାହାକୁ ଜାଣିବା ପାଇଁ ଜାପାନୀ ମାନଙ୍କର ବହୁତ ଆବଶ୍ୟକତା ରହିଛି ବରଂ ସାରା ଦୁନିଆକୁ ଆବଶ୍ୟକ ରହିଛି । ସେ କହିଲେ ଏହାର ଲାଭ ସେତେବେଳେ ହେବ ଅର୍ଥାତ୍ ଏବେ ଏ କଥାକୁ ଏହି ଫଙ୍କ୍‌ସନ୍ ମଧ୍ୟରେ ସିମୀତ ନକରନ୍ତୁ ଯେଉଁଠି ଆପଣ କହୁଛନ୍ତି ବରଂ ଜାପାନ୍‌ରେ ଅନବରତ ଚେଷ୍ଟା କରି ଏହି ଶିକ୍ଷା ବିଷୟରେ ଲୋକମାନଙ୍କୁ ବତାନ୍ତୁ । ସୁତରାଂ ଏବେ ନ୍ୟାୟପ୍ରିୟ ଅନ୍ୟ (ଧର୍ମର ଲୋକମାନେ) ମଧ୍ୟ ଏକଥା କହୁଛନ୍ତି ଯେ ଚୁପ୍ ହୋଇ ବସନ୍ତୁ ନାହିଁ ବରଂ ଲଗାତାର ଦୁନିଆ ସାମନାରେ ଏ ଶିକ୍ଷାକୁ ପରିବେଷଣ କରିଚାଲ ତେବେ ଯାଇ ଏହାର ଲାଭ ମିଳିବ ।

.... ସୁତରାଂ ଏହା ହେଉଛି ଅହେମଦୀମାନଙ୍କର ବହୁତ ବଡ ଦାୟିତ୍ୱ ଯେ ଧର୍ମର ନିଜସ୍ୱ ଗୁଣକୁ ଉପସ୍ଥାପନ କରିବା ପାଇଁ ପବିତ୍ର କୋରାନ୍‌ର ଜ୍ଞାନ ହାସଲ କରନ୍ତୁ । ପୁଣି ନିଜର ପୁଣ୍ୟ ଦୃଷ୍ଟାନ୍ତ ସ୍ଥାପନ କରି ଦୁନିଆକୁ ନିଜ ଆଡକୁ ଟାଣନ୍ତୁ । ଏହି ଜ୍ଞାନ ଏବଂ କର୍ମଦ୍ୱାରା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦାସତ୍ୱରେ ଆସି ପବିତ୍ର କୋରାନ୍ ଏବଂ ଇସ୍‌ଲାମ୍‌ର ସୁରକ୍ଷାକାର୍ଯ୍ୟରେ ଅଂଶୀଦାର୍ ହୋଇପାରିବା ଏବଂ ଦୁନିଆକୁ ବତାଇପାରିବା ଯେ ଯଦି ଦୁନିଆରେ ବାସ୍ତବିକ ଶାନ୍ତି ସ୍ଥାପନ କରିବାକୁ ହୁଏ ତେବେ ପବିତ୍ର କୋରାନ୍ ଜରିଆରେ ହିଁ ସ୍ଥାପନ ହୋଇପାରିବ ।

..... ସୁତରାଂ ଇସ୍‌ଲାମ୍‌ର ଶିକ୍ଷା ହେଉଛି ବନ୍ଧୁତ୍ୱପୂର୍ଣ୍ଣ ହାତକୁ ବଢ଼ାଇବାର

*ଅବଶିଷ୍ଟାଂଶ - ପୃଷ୍ଠା - ୩୬ ରେ ଦେଖନ୍ତୁ....*

## ବାସ୍ତବ ଏବଂ ସ୍ଥାୟୀ ବିଶ୍ୱଶାନ୍ତିର ପ୍ରତିଷ୍ଠା

ଯଦିଚ ଆମେ ସମସ୍ତେ ଦୁନିଆର ବିଗିଡି ଯାଇଥିବା ପରିସ୍ଥିତି ସମ୍ବନ୍ଧରେ ପରିଚିତ କିନ୍ତୁ ବହୁତ ଲୋକଙ୍କୁ ଏକଥାର ଜ୍ଞାନ ନାହିଁ ଯେ କେତେକ ଦେଶମାନଙ୍କ ମଧ୍ୟରେ ଆପୋଷରେ ଥିବା ସମ୍ପର୍କ କେତେମାତ୍ରାରେ ଖରାପ ହୋଇସାରିଛି ଏବଂ ଏହି ଖରାପ ସମ୍ପର୍କ କିଭଳି ବିଧ୍ୱଂସକାରୀ ପ୍ରଭାବ ପକାଇପାରେ ।

ଏ ପୃଥିବୀରେ ଏବେ ଏତେ ମାତ୍ରାରେ ଆଣବିକ ଅସ୍ତ୍ର ମହଜୁଦ୍ ରହିଛି ଯାହା କିଛି ଘଂଟା ମଧ୍ୟରେ ତାହା ମନୁଷ୍ୟ ସଭ୍ୟତାକୁ ଏ ଭୂପୃଷ୍ଠରୁ ମିଟାଇ ଦେବାପାଇଁ ଯଥେଷ୍ଟ ହେବ । ଏକଥା ବଡ ଆଶ୍ଚର୍ଯ୍ୟ ଲାଗୁଛି ଯେ ଆଣବିକ ଯୁଦ୍ଧର ଆଶଙ୍କା ପ୍ରତି ଏ ଦୁନିଆର ବହୁତ କମ୍ ଧ୍ୟାନ ରହିଛି । ଅସ୍ତ୍ରଶସ୍ତ୍ରର କମ୍ ପ୍ରଚାର ପ୍ରସାର କରାଯିବା ଲୋକମାନଙ୍କ ଚାପ ଫଳରେ ହିଁ ସମ୍ଭବ ହୋଇପାରେ ଅର୍ଥାତ୍ ଯେବେ ମାନବିକତାର ସ୍ୱର ସମ୍ମୁଖରେ ଅସ୍ତ୍ରଶସ୍ତ୍ର ବେପାର କରୁଥିବା ଶକ୍ତି ଓ ଯୁଦ୍ଧ କରିବା ପାଇଁ ତତ୍ପର ହେଉଥିବା ଶାସକମାନଙ୍କ ସ୍ୱର ଦବିଯିବ ।

ଏହା ଅନିର୍ବାର୍ଯ୍ୟ ଯେ ରାଷ୍ଟ୍ରଗୁଡିକ ଓ ସେମାନଙ୍କ ଲିଡର୍‌ମାନେ ନିଜର ଧ୍ୟାନ କେବଳ ନିଜ ଦେଶର ହିତ ଉପରେ ରଖିବା ପରିବର୍ତେ ବିଶ୍ୱହିତକୁ ସମ୍ମୁଖରେ ରଖନ୍ତୁ ।

ପ୍ରତ୍ୟେକ ବର୍ଗଙ୍କୁ ଧୈର୍ଯ୍ୟର ଆତ୍ମା ରଖି ଦୁନିଆରେ ସ୍ଥାୟୀ ଶାନ୍ତିକୁ ବଢ଼ାଇବା ପାଇଁ ଚେଷ୍ଟା କରିବା ଉଚିତ୍ ।

ଏପରି ଯୁଦ୍ଧର କେହି ବିଜେତା ହୋଇପାରିବେ ନାହିଁ ଯାହାକୁ ସମସ୍ତେ ମିଳିମିଶି ନିଜ ବିରୋଧରେ ଲଢୁଥିବେ, ବିଶେଷ ରୂପେ ଯଦି ସେମାନେ ଆଣବିକ ଅସ୍ତ୍ରକୁ ବ୍ୟବହାର କରୁଥିବେ ।

ଯଦି ଆମେ ବର୍ତମାନ ଯୁଗର ପ୍ରମୁଖ ସମସ୍ୟା ଗୁଡିକୁ ଉପରସ୍ତରରେ ନିରୀକ୍ଷଣ କରିବା ତେବେ ଏକଥା ସ୍ପଷ୍ଟ ହୋଇଯିବ ଯେ ଏ ଦୁନିଆର ଧ୍ୱଂସ ଆଡକୁ ମୁହାଁଉଛି । ଏ ଦୁନିଆ ଏବେ ଏପରି ଏକ ଗୋଲାର୍ଦ୍ଧରେ ପଡିଯାଇଛି ଯେଉଁଥିରେ ଗୋଟିଏ ଝଗଡା ଆଉ ଗୋଟିଏକୁ ଜନ୍ମ ଦେଉଅଛି କାରଣ ଆପୋଷରେ ଥିବା ଶତୃତା ଓ ଘୃଣାଭାବ ପୂର୍ବାପେକ୍ଷା ଅଧିକ ଗଭୀର ହୋଇଚାଲିଛି ।

ଶରଣାର୍ଥୀମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ହେଉଛି ଏହା କି ଯୁଦ୍ଧ ପ୍ରଭାବିତ ଦେଶଗୁଡିକରେ ଶାନ୍ତି ସ୍ଥାପନ କରାଯାଉ ଓ ସେଠିକାର ବିବଶ ଅବସ୍ଥାରେ ଭୟଭୀତ ଓ ଦରିଦ୍ର ଜୀବନ ବିତାଉଥିବା ଲୋକମାନଙ୍କୁ ସାହାଯ୍ୟ କରାଯାଉ, ଯଦ୍ୱାରା ସେମାନେ ନିଜ ଗୋଡରେ ଛିଡା ହୋଇପାରିବେ ଓ ଶାନ୍ତିରେ ଜୀବନଯାପନ କରିବେ ।

ଇସ୍‌ଲାମୀୟ ଦୃଷ୍ଟିକୋଣରୁ ଆମେ ସମଗ୍ର ସଂସାରକୁ ଏକତ୍ର କରିବା ପାଇଁ ଚେଷ୍ଟା କରିବା ଉଚିତ୍ ।

**ଜମାତ୍ ଅହେମଦୀୟା ବ୍ରିଟେନ୍ ଅନ୍ତର୍ଗତ ୧୬ତମ ନ୍ୟାସ୍‌ନାଲ୍ ପିସ୍ ସିମ୍ପୋଜିୟମ୍ ଆୟୋଜିତ ୯ ମାର୍ଚ୍ଚ ୨୦୧୯ ଅବସରରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହ୍ ଅଲ୍‌ଖାମିସ୍ ଅୟଦୁଲ୍ଲାହୋ ତାଆଲା ବେନସ୍‌ରିହିଲ୍ ଅଜିଜ୍‌ଙ୍କ ସଭାପତିତ୍ୱ ଅଭିଭାଷଣର ଉର୍ଦ୍ଦୁରୁ ଓଡିଆ ଅନୁବାଦ ।**

ବିସ୍‌ମିଲ୍ଲାଃ ହିର୍‌ରହ୍‌ମା ନିର୍‌ରହିମ୍, ସମ୍ମାନସ୍ପଦ ଅତିଥିଗଣ, ଅସ୍‌ସଲାମୋ ଆଲୈକୁମ୍ ୱ ରହ୍‌ମତୁଲ୍ଲାହି ୱ ବରକାତୁହୁ !

ପ୍ରତ୍ୟେକ ବର୍ଷ ଜମାତ୍ ଅହେମଦୀୟା ମୁସ୍‌ଲିମା ଏହି ପିସ୍ ସିମ୍ପୋଜିୟମ୍‌ର ଆୟୋଜନ କରିଥାଏ ଯେଉଁଥିରେ ବର୍ତମାନ ସମୟର ସମସ୍ୟା ଗୁଡିକ ଏବଂ ଦୁନିଆର ପରିସ୍ଥିତି ବିଷୟରେ ଅନୁଶୀଳନ କରାଯାଇଥାଏ ଓ ମୁଁ ଉକ୍ତ ସମସ୍ୟା ଗୁଡିକର ଇସ୍‌ଲାମୀୟ ଶିକ୍ଷାର ଆଲୋକରେ ସମାଧାନ ଉପସ୍ଥାପନ କରିବା ପାଇଁ ଚେଷ୍ଟା କରୁଅଛି । ଯେଉଁଠି ଏକଥାର ସମ୍ପର୍କ ରହିଛି ଯେ ଏହି ପ୍ରୟୋଜନ ଦ୍ୱାରା ବିଶ୍ୱସ୍ତରରେ କି ପ୍ରକାରର ପ୍ରଭାବ ପଡୁଛି, ମୁଁ ପୂର୍ବରୁ ମଧ୍ୟ କହିସାରିଛି ଯେ ଏ ବିଷୟରେ ମୋତେ କିଛି ଜ୍ଞାନ ନାହିଁ କିନ୍ତୁ ବାକି ପୃଥିବୀ ଉପରେ ଏହାର କ'ଣ ପ୍ରଭାବ ପଡୁଛି ସେଥିରୁ ଧ୍ୟାନ ହଟାଇ ଆମେ ଶାନ୍ତି ଏବଂ ନ୍ୟାୟ ପ୍ରତିଷ୍ଠା ସନ୍ଦର୍ଭରେ ନିଜର ଚେଷ୍ଟା ଜାରି ରଖିବୁ ଏବଂ ମୋର ଏ ଦୃଢ଼ ବିଶ୍ୱାସ ଯେ ଆପଣମାନେ ମଧ୍ୟ ଆମପରି ଏ ପୃଥିବୀରେ ବାସ୍ତବିକ ଓ ସ୍ଥାୟୀ ଶାନ୍ତି ସ୍ଥାପନ କରିବା ପାଇଁ ଇଛା ରଖିଥିବେ ।

ନିଶ୍ଚିତ ରୂପେ ଆପଣ ସମସ୍ତେ ମଧ୍ୟ ଏ ଅଭିଳାସା ରଖିଥିବା ଯେ ଆଜିକାର ଏହି ଯୁଗରେ ପୃଥିବୀର ଶାନ୍ତିକୁ ନଷ୍ଟ କରିଦେଉଥିବା ଯୁଦ୍ଧ ଏବଂ ମତଭେଦ ଶେଷ ହୋଇଯାଉ ଏବଂ ଏପରି ଏକ ଶାନ୍ତିପୁର୍ଣ୍ଣ ସମାଜ ଗଠନ ହେଉ ଯେଉଁଥିରେ ସବୁ ଜାତିର ଲୋକମାନେ ଜଣେ ଅନ୍ୟଜଣକର ଅଧିକାରକୁ ଧ୍ୟାନ ଦେଇ ଆପୋଷରେ ମିଳିମିଶି ଶାନ୍ତିର ସହିତ ଜୀବନଯାପନ କରିପାରିବେ । କିନ୍ତୁ ଏହା ଏକ ଦୁଃଖଦ ସତ୍ୟକଥା ଯେ ଯୁଦ୍ଧ ଓ ମତଭେଦରୁ ଦୂରେଇ ରହିବା ପରିବର୍ତେ ପ୍ରତ୍ୟେକ ବର୍ଷ ଏହାର ବିପରୀତ ଦେଖିବାକୁ ମିଳୁଅଛି । ଯେଉଁଠି ଶତୃତା ଭୀଷଣ ଭାବେ ବଢ଼ିଚାଲିଛି ଓ ଯୁଦ୍ଧପାଇଁ ନୁଆ ନୁଆ ଅଭିଯାନର ପ୍ରସ୍ତୁତି ଜାରି ରହିଛି ସେଠାରେ ପୂର୍ବରୁ ଥିବା ଆପୋଷ ଶତୃଭାବ ଶେଷ ହେବାର ଦେଖାଯାଉନାହିଁ । ଯଦିଚ ଆମେ ସମେସ୍ତ ଏ ସଂସାରର ବିଗିଡି ଯାଇଥିବା ଅବସ୍ଥା ସମ୍ବନ୍ଧରେ ପରିଚିତ କିନ୍ତୁ ବହୁତ ଲୋକଙ୍କୁ ଏକଥାର ଜ୍ଞାନ ନାହିଁ ଯେ କିଛି ଦେଶଗୁଡିକର ଆପୋଷରେ ଥିବା ସମ୍ପର୍କ କେତେମାତ୍ରାରେ ଖରାପ ହୋଇଯାଇଛି ଓ ଏହି ସମ୍ପର୍କର ଦୂରତା ଯୋଗୁ କି ପ୍ରକାରର କୁଫଳ ମିଳୁଅଛି । ଉଦାହରଣ ସ୍ୱରୂପ Bloomberg Businessweek ର ଗତ ଅଙ୍କରେ ଜଣେ ପତ୍ରକାର Peter Coy ଲେଖୁଛନ୍ତି ଯେ "ବର୍ତମାନ ପୃଥିବୀରେ ଏତେ ମାତ୍ରାରେ ଆଣବିକ ଅସ୍ତ୍ର ମହଜୁଦ୍ ରହିଛି ଯେ କିଛି ଘଂଟା ମଧ୍ୟରେ ମନୁଷ୍ୟ ସଭ୍ୟତାକୁ ଏ ପୃଥିବୀପୃଷ୍ଠକୁ ନିଃଶେଷ କରିଦେବା ପାଇଁ ଯଥେଷ୍ଟ । ଏହା ସତ୍ୱେ ମଧ୍ୟ ଏକଥା ଅତ୍ୟନ୍ତ ଆଚମ୍ବିତ ଯେ ପରମାଣୁ ଯୁଦ୍ଧର ଆଶଙ୍କା ପ୍ରତି ଏ ପୃଥିବୀବାସୀଙ୍କର ଧ୍ୟାନ ବହୁତ କମ୍ ରହିଛି.... ଏବେ ଯେବେ କି ଆମେରିକା ଓ ରୁଷ୍ ମଧ୍ୟରେ ଅସ୍ତ୍ରଶସ୍ତ୍ରର ସ୍ୱଳ୍ପ ପ୍ରଚାର ପ୍ରସାର କରିବା ପାଇଁ ଯେଉଁ ଚୁକ୍ତି ରହିଥିଲା, ତାହା ଏବେ ଶେଷ ହୋଇସାରିଛି । ତେଣୁ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏପରି ଲାଗୁଛି ଯେ ଆଣବିକ ଅସ୍ତ୍ରଶସ୍ତ୍ରର ଏକ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଯେଉଁଠି ଏକଥାର ସମ୍ବନ୍ଧ ରହିଛି ଯେ ଜଣେ ସାଧାରଣ ଲୋକ ଏ ବିଷୟରେ କ'ଣ କରିପାରିବ ସେଠାରେ ଅସ୍ତ୍ରଶସ୍ତ୍ରର ସ୍ୱଳ୍ପ ପ୍ରସାର ପ୍ରଚାରକୁ ସାଧାରଣ ଲୋକଙ୍କ ଚାପ ଫଳରେ ରୋକାଯିବା ସମ୍ଭବ ହୋଇପାରେ ଅର୍ଥାତ୍ ଯେତେବେଳେ 'ଇନ୍‌ସାନିୟତ୍'ର ସ୍ୱର ଆଗକୁ ଆସିବ ସେତେବେଳେ ଅସ୍ତ୍ରଶସ୍ତ୍ରର ବେପାରିମାନେ ଓ ଯୁଦ୍ଧ କରିବା ପାଇଁ ସଦାସର୍ବଦା ତତ୍ପର ରହିଥିବା ସାଂସାରିକ ଶାସକମାନଙ୍କର ସ୍ୱର ଦବିଯିବ" ।

ସ୍ତମ୍ଭକାର ଜଣକ ନିଜର ଏହି ଆର୍ଟିକିଲ୍‌ରେ Middlebury Institute of International Studies ସହିତ ଯୋଡି ହୋଇଥିବା Nikolai

Sokov ଙ୍କ ତରଫରୁ ଜାରି କରାଯାଇଥିବା ଗୋଟିଏ ଚେତାବନୀକୁ ମଧ୍ୟ ସାମିଲ୍ କରିଛନ୍ତି:- "ସମସ୍ତ ଲକ୍ଷଣ ଗୁଡିକ ଏକଥା ପ୍ରତି ସୂଚନା ଦେଉଅଛି ଯେ ୟୁରୋପିଆନ୍ ଦେଶଗୁଡିକ ଭୟଙ୍କର ଭାବେ ଆଣବିକ ଅସ୍ତ୍ରଶସ୍ତ୍ର ଓ ତଥାକଥିତ ଯୁଦ୍ଧାସ୍ତ୍ର ରଖିବାର ପ୍ରତିଯୋଗିତାରେ ଜଣେ ଅନ୍ୟଜଣକ ଠାରୁ ବଳିଯିବା ପାଇଁ ଚେଷ୍ଟା କରୁଅଛନ୍ତି"।

ଏହି ନିବନ୍ଧର ବଳକାଅଂଶରେ ଏକଥା ପ୍ରତି ଅଧିକ ଜୋର୍ ଦିଆଯାଇଛି ଯେ ବିଶ୍ୱସ୍ତରରେ ଅସ୍ତ୍ରଶସ୍ତ୍ରର ଗୋଟିଏ ନୂଆ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ସେଥିପାଇଁ ଆଣବିକ ଯୁଦ୍ଧର ଭୟାବହ ବିପଦକୁ ମାମୁଲି ବୋଲି ଭାବିବା ଉଚିତ୍ ନୁହେଁ।

ଭାରତ ଓ ପାକିସ୍ତାନ୍ ମଧ୍ୟରେ ବିଗତ ଦିନ ଗୁଡିକରେ ଅଚାନକ ସୃଷ୍ଟି ହୋଇଥିବା ବିଦ୍ୱେଷଭାବର ଅବସ୍ଥାକୁ ସାରା ସଂସାର ଦେଖିସାରିଲାଣି । ଏହି ଦୁଇଟି ରାଷ୍ଟ୍ର ହେଉଛନ୍ତି ଆଣବିକ ଶକ୍ତି ସମ୍ପନ୍ନ ଏବଂ ଦୁଇଜଣଯାକ ବିଭିନ୍ନ ଦେଶମାନଙ୍କ ସହିତ ବାହ୍ୟ ଭାବେ ବା ଗୁପ୍ତଭାବେ ମିତ୍ରତା ରଖିବାର ଚୁକ୍ତି କରିଛନ୍ତି । ସେଇଥିପାଇଁ ଏମାନଙ୍କ ମଧ୍ୟରେ ଯଦି କୌଣସି ସମ୍ଭବତଃ ଯୁଦ୍ଧ ହୋଇଯାଏ ତେବେ ଏହାର ଫଳାଫଳ ବହୁତ ବ୍ୟାପକ ଧ୍ୱଂସପୂର୍ଣ୍ଣ ହେବ ।

ମୁଁ ବାରମ୍ବାର ଏକଥାକୁ ପରିପ୍ରକାଶ କରିସାରିଛି ଯେ କିଛି ଆଣବିକ ରାଷ୍ଟ୍ରଗୁଡିକର ମୁଖିଆମାନେ ଆଣବିକ ଅସ୍ତ୍ରଶସ୍ତ୍ରକୁ ବ୍ୟବହାର କରିବା ପାଇଁ ପ୍ରତିକ୍ଷଣ ତତ୍ପର ରହିବାର ଦେଖାଯାଉଛନ୍ତି । ସେଥିରୁ ଏକଥା ଅନୁଭବ ହେଉଛି ଯେ ବୋଧହୁଏ ସେମାନଙ୍କୁ ଏହାର ଭୟଙ୍କର ପରିଣାମର ଜ୍ଞାନ ନାହିଁ । ଏହି ଅସ୍ତ୍ରଶସ୍ତ୍ର ଗୁଡିକ ନା କେବଳ ସେହି ଦେଶଗୁଡିକୁ ଭୂପୃଷ୍ଠାରୁ ନିଶ୍ଚିହ୍ନ କରିଦେବା ପାଇଁ ଶକ୍ତି ରଖିଛି ଓ ଯାହାଙ୍କ ବିରୋଧରେ ଏହାକୁ ବ୍ୟବହାର କରାଯିବ ସେ ମଧ୍ୟ ନିଶ୍ଚିହ୍ନ ହେବ କିନ୍ତୁ ଏହା ସତ୍ୱେ ମଧ୍ୟ ସେହି ଅସ୍ତ୍ରଶସ୍ତ୍ର ଗୁଡିକର ବ୍ୟବହାର ଯୋଗୁ ସମଗ୍ର ସଂସାରର ଶାନ୍ତି ଓ ସୌହାର୍ଦ୍ଦ୍ୟ ବିପଦରେ ପଡିଯିବ । ସେଥିପାଇଁ ଏହା ଜରୁରୀ ଅଟେ ଯେ ଦେଶ ଓ ସେମାନଙ୍କ ନେତାମାନେ ନିଜର ଧ୍ୟାନକୁ କେବଳ ନିଜ ଦେଶର ହିତ ପାଇଁ ରଖିବା ପରିବର୍ତ୍ତେ ବିଶ୍ୱହିତକୁ ଆଖି ଆଗରେ ରଖନ୍ତୁ । ଶାନ୍ତିର ପ୍ରସାର ପ୍ରଚାର ପାଇଁ ବିଭିନ୍ନ ଦେଶ ଓ ସଂଗଠନ ଗୁଡିକ ମଧ୍ୟରେ ଆଲୋଚନା କରାଯିବା ବହୁତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଦୁଇପକ୍ଷକୁ ଧୈର୍ଯ୍ୟ ଦେଖାଇବା ସହିତ ଏ ପୃଥିବୀରେ ସ୍ଥାୟୀ ଶାନ୍ତିର ପ୍ରଚାର ପ୍ରସାର ପାଇଁ ଥିବା ମିଳିତ ଉଦ୍ଦେଶ୍ୟ ନିମନ୍ତେ ଚେଷ୍ଟା କରିବା ଉଚିତ୍ ।

Spiegel online କୁ ଦିଆଯାଇଥିବା ଏବେକାର ଗୋଟିଏ ସାକ୍ଷାତ୍‌କାର୍‌ରେ ଜର୍ମାନୀର ପୂର୍ବତନ ବୈଦେଶିକ ମନ୍ତ୍ରୀ Sigmar Gabriel ସଚେତନ କରାଇଛନ୍ତି ଯେ ଦୁନିଆ ବର୍ତ୍ତମାନର ଭୌଗଳିକ ରାଜନିତୀ ଫଳରେ ସୃଷ୍ଟି ହୋଇଥିବା ବିପଦକୁ ଉପେକ୍ଷା କରୁଅଛି । ସେ ଦୁନିଆର ବର୍ତ୍ତମାନ ପରିସ୍ଥିତିକୁ ୧୯୪୫ ମସିହା ଏବଂ ୧୯୮୯ ମସିହାର ପରିସ୍ଥିତି ସହିତ ତୁଳନା କରି କହୁଛନ୍ତି:- "ଏ ଦୁନିଆର ପରିସ୍ଥିତି ଖୁବ୍ କ୍ଷିପ୍ର ଗତିରେ ପରିବର୍ତନ ହେଉଅଛି..... ପାଶ୍ଚାତ୍ୟ ଦେଶଗୁଡିକ ବିଭିନ୍ନ ଗୋଷ୍ଠୀରେ ବାଂଟି ହୋଇଗଲେଣି..... ବିଗତ ୭୦ ବର୍ଷ ମଧ୍ୟରେ ଉପୁଜିଥିବା ଗୋଟିଏ ସ୍ୱଷ୍ଟ ପରିବର୍ତନ ହେଉଛି ଏହା ଯେ ପ୍ରଥମେ ଆମେ ଆମେରିକା ଉପରେ ଗୋଟିଏ ମାର୍ଗଦର୍ଶକ ରାଷ୍ଟ୍ର ରୂପେ ବିବେଚନା କରି ଭରଷା କରିପାରୁଥିଲେ କିନ୍ତୁ ବର୍ତମାନ ଆମେ ଏପରି ଏକ ସମୟ ଦେଇ ଗତି କରୁଅଛେ କି ଯେତେବେଳେ ୟୁରୋପ ନିଜେ ନିଜର ଆତ୍ମସମ୍ମାନ ରଖିବା ପାଇଁ ଯୁଦ୍ଧର ସମ୍ମୁଖୀନ ହେଉଅଛି"।

ସେହିଭଳି ନ୍ୟୁୟର୍କ୍ ଟାଇମ୍‌ସ୍ ପତ୍ରିକାର ଗୋଟିଏ ଆର୍ଟିକିଲ୍‌ରେ ରୁଷ୍‌ର ପୂର୍ବତନ ନେତା Mikhail Gorbachev ବୟାନ୍ ଦେଇଛନ୍ତି ଯେ ଆମେରିକା ଓ ରୁଷ୍ ମଧ୍ୟରେ ଏବେ I.N.F Treaty କୁ ଶେଷ କରିଦିଆଯିବା ଫଳରେ ଆଣବିକ ଅସ୍ତ୍ରଶସ୍ତ୍ରର ଏକ ନୂଆ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ସେ ପୁଣି ଲେଖୁଛନ୍ତି:- "ହତିଆର ରଖିବାର ଏକ ନୂଆ ବାଦବିବାଦ ଆରମ୍ଭ ହୋଇଯାଇଛି । I.N.F Treaty ର ଶେଷ ହୋଇଯିବା ଯୋଗୁ ଏ ପୃଥିବୀରେ ସାମରିକ ପଦକ୍ଷେପ ପ୍ରତି ଆଗ୍ରହ ବଢୁଥିବାର ଏହା କୌଣସି ପ୍ରଥମ ଘଟଣା ନୁହେଁ । ଏହା ପୂର୍ବରୁ ୨୦୦୨ ମସିହାରେ ଆମେରିକା ଆଂଟି ବାଲାଷ୍ଟିକ୍ ମିଜାଇଲ୍‌ର ଚୁକ୍ତିରୁ ପଛକୁ ହଟିଯାଇଥିଲା ଓ ଏବର୍ଷ ଇରାନ୍ ସହିତ କରାଯାଇଥିବା ନ୍ୟୁକ୍ଲିୟର୍ ଅସ୍ତ୍ରଶସ୍ତ୍ରର ଚୁକ୍ତି ଶେଷ ହେବା ମଧ୍ୟ ଏହାର ପରିଣାମ ଅଟେ । ସାମରିକ ଖର୍ଚ୍ଚ ଆକାଶ ଛୁଆଁ ହୋଇଗଲାଣି ଓ ଦିନକୁ ଦିନ ଏହା ବଢ଼ିଚାଲିଛି ।"

ଆଣବିକ ଯୁଦ୍ଧର ବିପଦକୁ ସଚେତନ କରାଇ ଗୋର୍ବାଚୋଭ୍ ଲେଖୁଛନ୍ତି:- "ଏହିଭଳି ଯୁଦ୍ଧ କୌଣସି ବିଜେତା ହୋଇପାରେନାହିଁ । ଯାହାକୁ ସମସ୍ତେ ମିଳିମିଶି ନିଜ ବିରୋଧରେ ହିଁ ଲଢୁଛନ୍ତି । ବିଶେଷ ରୂପେ ଯଦି ତାହା ଆଣବିକ ଅସ୍ତ୍ରର ବ୍ୟବହାର ଉପରେ ଆଧାରିତ ହୋଇଥିବ । ଏପରି ସମ୍ଭାବନାକୁ ରଦ୍ଦ କରା ନ ଯାଇପାରେ । ଆଖିବୁଜା ଅସ୍ତ୍ରଶସ୍ତ୍ରର ରଖିବାର ପ୍ରତିଯୋଗିତା, ଆନ୍ତର୍ଜାତୀୟ ସଂକଟ, ଆନ୍ତର୍ଜାତୀୟ ସ୍ତରରେ ଶତୃତା ଏବଂ ଆପୋଷ ଭରଷା ନ ରହିବାର ପରିବେଶ ନିଆଁରେ ତେଲ ପରି କାମ କରୁଅଛି ।"

ସୁତରାଂ ପ୍ରବୀଣ ସମୀକ୍ଷକ ଏବଂ ରାଜନୈତିଜ୍ଞମାନେ ଏକଥାରେ ଉପନୀତ ହେଉଛନ୍ତି ଯେ ଆଣବିକ ଯୁଦ୍ଧ ଏବେ ହୋଇଯିବା କୌଣସି ବଡ କଥା ନୁହେଁ ବରଂ ଏହି ବିପଦ ବଢ଼ିଚାଲିଛି ଓ ଏହାକୁ ଉପେକ୍ଷା କରାଯାଇନପାରେ ।

ଯଦି ଆମେ ବର୍ତମାନ ସମୟର କିଛିଟା ପ୍ରମୁଖ ସମସ୍ୟାର ମୋଟାମୋଟି ନିରୀକ୍ଷଣ ମଧ୍ୟ କରିବା ତେବେ ଏକଥା ସ୍ୱଷ୍ଟ ହୋଇଯିବ ଯେ ବର୍ତମାନ ପୃଥିବୀ ଧ୍ୱଂସଆଡକୁ ବଢ଼ିଚାଲିଛି । ପଛବର୍ଷ ଆମେରିକା ବହୁତ ଦମ୍ଭରେ ଏ ଦାବି କରିଥିଲା ଯେ ସେ ଉତର କୋରିଆ ସହିତ ଗୋଟିଏ ଐତିହାସିକ ଶାନ୍ତି ଚୁକ୍ତି କରିବାରେ ସଫଳ ହେବ । ଯେବେ କି ଏବେ ଏହା ସ୍ୱଷ୍ଟ ହୋଇସାରିଛି ଯେ ଏ ସମ୍ବନ୍ଧରେ ବିଶେଷ ରୂପେ ସଫଳତା ମିଳିପାରିନାହିଁ ।

ଏତଦ୍‌ବ୍ୟତୀତ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସଂକଟ ଓ ମତଭେଦ ମଧ୍ୟ ଭୀଷଣ ରୂପ ଗ୍ରହଣ କରିଚାଲିଛି । ଉଣା ଅଧିକେ ବିଗତ ଏକ ଦଶକ ହେବ ଶିରିଆ ଦେଶ ରକ୍ତପାତର ଶିକାର ହେଉଅଛି ଓ ଦେଶର ଶାନ୍ତି କ୍ଷୁର୍ଣ୍ଣ ହୋଇସାରିଛି । ଏକଥା କୁହାଯାଉଛି ଯେ ଗୃହଯୁଦ୍ଧ ଏବେ ଶେଷ ହେବା ଉପରେ ରହିଛି ବୋଲି କିନ୍ତୁ ବିଗତ ଦଶକରେ ଲକ୍ଷ ଲକ୍ଷ ଲୋକଙ୍କ ମରିବା ଓ ତା'ଠାରୁ ଅଧିକ ଲୋକଙ୍କୁ ଗୃହତ୍ୟାଗ କରିବା ବ୍ୟତୀତ ଆଉ କ'ଣ ପ୍ରାପ୍ତ ହୋଇଛି ? ଏହି ସମସ୍ତ କାର୍ଯ୍ୟକ୍ରମର କିଛି ହେଲେ ବି ସକରାତ୍ମକ ଫଳ ବାହାରିନାହିଁ ଏବଂ ଏବେ ମଧ୍ୟ ଭବିଷ୍ୟ ଅନିଶ୍ଚିତତା ଓ ଭୟଭୀତ ହୋଇ ରହିଛି କାରଣ ଏପରି ଦେଶଗୁଡିକ ଯେଉଁମାନଙ୍କର ବ୍ୟକ୍ତିଗତ ଲାଭ, ଶିରିଆ ଦେଶର ଭବିଷ୍ୟତ ସହିତ ଜଡିତ ରହିଛି ଓ ସେମାନଙ୍କ ମଧ୍ୟରେ ମତଭେଦ ବଢ଼ିଚାଲିଛି । ଗୋଟିଏ ପଟେ ରୁଷ୍ ଓ ତୁର୍କୀର ଏକତା ତ ଅନ୍ୟପଟେ ଆମେରିକା ଓ ସାଉଦୀ ଆରବ ମିଶି ଇରାନ୍ ଉପରେ ଚାପ ପକାଉଛନ୍ତି ଓ ତା ଉପରେ ଆହୁରି ଅଧିକ ପ୍ରତିବନ୍ଧକ ଲଗାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ରାଜନୈତିକ ବ୍ୟାଖ୍ୟାକାରୀମାନେ ଏକଥାକୁ ଖୋଲାଖୋଲିଭାବେ ସ୍ୱଷ୍ଟ କରୁଛନ୍ତି ଯେ ଉକ୍ତ ଦେଶଗୁଡିକର ଉଦ୍ଦେଶ୍ୟ କେବଳ ମଧ୍ୟପ୍ରାଚ୍ୟ ଉପରେ ନିଜର ପ୍ରଭୁତ୍ୱକୁ ସ୍ଥାପନ କରିବା ।

ଆଉ ଏକ ଭୟଙ୍କର କଥା ହେଉଛି ଏହା କି ତୁର୍କୀ ଓ କୁର୍ଦ୍ ସମ୍ପ୍ରଦାୟ ମଧ୍ୟରେ ଟଣାଓଟରା ପରିସ୍ଥିତି ଉପୁଜିଛି ଯେଉଁଠି କୁର୍ଦ୍ ନିଜେ ସ୍ୱାଧୀନତା ହାସଲ କରିବା ପାଇଁ ଚାହୁଁଅଛି ।

ସୁତରାଂ ଏ ସଂସାର ଏବେ ଏପରି ଖରାପ ପରିଧି ମଧ୍ୟରେ ଝୁଲି ରହିଛି ଯାହା ମଧ୍ୟରେ ଗୋଟିଏ ବିବାଦ ଆଉ ଗୋଟିଏ ବିବାଦକୁ ଜନ୍ମ ଦେଉଅଛି । କାରଣ ଆପୋଷରେ ଥିବା ଶତୃଭାବ ଓ ବିଦ୍ୱେଶଭାବ ପୂର୍ବଠାରୁ ଅଧିକା ଗଭୀରରୁ ଗଭୀରତର ହୋଇଚାଲିଛି । କେହି ଜାଣିନାହାଁନ୍ତି ଯେ ଏହି ସମସ୍ୟା ଗୁଡିକ ଆମକୁ ପରିଶେଷରେ ନେଇ କେଉଁଠାରେ ପହଂଚିବ ଓ ଏହାର କେତେ ମାତ୍ରାରେ ଭୟଙ୍କର ଫଳାଫଳ ପରିପ୍ରକାଶ ହେବ । ଏ ସବୁକିଛି ତ ମୁଁ ଗୋଟିଏ ନମୁନା ରୂପେ ବର୍ଣ୍ଣନା କଲି । ଏତଦ୍‌ବ୍ୟତୀତ ଆହୁରି ମଧ୍ୟ ଅନେକ ଭୟାବହ ସମସ୍ୟାମାନ ରହିଛି, ଯାହାଦ୍ୱାରା ଏ ପୃଥିବୀର ଶାନ୍ତି ଓ ଆନନ୍ଦକୁ ଭୀଷଣ ବିପଦ ଲାଗିରହିଛି ।

ଉଦାହରଣ ସ୍ୱରୂପ ଏକଥା କୁହାଯାଉଛି ଯେ ସନ୍ତ୍ରାସବାଦ ଗୋଷ୍ଠୀ 'ଦାଇସ୍' ଏବେ ନିଜର ଧ୍ୱଂସ ମୁଖରେ ପଡିଛି ଓ ତାଙ୍କର ତଥାକଥିତ ଖିଲାଫତ୍ ମଧ୍ୟ ଶେଷ ନିଃଶ୍ୱାସ ତ୍ୟାଗ କରିସାରିଛି । କିନ୍ତୁ କେତେକ ପ୍ରବୀଣ ସମୀକ୍ଷକ ଏବେ ମଧ୍ୟ ସଚେତନ କରାଉଛନ୍ତି ଯେ ଯଦିଚ ଦାଇସ୍ ନିଜର ସ୍ଥାନୀୟ ପ୍ରଭୁତ୍ୱକୁ ହରାଇ ବସିଛି କିନ୍ତୁ ତାହାର ସନ୍ତ୍ରାସବାଦ ଦୃଷ୍ଟିକୋଣରେ ଏବେ ମଧ୍ୟ ଜୀବନର ଅଣୁ ବାକି ରହିଛି ଓ ତା'ର ଯେଉଁ ସଦସ୍ୟମାନେ ଅଛନ୍ତି ସେମାନେ ବଂଚି ଚାଲିଯାଇଛନ୍ତି ଓ ଏ ପୃଥିବୀରେ ବ୍ୟାପୁଅଛନ୍ତି ଏବଂ ସେମାନେ କେତେବେଳେ ମଧ୍ୟ ପୁନର୍ବାର ସଂଗଠିତ ହୋଇ ୟୁରୋପ ବା ଅନ୍ୟ ସ୍ଥାନ ଗୁଡିକରେ ଆକ୍ରମଣ କରିପାରିବେ । ଏହାର ଅତିରିକ୍ତ ପାଶ୍ଚାତ୍ୟ ଦେଶଗୁଡିକର ମୁଣ୍ଡ ଉପରେ "କୌମିୟତ୍ ପରସ୍ତି" (ଅର୍ଥାତ୍ ସ୍ୱଜାତିଭାବ) ର ଭୁତ ପୁନର୍ବାର ଚଢ଼ିଯାଇଛି) ଏବଂ ଦକ୍ଷୀଣପନ୍ଥୀ ସହିତ ସମ୍ପର୍କ ରଖିଥିବା କଠୋର ପନ୍ଥୀ ସଂଗଠନ ଗୁଡିକ ଲୋକପ୍ରିୟତା ହାସଲ କରୁଛନ୍ତି ।

ଏହି ପାର୍ଟି ଗୁଡିକକୁ ଅବଶ୍ୟ ରାଜନୈତିକ ସ୍ତରରେ ଲୋକପ୍ରିୟତା ହାସଲ ହୋଇନାହିଁ କିନ୍ତୁ ପୁଣି ମଧ୍ୟ ଯେପର୍ଯ୍ୟନ୍ତ ସମାଜର ପ୍ରତ୍ୟେକ ସ୍ତରରେ ନ୍ୟାୟ ସ୍ଥାପନ ନ ହୋଇଛି ଏହି ଦଳଗୁଡିକ ଧିରେ ଧିରେ ଲୋକପ୍ରିୟତା ହାସଲ କରିଚାଲିବେ । ଏମାନଙ୍କର ଲୋକପ୍ରିୟତାର ବହୁତ ବଡ ଓ ମୂଳ କାରଣ ହେଉଛି ଶରଣାର୍ଥୀମାନଙ୍କ ସଂଖ୍ୟାରେ ଅଭିବୃଦ୍ଧି । ଏହାଦ୍ୱାରା ଲୋକମାନଙ୍କ ମଧ୍ୟରେ ଅସ୍ଥିରତା ସୃଷ୍ଟି ହେଉଛି ଏବଂ ଏହି ଦୃଷ୍ଟିକୋଣ ସୁଦୃଢ଼ ହେଉଅଛି ଯେ ସେହି ଦେଶଗୁଡିକର ଅସଲ ବାସିନ୍ଦାମାନଙ୍କ ସାଧନକୁ ସେମାନଙ୍କ ଉପରେ ଖର୍ଚ୍ଚ କରିବା ପରିବର୍ତ୍ତେ ବିଦେଶି ଶରଣାର୍ଥୀମାନଙ୍କ ସାହାଯ୍ୟ କରିବାରେ ଖର୍ଚ୍ଚ କରାଯାଉଅଛି । ମୁଁ ପୂର୍ବରୁ ମଧ୍ୟ ଏ ବିଷୟରେ ପୁଙ୍ଖାନୁପୁଙ୍ଖଭାବେ ଚର୍ଚ୍ଚା କରିସାରିଛି । ସେଥିପାଇଁ ପୁରୁଣା କଥାକୁ ମୁଁ ଆଉ ପୁନରାବୃତି କରିବାକୁ ଚାହୁଁନାହିଁ ।

ଏତିକି କରିଦେବା ଯଥେଷ୍ଟ ହେବ ଯେ ଯଦି ଶାନ୍ତି ସ୍ଥାପନ ପାଇଁ ପ୍ରକୃତ ଚେଷ୍ଟା କରାଯିବ ଏବଂ ସମସ୍ତ ଦେଶଗୁଡ଼ିକୁ ଉନ୍ନତି କରିବା ପାଇଁ ସାହାଯ୍ୟ ଓ ସହଯୋଗ କରାଯାଏ ତେବେ ଲୋକମାନେ ନିଜ ଘର ଛାଡ଼ି ବାହାରକୁ ପଳାୟନ କରିବାର ଯେଉଁ ବିବଶତା ରହିଛି ଓ ମଜ୍‌ବୁରି ରହିଛି ତାହା ଆପେଆପେ ଶୀତଳ ଓ ସ୍ଥିତ ହୋଇଯିବ ।

ଲୋକମାନେ ତ କେବଳ ଏତିକି ହିଁ ଚାହୁଁଛନ୍ତି ଯେ ସେମାନେ ନିଜ କୁଟୁମ୍ବମାନଙ୍କୁ ଭରଣପୋଷଣ କରିବା ପାଇଁ ସେମାନେ ଯୋଗ୍ୟ ହୋଇଯାଆନ୍ତୁ । ଯେତେବେଳେ ସେମାନଙ୍କ ପାଇଁ ଏ ରାସ୍ତାକୁ ବନ୍ଦ କରିଦିଆଯିବ ତେବେ ପୁଣି ଉନ୍ନତ ଜୀବନ ଶୈଳୀକୁ ଆପଣାଇବା ପାଇଁ ଏହି ଲୋକମାନେ ନିଜ ଦେଶକୁ ଛାଡ଼ିବା ପାଇଁ ଚେଷ୍ଟା କରିବେ । ସୁତରାଂ ଶରଣାର୍ଥୀମାନଙ୍କର ସମସ୍ୟାର ସ୍ଥାୟୀ ସମାଧାନ ହେଉଛି ଏହା କି ଯୁଦ୍ଧ ପ୍ରପିଡୀତ ଦେଶଗୁଡ଼ିକରେ ଶାନ୍ତି ସ୍ଥାପନ କରାଯାଉ ଓ ସେଠାରେ ବିବଶ ଅବସ୍ଥାରେ, ଭୟ ଓ ଦାରିଦ୍ର୍ୟ ଜୀବନ ବିତାଉଥିବା ସାଧାରଣ ଲୋକମାନଙ୍କୁ ସାହାଯ୍ୟ କରାଯାଉ । ଫଳତଃ ସେମାନେ ନିଜ ଗୋଡ଼ରେ ଛିଡ଼ା ହୋଇପାରିବେ ଓ ଶାନ୍ତିର ସହିତ ନିଜ ଜୀବନ ବିତାଇପାରିବେ ।

ସଂକ୍ଷେପରେ ଏତିକି ଯେ ମୁହାଜିର୍‌ମାନେ ବା ରାଜନୈତିକ ଶରଣ ନେଇଥିବା ଲୋକମାନେ ଯେତେବେଳେ ନିଜ ଦେଶର ରାଜନୈତିକ ଓ ଧାର୍ମିକ ଅବସ୍ଥା ଯୋଗୁ ପାଶ୍ଚାତ୍ୟ ଦେଶଗୁଡ଼ିକ ଆଡ଼କୁ ମୁହାଁଉଛନ୍ତି ତେବେ ଯେଉଁଠି ସେମାନଙ୍କ ସହିତ ସମ୍ମାନ ଓ ଆଦର ହେବା ଉଚିତ୍ ସେଠାରେ ଏକଥା ମଧ୍ୟ ଦୃଷ୍ଟି ଆଗରେ ରହିବା ଉଚିତ୍ ଯେ ସେମାନଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସାହାଯ୍ୟ ସୁବିଧା ଗୁଡ଼ିକ ଯୋଗୁ ସ୍ଥାନୀୟ ବାସିନ୍ଦା ମାନଙ୍କ ସୁବିଧା ସହଯୋଗରେ କୌଣସି ପ୍ରଭାବ ନ ପକାଉ ।

ମୁହାଜିର୍‌ମାନଙ୍କୁ ବହୁତ ଲମ୍ବା ସମୟ ପର୍ଯ୍ୟନ୍ତ ସରକାରଙ୍କ ତରଫରୁ ଦୟା ଦେଖାଯାଇ ମିଳୁଥିବା ଆଲାଉନ୍‌ସ୍ ଏବଂ ସୁବିଧା ସୁଯୋଗ ଉପରେ ଜିବୀକା ନିର୍ବାହ କରିବା ପରିବର୍ତ୍ତେ ଏଥିପ୍ରତି ପ୍ରୋତ୍ସାହିତ କରାଯିବା ଉଚିତ୍ ଯେ ସେମାନେ ଯଥାଶିଘ୍ର ନିଜ ପାଇଁ ରୋଜଗାର ତଲାସ କରନ୍ତୁ । ସେମାନେ ନିଜେ ମଧ୍ୟ ଏ ଚେଷ୍ଟା କରିବା ଉଚିତ୍ ଯେ ପରିଶ୍ରମ କରି ସେମାନେ ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ଚେଷ୍ଟା କରନ୍ତୁ ଓ ସମାଜର ଉନ୍ନତି ପାଇଁ ସକରାତ୍ମକ ଭୂମିକା ନିର୍ବାହ କରନ୍ତୁ ନଚେତ୍ ଅନବରତ ଟାକ୍‌ସ୍ ଦେଉଥିବା ଲୋକମାନଙ୍କ ଅର୍ଥରୁ ଯଦି ସେମାନଙ୍କୁ ସାହାଯ୍ୟ ଦିଆଯାଉଥିବ ତେବେ ଏହାଦ୍ୱାରା ନିଶ୍ଚିତ ରୂପେ ଆପତି ଓ ଅଭିଯୋଗ ସୃଷ୍ଟି ହେବ ।

ମୁଁ ଏକଥା ଭାବୁଛି ଯେ ସାମାଜିକ ଓ ଆର୍ଥିକ ସଂକଟ ସମାଜରେ ଘୃଣାଭାବ ଓ ଅସ୍ଥିରତା ସୃଷ୍ଟି କରିବାରେ ମୂଳ କାରଣ ହୋଇଥାଏ । କିଛି ଗୋଷ୍ଠୀ ଏହି ଅସ୍ଥିରତାର ଅନୁଚିତ୍ ଲାଭ ଉଠାଇ ମୁହାଜିର୍‌ମାନଙ୍କୁ ବା କୌଣସି ବିଶେଷ ଧର୍ମର ଅନୁଯାୟୀମାନଙ୍କୁ ଦୋଷୀ ଅଭିହିତ କରୁଛନ୍ତି ଓ ସେମାନଙ୍କ ବିରୋଧରେ ଘୃଣାଭାବ ପ୍ରସାର ପ୍ରଚାର କରୁଛନ୍ତି ।

ସୁତରାଂ ୟୁରୋପ୍‌ରେ ଏ ଭାବନା ସୃଷ୍ଟି ହୋଇସାରିଛି ଯେ ଏସିଆର ଲୋକମାନେ, ଆଫ୍ରିକୀୟମାନେ ଏବଂ ବିଶେଷ ରୂପେ ଦେଶଛାଡ଼ି ପଳାଇ ଆସିଥିବା ମୁସଲ୍‌ମାନ୍‌ମାନେ ସେମାନଙ୍କ ସମାଜ ପାଇଁ ବିପଦପୂର୍ଣ୍ଣ ଅଟନ୍ତି । ଆମେରିକାରେ ମଧ୍ୟ ଲୋକମାନେ ମୁସଲ୍‌ମାନ୍ ଏବଂ ହସ୍‌ପାନୁଓ୍ୱି ଲୋକମାନେ ଯେଉଁମାନେ ମେକ୍‌ସିକୋ ମାଧ୍ୟମ ଦେଇ ତାଙ୍କ ଦେଶରେ ପ୍ରବେଶ କରିବା ପାଇଁ ଚେଷ୍ଟା କରୁଛନ୍ତି ସେମାନଙ୍କ ସମ୍ପର୍କରେ ଏହି ପ୍ରକାରର ଆଶଙ୍କା ଓ ଭୟଭାବ ରଖିଛନ୍ତି । ସେ ଯାହାହେଉ ଏକଥାରେ ମୋର ଦୃଢ଼ ବିଶ୍ୱାସ ରହିଛି ଯେ ବଡ ବଡ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ନିର୍ଦ୍ଦେଶ ହିତକୁ ପଛରେ ପକାଇ ଆନ୍ତରିକତାର ସହିତ ଗରିବ ଦେଶଗୁଡ଼ିକର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରିବେ ଓ ସେମାନଙ୍କ ସହିତ ସହାନୁଭୁତି ଦେଖାଇବେ ଓ ସେମାନଙ୍କୁ ସମ୍ମାନ କରିବେ ତେବେ ଏହି ପ୍ରକାରର ସମସ୍ୟା କେବେ ବି ସୃଷ୍ଟି ହେବନାହିଁ ।

ଏଠି ବ୍ରିଟେନ୍‌ରେ Brexit ଏବଂ ଭବିଶ୍ୟତରେ ବ୍ରିଟେନ୍‌ର ୟୁରୋପିୟ ୟୁନିଅନ୍ ସହିତ ସମ୍ପର୍କ ପ୍ରସଙ୍ଗରେ ପରିସ୍ଥିତି ବହୁତ ଜଟିଳ ହୋଇଯାଇଛି । ୨୦୧୨ ମସିହାରେ ମୁଁ ୟୁରୋପିଆନ୍ ପାର୍ଲିଆମେଂଟ୍‌ରେ ମୋ ନିଜ ଅଭିଭାଷଣରେ ଏ ପ୍ରସଙ୍ଗରେ ଖୋଲାଖୋଲି ଭାବେ ଏ ମତ ପ୍ରକାଶ କରି କହିଥିଲି ଯେ:- "ଆପଣମାନଙ୍କୁ ଜଣେ ଅନ୍ୟଜଣକ ଅଧିକାରକୁ ସମ୍ମାନ ଦେଖାଇ ଏହି ଏକତାକୁ କାଏମ୍ ରଖିବା ପାଇଁ ଯଥା ସମ୍ଭବ ଚେଷ୍ଟା କରିବା ଉଚିତ୍ । ସାଧାରଣ ଲୋକଙ୍କ ମନ ଭିତରେ ଥିବା ଶଙ୍କା, ଭୟ ଏବଂ ଅନିଶ୍ଚିତତା ଯେମିତି ହେଲେ ବି ଦୂର ହେବା ଉଚିତ୍"

ମୁଁ ସେ ସମୟରେ ଏକଥା ମଧ୍ୟ କହିଥିଲି ଯେ ୟୁରୋପ୍‌ର ଦୃଢ଼ତା ଓ ମଜ୍‌ବୁତି ତା'ର ଏକତାରେ ହିଁ ନିହିତ ରହିଛି । ଏହି ପ୍ରକାରର ଏକତା ଦ୍ୱାରା ନା କେବଳ ଆପଣମାନଙ୍କୁ ଏଠି ୟୁରୋପ୍‌ରେ ଲାଭ ମିଳିବ ବରଂ ବିଶ୍ୱସ୍ତରରେ ମଧ୍ୟ ଏହି ଏକତା ଏହି ମହାଦେଶର ଶକ୍ତି ଓ ପ୍ରଭାବକୁ କାଏମ୍ ରଖିବାର ମାଧ୍ୟମ ହେବ ।

୭ ବର୍ଷ ପୂର୍ବେ ମୁଁ ମୋର ଭାଷଣରେ ସାଧାରଣ ଲୋକମାନଙ୍କର ଇମିଗ୍ରେସନ୍ ସମ୍ବନ୍ଧରେ ଶଙ୍କାକୁ ଦୂର କରିବାର ଗୁରୁତ୍ୱ ଓ ୟୁରୋପୀୟ ୟୁନିଅନ୍‌ର ଏକତାର ଲାଭ ଉପରେ ଜୋର୍ ଦେଇଥିଲି ।

କିନ୍ତୁ ଏପର୍ଯ୍ୟନ୍ତ ଲୋକମାନଙ୍କ ସୁରକ୍ଷା ନିମନ୍ତେ ସଠିକ୍ ଭାବେ ଧ୍ୟାନ ଦିଆଯାଇନାହିଁ । ସେଥିଯୋଗୁ ସାରା ୟୁରୋପ୍‌ରେ ଲୋକମାନେ ୟୁରୋପୀୟ ୟୁନିଅନ୍‌ର ହିତ ଉପରେ ପ୍ରଶ୍ନ ଉଠାଇବାକୁ ଲାଗିଲେଣି । ଏହାର ମନ୍ଦ ଉଦାହରଣ ହେଉଛି Brexit. କେତେକ ୟୁରୋପୀୟ ରାଷ୍ଟ୍ରଗଣ ଉଦାହରଣ ସ୍ୱରୂପ ଇଟାଲି, ସ୍ପେନ୍ ଏବଂ ଏପରିକି ଜର୍ମାନୀରେ ମଧ୍ୟ ଜାତିବାଦ ଦଳଗୁଡ଼ିକ ମାନ୍ୟତା ହାସଲ କରୁଅଛନ୍ତି ଏବଂ ରାଜନୈତିକ କ୍ଷେତ୍ରରେ କିଛି ସିଟ୍ ମଧ୍ୟ ଜିତୁଛନ୍ତି । ସେଥିପାଇଁ ସେମାନେ ୟୁରୋପୀୟ ୟୁନିଅନ୍‌କୁ ଆହୁରି ଅଧିକ ଦୁର୍ବଳ କରିଦେବା ପାଇଁ ଚେଷ୍ଟା କରିବା ସହିତ ଇମିଗ୍ରେସନ୍ ବିରୋଧି ଏଜେଣ୍ଡାକୁ ପ୍ରୋତ୍ସାହିତ କରୁଛନ୍ତି ।

ମୋର କହିବାର ଏକଥା ଥିଲା ଯେ ୟୁରୋପ ନିଜ ଏକତାକୁ ଆହୁରି ଅଧିକ ସୁଦୃଢ଼ କରିବ କିନ୍ତୁ ବିଗତ କିଛି ବର୍ଷ ହେବ ଏଠାରେ ମତଭେଦ ଏବଂ ପୁଣି ସେହି ମତଭେଦ ଯୋଗୁ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା ବଢ଼ିଚାଲିଛି । ଏହି ପ୍ରକାରର ଅବ୍ୟବସ୍ଥା କାହିଁକି ସୃଷ୍ଟି ହେଉଛି ? ଏହି ଅବ୍ୟବସ୍ଥା କିଛିଟି ଅର୍ଥନୈତିକ ସମସ୍ୟା ଯୋଗୁ ହେଉଅଛି ଓ ଆଉକିଛିଟା ସରକାରଙ୍କର ନାଗରିକମାନଙ୍କ ସହିତ ନ୍ୟାୟ ବ୍ୟବହାର କରିବା ସମ୍ବନ୍ଧରେ ଅସଫଳତା ଯୋଗୁ ସୃଷ୍ଟି ହେଉଅଛି ଓ ସେହିପରି ନିଜ ନାଗରିକମାନଙ୍କର ଅଧିକାରର ସୁରକ୍ଷା ନକରିବା ଯୋଗୁ ସୃଷ୍ଟି ହେଉଅଛି । ମୋର ଦୃଷ୍ଟିକୋଣ ହେଉଛି ଏହା ଯେ ଆନ୍ତର୍ଜାତିୟ ସ୍ତରରେ ଆପୋଷ ଓ ସହଯୋଗମୂଳକ ଭାବନା ଦ୍ୱାରା ଏ ପୃଥିବୀରେ ଯେଉଁ ଅବସ୍ଥା ସୃଷ୍ଟି ହୋଇଛି ତାକୁ ସୁଧାରିବା ପାଇଁ ଏବଂ ଏକତାର ରସିରେ ରହିବା ପାଇଁ ଗୋଟିଏ ସକରାତ୍ମକ ଭୂମିକା ନିର୍ବାହ କରିବ । ଏହାକୁ ସାମ୍ନାରେ ରଖି ୟୁରୋପୀୟ ପାର୍ଲିଆମେଂଟ୍‌ରେ ମୁଁ ଏକଥା ମଧ୍ୟ କହିଥିଲି "ଇସ୍‌ଲାମୀୟ ଦୃଷ୍ଟିକୋଣରୁ ଆମେ ସାରା ଦୁନିଆକୁ ଏକାଠି କରିବା ପାଇଁ ଚେଷ୍ଟା କରିବା ଉଚିତ୍ । କରେନ୍‌ସି କ୍ଷେତ୍ରରେ ମଧ୍ୟ ସାରା ଦୁନିଆକୁ ଏକାଠି ହେବା ଉଚିତ୍ । ସେହିପରି ବେପାର ବଣିଜ ଦୃଷ୍ଟିକୋଣରୁ ମଧ୍ୟ ସାରା ଦୁନିଆକୁ ଏକ ହେବା ଉଚିତ୍ । ପୁଣି ସ୍ୱାଧିନଭାବେ ପରିବହନର ସୁବିଧା ଓ ଇମିଗ୍ରେସନ୍ ଦୃଷ୍ଟିକୋଣରୁ ମଧ୍ୟ ଯୁକ୍ତିଯୁକ୍ତ ଓ ଗ୍ରହଣୀୟ ଯୋଗ୍ୟ ନିୟମକାନୁନ୍ ତିଆରି ହେବା ଉଚିତ୍ ଯଦ୍ୱାରା ସାରା ଦୁନିଆ ଏକ ହୋଇଯିବ" ।

ସୁତରାଂ ଇସ୍‌ଲାମୀୟ ଦୃଷ୍ଟିକୋଣ ହେଉଛି ଏହା କି ଏକତା ହିଁ ଶାନ୍ତିସ୍ଥାପନ କରିବାର ସର୍ବୋତମ ମାଧ୍ୟମ । କିନ୍ତୁ ଦୁଃଖର କଥା ହେଉଛି ଏହା କି ଆମେ ସମସ୍ତେ ଏକାଠି ହେବା ପରିବର୍ତ୍ତେ ମତଭେଦର ଶୀକାର ହେଉଅଛେ ଓ ଏ ପୃଥିବୀର ସମସ୍ତଙ୍କର ହିତକୁ ଆଖି ଆଗରେ ରଖିବା ପରିବର୍ତ୍ତେ ନିଜସ୍ୱ ହିତକୁ ଅଗ୍ରାଧିକାରୀ ଦେଉଅଛେ । ମୋର ଏ ବିଶ୍ୱାସ ଯେ ଏହି ପ୍ରକାରର ନିୟମକାନୁନ୍ ଆସନ୍ତା ସମୟରେ ଏବଂ ବର୍ତମାନ ମଧ୍ୟ ଏ ଦୁନିଆରେ ଶାନ୍ତି ଓ ସୌହାର୍ଦ୍ଦ୍ୟକୁ ଦୁର୍ବଳ କରିବାର କାରଣ ହେଉଅଛି । ଇସ୍‌ଲାମୀୟ ଶିକ୍ଷାର ଆଲୋକରେ ଶାନ୍ତି ସ୍ଥାପନ କରିବାର ଗୋଟିଏ ବୁନିଆଦି କର୍ତବ୍ୟ ହେଉଛି ଏହା କି ସମସ୍ତ ଜାତି ଜଣେ ଅନ୍ୟଜଣଙ୍କ ସହିତ ନ୍ୟାୟ ବ୍ୟବହାର କରନ୍ତୁ ।

ଯଦି କିଛ ଦେଶଗୁଡ଼ିକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ତେବେ ଅନ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ଏହା ଉଚିତ୍ ହେବ ଯେ ସେମାନେ ଉକ୍ତ ଦେଶଗୁଡ଼ିକର ସାହାଯ୍ୟ ସହଯୋଗ ନିଃସ୍ୱାର୍ଥପାର ଭାବେ କରନ୍ତୁ ଏବଂ ନିଜର ନିଜସ୍ୱ ହିତକୁ ପଛରେ ରଖିଦିଅନ୍ତୁ । ଉଦାହରଣ ସ୍ୱରୂପ ପବିତ୍ର କୋରାନ୍‌ରେ ଏକଥା ବର୍ଣ୍ଣିତ ଅଛି ଯେ ଯଦି ୨ଟି ଦଳ ମଧ୍ୟରେ କୌଣସି ଯୁଦ୍ଧ ବା ମତଭେଦ ଥାଏ ତେବେ ଅନ୍ୟ ଦଳଗୁଡ଼ିକୁ ଏହା କରିବା ଉଚିତ୍ ହେବ ଯେ ସେମାନେ ବିନା କୌଣସି ପକ୍ଷପାତିତା କରି ତୃତୀୟ ପକ୍ଷର ଦାୟିତ୍ୱ ନିର୍ବାହ କରନ୍ତୁ ଓ ସମସ୍ୟା ଗୁଡ଼ିକର ଶାନ୍ତିପୂର୍ଣ୍ଣ ସମାଧାନ ଖୋଜନ୍ତୁ । ହଁ ଯଦି ଗୋଟିଏ ପକ୍ଷ ଅନ୍ୟାୟ ମାର୍ଗରେ ରହବା ପାଇଁ ଜିଦି କରୁଛି ଓ ଶାନ୍ତିପୂର୍ଣ୍ଣ ସମାଧାନ ଚାହୁଁନାହିଁ ତେବେ ପୁଣି ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଏହା କରିବା ଉଚିତ୍ ଯେ ସେମନେ ଉକ୍ତ ଅତ୍ୟାଚାରୀ କୌମ୍‌କୁ ଅତ୍ୟାଚାରରୁ ଖ୍ୟାନ୍ତ ରଖିବା ପାଇଁ ଏକାଠି ହୋଇଯାଆନ୍ତୁ । ଯେତେବେଳେ ଅତ୍ୟାଚାର କରୁଥିବା ପକ୍ଷ ନିଜ କାର୍ଯ୍ୟକଳାପକୁ ପରିତ୍ୟାଗ କରିଦିଏ ତେବେ ପୁଣି ଏହିପରି ପରିସ୍ଥିତିରେ ଇସ୍‌ଲାମ୍ ସ୍ପଷ୍ଟଭାବେ ଏ ନିର୍ଦ୍ଦେଶ ଦେଉଛି ଯେ ତା ଉପରେ ଅନୁଚିତ୍ ପ୍ରତିବନ୍ଧକ ଲଗାଇ ବା ସେହି ଜାତିର ସାଧନଗୁଡ଼ିକୁ ଲୁଟି ନେଇ ତାଠାରୁ କଦାପି ପ୍ରତିଶୋଧ ନିଆ ନଯାଉ ।

କିନ୍ତୁ କିଛି ଦେଶଗୁଡ଼ିକର ଉଦାହରଣ ରହିଛି, ଯେଉଁମାନେ ଯୁଦ୍ଧ ପ୍ରଭାବିତ କୌମ୍‌ର ଇଲାକାରେ ହସ୍ତକ୍ଷେପ କରୁଛନ୍ତି ଅଥବା ଶାନ୍ତି ନାମରେ ପଛୁଆ ଓ ଦୁର୍ବଯଳ ରାଷ୍ଟ୍ରଗୁଡ଼ିକୁ ସାହାଯ୍ୟ କରୁଛନ୍ତି । କିନ୍ତୁ ତତ୍‌ସହିତ ବିଭିନ୍ନ ପ୍ରକାର ଆଳ ଦେଖାଇ ସେମାନଙ୍କ ପ୍ରାକୃତି ସାଧନଗୁଡ଼ିକ ଉପରେ କବ୍‌ଜା କରିନେଉଛନ୍ତି । ଶକ୍ତିଶାଳୀ ରାଷ୍ଟ ଗୁଡ଼ିକ ନିଜର ଧନ ସମ୍ପତି ଓ ନିଜର ପ୍ରାକୃତି ସାଧନରେ ସନ୍ତୁଷ୍ଟ ରହିବା ପରିବର୍ତ୍ତେ ନିଜର ଶକ୍ତି

ଓ ବଳପ୍ରୟୋଗ କରି ଗରିବ ରାଷ୍ଟ୍ରଗୁଡ଼ିକୁ ନିଜ ଅଧିନରେ ରଖିବା ପାଇଁ ଚେଷ୍ଟା ରଖୁଛନ୍ତି ।

ଯେମିତି କି ମୁଁ ଏକଥା କହିସାରିଛି ଯେ ଏହି ଅସ୍ଥିରତା ଓ ତାଫଳରେ ସୃଷ୍ଟି ହେଉଥିବା କୁପ୍ରଭାବର ମୂଳକାରଣ ହେଉଛି ଆର୍ଥିକ ଅନ୍ୟାୟ, ତାହା ପ୍ରାଚ୍ୟ ହେଉ ବା ପ୍ରାଶ୍ଚାତ୍ୟ, ସେଥିପାଇଁ ଏହା ଜରୁରୀ ଅଟେ ଯେ କୌମ୍ ଏବଂ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଆର୍ଥିକ ଭେଦଭାବକୁ କମ୍ କରିବା ପାଇଁ ଦୃଢ଼ ଚେଷ୍ଟା କରାଯାଉ । ପୁଣି ଏହା କି ପ୍ରତ୍ୟେକ ପ୍ରକାରର ଚରମପନ୍ଥୀ କାର୍ଯ୍ୟକଳାପ ଏବଂ ଘୃଣାଭାବ ତାହା ଧର୍ମ ଆଧାରରେ ହେଉ ବା ଜାତି ଆଧାରରେ ବା ଆଉ କୌଣସି ପ୍ରକାରର ହେଉ, ସେ ସବୁକୁ ଶେଷ କରିବା ପାଇଁ ଆମ ସମସ୍ତଙ୍କୁ ମିଳିମିଶି ଚେଷ୍ଟା କରିବା ଉଚିତ୍ ।

ଯେଉଁ ଦେଶଗୁଡ଼ିକ ସମ୍ବନ୍ଧରେ ଏକଥା ସ୍ପଷ୍ଟ ହୋଇସାରିଛି ଯେ ସେଠିକାର ଲୋକମାନେ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି ଓ ସେହି ରାଷ୍ଟ୍ରଗୁଡ଼ିକର ନେତାମାନେ ସେମାନଙ୍କର ଅଧିକାରକୁ ସୁରକ୍ଷା ଦେଉନାହାଁନ୍ତି, ସେଠାରେ ଶାନ୍ତି ସ୍ଥାପନ କରିବା ପାଇଁ ପ୍ରତିଷ୍ଠିତ ଆନ୍ତର୍ଜାତୀୟ ସଂଗଠନ ଗୁଡ଼ିକୁ ବିଶେଷ ରୂପେ ଜାତିସଂଘକୁ ଏହା ଉଚିତ୍ ହେବ ଯେ କାନୁନ୍‌ର ପରିଧିମଧ୍ୟରେ ରହି ଶାନ୍ତିପ୍ରିୟ ନାଗରିକମାନଙ୍କର ଅଧିକାରର ସୁରକ୍ଷା ଏବଂ ସମାଜରେ ଶାନ୍ତି ଓ ନ୍ୟାୟ ସ୍ଥାପନ ପାଇଁ ଉଚିତ୍ ଓ ଯୁକ୍ତିଯୁକ୍ତ ଚାପ ପକାନ୍ତୁ ।

ଯେଉଁଠି ଇସ୍‌ଲାମ୍‌ର କଥା ଉଠୁଛି ସେଠାରେ କାହାମନରେ ଏ ଭାବନା ସୃଷ୍ଟି ହୋଇପାରେ ଯେ ମୁସଲ୍‌ମାନ୍ ଦେଶଗୁଡ଼ିକ ନିଜେ ହିଁ ଅନେକ ବର୍ଷ ହେବ ଭେଦଭାବ ଓ ଅସୁରକ୍ଷିତର ଶିକାର ହେଉଛନ୍ତି । ତେବେ ପୁଣି ଆମକୁ ଇସ୍‌ଲାମ୍ ଶାନ୍ତି ସ୍ଥାପନ କରିବା ପ୍ରସଙ୍ଗରେ କି ପ୍ରକାର ଶିକ୍ଷା ଦେଇପାରେ ? ତେବେ ଏହାର ଉତର ହେଉଛି ଏହା କି ଉକ୍ତ ମୁସଲ୍‌ମାନ୍ ରାଷ୍ଟ୍ରଗୁଡ଼ିକର ଏହି ଦୁଃଖଦପୂର୍ଣ୍ଣ ଅବସ୍ଥା ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାଠାରୁ ଦୂରେଇ ଯିବା ଯୋଗୁ ହିଁ ହୋଇଅଛି ।

ଇସ୍‌ଲାମୀୟ ଶୈଳୀରେ ସରକାର ଓ ନେତୃତ୍ୱରେ ଅସଲ ଛବି ଦେଖିବା ପାଇଁ ଓ ବାସ୍ତବିକ କଥାକୁ ଜାଣିବା ପାଇଁ ହେଲେ ଆମକୁ ଇସ୍‌ଲାମ୍‌ର ସଂସ୍ଥାପକ ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ପବିତ୍ର ଯୁଗ ଉପରେ ଦୃଷ୍ଟିନିକ୍ଷେପ କରିବାକୁ ହେବ । ମଦିନା ହିଜ୍‌ରତ୍ କରିବା ପରେ ଆଁ ହଜ୍‌ରତ୍ ସ:ଆ:ସ ୟୁହୁଦୀମାନଙ୍କ ସହିତ ଗୋଟିଏ ଚୁକ୍ତି କଲେ । ତା ମୁତାବକ ମୁସଲ୍‌ମାନ୍ ଓ ୟୁହୁଦୀ ଅଧିବାସୀଙ୍କ ମଧ୍ୟରେ ଆପୋଷ ବୁଝାମଣା ସହିତ ଓ ଆପୋଷ ସଦ୍‌ଭାବନା ସହିତ ସହାନୁଭୁତି, ଭାଇଚାରା ଏବଂ ସମାନତାର ଆତ୍ମାକୁ କାଏମ୍ ରଖି ମିଳିମିଶି ରହିବା ପାଇଁ ଜୋର୍ ଦିଆଯାଇଥିଲା ।

ଏହି ଚୁକ୍ତି ମାନବିକ ଅଧିକାରକୁ ସୁରକ୍ଷା ଦେବାପାଇଁ ଏବଂ ନ୍ୟାୟପୂର୍ଣ୍ଣ ଶୈଳୀରେ ସରକାରଙ୍କ ମହାନ୍ କାର୍ଯ୍ୟପାଇଁ ଘୋଷଣାପତ୍ର ପ୍ରମାଣିତ ହେଲା ଓ ତାହା ମଦିନାରେ ବସବାସ କରୁଥିବା ବିଭିନ୍ନ ଜାତି ମଧ୍ୟରେ ଶାନ୍ତି ସ୍ଥାପନ କରିବାକୁ ନିଶ୍ଚିତ କଲା । ତାହାର ସର୍ତାବଳୀ ମୁତାବକ ସବୁଧର୍ମର ଲୋକମାନେ ସେମାନଙ୍କର ଧର୍ମ ଓ ସେମାନଙ୍କର ଜାତିକୁ ବାଦ୍‌ଦେଇ ଜଣେ ଅନ୍ୟଜଣକର ଅଧିକାର ପ୍ରତି ଧ୍ୟାନ ରଖିବାକୁ ଧାର୍ଯ୍ୟ କରାଯାଇଥିଲା । ଧର୍ମୀୟ ସ୍ୱାଧୀନତା ଏବଂ ବାକ୍ ସ୍ୱାଧୀନତା ଉକ୍ତ ଚୁକ୍ତିର ମୂଳ ଗଣ୍ଠି ଥିଲା ।

ଏକତା ସେହି ଚୁକ୍ତିର ମୂଳଦୁଆ ଥିଲା କାରଣ ତା ମୁତାବକ ମଦିନା ଉପରେ ଆକ୍ରମଣ ହେବା ପରିପ୍ରେକ୍ଷୀରେ ମୁସଲ୍‌ମାନ୍ ଓ ୟୁହୁଦୀମାନଙ୍କୁ ଏକତ୍ରିତ ହୋଇ ମଦିନାର ପ୍ରତିରକ୍ଷା କରିବା ଜରୁରୀ ଥିଲା । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଜାତିକୁ ଏ ହକ୍ ମଧ୍ୟ ହାସଲ୍ ଥିଲା ଯେ ସେମାନେ ନିଜର ଅନ୍ତଃ ସମସ୍ୟା ଗୁଡ଼ିକୁ ନିଜ ନିଜର ବିଶ୍ୱାସ, ଆସ୍ଥା ଓ ପ୍ରଥା ମୁତାବକ ସମାଧାନ କରିବେ । ଇତିହାସ ଏକଥାର ମୂକସାକ୍ଷୀ ଅଟେ ଯେ ନବୀ ଅକ୍‌ରମ୍ ସ:ଆ:ସ ଉକ୍ତ ଚୁକ୍ତିର ପ୍ରତ୍ୟେକ ସର୍ତ ଉପରେ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟ ପରାୟଣ ଥିଲେ ।

ମୁହାଜିରିନ୍ ଭାବେ ମୁସଲ୍‌ମାନ୍‌ମାନେ ଏହି ନୁଆ ସମାଜର ଉନ୍ନତି ସାଧନ ନିମନ୍ତେ ସକରାତ୍ମକ ଭୂମିକା ନିର୍ବାହ କଲେ ଏବଂ ମଦିନାର ଅଧିବାସୀମାନଙ୍କ ଅଧିକାର ପ୍ରତି ଧ୍ୟାନ ରଖିଲେ । ସୁତରାଂ ଏହି ସମାଜ ଭିନ୍ନ ଭିନ୍ନ ଜାତି ମଧ୍ୟରେ ଏକତା ଏବଂ ସଂସ୍କୃତିର ସମାଯୋଜନ ହେବାର ଅତ୍ୟନ୍ତ ସୁନ୍ଦର ଉଦାହରଣ ପାଲଟିଗଲା । ମଦିନାର ଚୁକ୍ତି ବାସ୍ତବରେ ପବିତ୍ର କୋରାନ୍‌ର ସିଦ୍ଧାନ୍ତର ଅନୁରୂପ ଥିଲା, ଉଦାହରଣ ସ୍ୱରୂପ ପବିତ୍ର କୋରାନ୍‌ରେ ସୁରତୁଲ୍ ନହଲ୍‌ର ଆୟତ ନଂ-୯୧ରେ ଖୁଦାତାଲା କହୁଛନ୍ତି:- "ବାସ୍ତବରେ ଅଲ୍ଲାଃ ନ୍ୟାୟ ବିଚାର କରିବାକୁ ତଥା (ଅନ୍ୟର) ହିତ ସାଧନ କରିବାକୁ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସଦୃଶ (ଅନ୍ୟମାନଙ୍କୁ ସାହାଯ୍ୟ) କରିବାକୁ ଆଦେଶ ଦେଇଛନ୍ତି" ।

ସୁତରାଂ ପବିତ୍ର କୋରାନ୍ ଲୋକମାନଙ୍କ ସହିତ ଓ ସମସ୍ତ ଜାତିଙ୍କ ସହିତ ସାମାଜିକ ବ୍ୟବହାର ନିମନ୍ତେ ତିନୋଟି ଦରଜା ଉପସ୍ଥାପନ କରିଥାଏ । ପ୍ରଥମ ଏବଂ ସବୁଠାରୁ ତଳ ସ୍ତରରେ ଥିବା ଦରଜା ହେଉଛି ନ୍ୟାୟ ବ୍ୟବହାର କରିବା ତା ଅନ୍ତର୍ଗତ ପବିତ୍ର କୋରାନ୍ ଏହି ଆବଶ୍ୟକତା ପ୍ରତି ମାର୍ଗଦର୍ଶନ କରିଥାଏ ଯେ ପ୍ରତ୍ୟେକଙ୍କ ସହିତ ନ୍ୟାୟ ଏବଂ ଦୟା ଆଚରଣ କରାଯାଉ । ନ୍ୟାୟ ବ୍ୟବହାର କରିବାର ଏହି ସ୍ତର ସମ୍ବନ୍ଧରେ ପବିତ୍ର କୋରାନ୍‌ର ସୁରତୁନ୍ ନିସା ଆୟତ ନଂ-୧୩୬ରେ ଏକଥା ଉଲ୍ଲେଖ ରହିଛି:-

ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି:- "ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟ ବିଚାରରେ ସମ୍ପୂର୍ଣ୍ଣ ଭାବେ ସୁଦୃଢ଼ ରହି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସାକ୍ଷ ପ୍ରଦାନକାରୀ ହୋଇଯାଅ । ଯଦିଚ ଏହା ତୁମମାନଙ୍କ ନିଜ ବିରୁଦ୍ଧରେ ବା ତୁମମାନଙ୍କ ପିତାମାତା ଓ ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ହେଉଥାଏ; ଯଦି ସେ (ଅର୍ଥାତ୍ ଯାହାଙ୍କ ସଂକ୍ରାନ୍ତରେ ସାକ୍ଷ୍ୟ ପ୍ରଦାନ କରାଯାଇଅଛି) ଧନବାନ ବା ଦରିଦ୍ର ହୋଇଥାଏ ତେବେ (ସେପରି ପରିସ୍ଥିତିରେ) ଅଲ୍ଲାଃ ସେ ଉଭୟଙ୍କର (ତୁମମାନଙ୍କଠାରୁ) ଅଧିକ ଶୁଭାକାଂକ୍ଷୀ ଅଟନ୍ତି; ସୁତରାଂ ନ୍ୟାୟ ପ୍ରଦାନ କକ୍ଷେ ତୁମେମାନେ (କୁ) ପ୍ରବୃତିର ଅନୁସରଣ କରନାହିଁ; ଏବଂ ଯଦି ତୁମେ (ସତ୍ୟ ସାକ୍ଷକୁ) ଗୋପନ ରଖିବ ବା (ସତ୍ୟକୁ) ଏଡିଦେବ, ତେବେ (ମନେରଖ ଯେ) ତୁମେମାନେ ଯାହାକିଛି କରୁଅଛ ସେ ବିଷୟରେ ଅଲ୍ଲାଃ ନିଶ୍ଚୟ ଅବଗତ ଅଛନ୍ତି ।"

ସୁତରାଂ ପବିତ୍ର କୋରାନ୍ ମୁତାବକ ନ୍ୟାୟ କରିବାର ଯଥାର୍ଥତା ହେଉଛି ଏହା ଯେ ଜଣେ ବ୍ୟକ୍ତି ଏକଥାର ସାକ୍ଷ୍ୟ ଦେବା ପାଇଁ ପ୍ରସ୍ତୁତ ହୋଇଯାଉ ଯଦିଚ ସେହି କଥାଟି ତା ନିଜ ବିରୋଧରେ ମଧ୍ୟ ରହିଥିବ ବା ତା ନିକଟ ସମ୍ପର୍କୀୟମାନଙ୍କ ବିରୋଧରେ ହୋଇଥାଉ । ଏହାଦ୍ୱାରା ସତ୍ୟର ବିଜୟ ହେବ ।

ସୁବ୍ୟବହାରର ଦ୍ୱିତୀୟ ସ୍ତର ସମ୍ବନ୍ଧରେ ପବିତ୍ର କୋରାନ୍ ଯେଉଁ ନିର୍ଦ୍ଦେଶ ଦେଇଛି ତାହା ହେଉଛି ଏହା କି ଜଣେ ବ୍ୟକ୍ତି ନା କେବଳ ନ୍ୟାୟବାନ୍ ହେଉ ବରଂ ସେ ତାଠାରୁ ବଳି ଅନ୍ୟମାନଙ୍କ ସହିତ ଦୟା ଆଚରଣ କରୁ, ଏ ସମ୍ବନ୍ଧରେ ଯେପରିକି ପୂର୍ବରୁ ବର୍ଣ୍ଣନା କରିସାରିଛି କି ପବିତ୍ର କୋରାନ୍ ଏ ଶିକ୍ଷା ଦେଇଥାଏ ଯେ ଯେତେବେଳେ ତୁମେମାନେ ଗୋଟିଏ ଅତ୍ୟାଚାରୀ କୌମ୍‌କୁ ଅତ୍ୟାଚାର କରିବାରୁ ରୋକିବାରେ ସଫଳ ହୋଇଯାଅ ତେବେ ପ୍ରତିଶୋଧ ନିଅନାହିଁ ଓ ନା ତାଙ୍କ ଉପରେ ଆହୁରି ଅଧିକା ପ୍ରତିବନ୍ଧକ ଲଗାଓ ।

ବରଂ ତୁମପାଇଁ ଏହା ଆବଶ୍ୟକ ଯେ ସେମାନଙ୍କର ଜୀବନ ଜିବିକାକୁ ମଜ୍‌ବୁତ୍ କରିବା ପାଇଁ ସେମାନଙ୍କର ବୁନିଆଦି ସୁବିଧାକୁ ଯୋଗାଇଦେବାରେ ସେମାନଙ୍କୁ ସାହାଯ୍ୟ କର । ଯେଉଁଠି ଏହି ସବୁ ଜିନିଷ ସେମାନଙ୍କୁ ଲାଭ ପହଂଚାଇବ ସେଠାରେ ଭବିଷ୍ୟତରେ ତୁମକୁ ମଧ୍ୟ ଲାଭ ଦେବ । ଯଦି ଏହି ଦେଶଗୁଡ଼ିକ ଯେଉଁମାନେ ଯୁଦ୍ଧ ବା ନିରାଶାର କେନ୍ଦ୍ରବିନ୍ଦୁ ହୋଇ ରହିଛନ୍ତି ଆର୍ଥିକ ଅବ୍ୟବସ୍ଥାରୁ ବାହାରି ସୁଦୃଢ଼ ହୋଇଯିବେ ତେବେ ନା ତ ସେମାନେ ନିରାଶା ହୋଇ ଅନ୍ୟ ଦେଶମାନଙ୍କ ସହିତ ଥିବା ଘୃଣାଭାବକୁ ନିଜ ଭିତରେ ବଢ଼ିବାକୁ ଦେବେ ଓ ନା ତ ସେଠିକାର ଲୋକମାନେ ହିଜ୍‌ରତ୍ କରିବା ପାଇଁ ବାଧ୍ୟ ହେବେ ।

ଏହା ହେଉଛି ସେହି ହିକ୍‌ମସ୍ (ଅର୍ଥାତ୍ ଯୁକ୍ତିଯୁକ୍ତ ବୌଦ୍ଧିକ ଶିକ୍ଷା) ଯାହା ଏହି ଇସ୍‌ଲାମୀୟ ଶିକ୍ଷା ମଧ୍ୟରେ ନିହିତ ରହିଛି ଯେ ବୁନିଆଦି ନ୍ୟାୟ ଯୋଗାଇଦେବା ପରେ ଆହୁରି ଅଧିକ ଦୟା ଆଚରଣ କରାଯାଉ ଏବଂ ନମ୍ର ବ୍ୟବହାର କରାଯାଉ ।

ସୁବ୍ୟବହାର କରିବାର ତୃତୀୟ ସ୍ତର ବିଷୟରେ ପବିତ୍ର କୋରାନ୍ ଯାହାକିଛି ଶିକ୍ଷା ଦେଇଛି ତାହା ହେଉଛି ଏହା କି ଅନ୍ୟମାନଙ୍କ ସହିତ ସେହିଭଳି ବ୍ୟବହାର କରାଯାଉ ଯେଉଁଭଳି ମାଆ ନିଜ ପିଲାମାନଙ୍କ ସହିତ ପ୍ରାକୃତିକ ପ୍ରେମ ରଖିବା ଯୋଗୁ ବ୍ୟବହାର କରିଥାଏ । ଏହି ନିଃସ୍ୱାର୍ଥପର ପ୍ରେମ କୌଣସି ପ୍ରକାରର ପୁରସ୍କାର ବା ଆଶା ନରଖାଯାଇ କରାଯାଇଥାଏ । ଅନ୍ୟମାନଙ୍କ ସହିତ ଜଣେ ମାଆଙ୍କ ପ୍ରେମ ପରି ନିଃସ୍ୱାର୍ଥପର ଭାବେ ଦୟା ଆଚରଣ କରିବା ନିୟତରେ ବ୍ୟବହାର କରିବା ସହଜ କଥାନୁହେଁ । କିନ୍ତୁ ଏହି ସ୍ତରକୁ ସର୍ବଦା ଆମେ ଆମ ଆଖିଆଗରେ ରହିବା ଉଚିତ୍ ।

ସୁତରାଂ ଶାନ୍ତି ସ୍ଥାପନ କରିବା ପାଇଁ ହେଲେ ତାହା ମୁସଲ୍‌ମାନ୍ ଦେଶଗୁଡ଼ିକରେ ହେଉ ବା ଆନ୍ତର୍ଜାତିକ ସ୍ତରରେ ହେଉ, ଏହା ଜରୁରୀ ଅଟେ ଯେ ସରକାରଙ୍କ ତରଫରୁ ଅତି କମ୍‌ରେ ନ୍ୟାୟର ଦାବିକୁ ପୂରଣ କରାଯାଉ, ଯଦ୍ୱାରା ସମସ୍ତ ଲୋକମାନଙ୍କୁ ସେମାନଙ୍କର ଅଧିକାର ସମାନଭାବେ ଉପଲବ୍ଧ ହେଉ ଏବଂ ନିଜସ୍ୱ ହିତକୁ ଉପରେ ରଖିଦେି ନ୍ୟାୟ ଓ ସମାନତାକୁ କାଏମ୍ କରାଯାଉ । ପୁଣି ଆନ୍ତର୍ଜାତିୟ ସ୍ତରରେ ଥିବା ସଂଗଠନ ଯେମିତିକି ଜାତିସଂଘ ରହିଛି ସେ ପ୍ରତ୍ୟେକ ଦେଶ ସହିତ ସମାନ ବ୍ୟବହାର କରୁ ଓ ଏପରି ନହେଉ ଯେ ମାମଲା ଗୁଡ଼ିକୁ ଧାର୍ଯ୍ୟ କରିବା ସମୟରେ କେତେକ ଶକ୍ତିଶାଳୀ ରାଷ୍ଟ୍ରଙ୍କ ହିତ ଯୋଗୁ ଗୋଟିଏ ପଟକୁ ଢ଼ଳିଯାଆନ୍ତୁ । ଏହା ଶାନ୍ତି ପ୍ରାପ୍ତ କରିବା ପାଇଁ ଜରୁରୀ ଅଟେ ଓ ଏହା ଉପରେ ପରିଚାଳିତ ହୋଇ ଆମେ ଦୁନିଆରେ ଶାନ୍ତି ସ୍ଥାପନ କରିପାରିବା । ଏହା ହେଉଛି ମାନବ ସଭ୍ୟତାକୁ ବିପଦପୂର୍ଣ୍ଣ ଧ୍ୱଂସମୁଖରୁ ବଂଚାଇବା ପାଇଁ ଗୋଟିଏ ମାତ୍ର ମାର୍ଗ ।

ଏହି କିଛି କଥା ସହିତ ମୁଁ ଏ ପ୍ରାର୍ଥନା କରୁଛି ଯେ ଅଲ୍ଲାଃତାଲା ବାସ୍ତବିକ

ଶାନ୍ତିକୁ ଏ ସଂସାରରେ କାଏମ୍ କରନ୍ତୁ ଓ ଅଲ୍ଲାଃ କରନ୍ତୁ ଯେ ଯୁଦ୍ଧ ଓ ଲଢ଼େଇର ଭୟାବହ ଛାୟା ଯାହା ଆମ ମୁଣ୍ଡ ଉପରେ ଚକର୍ କାଟି ବୁଲୁଛି ତାହା ଶାନ୍ତି, ସ୍ଥିରତା ଓ ଆନନ୍ଦର ଆଲୋକରେ ପରିବର୍ତନ ହୋଇଯାଉ । ମୋର ଏ ଦୁଆ ଯେ ସେହି ସମସ୍ତ ନିରାଶା ଶେଷ ହୋଇଯାଉ ଯାହା ଯୋଗୁ ଅବ୍ୟବସ୍ଥାରେ ପଡିରହିଛନ୍ତି ଓ ଯାହାପାଇଁ ଏ ସଂସାର ଗୋଟିଏ ବିଧ୍ୱଂସକାରୀ ଯୁଦ୍ଧ ଭିତରେ ଗୁଡାଇ ହୋଇ ରହିଛି । ମୋର ଏ ପ୍ରାର୍ଥନା ଯେ ଅନ୍ୟଙ୍କ ଉପରେ ପ୍ରଭାବ ବିସ୍ତାର କରିବା ପରିବର୍ତେ ଓ କେବଳ ନିଜ ଅଧିକାରକୁ ସୁରକ୍ଷା ଦେଉଥିବା ଦେଶଗୁଡିକ ଓ ସେମାନଙ୍କ ନେତାମାନେ ସେହି ସବୁ ହିତକାର୍ଯ୍ୟ ଉପରେ ଦୃଷ୍ଟି ରଖିବା ଉଚିତ୍ ଯାହା ଜଣେ ଅନ୍ୟଜଣକର ଅଧିକାର ପ୍ରଦାନ କରିବା ଦ୍ୱାରା ହାସଲ ହେବ । ମୋର ଏ ପ୍ରାର୍ଥନା ଯେ ଆମେ ଜଣେ ଅନ୍ୟ ଜଣକର ଆସ୍ଥା, ପ୍ରଥା ଓ ବିଶ୍ୱାସ ସମ୍ବନ୍ଧରେ ଧୈର୍ଯ୍ୟ ଓ ସହିଷ୍ଣୁତା ଦେଖାଇବା ଉଚିତ୍ ଓ ଏ ସମାଜରେ ବିଦ୍ୟମାନ ବିଭିନ୍ନ ସଂସ୍କୃତି ଓ ପ୍ରତିଷ୍ଠାର ସମନ୍ୱୟକୁ ଆମେ ସମ୍ମାନ ଦେବା ଉଚିତ୍ । ମୋର ଏ ଦୁଆ ଯେ ଆମେ ମାନବଜାତିର ଉନ୍ନତି ଓ ମାନବଜାତିର ପ୍ରତିଷ୍ଠାକୁ ସୁରକ୍ଷା ଦେବା ଓ ନିଜ ପିଲାମାନଙ୍କ ପାଇଁ ଗୋଟିଏ ଉତମ ସମାଜ ନିର୍ମାଣ କରିବାରେ ଆମେ ଜଣେ ଅନ୍ୟଜଣକର ସୁଗୁଣ ଓ କୌଶଳରୁ ଲାଭ ଉଠାଇ ଏହାକୁ ଶାନ୍ତିର ଦୋଳି ବନାଇପାରିବା ନଚେତ୍ ଏହାର ବିପରୀତ ଅବସ୍ଥା ଯାହା ସୃଷ୍ଟି ହୋଇପାରେ ତାହାର ପରିକଳ୍ପନା କରିବା ମଧ୍ୟ ଅତ୍ୟନ୍ତ ଦୁଃଖଦାୟକ ।

ଏହା ପୂର୍ବରୁ ମୁଁ ବହୁତ ପ୍ରବୀଣ ଓ ଜ୍ଞାନୀ ଲୋକମାନଙ୍କର ରାୟ ବର୍ଣ୍ଣନା କରିସାରିଛି । ଯେଉଁମାନେ ଆଣବିକ ଯୁଦ୍ଧ ଏବଂ ଏ ସଂସାରରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା କରିବା ସମ୍ବନ୍ଧରେ ସଚେତନ କରାଇ ଭୟ ଓ ଶଙ୍କା ପ୍ରକାଶ କରିଛନ୍ତି । ଏହି ନିବନ୍ଧ ଗୁଡିକ ଓ ସେହିପରି ବହୁତ ଗୁଡିଏ ନିବନ୍ଧ ଏହି ସମୀକ୍ଷାକୁ ଶକ୍ତି ପହଂଚାଉଛନ୍ତି ଯେ ଏ ପୃଥିବୀ ବର୍ତମାନ ବହୁତ କ୍ଷିପ୍ର ଗତିରେ ବହୁତ ବଡ ଧ୍ୱଂସ ଆଡକୁ ବଢ଼ିଚାଲିଛି । ଏପରି ବିନିଷ୍ଟତା ଯାହାକୁ ମନୁଷ୍ୟ ପୂର୍ବରୁ କେବେ ମଧ୍ୟ ଦେଖିନାହିଁ ଓ ଯାହାକୁ ରୋକିବା ପାଇଁ ଅସମ୍ଭବ ହୋଇପଡିବ ।

ଗୋଟିଏ ଆକଳନ ମୁତାବକ ଆଣବିକ ଯୁଦ୍ଧର ପ୍ରଭାବ ଏ ପୃଥିବୀର ନବେ ପ୍ରତିଶତ ଭାଗ ଉପରେ ପଡିବ । ଯଦି ଆଣବିକ ଯୁଦ୍ଧ ହୁଏ ତେବେ ଆମେ କେବଳ ଏହି ଦୁନିଆକୁ ନିଃଶେଷ କରିବାର କାରଣ ହେବାନାହିଁ ବରଂ ନିଜ ଅନ୍ତେ ଧ୍ୱଂସ ଓ ବିନିଷ୍ଟର ସ୍ଥାୟୀ ପ୍ରଭାବ ଛାଡିଯିବା । ସୁତରାଂ ଆମକୁ ଏହା କହିବା ଉଚିତ୍ ଯେ ଆମେ ଟିକିଏ ସ୍ଥିରମନଦେଇ ଚିନ୍ତା କରିବା ଓ ନିଜର ନିଷ୍ପତି ଓ  କାର୍ଯ୍ୟର ସମ୍ଭାବ୍ୟ ଭୟାବହତା ଫଳଫଳ ଉପରେ ଚିନ୍ତା କରିବା ।

ଆମେ କୌଣସି ମାମଲାକୁ ମଧ୍ୟ, ଯଦ୍ୟପି ତାହା କୌଣସି ଦେଶ ସହିତ ସମ୍ବନ୍ଧିତ ହୋଇଥାଉ ଅଥବା ତାହା ଆନ୍ତର୍ଜାତିକ ସ୍ତରରେ ହେଉ, ତାହାକୁ ସାଧାରଣ ଭାବିବା ଉଚିତ୍ ନୁହେଁ । ଆମେ ଆର୍ଥିକ ମାମଲା ଗୁଡିକୁ ଯେଉଁଠି ସୁଧାରିବା ପାଇଁ ଚେଷ୍ଟା କରୁଅଛେ ବା ଶରଣାର୍ଥୀମାନଙ୍କର ସମସ୍ୟା ଗୁଡିକର ସମାଧାନ ଖୋଜୁଅଛେ ବା ଆଉକିଛି ସଙ୍କଟ ଉପରେ ଚିନ୍ତା କରୁଅଛେ, ଆମକୁ ଏହିଭଳି ପରସ୍ଥିତିରେ ଧୈର୍ଯ୍ୟର ସହିତ ଚେଷ୍ଟା କରି ଉକ୍ତ ପ୍ରତିବନ୍ଧକ ଗୁଡିକ ଶେଷ କରିଦେବା ଉଚିତ୍, ଯାହା ଆମ ମଧ୍ୟରେ ମତଭେଦ ସୃଷ୍ଟି କରୁଅଛି । ଆମେ ଆମର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ଶାନ୍ତି ପ୍ରତିଷ୍ଠା କରିବାରେ ଖର୍ଚ୍ଚ କରିବା ଉଚିତ୍ । ଆମେ ସମସ୍ତ ସମସ୍ୟାଗୁଡିକୁ ଶାନ୍ତିପୁର୍ଣ୍ଣ ଶୈଳୀରେ ସମାଧାନ କରିବା ଉଚିତ୍ । ଆପୋଷରେ ବସି ବାର୍ତାଳାପ ଦ୍ୱାରା ଓ ଆପୋଷ ବୁଝାମଣା ଜରିଆରେ ସମସ୍ୟା ଗୁଡିକର ସମାଧାନ ଖୋଜିବା ଉଚିତ୍ ଓ ଜଣେ ଅନ୍ୟଜଣକର ଅଧିକାର ପ୍ରଦାନ କରି ଏବଂ ଅଧିକାରକୁ ସୁରକ୍ଷା ଦେଇ ଶାନ୍ତି ସ୍ଥାପନ କରିବାର ମାର୍ଗକୁ ନିଶ୍ଚିତ କରିବା ଉଚିତ୍ ।

ଅଲ୍ଲାଃତାଲା ଆମକୁ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ । ଏତିକି କଥା କହି ମୁଁ ଆପଣ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଜଣାଉଛି ଯେ ଆପଣମାନେ ଆଜି ଏଠାକୁ ଆସିଛନ୍ତି । ଆପଣ ସମସ୍ତଙ୍କୁ ବହୁତ ବହୁତ ଧନ୍ୟବାଦ ।

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family, Jamat Ahmadiyya, Pankal (Odisha)*

### ହଜ୍‌ରତ୍ ଅମୀରୁଲ୍

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ ।

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahmadiyya, Pankal (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

# ଇଂଗ୍ରେଜ୍ ସରକାରଙ୍କ ସହିତ ଜିହାଦ୍ ବିସ୍ ସୈଫ୍ ଅର୍ଥାତ୍ ତରବାରି ମୂଳକ ଯୁଦ୍ଧ ନକରିବାର କାରଣ

**(ହଜ୍‌ରତ୍ ମୌଲାନା ଜଲାଲୁଦ୍ଦିନ୍ ସାହେବ୍ ଶମ୍‌ସ୍ ରଜିୟଲ୍ଲାହୋ ଅନ୍‌ହୁ)**

ହଜ୍‌ରତ୍ ମୌଲାନା ଜଲାଲୁଦ୍ଦିନ୍ ସାହେବ୍ ଶମ୍‌ସ୍ ର:ଅଙ୍କ ଏହି ପ୍ରମୁଖ ନିବନ୍ଧଟି ରୁହାନି ଖଜାଏନ୍, ଖଣ୍ଡ-୧୭ରୁ ନିଆଯାଇଅଛି, ଯେଉଁଥିରେ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ "ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଅଓର୍ ଜିହାଦ୍"ର ପରିଚୟରେ ଏହି ନିବନ୍ଧଟିକୁ ଲେଖିଛନ୍ତି । ସେ ଅନେକ ଓ୍ୱଲେମାମାନଙ୍କ ଉଦ୍ଧରଣରୁ ଏକଥା ପ୍ରମାଣିତ କରିଛନ୍ତି ଯେ ସେମାନେ ମଧ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କଥାର ସମର୍ଥନରେ ଅଂଗ୍ରେଜ୍ ସରକାରଙ୍କ ସହିତ ଜିହାଦ୍ ବିସ୍ ସୈଫ୍ ନ କରିବା ପାଇଁ ଫତ୍‌ଓ୍ୱା ଦେଇଛନ୍ତି । ତତ୍ ସହିତ ଜିହାଦ୍‌ର ଆହୁରି ଅନେକ ପାର୍ଶ୍ୱଗୁଡିକ ଉପରେ ସେ ଏହି ନିବନ୍ଧରେ ଆଲୋକପାତ କରିଛନ୍ତି, ଯାହାକୁ ବଦର୍‌ର ପାଠକେଙ୍କ ଜ୍ଞାନର ଅଭିବୃଦ୍ଧି ପାଇଁ ଉପସ୍ଥାପନ କରାଯାଉଅଛି । (ସମ୍ପାଦକ)

ଏହି ପତ୍ରିକାଟି ୨୨ମଇ ୧୯୦୦ ମସିହାରେ ପ୍ରକାଶିତ ହୋଇଥିଲା । ଏହି ପତ୍ରିକାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜିହାଦ୍‌ର ବାସ୍ତବିକତା ଓ ଏହାର ଫିଲୋସଫି (ଦର୍ଶନ) ବର୍ଣ୍ଣନା କରିଛନ୍ତି ଓ ପବିତ୍ର କୋରାନ୍, ହଦିସ୍ ଓ ଇତିହାସ୍ ଉପରେ ଆଲୋକପାତ କରି ବତାଇଛନ୍ତି ଯେ ପ୍ରାରମ୍ଭିକ ଇସ୍‌ଲାମ୍‌ରେ ମୁସଲ୍‌ମାନ୍‌ମାନଙ୍କୁ ବାଧ୍ୟତାମୂଳକ ରୂପେ ଅର୍ଥାତ୍ ମଜ୍‌ବୁରୀରେ ଯେଉଁ ଯୁଦ୍ଧ କରିବାକୁ ପଡିଲା ତାହା କେବଳ ସାମୟିକ, ପ୍ରତିରକ୍ଷାମୂଳକ ଏବଂ ଧର୍ମୀୟ ସ୍ୱାଧିନତାକୁ କାଏମ୍ କରିବା ପାଇଁ କରାଯାଇଥିଲା ନଚେତ୍ ଇସ୍‌ଲାମ୍‌ଠାରୁ ବଳି ସୁଲାହ୍, ସଦ୍‌ଭାବନା, ଶାନ୍ତି ଏବଂ ସଲାମତିର ଧ୍ୱଜାବାହାକ ଆଉ କୌଣସି ଧର୍ମ ନାହିଁ । ହଜ୍‌ରତ୍ ଅକ୍‌ଦସ୍ ଆ:ସ ନିଜର ଅନେକ ଲେଖାରେ ଜିହାଦ୍ ପ୍ରସଙ୍ଗ ଉପରେ ଆଲୋକପାତ କରିଛନ୍ତି ଓ ଏହାର କାରଣ ହେଉଛି ଏହା କି ଆପଣ ଆ:ସଙ୍କ ମିଶନ୍ ପୃଥିବୀର ସମସ୍ତ ଧର୍ମ ଉପରେ ପ୍ରାମାଣିକ ରୂପେ ଯୁକ୍ତି ଏବଂ ତର୍କକୁ ସମ୍ପୂର୍ଣ୍ଣ କରିବାର ଥିଲା ଏବଂ ଇସ୍‌ଲାମ୍‌ର ବିଜୟ ପ୍ରମାଣିତ କରିବାର ଥିଲା ଏବଂ ପାଶ୍ଚାତ୍ୟ ଦାର୍ଶନିକମାନେ ଏବଂ ବିଦ୍ୱେଶଭାବ ରଖିଥିବା ଓ୍ୱଲେମାମାନଙ୍କର ସବୁଠାରୁ ବଡ ଆପତି ଇସ୍‌ଲାମ୍ ଉପରେ ଏହା ଥିଲା ଯେ ଇସ୍‌ଲାମ୍ ତରବାରିର ସାହାଯ୍ୟରେ ପ୍ରଚାର ହୋଇଛି ଏବଂ ତାହା ଧର୍ମ ମାମଲାରେ ବାଧ୍ୟବାଧକତାକୁ କାଏମ୍ ରଖିଛି । ସୁତରାଂ ପାଦ୍ରୀ ମେଲ୍‌କମ୍ ମିକାଲ୍ ଲଣ୍ଡନ୍‌ର ଇଂରାଜୀ ପତ୍ରିକା "The 20th Century" ଡିସେମ୍ବର୍ ୧୮୭୭ ମସିହା ପୃଷ୍ଠା-୮୩୨ରେ ଲେଖୁଛନ୍ତି:-

"କୁର୍‌ଆନ୍ ଦୁନିଆକୁ ଦୁଇଭାଗରେ ବିଭକ୍ତ କରିଥାଏ । ଦାରୁଲ୍ ଇସ୍‌ଲାମ୍ ଅର୍ଥାତ୍ ଇସ୍‌ଲାମ୍‌ର ଦେଶ ଏବଂ ଦାରୁଲ୍ ହରବ୍ ଅର୍ଥାତ୍ ଶତୃଙ୍କ ଦେଶ । ଯେଉଁ ଲୋକମାନେ ମୁସଲ୍‌ମାନ୍ ନୁହଁନ୍ତି ସେମାନେ ସମସ୍ତେ ହେଉଛନ୍ତି ଇସ୍‌ଲାମ୍‌ର ବିରୋଧି । ତେଣୁ ସଚ୍ଚା ମୁସଲ୍‌ମାନ୍‌ର ଏ କର୍ତବ୍ୟ ଯେ ସେ କୁଫାର୍‌ଙ୍କ ବିରୁଦ୍ଧରେ ଯୁଦ୍ଧ କରୁ ଏପରିକି ସେମାନେ ଇସ୍‌ଲାମ୍ ଗ୍ରହଣ କରି ନିଅନ୍ତୁ ଅଥବା ହତ୍ୟା ହୁଅନ୍ତୁ ଯାହାକୁ ଜିହାଦ୍ ବା ଜଙ୍ଗେ ମୋକଦସ୍ ଅର୍ଥାତ୍ ପବିତ୍ର ଯୁଦ୍ଧ କୁହାଯାଏ । ତାହା କେବଳ ଏ କ୍ଷେତ୍ରରେ ଶେଷ ହୋଇପାରେ ଯେ ସମସ୍ତ କୁଫାର୍ (ଅର୍ଥାତ୍ ଅବିଶ୍ୱାସକାରୀମାନେ) ଇସ୍‌ଲାମ୍ ଗ୍ରହଣ କରିନିଅନ୍ତୁ ଅବା ସେମାନଙ୍କର ପ୍ରତ୍ୟେକ ଲୋକକୁ ମାରି ଦିଆଯାଉ । ତେଣୁ ଇସ୍‌ଲାମ୍‌ର ଖଲିଫାଙ୍କ ପବିତ୍ର କର୍ତବ୍ୟ ହେଉଛି ଏହା ଯେ ଯେତେବେଳେ ମଧ୍ୟ ମୌକା ମିଳେ ସେତେବେଳେ ଗଏର୍ ମୁସ୍‌ଲିମ୍ ଅର୍ଥାତ୍ ଅଣ ଇସ୍‌ଲାମୀୟ ଲୋକମାନଙ୍କ ସହିତ ଜିହାଦ୍ କରାଯାଉ ।" (ଇଂରାଜୀରୁ ଅନୁବାଦ)

ସାର୍ ଉଇଲିୟମ୍ ମିଓ୍ୱର୍ "Life of Muhammad" ପୃଷ୍ଠା-୫୩୩, ମୁଦ୍ରଣ-୧୮୮୭, ଲଣ୍ଡନ୍‌ରେ ଲେଖୁଛନ୍ତି ଯେ ମଦିନାରେ ପହଂଚି ଶକ୍ତି ହାସଲ କରିବା ପରେ "Intolerance quickly took the place of freedom, force of Persuastion ...... Slay the unbelievers wheresoever ye find them; was now the watchword of Islam." ଅର୍ଥାତ୍ - ଧର୍ମୀୟ ପ୍ରତିରୋଧ ସ୍ୱାଧୀନର ସ୍ଥାନ ଏବଂ ଜୋର୍ ଜବର୍‌ଦସ୍ତି ପ୍ରୋତ୍ସାହନର ସ୍ଥାନ ନେଇନେଲା ଏବଂ ଇସ୍‌ଲାମ୍‌ର ସ୍ୱତନ୍ତ୍ର ଚିହ୍ନ ଏବେ ଏହି କଲିମା ହୋଇଗଲା କି ଯେଉଁଠି ଅବିଶ୍ୱାସକାରୀମାନଙ୍କୁ ପାଅ ହତ୍ୟାକର ।

ଏବଂ ମେଜର୍ ଆସ୍‌ବରନ୍ ନିଜର ପୁସ୍ତକ "Islam under the Arab role" ରେ ଜିହାଦ୍ ବିଷୟରେ ଲେଖୁଛନ୍ତି ଯେତେବେଳେ ଆପଣଙ୍କୁ କଷ୍ଟ ଦିଆଯାଉଥିଲା ସେତେବେଳେ ଯେଉଁ ସିଦ୍ଧାନ୍ତ ଆପଣ ନିର୍ଦ୍ଧାରଣ କରିଥିଲେ ତା ମଧ୍ୟରୁ ଗୋଟିଏ ଏହା ଥିଲା ଯେ ଧର୍ମ ସମ୍ବନ୍ଧରେ କୌଣସି ଜୋର୍ ଜବର୍‌ଦସ୍ତି କରାଯିବା ଉଚିତ୍ ନୁହେଁ.... କିନ୍ତୁ ସଫଳତାର ନିଶା ଆପଣଙ୍କ ଉନ୍ନତି ଭାବନାର ଆଓ୍ୱାଜ୍‌କୁ ବହୁତ ଦିନ ପୂର୍ବରୁ ହିଁ ଚୁପ୍ କରାଇ ଦେଇଥିଲା । ସେ ଯୁଦ୍ଧର ଗୋଟିଏ ସାଧାରଣ ନିର୍ଦ୍ଦେଶ ଜାରି କରିଦେଇଥିଲେ (ଯାହାର ଫଳାଫଳ ଏହା ଥିଲା) ଯେ ଆରବର ଅଧିବାସୀମାନେ ଗୋଟିଏ ହାତରେ କୁର୍‌ଆନ୍ ଏବଂ ଅନ୍ୟ ହାତଟିରେ ତରବାରି ଧରି ଜଳୁଥିବା ସହର ଗୁଡିକର ଅଗ୍ନିଖଣ୍ଡ ଏବଂ ଧ୍ୱଂସ ବିଧ୍ୱଂସ ହୋଇଥିବା ବଂଶଗୁଡିକର ଚିତ୍କାର ମଧ୍ୟରେ ନିଜର ଧର୍ମର ପ୍ରସାର ପ୍ରଚାର କଲେ ।" (ଇଂରାଜୀର ଅନୁବାଦ) (ଇସ୍‌ଲାମ୍ ଅଣ୍ଡର୍ ଦି ଆରବ୍ ରୋଲ୍", ମୁଦ୍ରଣ-ଲଙ୍ଗ୍‌ମ୍ୟାନ୍ ଗ୍ରୀନ୍ ଏଣ୍ଡ୍ କମ୍ପାନୀ, ଲଣ୍ଡନ, ପୃଷ୍ଠା-୪୬)

ଯେହେତୁ ପ୍ରାଶ୍ଚାତ୍ୟ ଦେଶଗୁଡିକ ଜିହାଦ୍ ପ୍ରସଙ୍ଗର ବାସ୍ତବିକତାକୁ ନବୁଝିବା ଯୋଗୁ ଇସ୍‌ଲାମ୍‌ର ସ୍ୱରୂପକୁ ଭୀଷଣ ଭୟଙ୍କର ଭାବେ ଉପସ୍ଥାପନ କରିଥିଲା । ତେଣୁ ହଜ୍‌ରତ୍ ଅକ୍‌ଦସ୍ ଆ:ସ ନିଜର ଅନେକ ପୁସ୍ତକରେ ଜିହାଦ୍ ପ୍ରସଙ୍ଗ ଉପରେ ତର୍କ କରିଛନ୍ତି ଓ ଏହାର ବାସ୍ତବିକତାକୁ ପ୍ରକାଶ କରିଛନ୍ତି । ଏତଦ୍‌ବ୍ୟତୀତ ଆଉ କେତେକ କାରଣମାନ ମଧ୍ୟ ଏ ପ୍ରସଙ୍ଗକୁ ବାରମ୍ବାର ଲେଖିବା ପାଇଁ ପ୍ରୋତ୍ସାହିତ କରିଛି । ସେଗୁଡିକ ହେଉଛି ଏପରି-

(୧)ଆପଣ ଆ:ସଙ୍କର ଦାବୀ ମସିହ୍ ମଉଦ୍ ଏବଂ ମେହ୍‌ଦୀ ମଉଦ୍ ହେବାର ଥିଲା । ଏବଂ ମୁସଲ୍‌ମାନ୍‌ମାନଙ୍କର ଏ ଧାରଣା ଥିଲା ଯେ ଯେତେବେଳେ ମସିହ୍ ମଉଦ୍ ଏବଂ ମେହ୍‌ଦୀ ପ୍ରକଟ ହେବେ ସେତେବେଳେ ସେ କାଫିର୍‌ମାନଙ୍କ ସହିତ ଯୁଦ୍ଧ କରିବେ ଏବଂ ତରବାରୀ ସାହାଯ୍ୟରେ ଇସ୍‌ଲାମ୍‌ର ପ୍ରଚାର ପ୍ରସାର କରିବେ । ସୁତରାଂ ଇମାମ୍ ନୁଓ୍ୱି ହଦିସ୍ ଯଜଉଲ୍ ଜିଜିୟାର ବ୍ୟାଖ୍ୟା କରି ଲେଖୁଛନ୍ତି:-

"واَمّا قوله صلى الله عليه
وسلم يضع الجزية و الصواب فى معناه
انه لا يقبلها و لايقبلها من الكفار الّا
الاسلام، و من بذل منهم الجزية لم
يكف عنه بها بل لايقبل الّا الاسلام
او القتل هٰكذا قال الامام ابو سليمان
الخطابى وغيره من العلماء"

"ଅର୍ଥାତ୍ ରସୁଲୁଲ୍ଲାଃ ସ:ଆ:ସଙ୍କର ଏହି ଉକ୍ତି ରହିଛି ଯେ ହଜ୍‌ରତ୍ ଇସା ଆ:ସ ଜିଜିୟାକୁ ହଟାଇଦେବେ । ଏହାର ପ୍ରକୃତ ଅର୍ଥ ହେଉଛି ଏହା ଯେ ସେ ଜିଜିୟା ଗ୍ରହଣ କରିବେ ନାହିଁ ଏବଂ କୁଫାର୍‌ମାନଙ୍କ ନିକଟରୁ କେବଳ ସେମାନଙ୍କ ଇସ୍‌ଲାମ୍ ଆଣିବାକୁ ହିଁ ଗ୍ରହଣ କରିବେ ଏବଂ ସେମାନଙ୍କ ମଧ୍ୟରୁ ଯିଏ ନିଜକୁ ନିଜେ ଜିଜିୟା ଦେଇ ମୁକ୍ତି ପାଇବାକୁ ଚାହିଁବ ତେବେ ସେ ଏହାଦ୍ୱାରା ଗ୍ରହଣ କରାଯିବ ନାହିଁ ବରଂ ମସିହ୍ ଆ:ସ ତାଙ୍କର ଇସ୍‌ଲାମ୍ ଆପଣେଇବାକୁ ହିଁ ଗ୍ରହଣ କରିବେ ଏବଂ ଯଦି କେହି ଇସ୍‌ଲାମ୍ ନ ଆଣିବ ତେବେ ତାକୁ ହତ୍ୟା କରିଦେବେ । ଇମାମ୍ ଅବୁ ସୁଲେମାନ୍ ଅଲ୍ ଖତାବି ଇତ୍ୟାଦି ଓ୍ୱଲେମାମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ କଥନ "ଯଜଉଲ୍ ଜିଜିୟା"ର ଏହି ଅଭିପ୍ରାୟ ବର୍ଣ୍ଣନା କରିଛନ୍ତି । (ଶରହନ୍ ନଓ୍ୱି ସହି ମୁସ୍‌ଲିମ୍, ଭାଗ-୧, ପୃଷ୍ଠା-୮୭, ପ୍ରକାଶନ- ଅସ୍‌ହଲୁଲ୍ ମତାବା ଦିଲ୍ଲୀ)

(ସେହିପରି ଦେଖନ୍ତୁ ଫତହୁଲ୍‌ବାରି ଶରହ୍ ସହିବୁଖାରୀ ଲେ ଇବ୍‌ନେ ହିଜର୍ ଅସ୍‌କଲାନି, ଭାଗ-୨, ପୃଷ୍ଠା-୩୧୫)

ସେହିଭଳି ନଓ୍ୱାବ୍ ମୌଲଓ୍ୱି ସିଦ୍ଦିକ୍ ହସନ୍ ଖାନ୍ ସାହେବ୍ ଭୋପାଲି ନିଜର ପୁସ୍ତକ "ହୁଜଜୁଲ୍ କିରାମା" ପୃଷ୍ଠା-୩୭୪, ପ୍ରକାଶନ-ମତ୍‌ବା ଶାହାଜାହାନି ଓ୍ୱାକେ ବଲ୍‌ଦା, ଭୋପାଲ୍ ଏବଂ ତାଙ୍କ ପୁତ୍ର ନଓ୍ୱାବ୍ ମୌଲବୀ ନୁରୁଲ୍ ହସନ୍ ଖାନ୍ ସାହେବ୍ ନିଜ ପୁସ୍ତକ "ଇକ୍‌ତରବସ୍‌ସାଆ"ରେ ମେହ୍‌ଦୀ ମାହୁଦ୍‌ଙ୍କ ଯୁଦ୍ଧ ସମ୍ବନ୍ଧରେ ଲେଖୁଛନ୍ତି:-

"ଏ ଭୂପୃଷ୍ଠରେ ଥିବା ସମସ୍ତ ସମ୍ରାଟ ଆଜ୍ଞାବହତା ସ୍ୱୀକାର କରିବେ । ମେହ୍‌ଦୀ ନିଜର ଗୋଟିଏ ସେନାଦଳକୁ ହିନ୍ଦୁସ୍ତାନ୍ ଆଡକୁ ପଠାଇବେ । ଏଠିକାର ସମ୍ରାଟମାନେ ଆଜ୍ଞାକାରୀ ହୋଇ ତାଙ୍କ ନିକଟରେ ହାଜିର୍ କରାହେବେ । ହିନ୍ଦୁସ୍ତାନ୍‌ର ସମସ୍ତ ଭଣ୍ଡାରକୁ ବଇତୁଲ୍ ମୋକଦସ୍ ପଠାଇ ଦିଆଯିବ । ସେହି ସମସ୍ତ ଭଣ୍ଡାର (ଅର୍ଥାତ୍ ସୁନା ରୂପା ଇତ୍ୟାଦି ଧନସମ୍ପଦ) ବଇତୁଲ୍ ମୋକଦସ୍‌ର ଗହଣା ହେବ । ମେହ୍‌ଦୀ ଏହିପରି ଅବସ୍ଥାରେ ଅନେକ ବର୍ଷ ପର୍ଯ୍ୟନ୍ତ ରହିବେ ।" (ଇକ୍‌ତରବସାଆ, ପୃଷ୍ଠା-୮୦, ପ୍ରକାଶନ-୧୩୦୯ ହିଜ୍‌ରି ମତ୍‌ବା ସଇଦ୍ ଅଲ୍‌ବତାବା ବନାରସ)

ସୁତରାଂ ଅଂଗ୍ରେଜ୍ ସରକାର ପ୍ରଥମତଃ ମୁସଲ୍‌ମାନ୍‌ମାନଙ୍କର ଏହି ବିଶ୍ୱାସ ମୁତାବକ ଅର୍ଥାତ୍ ମସିହ୍ ମଉଦ୍ ଏବଂ ମେହ୍‌ଦୀ ତରବାରିର ବଳ ପ୍ରୟୋଗ କରି ଅବିଶ୍ୱାସକାରୀମାନଙ୍କୁ ମୁସଲ୍‌ମାନ୍ ବନାଇବେ ବା ସେମାନଙ୍କୁ ହତ୍ୟା କରିବେ, ସେଥିଯୋଗୁ ହଜ୍‌ରତ୍ ଜମାତ୍ ଅହେମଦୀୟାର ସଂସ୍ଥାପକକୁ ତାଙ୍କର ମସିହ୍ ଓ ମେହ୍‌ଦୀ ହେବାର ଦାବୀ କରିବା ଯୋଗୁ, ତାଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ ।

(୨)ଦ୍ୱିତୀୟ କାରଣ ଏହା ଥିଲା ଯେ ଆପଣ ଆ:ସଙ୍କ ମେହ୍‌ଦୀ ଦାବି କରିବାର କିଛି ବର୍ଷ ପୂର୍ବେ ମେହ୍‌ଦୀ ସୁଡାନୀ (୧୮୭୧-୧୮୮୨ ମସିହାରେ) ମେହ୍‌ଦୀ ହେବାର ଦାବୀ କରିଥିଲା ଓ ସୁଡାନ୍‌ରେ ଜିହାଦ୍ କରିବାର ଘୋଷଣା କରି ଅଂଗ୍ରେଜ୍‌ମାନଙ୍କ ସହିତ ଯେଉଁ ଯୁଦ୍ଧ ଓ ହତ୍ୟାକାଣ୍ଡର କୋଳାହଳ ମଚାଇଥିଲା । ଫଳତଃ ସେ ପରିଶେଷରେ ୧୮୮୨ ମସିହାରେ ପରାଜୟ ବରଣ କରିଥିଲା । ଏ କଥାକୁ ଇଂରେଜମାନେ ଏପର୍ଯ୍ୟନ୍ତ ଭୁଲି ନଥିଲେ । ତେଣୁ ମେହ୍‌ଦୀର ଦାବୀ କରିଥିବା ବ୍ୟକ୍ତିକୁ ଅଂଗ୍ରେଜ୍‌ମାନେ ଭଲ ଦୃଷ୍ଟିରେ ଦେଖିପାରୁନଥିଲେ ଏବଂ ନା ତାଙ୍କୁ ବର୍‌ଦାସ୍ତ କରିପାରୁଥିଲେ ।

(୩)ତୃତୀୟରେ ହେଉଛି ଏହା କି କେତେକ ଓ୍ୱଲେମା ଆପଣଙ୍କ ବିରୋଧରେ ସରକାରଙ୍କ ନିକଟରେ ଯାଇ ଏ ଅଭିଯୋଗ କରିଚାଲିଥିଲେ ଏବଂ ସରକାରଙ୍କୁ ମେହ୍‌ଦୀ ସୁଡାନୀଙ୍କ ସମୟ ମନେପକାଇଦେଇ ସରକାରଙ୍କୁ ଆପଣଙ୍କ ବିରୋଧରେ ଉସୁକାଉଥିଲେ । ସୁତରାଂ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲ୍ୱିର ତ ଏ ପେଶା ହୋଇଯାଇଥିଲା ଯେ ସେ ନିଜ ପତ୍ରିକା "ଇଶାଅତୁସ୍ ସୁନ୍ନା"ରେ ଲେଖିଲେ:- "ସରକାରଙ୍କୁ ତାଙ୍କ ଉପରେ ବିଶ୍ୱାସ କରିବା ଠିକ୍ ନୁହେଁ ଏବଂ ତାଙ୍କଠାରୁ ସତର୍କ ରହିବା ଜରୁରୀ ଅଟେ ନଚେତ୍ ଏହି ମେହ୍‌ଦୀ କାଦିଆନୀ ଦ୍ୱାରା ଏତେମାତ୍ରାରେ କ୍ଷତି ପହଂଚିବାର ଆଶଙ୍କା ରହିଛି କି ଏପରି କ୍ଷତି ମେହ୍‌ଦୀ ସୁଡାନୀଙ୍କଠାରୁ ମଧ୍ୟ ପହଂଚିନଥିଲା" (ଇଶାଅତୁସ୍‌ସୁନ୍ନା, ଖଣ୍ଡ-୧୬, ଅଙ୍କ-୬, ହାଶିୟା, ପୃଷ୍ଠା-୧୬୮, ୧୮୯୩ ମସିହା)

(୪)ଚତୁର୍ଥରେ ସେହି ସବୁ ପାଦ୍ରୀମାନେ ଯେଉଁମାନେ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ଦିଆଯାଇଥିବା ଯୁକ୍ତିଯୁକ୍ତ ପ୍ରମାଣର ମୁକାବିଲା କରିପାରୁନଥିଲେ ସେମାନେ ନିଜ ପରାଜୟର ପ୍ରତିଶୋଧ ନେବାପାଇଁ ଏ ରାସ୍ତାକୁ ସହଜ ଜାଣିଲେ ଯେ ଇଂରେଜ ସରକାରଙ୍କୁ ଯିଏ ସେହି ପାଦ୍ରୀମାନଙ୍କ ସହଜାତ ଧର୍ମର ଥିଲେ, ଆପଣଙ୍କଠାରୁ ବଦ୍‌ଜନ୍ କରାଇ ଅର୍ଥାତ୍ ଆପଣଙ୍କ ସମ୍ବନ୍ଧରେ ଅବିଶ୍ୱାସ ଜନ୍ମାଇ ଆପଣଙ୍କୁ ବନ୍ଦି କରାଇବେ ବା ଆପଣଙ୍କ ଉପରେ ଏ ପ୍ରତିବନ୍ଧକ ଲଗାଇଦେବେ ଯେ ଆପଣ ଇସ୍‌ଲାମ୍‌ର ତବ୍‌ଲିଗ୍ କରିବାରୁ ନିବୃତ ରହିବେ । ତେଣୁ ପାଦ୍ରୀ ହେନେରୀ ମାର୍ଟିନ୍ କ୍ଲର୍କ୍ ଉକ୍ତ ମୋକଦ୍ଦମା ହତ୍ୟା ଉଦ୍ୟମରେ ଯାହାକୁ ଯେ ଆପଣ ଆ:ସଙ୍କ ଖିଲାପରେ ପାଦ୍ରୀମାନଙ୍କ ଚକ୍ରାନ୍ତ ଯୋଗୁ କରିଥିଲା, ସେତେବେଳେ ସେ ନିଜର ହଲ୍‌ଫିୟା ବୟାନ୍ ଦେଇଥିଲା ଯେ

"ମିର୍ଜା ସାହେବ୍‌ଙ୍କ ସମ୍ବନ୍ଧରେ ମୋର ନିଜସ୍ୱ ରାୟ ଭଲନାହିଁ । କାରଣ ସେ ହେଉଛନ୍ତି ଜଣେ ଖରାପ ବିଭ୍ରାଟକାରୀ ଓ ବିପଦପୂର୍ଣ୍ଣ ବ୍ୟକ୍ତି ।" (ରୁହାନି ଖଜାଏନ୍, ଖଣ୍ଡ-୧୩, ପୃଷ୍ଠା-୨୦୦)

ପାଦ୍ରୀ ହେନେରୀ ମାର୍ଟିନ୍ କ୍ଲର୍କ୍ ଇଂରେଜ ଅଫିସର୍‌ମାନଙ୍କ ସହିତ ଖୋଲାଖୋଲି ଭାବେ ମିଳାମିଶା କରୁଥିଲା ଓ ତାଙ୍କ ସହିତ ବସି ଖିଆପିଆ ମଧ୍ୟ କରୁଥିଲା ଏବଂ ସେ ଅଂଗ୍ରେଜ ସରକାରଙ୍କ ଅଫିସର୍‌ମାନଙ୍କର କାନରେ ଆପଣ ଆ:ସଙ୍କ ବିରୋଧରେ ଏଣୁତେଣୁ କହୁଥିଲା । ଏବଂ ସେହିଭଳି ଅନ୍ୟ ପାଦ୍ରୀମାନେ ଯେମିତି ଇମାମୁଦ୍ଦିନ୍ ଇତ୍ୟାଦି ମଧ୍ୟ ନିଜର ଲେଖାରେ ଆପଣ ଆ:ସଙ୍କ ଉପରେ ଏହି ପ୍ରକାରର ଆପତି ଅଭିଯୋଗ ଲଗାଉଥିଲେ ।

(୫)ପଂଚମରେ ଆପଣ ଆ:ସଙ୍କର ଦାବୀର ଯୁଗ ଏପରି ସମୟରେ ଥିଲା ଯେତେବେଳେ ୧୮୫୭ ମସିହାର ବିଦ୍ରୋହକୁ ଅଳ୍ପ ସମୟ ହିଁ ହୋଇଥିଲା । ସେହି ବିଦ୍ରୋହରେ ଯଦିଚ ହିନ୍ଦୁ ଓ ମୁସଲ୍‌ମାନ୍‌ମାନେ ଭାଗ ନେଇଥିଲେ କିନ୍ତୁ ହିନ୍ଦୁମାନେ ଏକଥା କହି ଅର୍ଥାତ୍ ଅସଲରେ ମୁସଲ୍‌ମାନ୍‌ମାନେ ନିଜର ହୁକୁମତ୍ (ରାଜତ୍ୱ) ପୁନର୍ବାର ସ୍ଥାପନ କରିବା ପାଇଁ ଏହି ସବୁ ଫିତ୍‌ନା (ବିଭ୍ରାଟ) ଛିଡା କରିଛନ୍ତି, ସେମାନେ ନିଜକୁ ଅଲଗା କରିଦେଲେ ଏବଂ ଜମାତ୍ ଅହେମଦୀୟାର ସଂସ୍ଥାପକ ହଜ୍‌ରତ୍ ମସିହ୍ ମଉଦ୍ ଯିଏ ଖୁଦାଙ୍କ ନିର୍ଦ୍ଦେଶ ମୁତାବକ ମେହ୍‌ଦୀ ହେବାର ଦାବି କରିଥିଲେ ତାହାର ଅର୍ଥ ଇଂରେଜମାନଙ୍କ ନଜର୍‌ରେ ବିଦ୍ରୋହ ବ୍ୟତୀତ ଆଉକିଛି ନଥିଲା । ଦ୍ୱିତୀୟ ହେଉଛି ଏହା କି ଆପଣ ଆ:ସ ମୋଗଲ ବଂଶୀୟ ଥିଲେ, ସେହି ମୋଗଲ ବଂଶର ଗୋଟିଏ ଶାଖା ଥିଲେ ଯାହାର ରାଜତ୍ୱ ୧୮୫୭ ମସିହାରେ ଇଂରେଜମାନଙ୍କ ଦ୍ୱାରା ଶେଷ କରିଦିଆଯାଇଥିଲା । ତେଣୁ ଆପଣ ଆ:ସଙ୍କ ସମ୍ବନ୍ଧରେ ଇଂରେଜମାନେ ଏକଥା ଭାବୁଥିଲେ ଯେ ଆପଣ ଆ:ସ ମେହ୍‌ଦୀ ହେବାର ଦାବୀ ଏଇଥିପାଇଁ କରିଛନ୍ତି ଯେ ଯଦ୍ୱାରା ନିଜ ବଂଶର ହଜିଯାଇଥିବା ପ୍ରତିଷ୍ଠା ଓ ରାଜତ୍ୱକୁ ଫେରାଇଆଣିବେ, ଏହା ଆଶ୍ଚର୍ଯ୍ୟର କଥା ନଥିଲା । ବିଶେଷ ଭାବେ ଯେତେବେଳେ ମୌଲବୀ ଏବଂ ପାଦ୍ରୀମାନେ ମଧ୍ୟ ସରକାରଙ୍କୁ ଆପଣ ଆ:ସଙ୍କ ଖିଲାଫରେ ଭଡକାଇବା ପାଇଁ ଦିନ ରାତି ଲାଗିରହିଥିଲେ ଓ ଗୁପ୍ତ ରିପୋର୍ଟ୍ ଜରିଆରେ ସରକାରଙ୍କୁ ଆପଣଙ୍କଠାରୁ ବଦ୍‌ଜନ୍ କରାଇବା ପାଇଁ ଚେଷ୍ଟା କରିଚାଲିଥିଲେ । ଏହି ସବୁ କାରଣ ଆଧାରରେ ହଜ୍‌ରତ୍ ଅକ୍‌ଦସ୍ ଆ:ସଙ୍କୁ ***ବିକର୍‌ରାତିନ୍ ଓ୍ୱ ମର୍‌ରାତିନ୍*** ନିଜ ରଚିତ ପୁସ୍ତକ ଗୁଡିକରେ ଜିହାଦ୍ ସମ୍ବନ୍ଧରେ ମୁସଲ୍‌ମାନ୍‌ମାନଙ୍କ ଭୁଲ୍ ଦୃଷ୍ଟିକୋଣକୁ ରଦ୍ଦ କରିବା ଏବଂ ଜିହାଦ୍‌ର ବାସ୍ତବିକତା ବର୍ଣ୍ଣନା କରିବା ଏବଂ ସରକାରଙ୍କ ସମ୍ବନ୍ଧରେ ନିଜର ଆଚରଣକୁ ସ୍ପଷ୍ଟ କରିବା ପାଇଁ ଏହି ବିଶେଷ ପତ୍ରିକାଟିକୁ ଲେଖିବାର ଆବଶ୍ୟକତା ହେଲା । ୧୮୫୭ ମସିହାର ବିଦ୍ରୋହରେ ଆପଣ ଆ:ସଙ୍କ ଖାନ୍‌ଦାନ୍ ଯିଏ ସରକାରଙ୍କ ଖିଦ୍‌ମତ୍ କରିଥିଲେ, ସେ ସମସ୍ତ କଥାକୁ ବାରମ୍ବାର ଚର୍ଚ୍ଚା କରିବାର ମଧ୍ୟ ଏହି କାରଣ ଥିଲା ଏବଂ ଏକଥା ବତାଇବାର ଉଦ୍ଦେଶ୍ୟ ଏହା ଥିଲା ଯେ ଯଦି ମେହ୍‌ଦୀ ଦାବୀ କରିବା ଦ୍ୱାରା ଆପଣ ଆ:ସଙ୍କର ଉଦ୍ଦେଶ୍ୟ ନିଜ ଖାନ୍‌ଦାନ୍‌ର ହଜିଯାଇଥିବା ରିୟାସତ୍ (ରାଜ୍ୟ)କୁ ଫେରାଇନେବାର ହୋଇଥାଆନ୍ତା ତେବେ ଆପଣ ଆ:ସଙ୍କ ଖାନ୍‌ଦାନ୍ କାହିଁକି ସେମାନଙ୍କୁ ସାହାଯ୍ୟ କରିଥାନ୍ତା, ଯେବେ କି ସେ ସମୟରେ ଅଂଗ୍ରେଜ୍‌ମାନେ ବହୁତ ଅସୁବିଧାରେ ପଡିଥିଲେ ।

**ଅଂଗ୍ରେଜ୍ ସରକାଙ୍କ ସହିତ ଜିହାଦ୍ ବିସ୍ ସୈଫ୍ ନ କରିବାର କାରଣ**

ଆପଣ ଆ:ସ ଅଂଗ୍ରେଜ୍‌ମାନଙ୍କ ସହିତ ଜିହାଦ୍ ବିସ୍ ସୈଫ୍ କରିବାକୁ ଏଇଥିପାଇଁ ଅନୁଚିତ୍ ଓ ଅବୈଧ ଅଭିହିତ କରିଥିଲେ ଯେ ଇସ୍‌ଲାମ୍‌ର ଶରୀୟତ୍ ଅନୁସାରେ ଏଭଳି ସରକାରଙ୍କ ସହିତ ଜିହାଦ୍ ବିସ୍ ସୈଫ୍ କରିବା ଉଚିତ୍ ନୁହେଁ, ଯେଉଁମାନେ ଶାନ୍ତି ଏବଂ ନ୍ୟାୟକୁ ପ୍ରତିଷ୍ଠା କରୁଛନ୍ତି ଏବଂ ସମ୍ପୂର୍ଣ୍ଣ ଧର୍ମୀୟ ସ୍ୱାଧୀନତା ଦେଇଛନ୍ତି ଏବଂ ମୁସଲ୍‌ମାନ୍‌ମାନଙ୍କ ଧନ ଓ ସମ୍ପତିର ସୁରକ୍ଷା କରୁଛନ୍ତି । ସୁତରାଂ ଯେଉଁମାନେ ଆପଣଙ୍କୁ ଇଂରେଜ ସରକାରଙ୍କ ଖୋସାମଦିଆ ଭାବେ ଅଭିହିତ କରୁଥିଲେ, ଆପଣ ଆ:ସ ସେମାନଙ୍କୁ ସମ୍ବୋଧନ କରି ଏକଥା କହୁଛନ୍ତି:- ହେ ଅଜ୍ଞାନମାନେ ! ମୁଁ ଏହି ସରକାରଙ୍କର କୌଣସି ଖୋସାମଦ୍ କରୁନାହିଁ ବରଂ ଅସଲ କଥା ହେଉଛି ଏହା ଯେ ଏପରି ସରକାରଙ୍କ ସହିତ ପବିତ୍ର କୋରାନ୍ ଅନୁସାରେ ଧର୍ମଯୁଦ୍ଧ କରିବା ହରାମ ଅଟେ । କାରଣ ସେମାନେ ଇସ୍‌ଲାମ୍ ଧର୍ମ ଓ ଧର୍ମର ପ୍ରଥାଗୁଡିକ ଉପରେ କୌଣସି ପ୍ରକାର ହସ୍ତକ୍ଷେପ କରୁନାହାଁନ୍ତି ଏବଂ ନା ନିଜ ଧର୍ମର ଉନ୍ନତି ପାଇଁ ଆମ ଉପରେ ତରବାରି ଚଳାଉଛନ୍ତି । କାରଣ ସେମାନେ ମଧ୍ୟ କୌଣସି ପ୍ରକାରର ଧର୍ମୀୟ ଜିହାଦ୍ କରୁନାହାଁନ୍ତି ।" (କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୭୫, ହାଶିୟା, ପୃଷ୍ଠା-୬୯)

ଏବଂ ପୁଣି କହୁଛନ୍ତି:- "ଯେଉଁ ପରିସ୍ଥିତିରେ ଶରୀୟତେ ଇସ୍‌ଲାମ୍‌ର ସ୍ପଷ୍ଟ ନିର୍ଦ୍ଦେଶ ରହିଛି ତା'ଉପରେ ସବୁ ମୁସଲ୍‌ମାନ୍‌ମାନେ ସହମତି ଅଛନ୍ତି ଯେ ଏଭଳି ସରକାରଙ୍କ ସହିତ ଯୁଦ୍ଧ କରିବା ଏବଂ ଜିହାଦ୍ କରିବା ସମ୍ପୂର୍ଣ୍ଣ ରୂପେ ହରାମ୍, କାରଣ ଏହି ସରକାରଙ୍କ ଛତ୍ରଛାୟାରେ ମୁସଲ୍‌ମାନ୍‌ମାନେ ଖୁସି ଓ ଆନନ୍ଦରେ ଶାନ୍ତି ଓ ସ୍ୱାଧିନତାର ସହିତ ଜୀବନ ବିତାଉଛନ୍ତି ଏବଂ ଯାହାଙ୍କ ଉପକାରରୁ ଉପକୃତ ହୋଇ କୃତଜ୍ଞ ହେଉଛନ୍ତି । ଏବଂ ଯାହାଙ୍କ ମୁବାରକ୍ ସର୍‌କାର୍ ବାସ୍ତବରେ ପୁଣ୍ୟ ଓ ସତ୍‌ଶିକ୍ଷାକୁ ପ୍ରସାର ପ୍ରସାର କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ସାହାଯ୍ୟ ସହଯୋଗ କରୁଅଛି ।" (ମଜ୍‌ମୁଆ ଇସ୍‌ତେହାରାତ୍, ଖଣ୍ଡ-୧, ପୃଷ୍ଠା-୬୬)

ଏବଂ ଏହି ସିଦ୍ଧାନ୍ତ ୧୩ ସଦିର ମୁଜଦ୍ଦିଦ୍ (ସୁଧାରକ) ହଜ୍‌ରତ୍ ସୟଦ୍ ଅହେମଦ୍ ବରେଲ୍ୱି ରହେମୁଲ୍ଲାଃ ଆଲୈ ହେ ଙ୍କର ଥିଲା । ମୌଲାନା ମୁହମ୍ମଦ୍ ଜାଫର୍ ଥାନେସରି (ମୌଲାନା ମୁହମ୍ମଦ୍ ଜାଫର୍ ଥାନେସରିଙ୍କ ସମ୍ବନ୍ଧରେ ମୌଲାନା ମୁହମ୍ମଦ୍ ଅଲୀ ଜଲନ୍ଧରି ଲେଖୁଛନ୍ତି ଯେ ହିନ୍ଦୁସ୍ତାନ୍‌ର ଇତିହାସରେ ଏବଂ ରାଜନିତୀରେ ଏପରି କେହି ଛାତ୍ର ନଥିବେ ଯିଏ ମୌଲାନା ଜାଫର୍ ଥାନେସରି ଏବଂ ମୌଲାନା ଫଜଲ୍ ହକ୍ ଖୈରାବାଦୀଙ୍କ ନାମ ଏବଂ ଦେଶ ସ୍ୱାଧୀନ ହେବାପାଇଁ ସେମାନଙ୍କର ଚେଷ୍ଟା ବିଷୟରେ ପରିଚିତ ନଥିବେ, ଆଜାଦ୍ ୧୭ ଏପ୍ରିଲ୍ ୧୯୫୦) "ସ୍ୱାନେହ୍ ଅହେମଦୀ"ର ଲେଖକ ଏକଥା ଲେଖୁଛନ୍ତି ଯେ ଜଣେ ଲୋକ ଏ ପ୍ରଶ୍ନ ପଚାରିଲା ଯେ ଆପଣ ଅଂଗ୍ରେଜ୍‌ମାନଙ୍କଠାରୁ ଯେଉଁମାନେ ଇସ୍‌ଲାମ୍ ଧର୍ମକୁ ମାନୁନାହାଁନ୍ତି ଏବଂ ଏ ଦେଶର ହାକିମ ଅଛନ୍ତି, ସେମାନଙ୍କ ସହିତ ଜିହାଦ୍ କରି ଏ ହିନ୍ଦୁସ୍ତାନ୍‌କୁ କାହିଁକି ନେଇଯାଉନାହାଁନ୍ତି ? ଏଥିରେ ସେ କହିଲେ:-

"ଅଂଗ୍ରେଜ୍ ସରକାର ଯଦିଚ ଇସ୍‌ଲାମ୍‌କୁ ମାନୁନାହାଁନ୍ତି କିନ୍ତୁ ମୁସଲ୍‌ମାନ୍‌ମାନଙ୍କ ଉପରେ ଅତ୍ୟାଚାର କରୁନାହାଁନ୍ତି ଏବଂ ନା ସେମାନଙ୍କୁ ଧର୍ମର କର୍ତବ୍ୟ ଗୁଡିକ ଓ ଜରୁରୀ ଉପାସନା କରିବାରୁ ରୋକୁଛନ୍ତି । ଆମେ ତାଙ୍କ ଦେଶରେ ଖୋଲାଖୋଲିଭାବେ ଓ୍ୱଅଜ୍ ଅର୍ଥାତ୍ ଉପଦେଶ ଦେଇ ବୁଲୁଛୁ ଏବଂ ଧର୍ମକୁ ବଢ଼ାଇବା ପାଇଁ ଲାଗିରହିଛୁ । ସେମାନେ କେବେ ମଧ୍ୟ ଏହା କରିବା ପାଇଁ ପ୍ରତିବନ୍ଧକ ସାଜିନାହାଁନ୍ତି..... ଆମର ଅସଲ କାର୍ଯ୍ୟ ହେଉଛି ଏକେଶ୍ୱରବାଦର ପ୍ରଚାର ପ୍ରସାର କରିବା ଏବଂ ସୟଦୁଲ୍ ମୁର୍‌ସଲିନ୍ ସ:ଆ:ସଙ୍କ ସୁନ୍ନତ୍‌କୁ ପୁନର୍ଜିବୀତ କରିବା । ତେଣୁ ସେ ସବୁ କାର୍ଯ୍ୟ ଆମେ ନିର୍ବିଘ୍ନତାର ସହିତ ଏ ଦେଶରେ କରୁଅଛୁ । ପୁଣି ଆମେ କିପରି ଅଂଗ୍ରେଜ୍ ସରକାରଙ୍କ ସହିତ କେଉଁ କାରଣକୁ ନେଇ ଜିହାଦ୍ କରିବୁ ଏବଂ ଇସ୍‌ଲାମ୍ ସିଦ୍ଧାନ୍ତର ଓଲଟା ଦୁଇଦଳର ରକ୍ତ ଅକାରଣରେ କିପରି ବୁହାଇବୁ । ଏ ଉତର ଶୁଣି ପ୍ରଶ୍ନ କରିଥିବା ଲୋକଟି ଚୁପ୍ ହୋଇଗଲେ ଏବଂ ଜିହାଦ୍‌ର ଅସଲ ଉଦ୍ଦେଶ୍ୟକୁ ବୁଝିଗଲେ । (ସ୍ୱାନେହ୍ ଅହେମଦୀ କଲାଁ ପୃଷ୍ଠା-୭୧)

ଏବଂ ପୃଷ୍ଠା ୧୩୯ରେ ଲେଖୁଛନ୍ତି:- "ସୟଦ୍ ସାହେବ୍‌ଙ୍କର ଇଂରେଜ ସରକାରଙ୍କ ସହିତ ଜିହାଦ୍ କରିବା ପାଇଁ କୌଣସି ଇଚ୍ଛା ନଥିଲା । ସେ ଏହି ସ୍ୱାଧୀନ

ସରକାରଙ୍କୁ ନିଜ ସରକାର ବୋଲି ଜାଣୁଥିଲେ ।”

ସେହିପରି ତାଙ୍କର ପ୍ରଥମ ଶିଷ୍ୟ ହଜ୍‌ରତ୍ ମୌଲାନା ମୁହମ୍ମଦ୍ ଇସ୍‌ମାଇଲ୍ ଶହିଦ୍ ରହେମୁଲ୍ଲାଙ୍କୁ ତାଙ୍କ କଲିକତା ରହଣି ସମୟରେ ସେ ଉପଦେଶ ଦେଉଥିବା ସମୟରେ ଏ ପ୍ରଶ୍ନ ପଚରାଗଲା ଯେ ଅଂଗ୍ରେଜ ସରକାରଙ୍କ ସହିତ ଜିହାଦ୍ କରିବା ଠିକ୍ ବା ନୁହେଁ ଏଥିରେ ସେ ଏହାର ଉତରରେ କହିଲେ ଯେ:- “ଏହିଭଳି ଦ୍ୱେଷରହିତ ଏବଂ ପକ୍ଷପାତ କରୁନଥିବା ସରକାରଙ୍କ ସହିତ କୌଣସି ପ୍ରକାର ମଧ୍ୟ ଜିହାଦ୍ କରିବା ଉଚିତ୍ ନୁହେଁ” । (ସ୍ୱାନେହ୍ ଅହେମଦୀ କଲାଁ ପୃଷ୍ଠା-୫୭)

ଏବଂ ସର୍ ସୟଦ୍ ଅହେମଦ୍ ଖାନ୍ ମର୍‌ହୁମ୍ ନିଜ ରଚିତ ପତ୍ରିକା “ରିସାଲା ବଗାୱ୍‌ତେ ହିନ୍ଦ୍”ରେ ଦଲିଲ୍ ଦେଇ ଏହା ପ୍ରମାଣ କରିଛନ୍ତି ଯେ ୧୮୫୭ ବିଦ୍ରୋହ ଜିହାଦ୍ ନଥିଲା ଏବଂ ନା ତ ମୁସଲ୍‌ମାନ୍‌ମାନଙ୍କୁ ଅଂଗ୍ରେଜ ସରକାରଙ୍କ ସହିତ ଯୁଦ୍ଧ କରିବା ପାଇଁ ଶରିୟତ୍ ଅନୁସାରେ କୌଣସି ଅଧିକାର ଥିଲା ।

ସେହିପରି ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲୁୱି ଗୋଟିଏ ପତ୍ରିକା “ଅଲ୍ ଇକ୍‌ତେସାଆଦ୍ ଫି ମସାଇଲିଲ୍ ଜିହାଦ୍” ୧୮୭୬ ମସିହାରେ ଲେଖିଛନ୍ତି ଏବଂ ଇସ୍‌ଲାମ୍‌ର ଓ୍ୱଲେମାମାନଙ୍କର ରାୟ ହାସଲ କରିବା ପାଇଁ ସେ ଲାହୋର୍‌ଠାରୁ ନେଇ ଅଜ୍‌ମାବାଦ୍ ଏବଂ ପାଟ୍‌ନା ପର୍ଯ୍ୟନ୍ତ ଯାତ୍ରା କରିଛନ୍ତି ଏବଂ ଭିନ୍ନ ଭିନ୍ନ ଇସ୍‌ଲାମୀୟ ଫିର୍‌କାର ବଡ ବଡ ଓ୍ୱଲେମାଙ୍କୁ ଏହି ପତ୍ରିକାଟି ଶୁଣାଇ ସେମାନଙ୍କର ରାୟ ହାସଲ୍ କରିଛନ୍ତି । ସେଥିରେ ସେ ଦଲିଲ୍ ଦେଇ ଲେଖିଛନ୍ତି:-

“ଏହି ଦଲିଲ୍ ଗୁଡିକରୁ ସ୍ପଷ୍ଟ ପ୍ରମାଣ ହେଉଅଛି ଯେ ଇସାଇ ସରକାରଙ୍କ କବ୍‌ଜାରେ ରହିବା ସତ୍ୱେ ମଧ୍ୟ ହିନ୍ଦୁସ୍ତାନ୍ ମୁଲକ ହେଉଛି ଦାରୁଲ୍ ଇସ୍‌ଲାମ୍ ଅର୍ଥାତ୍ ଇସ୍‌ଲାମ୍ ଦେଶ । ତା ଉପରେ କୌଣସି ସମ୍ରାଟକୁ ସେ ଆରବୀୟ ହୁଅନ୍ତୁ ବା ଅଣଆରବୀୟ, ମେହ୍‌ଦୀ ସୁଡାନୀ ହୁଅନ୍ତୁ ବା ହଜ୍‌ରତ୍ ସୁଲ୍‌ତାନ୍ ଶାହ୍ ଇରାନୀ ବା ସେ ଅମୀର୍ ଖରାସାନ୍ ହୁଅନ୍ତୁ, ଆକ୍ରମଣ କରି ଯୁଦ୍ଧ କରିବା କଦାପି ଜାଏଜ୍ ନୁହେଁ” । (ଅଲ୍ ଇକ୍‌ତେସାଆଦ୍, ପୃଷ୍ଠା-୧୬)

ଏବଂ ପୁଣି ଲେଖୁଛନ୍ତି:- “ମୁସଲ୍‌ମାନ୍‌ମାନଙ୍କୁ ହିନ୍ଦୁସ୍ତାନ୍ ପାଇଁ ଇଂରେଜ ସରକାରଙ୍କର ମୁଖାଲିଫତ୍ କରିବା ଏବଂ ବିଦ୍ରୋହ କରିବା ହରାମ୍ ଅଟେ” । (ଇଶାଅତୁସ୍ ସୁନ୍ନା, ଖଣ୍ଡ-୬, ସଂଖ୍ୟା-୧୦, ପୃଷ୍ଠା-୧୮୭)

ପୁଣି ଲେଖୁଛନ୍ତି:- “ଏହି ଶାନ୍ତିପୂର୍ଣ୍ଣ ଏବଂ ସର୍ବସାଧାରଣଙ୍କ ସ୍ୱାଧିନଭାବେ ଜୀବନ ବିତାଇବା ଏବଂ ବ୍ରିଟିସ୍ ସରକାରଙ୍କ ସୁବ୍ୟବସ୍ଥା ଯୋଗୁ ଅହ୍‌ଲେ ହଦିସ୍ ହିନ୍ଦ୍ ଏହି ସରକାରଙ୍କୁ ଭାଗ୍ୟବାନ୍ ମଣୁଛନ୍ତି ଓ ଏହି ସରକାରଙ୍କ ପ୍ରଜା ହେବାପାଇଁ ଇସ୍‌ଲାମୀୟ ରାଷ୍ଟ୍ରମାନଙ୍କ ପ୍ରଜା ତୁଳନାରେ ଉଚିତ୍ ମଣୁଛନ୍ତି ଏବଂ ଯେଉଁଠି ମଧ୍ୟ ସେମାନେ ରହୁଛନ୍ତି ଓ ଯେଉଁଠାକୁ ମଧ୍ୟ ସେମାନେ ଯାଉଛନ୍ତି (ଆରବ ହେଉ, ରୋମ୍ ହେଉ ବା ଅନ୍ୟ କୌଣସି ସ୍ଥାନ) ଅନ୍ୟ କୌଣସି ରାଜ୍ୟର ପ୍ରଜା ହେବାକୁ ଚାହୁଁନାହାଁନ୍ତି” । (ଇଶାଅତୁସ୍ ସୁନ୍ନା, ଖଣ୍ଡ-୬, ସଂଖ୍ୟା-୧୦, ପୃଷ୍ଠା-୨୯୩)

ଏହି ସିଦ୍ଧାନ୍ତ ନୱାବ୍ ମୌଲବୀ ମୁହମ୍ମଦ୍ ସିଦ୍ଦିକ୍ ହସମ୍ ଖାନ୍ ଅଫ୍ ଭୋପାଲ୍ ଏବଂ ମୌଲବୀ ନଜିର୍ ହୁସେନ୍ ମୁହଦ୍ଦିସ୍ ଦେହ୍‌ଲୁୱିଙ୍କର ଥିଲା ଏବଂ ଏହି ଫତ୍‌ୱା ମୌଲବୀ ରଶିଦ୍ ଅହେମଦ୍ ଗଙ୍ଗୋହି ଏବଂ ମୌଲବୀ ଅସ୍‌ରଫ୍ ଅଲୀ ଥାନ୍‌ୱି ଇତ୍ୟାଦି ମୌଲାନାମାନେ ଦେଇଛନ୍ତି ଏବଂ ଏହି କଥାକୁ ମୌଲବୀ ଅବ୍‌ଦୁଲ୍ ଅଜିଜ୍ ଏବଂ ମୌଲବୀ ମୁହମ୍ମଦ୍ ମୁଫ୍‌ତି ଲୁଧିଆନୀ ମଧ୍ୟ କହିଥିଲେ ଯେ “ଅଂଗ୍ରେଜ୍ ସରକାରଙ୍କ ମୁଖାଲିଫତ୍ କରିବା ମୁସଲ୍‌ମାନ୍‌ମାନଙ୍କ ପାଇଁ ଶରୀୟତ୍ ଅନୁସାରେ ହରାମ୍ ଅଟେ” (ଦେଖନ୍ତୁ ନୁସ୍‌ରତୁଲ୍ ଇବ୍‌ରାର୍, ଲେଖକ ମୌଲବୀ ମୁହମ୍ମଦ୍ ମୁଫ୍‌ତି ଲୁଧିଆନା ୧୩୦୬ ହିଜ୍‌ରି)

ଏବଂ ମୌଲାନା ଜଫର୍ ଅଲ୍ଲୀ ଖାନ୍ “ଜମିଦାର୍” ଖବରକାଗଜର ସମ୍ପାଦକ ମଧ୍ୟ ହିନ୍ଦୁସ୍ତାନ୍‌କୁ ଦାରୁଲ୍ ଇସ୍‌ଲାମ୍ ଅଭିହିତ କରି ଲେଖୁଛନ୍ତି:- “ଜମିଦାର୍ ଏବଂ ତାଙ୍କୁ ପାଠ କରୁଥିବା ଲୋକମାନେ ବ୍ରିଟିସ୍ ସରକାରଙ୍କୁ ଖୁଦାତାଲାଙ୍କ ଛାୟା ବୋଲି ଜାଣୁଛନ୍ତି ଏବଂ ତାଙ୍କ ସାହି ବଦାନ୍ୟତା ଏବଂ ଉତମ ନ୍ୟାୟକୁ ନିଜର ଆନ୍ତରିକତାର ସହିତ ଉତର ଦାୟୀ ବୋଲି ବୁଝି ନିଜ ସମ୍ରାଟ ଆଲମ୍ ପନ୍‌ହାଙ୍କ ମଥାରୁ ଗୋଟିଏ ଗୋଟିଏ (ଝାଳ) ବିନ୍ଦୁ ପରିବର୍ତେ ନିଜ ଶରୀରର ଲହୁକୁ ବୁହାଇବା ପାଇଁ ପ୍ରସ୍ତୁତ ଅଛନ୍ତି ଏବଂ ଏହିପରି ଅବସ୍ଥା ସମଗ୍ର ହିନ୍ଦୁସ୍ତାନ୍‌ର ସବୁ ମୁସଲ୍‌ମାନ୍‌ମାନଙ୍କର ରହିଛି” (ଜମିଦାର୍ ୯ ନଭେମ୍ବର୍ ୧୯୧୧)

ପୁଣି ଲେଖୁଛନ୍ତି:- “ମୁସଲ୍‌ମାନ୍‌ମାନେ ଗୋଟିଏ କ୍ଷଣ ପାଇଁ ମଧ୍ୟ ଏପରି ସରକାରଙ୍କ ଉପରେ ଅବିଶ୍ୱାସ କରିବା ପାଇଁ ଚିନ୍ତା କରିପାରିବେ ନାହିଁ । ଯଦି କୌଣସି ଦୁର୍ଭାଗା ମୁସଲ୍‌ମାନ୍ ସରକାରଙ୍କ ସହିତ ଦୁଷ୍ଟାମୀ କରିବା ପାଇଁ ସାହସ କରେ ତେବେ ଆମେ ସର୍ବ ସମ୍ମୁଖରେ ଏକଥା ଘୋଷଣା କରି କହୁଛୁ ଯେ ସେହି ମୁସଲ୍‌ମାନ୍ ମୁସଲ୍‌ମାନ୍ ନୁହେଁ” (ଜମିଦାର୍ ୧୧ ନଭେମ୍ବର୍ ୧୯୧୧)

ସେହିପରି ଅଲ୍ଲାମା ଅସ୍‌ସୟଦୁଲ୍ ହାଇରି ମୁଜ୍‌ତହିଦୁଲ୍ ଅସର୍ (ସିହା ଲିଡର୍) ବ୍ରିଟେନ୍ ସରକାରଙ୍କ କୃତଜ୍ଞତା ଜ୍ଞାପନ କରି କହୁଛନ୍ତି:- “ଆମକୁ ଏହିଭଳି ସରକାରଙ୍କ ଛତ୍ରଛାୟା ତଳେ ରହି ଗର୍ବ ଅନୁଭବ ହେଉଛି ଯାହାଙ୍କ ସରକାରରେ ନ୍ୟାୟ ବିଚାର କରିବା ଏବଂ ଧର୍ମୀୟ ସ୍ୱାଧୀନତା ଦେବାକୁ କାନୁନ୍ ରୂପେ ପାସ୍ କରାଯାଇଛି । ଏହାର ଦୃଷ୍ଟାନ୍ତ ପୃଥିବୀରେ ଅନ୍ୟ କୌଣସ ସରକାରଙ୍କଠାରେ ମିଳିପାରିବ ନାହିଁ । ଚିନ୍ତା କର ଯେ ତୁମେ ଇସ୍‌ଲାମ୍‌ର ତବ୍‌ଲିଗ୍ ଏବଂ ପ୍ରସାର ପ୍ରଚାର ପାଇଁ କିଭଳି ନିର୍ଭୟ ହୋଇ ସ୍ୱାଧିନତାର ସହିତ ଆଜି ସବୁଠାରେ ଭାଷଣ ଦେଉଅଛ ଓ ଉପଦେଶ ଦେଉଅଛ । ଏବଂ କିଭଳି ପ୍ରତ୍ୟେକ ପ୍ରକାରର ସାମାନ୍ ଏହି ମୁକାବରକ୍ ଯୁଗରେ ଆମକୁ ଉପଲବ୍ଧ ହେଉଅଛି । ଯାହା ପୂର୍ବରୁ କୌଣସି ସରକାରଙ୍କ ନିକଟରେ ନଥିଲା । ବିଗତ ଅଣ ଇସ୍‌ଲାମୀୟ ସରକାରଙ୍କ ଯୁଗରେ ଏପରି ପରିସ୍ଥିତି ଥିଲା ଯେ ମୁସଲ୍‌ମାନ୍‌ମାନେ ନିଜ ମସ୍‌ଜିଦ୍‌ରେ ମଧ୍ୟ ଅଜାନ୍ ଦେଇପାରୁନଥିଲେ, ଆଉ ଅନ୍ୟକଥା କ’ଣ କୁହାଯିବ । ହଲାଲ୍ ବସ୍ତୁକୁ ଖାଇବା ପାଇଁ ରୋକାଯାଉଥିଲା । ନିୟମିତ କୌଣସି ପ୍ରକାରର ଅନୁସନ୍ଧାନ ହେଉନଥିଲା.... ସେଥିପାଇଁ ମୁଁ କହୁଛି ଯେ ପ୍ରତ୍ୟେକ ସିହାଙ୍କୁ ଏହି ଉପକାରର ପ୍ରତିବଦଳରେ (ଯାହା ଧର୍ମୀୟ ସ୍ୱାଧୀନତା ରୂପରେ ସେମାନଙ୍କୁ ହାସଲ ହୋଇଛି) ହୃଦୟର ଗଭୀରତମ ପ୍ରଦେଶରୁ ବ୍ରିଟିଶ୍ ସରକାରଙ୍କ କୃତଜ୍ଞ ହେବା ଉଚିତ୍ ଏବଂ ଏଥିପାଇଁ ଶରୀୟତ୍ ମଧ୍ୟ ସେମାନଙ୍କୁ ବାଧା ଦେଉନାହିଁ କାରଣ ପୈଗମ୍ବରେ ଇସ୍‌ଲାମ୍ ସ:ଆ:ସ ନୌଶିରାନ୍ ଆଦିଲ୍‌ଙ୍କ ରାଜତ୍ୱ ସମୟରେ ରହିବାର କଥାକୁ ପ୍ରଶଂସା ଓ ଗର୍ବର ସହିତ ବର୍ଣ୍ଣନା କରିଛନ୍ତି ।” (ମୌଇଜା ତହ୍‌ରିଫେ କୁର୍‌ଆନ୍ ବାବତ୍ ମାହ୍ ଏପ୍ରିଲ୍ ୧୯୨୩, ପୃଷ୍ଠା-୬୭-୬୮, ପ୍ରକାଶନ-ୟଙ୍ଗ୍‌ମ୍ୟାନ୍ ସୋସାଇଟି, ଖ୍ୱାଜ୍‌ଗାନ୍ ନାରୋୱାଲ୍, ଲାହୋର୍)

ସେହିପରି ଶମ୍‌ସୁଲ୍ ଓ୍ୱଲମା ମୌଲାନା ନଜିର୍ ଅହେମଦ୍ ଦେହ୍‌ଲୁୱି ନିଜ ଲେକ୍‌ଚର୍‌ରେ ଯାହାକୁ ସେ ୫ ଅକ୍ଟୋବର ୧୮୮୮ରେ ଟାଉନ୍ ହଲ୍ ଦିଲ୍ଲୀରେ ଅଂଗ୍ରେଜ ସରକାରଙ୍କ ସମ୍ବନ୍ଧରେ ପ୍ରଦାନ କରିଥିଲେ, ସେଥିରେ ସେ କହୁଛନ୍ତି:- “କ’ଣ ସରକାର ଅତ୍ୟାଚାରୀ ଓ କଠୋର ଅଛନ୍ତି ? ତୌବା ତୌବା, ସେ ମାଆବାପାଙ୍କଠାରୁ ଅଧିକ ଦୟାଳୁ” (ମୌଲାନା ମୌଲବୀ ହାଫିଜ୍ ନଜିର୍ ଅହେମଦ୍ ଦେହ୍‌ଲୁୱିକେ ଲେକ୍‌ଚରୌଁକା ମଜ୍‌ମୁଆ ବାରେ ଅୱଲ୍ ୧୮୯୦, ପୃଷ୍ଠା-୯)

ଏବଂ ପୁଣି କହୁଛନ୍ତି:- “ଯେଉଁ ସୁବିଧା ସୁଯୋଗ ଆମକୁ ଏହି ସରକାରଙ୍କ ଦ୍ୱାରା ଉପଲବ୍ଧ ହେଉଅଛି ଅନ୍ୟ ଅନ୍ୟ କୌରସି କୌମ୍‌ରେ ଏହିଭଳି ସୁବିଧା ସୁଯୋଗ ଦେବାପାଇଁ ସାମର୍ଥ ନାହିଁ ।” (ମୌଲାନା ମୌଲବୀ ହାଫିଜ୍ ନଜିର୍ ଅହେମଦ୍ ଦେହ୍‌ଲୁୱିକେ ଲେକ୍‌ଚରୌଁକା ମଜ୍‌ମୁଆ ବାରେ ଅୱଲ୍ ୧୮୯୦, ପୃଷ୍ଠା-୯)

ଏବଂ ଅନରେବୁଲ୍ ଡାକ୍ତର୍ ସର୍ ସୟଦ୍ ଅହେମଦ୍ ଖାନ୍ ବାହାଦୁର୍ ମୁସଲ୍‌ମାନ୍ ମାନଙ୍କୁ ସମ୍ବୋଧନ କରି ଅଂଗ୍ରେଜ ସରକାରଙ୍କ ସମ୍ବନ୍ଧରେ କହୁଛନ୍ତି:- “ନ୍ୟାୟବନ୍ତ ସମ୍ରାଟଙ୍କର କୌଣସି ପ୍ରଜାଙ୍କ ଉପରେ ରାଜତ୍ୱ କରିବା ବାସ୍ତବିକ୍ ଖୁଦାତାଲାଙ୍କ ନିଜ ଭକ୍ତମାନଙ୍କ ଉପରେ ହେଉଛି କରୁଣା । ଏବଂ ନିଶ୍ଚିତ ରୂପେ ସବୁ ପ୍ରଜା ଏହି ନ୍ୟାୟବନ୍ତ ସମ୍ରାଟଙ୍କ କୃତଜ୍ଞ । ତେଣୁ ଆମେ ସମସ୍ତେ ହିନ୍ଦୁସ୍ତାନ୍‌ର ପ୍ରଜାମାନେ ଯେଉଁମାନେ ମହାନ୍ ରାଣି ଭିକ୍ଟୋରିଆଙ୍କ ପ୍ରଜା ଅଟୁ ଓ ରାଣି ହିନ୍ଦୁସ୍ତାନ୍ ଏବଂ ଇଂଲଣ୍ଡ୍‌ର ପ୍ରଜାମାନଙ୍କ ଉପରେ ନ୍ୟାୟର ସହିତ ବିନା କୌଣସି ପକ୍ଷପାତିତା କରି ରାଜତ୍ୱ କରୁଛନ୍ତି । ତେଣୁ ଆମେ ତାଙ୍କର କୃତଜ୍ଞ । ଏ ଶିକ୍ଷା ହେଉଛି ଆମର ପବିତ୍ର ଉଜ୍ଜଳମୟ ଧର୍ମର ଶିକ୍ଷା । ଆମକୁ ତାହାଙ୍କ କୃତଜ୍ଞତା ସ୍ୱୀକାର କରିବା ଏବଂ ତାଙ୍କୁ ଧନ୍ୟବାଦ ଦେବା ଜରୁରୀ ହୋଇଯାଇଛି” । (ମଜ୍‌ମୁଆ, ଲେକ୍‌ଚର୍ ହାଏ ଅନରେବୁଲ୍ ଡାକ୍ତର୍ ସର୍ ସୟଦ୍ ଅହେମଦ୍ ଖାନ୍ ବାହାଦୁର୍ ହିଲାଲି ପ୍ରେସ୍ ସାଢୁରାଃ ଡିସେମ୍ବର୍ ୧୮୯୨, ପୃଷ୍ଠା-୧୫)

ଏବଂ ୧୦ ମଇ ୧୮୮୬ରେ ଅଲିଗଡଠାରେ ଗୋଟିଏ ଭାଷଣ ଅଂଗ୍ରେଜ ସରକାରଙ୍କ ମଙ୍ଗଳକାମନା କରି କହୁଛନ୍ତି:- “ମୋର ଉପଦେଶ ହେଉଛି ଏହା ଯେ ସରକାରଙ୍କ ତରଫରୁ ନିଜର ମନକୁ ସଫା କରନ୍ତୁ ଏବଂ ତାଙ୍କ ସହିତ ସହୃଦୟତାର ସହିତ ବ୍ୟବହାର କରନ୍ତୁ । ଏବଂ ସର୍ବୋପରି ସବୁକ୍ଷେତ୍ରରେ ସରକାରଙ୍କ ଉପରେ ଭରଷା ରଖନ୍ତୁ ।” (ମଜ୍‌ମୁଆ, ଲେକ୍‌ଚର୍ ହାଏ ଅନରେବୁଲ୍ ଡାକ୍ତର୍ ସର୍ ସୟଦ୍ ଅହେମଦ୍ ଖାନ୍ ବାହାଦୁର୍ ହିଲାଲି ପ୍ରେସ୍ ସାଢୁରାଃ ଡିସେମ୍ବର୍ ୧୮୯୨, ପୃଷ୍ଠା-୨୩୯)

ସୁତରାଂ ଅଂଗ୍ରେଜ୍ ସରକାରଙ୍କ ସହିତ ଜିହାଦ୍ କରିବା ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେଉଁ ଦୃଷ୍ଟିକୋଣ ବର୍ଣ୍ଣନା କରିଛନ୍ତି ସମସ୍ତ ବଡ ବଡ ଓ୍ୱଲେମାମାନେ ମଧ୍ୟ ସେହି ଦୃଷ୍ଟିକୋଣର ସମର୍ଥକ ଥିଲେ । ଉପରୋକ୍ତ କଥନ ଗୁଡିକ ବ୍ୟତୀତ ଯେଉଁ ସିଦ୍ଧାନ୍ତ ରାଜନୈତିଜ୍ଞ ଓ ଧାର୍ମିକ ମୁସ୍‌ଲିମ୍ ନେତାମାନଙ୍କର ରହିଛି ଜଣେ ଅଣ ଜମାତୀୟ ବ୍ୟକ୍ତି (ମଲକ୍ ମୁହମ୍ମଦ୍ ଜାଫର୍ ଖାନ୍ ଆଡ୍‌ଭୋକେଟ୍)ଙ୍କ ବୟାନ୍ ଏଠାରେ ଉପସ୍ଥାପନ କରିବା ମଧ୍ୟ ଅନୁଚିତ୍ ହେବନାହିଁ । ମଲକ୍ ସାହେବ୍ ଲେଖୁଛନ୍ତି:- “ମିର୍ଜା ସାହେବ୍‌ଙ୍କ ଯୁଗରେ ତାଙ୍କର ବଡବଡ ପ୍ରସିଦ୍ଧ ବିରୋଧିମାନେ ଉଦାହରଣ ସ୍ୱରୂପ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁୱି, ପିର୍ ମେହର୍ ଅଲ୍ଲୀ ଶାହ୍ ଗୋଲଡୁୱି, ମୌଲବୀ ସନାଉଲ୍ଲାଃ ସାହେବ୍

ଏବଂ ସର୍ ସୟଦ୍ ଅହେମଦ୍ ଖାନ୍ ସମସ୍ତେ ଅଂଗ୍ରେଜମାନଙ୍କ ଏପରି ୱଫାଦାର୍ ଥିଲେ ଯେପରି ମିର୍ଜା ସାହେବ୍ । ଏହି କାରଣ ଥିଲା ଯେ ସେ ସମୟରେ ଯେଉଁ ଲିଟ୍ରେଚର୍ ଗୁଡିକ ମିର୍ଜା ସାହେବ୍ଙ୍କ ରଦ୍ଦରେ ଲେଖାଯାଇଥିଲା ସେଥିରେ ଏକଥାର କୌଣସି ଚର୍ଚ୍ଚା ମିଳୁନାହିଁ ଯେ ମିର୍ଜା ସାହେବ୍ ନିଜ ଶିକ୍ଷା ଓ ଉପଦେଶ ଗୁଡିକରେ ଗୁଲାମ୍ ହୋଇ ରହିବା ପାଇଁ କୌଣସି ପ୍ରକାର ଉପଦେଶ ଦେଇଥିବେ ।" (ଅହେମଦୀୟା ତହେରିକ୍ ପୃଷ୍ଠା-୨୪୩, ପ୍ରକାଶକ ସିନ୍ଧ୍ ସାଗର୍ ଏକାଡେମୀ, ଲାହୋର୍)

ସାରାଂଶ ହେଉଛି ଏହା କି ଆପଣଙ୍କର ବ୍ରିଟେନ୍ ସରକାରଙ୍କୁ ପ୍ରଶଂସା କରିବା ଏବଂ ତା ସହିତ ଭକ୍ତଭାବ ଦେଖାଇବା ବାସ୍ତବରେ ଏକ ସିଦ୍ଧାନ୍ତ ଅନ୍ତର୍ଗତ ଥିଲା । ତାହା ହେଉଛି ଏହା କି:-

(୧)ଏହି ସରକାର ପଞ୍ଜାବ୍ର ମୁସଲ୍ମାନ୍ମାନଙ୍କୁ ଶିଖ୍ ହୁକୁମତ୍ର ଅତ୍ୟାଚାରରୁ ମୁକ୍ତି ଦେଇଛନ୍ତି (୨)ଏ ଦେଶରେ ଶାନ୍ତି ସ୍ଥାପନ କରିଛନ୍ତି (୩)ଏହି ସରକାର ଦେଶରେ ପୁର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିଛନ୍ତି ।

**ଜିହାଦ୍, ଅର୍ଥାତ୍ ତରବାରି ଦ୍ୱାରା ଯୁଦ୍ଧ କରିବାକୁ ମନା କରିବାର ଆଉ ଏକ କାରଣ**

ପୁଣି ଆପଣ ଆ:ସ ତରବାରି ସହିତ ଯୁଦ୍ଧ କରିବାକୁ ମନା କରି ଏକଥାକୁ ବ୍ୟାଖ୍ୟା କରିଛନ୍ତି ଯେ ଏ ଦେଶ ଓ ଏ ଯୁଗରେ ଏଥିପାଇଁ ଜିହାଦ୍ ଅର୍ଥାତ୍ ତରବାରି ସହିତ ଯୁଦ୍ଧ କରିବା ପାଇଁ ମନା କରାଯାଇଛି ଯେ ଏଠାରେ ଜିହାଦ୍ କରିବା ପାଇଁ ଯେଉଁ ସର୍ତାବଳୀ ଗୁଡିକ ରହିଛି ତାହା ପୂରଣ ହେଉନାହିଁ । ସୁତରାଂ ଆପଣ ଆ:ସ ନିଜ ରଚିତ ପୁସ୍ତକ ହକିକତୁଲ୍ ମେହ୍ଦୀରେ କହୁଛନ୍ତି:- "ଫରୁଫିଅତ୍ ହାଜେହିସ୍ସୁନ୍ନାଃ ବେରଫଇ ଅସ୍ବାବିହା ଫିହାଜିଲ୍ ଅୟାମ୍" ଅର୍ଥାତ୍ ତରବାରି ସହିତ ଜିହାଦ୍ କରିବା ସର୍ତାବଳୀ ଗୁଡିକ ନମିଳିଥିବା ଯୋଗୁ ଏବେ ତରବାରି ସହିତ ଯୁଦ୍ଧ କରିବାର ଅବକାଶ ନାହିଁ ।

ଏବଂ କହୁଛନ୍ତି:- "ୱ ଅମର୍ନା....ଅନ୍ନକ୍ତୁଲା ବିଲ୍ ହିସାମ୍" (ହକିକତୁଲ୍ ମେହ୍ଦୀ, ରୁହାନି ଖଜାଏନ୍, ଖଣ୍ଡ-୧୪, ପୃଷ୍ଠା-୪୫୪ ଏବଂ ଆମକୁ ଏ ନିର୍ଦ୍ଦେଶ ଦିଆଯାଇଛି ଯେ ଆମେ କାଫିର୍ଙ୍କ ମୁକାବିଲାରେ ସେହି ପ୍ରକାରର ପ୍ରସ୍ତୁତି କରିବା ଯେଉଁପ୍ରକାରର ପ୍ରସ୍ତୁତି ସେମାନେ ଆମ ସହିତ ମୁକାବିଲା କରିବା ପାଇଁ କରୁଛନ୍ତି ଅଥବା ଏହା କି ଆମେ କାଫିର୍ମାନଙ୍କ ସହିତ ସେହିପରି ବ୍ୟବହାର କରିବା ଯେଉଁପରି ସେମାନେ ଆମ ସହିତ କରୁଛନ୍ତି । ଏବଂ ଯେପର୍ଯ୍ୟନ୍ତ ସେମାନେ ଆମ ଉପରକୁ ତରବାରି ନଉଠାଇଛନ୍ତି ସେପର୍ଯ୍ୟନ୍ତ ଆମେ ମଧ୍ୟ ତାଙ୍କ ଉପରେ ତରବାରି ଉଠାଇବା ନାହିଁ ।

ଏବଂ ପୁଣି କହୁଛନ୍ତି:- ***"ୱଲା ଶକ୍କା ଅନ୍ନା ଉଜୁହଲ୍ ଜିହାଦି ମାଦୁମତୁନ୍ ଫି ହାଜଜ୍ ଜମନି ୱ ହାଜେହିଲ୍ ବିଲାଦ୍"*** (ତୋହଫା ଗୋଲଡୁୱିୟା, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୮୨) ଏବଂ ଏଥିରେ ସନ୍ଦେହ ନାହିଁ ଯେ ସେ ସମୟରେ ଜିହାଦ୍ କରିବାର ଯେଉଁ କାରଣ ଗୁଡିକ ଥିଲା ବା ଯେଉଁ ସର୍ତାବଳୀ ଗୁଡିକ ଥିଲା ତାହା ସେହି ସହର ଗୁଡିକରେ ପୂରଣ ହେଉନଥିଲା । ଏକଥାକୁ ନୱାବ୍ ମୌଲବୀ ସିଦ୍ଦିକ୍ ହସନ୍ ଖାନ୍ "ତର୍ଜୁମାନ ୱହାବିୟା"ର ପୃଷ୍ଠା ୨୦ରେ ଲେଖୁଛନ୍ତି:- "ଜିହାଦ୍ ଶରୀୟତ୍ର ସର୍ତାବଳୀ ବିନା ଏବଂ ଇମାମ୍ଙ୍କ ଅସ୍ତିତ୍ୱ ବିନା କଦାପି ବୈଧ ନୁହେଁ" ।

ଏବଂ ମୌଲବୀ ଜଫର୍ ଅଲି ଖାନ୍ ଲେଖୁଛନ୍ତି "ଇସ୍ଲାମ୍ ଯଦି କେବେ ମଧ୍ୟ ଜିହାଦ୍ କରିବା ପାଇଁ ଅନୁମତି ଦେଇଛି ତେବେ ଏକ ବିଶେଷ ପରିସ୍ଥିତିରେ ଦେଇଛି । ଦେଶ ବିଜୟ କରିବାର ଅଭିଳାସକୁ ପୂରଣ କରିବା ପାଇଁ ହୁଏନାହିଁ । ସେଥିପାଇଁ ଅମୀର୍ଙ୍କ ସର୍ତ ରହିଛି । ପ୍ରଥମେ ଶତୃମାନେ ଅଗ୍ରସର ହେବା ଏବଂ (ଶତୃଙ୍କ ତରଫରୁ ଯୁଦ୍ଧ) ଆରମ୍ଭ କରିବାର ସର୍ତ ରହିଛି ।" (ଜମିଦାର୍ ୧୪ଜୁନ୍ ୧୯୨୬)

ଏବଂ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁୱି ଲେଖୁଛନ୍ତି:- "ଜିହାଦ୍ କରିବା ପାଇଁ ଗୋଟିଏ ବହୁତ ବଡ ସର୍ତ ଶରୀୟତ୍ରେ ଏହା ରହିଛି ଯେ ମୁସଲ୍ମାନ୍ମାନଙ୍କ ମଧ୍ୟରେ ଇମାମ୍ ଓ ଯୁଗ ଖଲିଫା ଉପସ୍ଥିତ ଥିଲେ.....ମୁସଲ୍ମାନମାନଙ୍କ ମଧ୍ୟରେ ଏପରି ଲୋକ ସମୂହ ବିଶିଷ୍ଟ ଜମାତ୍ ଥିବ ଯଦ୍ୱାରା ସେମାନଙ୍କୁ ଇସ୍ଲାମୀୟ ବୈଭବର କ୍ଷୁର୍ଣ୍ଣ ହେବାର ଭୟ ନଥିବ (ବରଂ) ଇସ୍ଲାମ୍ର ବିଜୟ ହେବାର ଧାରଣା ଥିବ" । (ଅଲ୍ ଇକ୍ତେସାଆଦ୍, ଫିମସାଇଲିଲ୍ ଜିହାଦ୍, ପୃଷ୍ଠା-୩୧)

ପୁଣି ଲେଖୁଛନ୍ତି:- "ଏ ଯୁଗରେ ସରଇ ଜିହାଦ୍ର କୌଣସି ସ୍ୱରୂପ ନାହିଁ କାରଣ ବର୍ତମାନ ନା କୌଣସି ମୁସଲ୍ମାନ୍ମାନଙ୍କର ସର୍ବଗୁଣ ସମ୍ପନ୍ନ ଇମାମ୍ ଅଛନ୍ତି ଓ ନାଁ ସର୍ତାବଳୀ ମୁତାବକ ଇମାମତ୍ ମହଜୁଦ୍ ରହିଛି ଏବଂ ନା ସେମାନଙ୍କୁ ଏପରି ଲୋକମାନଙ୍କ ସମୁହ ଶକ୍ତିର ବୈଭବ ହାସଲ ଅଛି ଯଦ୍ୱରା ସେମାନେ ନିଜ ବିରୋଧିମାନଙ୍କ ଉପରେ ବିଜୟପ୍ରାପ୍ତ କରିବାର ଆଶା କରିପାରୁଥିବେ ।" (ଅଲ୍ ଇକ୍ତେସାଆଦ୍, ଫିମସାଇଲିଲ୍ ଜିହାଦ୍, ପୃଷ୍ଠା-୪୨)

ଏବଂ ଖ୍ୱାଜା ହସନ୍ ନିଜାମି ଦେହ୍ଲୁୱି ଲେଖୁଛନ୍ତି:- "ଜିହାଦ୍ ବିଷୟରେ ଆମର ଏଠି ପିଲାମାନଙ୍କୁ ମଧ୍ୟ ଜଣାଅଛି । ସେମାନେ ଜାଣିଛନ୍ତି ଯେ ଯେତେବେଳେ କୁଫାର୍ମାନେ ଧର୍ମ ବିଷୟରେ ବାଧକ ହେବେ ଏବଂ ନ୍ୟାୟବନ୍ତ ଇମାମ୍ ଯାହାଙ୍କ ନିକଟରେ ଯୁଦ୍ଧ କରିବାର ସମସ୍ତ ସାମାନ୍ ଥିବ ଓ ସେ ଯୁଦ୍ଧ କରିବା ପାଇଁ ଫତ୍ୱା ଦେବେ ସେତେବେଳେ ପ୍ରତ୍ୟେକ ମୁସଲ୍ମାନଙ୍କ ଉପରେ ଯୁଦ୍ଧ କରିବା ଜରୁରୀ ହୋଇଯାଏ । କିନ୍ତୁ ଇଂରେଜମାନେ ନା ତ ଆମ ଧର୍ମ ଉପରେ କୌଣସି ହସ୍ତକ୍ଷେପ କରୁଛନ୍ତି ନା ଅନ୍ୟ କୌଣସି କାର୍ଯ୍ୟରେ ଏପରି ଅତ୍ୟାଚାର କରୁଛନ୍ତି ଯାହାକୁ ଅମେ ଅତ୍ୟାଚାରର ଅର୍ଥ କରିପାରିବା । ନା ଆମ ନିକଟରେ ଯୁଦ୍ଧ ସାମଗ୍ରୀ ଅଛି । ଏହିଭଳି ପରିସ୍ଥିତିରେ ଆମେ କଦାପି ଓ କଦାପି କାହାକଥା ମାନିବୁ ନାହିଁ । ଏବଂ ନିଜ ଜୀବନକୁ ଧ୍ୱଂସ ମୁହଁରେ ପକାଇବୁ ନାହିଁ ।" (ରିସାଲା ଶେଖ୍ ସନ୍ୱସି, ପୃଷ୍ଠା-୧୭, ଲେଖକ ଖ୍ୱାଜା ହସନ୍ ନିଜାମି)

ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ପୂର୍ବରୁ ବରଂ ଆପଣ ଆ:ସଙ୍କ ଜନ୍ମ ପୂର୍ବରୁ ମଧ୍ୟ ଜିହାଦ୍ କରିବାର ଗୋଟିଏ ଅବସର ସୃଷ୍ଟି ହୋଇଥିଲା ଏବଂ ହଜ୍ରତ୍ ସୟଦ୍ ଅହେମଦ୍ ବରେଲୁୱି ୧୩ ସଦିର ମୁଜଦ୍ଦିଦ୍ ପଞ୍ଜାବ୍ର ଶିଖ୍ମାନଙ୍କ ବିରୋଧରେ ଜିହାଦ୍ କରିବା ପାଇଁ ଘୋଷଣା କରିଥିଲେ । କାରଣ ଯେପରିକି ମୌଲବୀ ମସ୍ଉଦ୍ ଅହେମଦ୍ ନଦୱି ଲେଖୁଛନ୍ତି:- "ସେ ସମୟରେ ପଞ୍ଜାବ୍ରେ ସିଖାଶାହିର ଜୋର୍ ଥିଲା । ମୁସଲ୍ମାନ ମହିଳାମାନଙ୍କ ଇଜ୍ଜତ୍ ଓ ସମ୍ମାନ ସୁରକ୍ଷିତ ନଥିଲା । ସେମାନଙ୍କର ରକ୍ତ ହଲାଲ୍ ହୋଇସାରିଥିଲା । ଗାଇ କୁର୍ବାନୀ କରିବା ମନା ଥିଲା । ମସ୍ଜିଦ୍ ଗୁଡିକୁ ଘୋଡାଶାଳ ରୂପେ ବ୍ୟବହାର କରାଯାଉଥିଲା । ସୁତରାଂ ଅତ୍ୟାଚାରର ଏକ ବନ୍ୟା ବହିପଡିଥିଲା ଯାହା ୫ଟି ନଦୀର ମୁସ୍ଲିମ୍ ଆବାଦିକୁ ବୁହାଇ ନେଇଯାଉଥିଲା । ଆଖି ସବୁକିଛି ଦେଖୁଥିଲା କିନ୍ତୁ କାର୍ଯ୍ୟ କରିବାର ଶକ୍ତି ନଷ୍ଟ ହୋଇଯାଇଥିଲା ।" (ହିନ୍ଦୁସ୍ତାନ୍ କି ପେହ୍ଲି ତେହ୍ରିକ୍, ପୃଷ୍ଠା-୩୭)

ସୟଦ୍ ସାହେବ୍ ମର୍ହୁମ୍ଙ୍କ ଶହିଦ୍ ହେବା ଓ ପରାଜୟର କାରଣ ସମ୍ବନ୍ଧରେ ସେ ଲେଖୁଛନ୍ତି:- "ନିଜର ଦୁର୍ଭାଗ୍ୟର ଦୁଃଖକୁ କେଉଁ ଭାଷାରେ ବର୍ଣ୍ଣନା କରାଯିବ । ମନଭିତରେ ଏକ କୋହ ଉଠୁଛି ଏବଂ ଆଖିରୁ ରକ୍ତ ବହିପଡୁଛି । ଯଦି କେବେ ମୁଲାମାନଙ୍କ ଫତ୍ୱା ଏବଂ ସୀମାରେ ଥିବା ଦେଶଦ୍ରୋହୀମାନଙ୍କ ଦେଶଦ୍ରୋହ ମନେପଡିଯାଉଛି.... ମୁର୍ଖ ମୁଲାମାନେ ମୁଜାହିଦ୍ମାନଙ୍କୁ ୱହାବି କହିବା ଆରମ୍ଭ କରିଦେଲେ । ଯେଉଁମାନଙ୍କ ସୁଧାର, ଉନ୍ନତି ଏବଂ ସାହାଯ୍ୟ ସହଯୋଗ ନିମନ୍ତେ ଏହି ଅସହାୟ ସୟଦ୍ ଜାଦା ଏବଂ ତାଙ୍କ ପାଇଁ ଉତ୍ସର୍ଗ ହୋଇଥିବା ଲୋକମାନେ ଦୁଃଖ କଷ୍ଟ ଉଠାଇଥିଲେ କିନ୍ତୁ ଏହା ସତ୍ୱେ ମଧ୍ୟ ସେମାନେ ତାଙ୍କର ଶତୃ ହୋଇଗଲେ । ଖାଇବାରେ ଜହର ମିଶାଇ ଦିଆଗଲା । ପେଶାୱର୍କୁ ଜିଣାଯାଇସାରିଥିଲା । କିନ୍ତୁ ପେଶାୱର୍ର ସର୍ଦ୍ଦାରମାନଙ୍କର ବିଶ୍ୱାସଘାତକତା ଯୋଗୁ ସୟଦ୍ ସାହେବ୍ଙ୍କ ଦ୍ୱାରା ନିୟୋଜିତ ହୋଇଥିବା କାର୍ଯ୍ୟକର୍ତାମାନଙ୍କର ଏବଂ ବିଶେଷ ରୂପେ ତାଙ୍କ ସାହାବାମାନଙ୍କୁ ଗଣହତ୍ୟା କରାଗଲା । ଏଥିରେ ପୁଣି ସେ ଏତେ ନାରାଜ ହୋଇଗଲେ ଯେ ସେ ପେଶାୱର୍ର ଆଖପାଖକୁ ପରିତ୍ୟାଗ କରି କାଗାନ୍ୱାଦି ଯାହା ରାଜ୍ୱାଦି ସହିତ ଲାଗିରହିଛି ସେଠାକୁ ଚାଲିଗଲେ....ଏବଂ ପରିଶେଷରେ ବାଲାକୋଟ୍ଠାରେ ଶହିଦ୍ ହେଲେ" । (ହିନ୍ଦୁସ୍ତାନ୍ କି ପହ୍ଲି ତହ୍ରିକ୍, ପୃଷ୍ଠା-୪୭)

(ତାଙ୍କର ଜିହାଦ୍ କରିବାର ଉଦ୍ଦେଶ୍ୟ ଏହା ଥିଲା କି ମୁସଲ୍ମାନ୍ମାନଙ୍କୁ ଶିଖ୍ମାନଙ୍କ ଦ୍ୱାରା ଅତ୍ୟାଚାରପୂର୍ଣ୍ଣ ହୁକୁମତ୍ଠାରୁ ମୁକ୍ତି ପ୍ରଦାନ କରାଇବେ ଏବଂ ଧର୍ମୀୟ ସ୍ୱାଧୀନତା ପ୍ରଦାନ କରିବେ । ତାହା ଏହିଭଳି ପୂରଣ ହେଲା ଯେ ଶିଖ୍ମାନଙ୍କ ସ୍ଥାନରେ ଅଂଗ୍ରେଜ ସରକାର ପଞ୍ଜାବର ହାକିମ୍ ହୋଇଗଲେ ଏବଂ ଯେମିତି ମୌଲାନା ମୁହମ୍ମଦ୍ ଜାଫର୍ ଥାନେସେରି ଲେଖୁଛନ୍ତି:- "ସୟଦ୍ ସାହେବ୍ଙ୍କର ଇଂରେଜ ସରକାରଙ୍କ ସହିତ ଜିହାଦ୍ କରିବା ପାଇଁ କଦାପି ଇଛା ନଥିଲା । ସେ ସେହି ସ୍ୱାଧିନ ସରକାରଙ୍କୁ ନିଜର ସରକାର ବୋଲି ମଣୁଥିଲେ ।" (ସ୍ୱାନେହ୍ ଅହେମଦୀ କଲାଁ, ପୃଷ୍ଠା-୧୩୯)

ସେଥିଯୋଗୁ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁୱି ଏହା ଲେଖିଲେ:- "ଭାଇମାନେ ! ଏବେ ତରବାରିର ସମୟ ନାହିଁ, ଏବେ ତରବାରି ପରିବର୍ତେ କଲମ ଦ୍ୱାରା କାମ ନେବା ଜରୁରୀ ହେବ । ମୁସଲ୍ମାନ୍ମାନଙ୍କ ହାତରେ ତରବାରି ରହିବା କିପରି ସମ୍ଭବ ହେବ ଯେବେ କି ତାଙ୍କର ହାତ ହିଁ ନାହିଁ । ଜଣେ ମୁସଲ୍ମାନ୍ ଅନ୍ୟଜଣେ ମୁସଲ୍ମାନ୍ର ଜୀବନଶତୃ ହୋଇଯାଇଛି । ସିହା ସୁନ୍ନିକୁ ଏବଂ ସୁନ୍ନି ସିହାକୁ, ଅହ୍ଲେ ହଦିସ୍ ଅହ୍ଲେ ତକ୍ଲିଦ୍କୁ ଏବଂ ଏହିଭଳି ଯେଉଁପର୍ଯ୍ୟନ୍ତ ଆକଳନ କରାଯାଇପାରେ ପ୍ରତ୍ୟେକ ଫିର୍କା ଅନ୍ୟ ଫିର୍କାକୁ ସେହି ଦୃଷ୍ଟିରେ ଦେଖୁଅଛି ।" (ଇଶାଅତୁସ୍ସୁନ୍ନା, ଖଣ୍ଡ-୬, ସଂଖ୍ୟା-୧୨, ପୃଷ୍ଠା-୩୬୫)

ସୁତରାଂ ଆପଣ ଆ:ସ ଜିହାଦ୍ କରିବାର ସର୍ତାବଳୀ ଗୁଡିକ ନଥିବା ଯୋଗୁ ଇସ୍ଲାମ୍ର ଶରୀୟତ୍ ମୁତାବକ ଶରଇଜିହାଦ୍ ବିସ୍ ସୈଫ୍କୁ ମନା କରିଦେଇଥିଲେ ।

ଜିହାଦ୍ ବିସ୍ ସୈଫ୍କୁ ମନା କରିବାର ତୃତୀୟ କାରଣ ଯାହା ଆପଣ ବର୍ଣ୍ଣନା କରିଛନ୍ତି ତାହା ହେଉଛି ସ୍ୱୟଂ ଆଁ ହଜ୍ରତ୍ ସ:ଆ:ସ ମସିହ୍ ମଉଦ୍ଙ୍କ ସମ୍ବନ୍ଧରେ

କହିଛନ୍ତି ଯେ ସେ ଏପରି ଯୁଗରେ ପ୍ରକଟ ହେବ ଯେଉଁ ସମୟରେ ଧର୍ମୀୟ ସ୍ୱାଧିନତା ଥିବ ଏବଂ ଧର୍ମପାଇଁ ଯୁଦ୍ଧ ଓ ଲଢ଼େଇର ଆବଶ୍ୟକ ନଥିବ । ସୁତରାଂ ହଜୁର୍ ଏହି ପତ୍ରିକା "ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଅଓର୍ ଜିହାଦ୍"ରେ କହୁଛନ୍ତି:-

"୧୩ଶହ ବର୍ଷ ହୋଇଗଲାଣି ଯେ ମସିହ୍ ମଉଦ୍‌ଙ୍କ ସମ୍ମାନରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ମୁହଁରୁ **ୟଜଉଲ୍ ହର୍‌ବ୍** ର ବାଣୀ ଜାରି ହୋଇଥିଲା, ଯାହାର ଅର୍ଥ ହେଉଛି ଏହା କି ମସିହ୍ ମଉଦ୍ ଯେବେ ଆସିବେ ସେ ଯୁଦ୍ଧକୁ ଶେଷ କରିଦେବେ ଓ ଏକଥା ପ୍ରତି ପବିତ୍ର କୋରାନ୍‌ର ଏହି ଆୟତ୍‌ରେ ଇଂଗିତ ରହିଛି । ***ହତ୍‌ତା ତଜଉଲ୍ ହର୍‌ବ୍ ଅଉଜାରହା*** ଅର୍ଥାତ୍ ସେପର୍ଯ୍ୟନ୍ତ ଲଢ଼େଇ କର ଯେପର୍ଯ୍ୟନ୍ତ କି ମସିହ୍‌ଙ୍କ ସମୟ ଆସିଯିବ" ("ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଅଓର୍ ଜିହାଦ୍" ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୮)

ଏବଂ ପୁଣି କହୁଛନ୍ତି:- "ଯେବେ କି ଏ ଯୁଗରେ କୌଣସି ବ୍ୟକ୍ତି ମୁସଲ୍‌ମାନ୍‌ମାନଙ୍କୁ ଧର୍ମ ସକାଶେ ହତ୍ୟା କରୁନାହିଁ ତେବେ ସେ କେଉଁ ଆଦେଶ ଅନୁସାରେ କରାନଯାଇଥିବା ପାପା ପାଇଁ ଲୋକମାନଙ୍କୁ ହତ୍ୟା କରୁଛନ୍ତି ।" ("ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଅଓର୍ ଜିହାଦ୍" ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୧୩)

ସୁତରାଂ ଆପଣ ଆ:ସଙ୍କର ଜିହାଦ୍‌କୁ ମୁଲତବି କରିବା ଅର୍ଥାତ୍ ଧର୍ମଯୁଦ୍ଧକୁ ମନା କରିବାର ଫତ୍‌ୱା ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶ ଅନୁସାରେ ଥିଲା । ନିଜେ ନିଜଆଡୁ ଦେଇନାହାଁନ୍ତି । ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କର କହିବାର ଏ ଅର୍ଥ ଥିଲା ଯେ ମସିହ୍ ମଉଦ୍‌ଙ୍କ ଯୁଗରେ ସମ୍ପୂର୍ଣ୍ଣ ରୂପେ ଧର୍ମୀୟ ସ୍ୱାଧୀନତା ମିଳୁଥିବା ଯୋଗୁ ଧର୍ମଯୁଦ୍ଧ କରିବା ପାଇଁ ଆବଶ୍ୟକ ପଡିବନାହିଁ ।

ଏହି ପତ୍ରିକାଟିର ପ୍ରକାଶନ ହେବାର କିଛିଦିନ ପରେ ହଜ୍‌ରତ୍ ଅକ୍‌ଦସ୍ ଆ:ସ ଧର୍ମଯୁଦ୍ଧ ନ କରିବା ପାଇଁ ଯେଉଁ ନଜମ୍‌ରେ ଫତ୍‌ୱା ଦେଇଛନ୍ତି (ପୃଷ୍ଠା-୭୭-୮୦...) ତାହାର ପ୍ରାରମ୍ଭିକ ପଦଗୁଡିକ ମଧ୍ୟରୁ ଏହି ଚାରୋଟି ପଦ ହେଉଛି ଏପରି-

*ଅବ୍ ଛୋଡ୍ ଦୋ ଜିହାଦ୍ କା ଆଏ ଦୋସ୍‌ତୋ ଖୟାଲ୍*
*ଦୀଁ କେ ଲିଏ ହରାମ୍ ହୈ ଅବ୍ ଜଙ୍ଗ୍ ଅଓର୍ କିତାଲ୍*
*ଅବ୍ ଆଗେୟା ମସିହ୍ ଜୋ ଦୀଁ କା ଇମାମ୍ ହୈ*
*ଦୀଁ କେ ତମାମ୍ ଜଙ୍ଗୋ କା ଅବ୍ ଇଖ୍‌ତେତାମ୍ ହୈ*
*କୁଁୟ ଭୁଲ୍ ତେ ହୋ ତୁମ୍ ୟଜଉଲ୍ ହରବ୍ କି ଖବର୍*
*କ୍ୟା ୟେ ନେହିଁ ବୁଖାରୀ ମେଁ ଦେଖୋ ତୋ ଖୋଲ୍ କର୍*
*ଫରମା ଚୁକା ହୈ ସୟଦ୍ କୌନୈନେ ମୁସ୍ତଫା*
*ଇସା ମସିହ୍ ଜଙ୍ଗୋ କା କର୍‌ଦେଗା ଇଲ୍‌ତିୱା*

ଏହି ନଜମ୍‌ରେ ହଜ୍‌ରତ୍ ଅକ୍‌ଦସ୍ ଆ:ସ ଜିହାଦ୍‌କୁ ମୁଲତବି ହେବାର ଫତ୍‌ୱା ଦେଇ ଉପରୋକ୍ତ ତିନୋଟି କାରଣର ଅତ୍ୟନ୍ତ ସୁନ୍ଦର ଶୈଳୀରେ ଚର୍ଚ୍ଚା କରିଛନ୍ତି । (ତୋହ୍‌ଫା ଗୋଲଡୁୱିୟା, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୭୭-୮୦)

### ଜିହାଦ୍‌ର ପ୍ରକାର ଭେଦ

ପୁଣି ଆପଣ ଆ:ସ ଏକଥାକୁ ମଧ୍ୟ ବ୍ୟାଖ୍ୟା କରି କହିଛନ୍ତି ଯେ ଜିହାଦ୍ କେବଳ ତରବାରି ସହିତ ଯୁଦ୍ଧ କରିବାକୁ ହିଁ କୁହାଯାଏନାହିଁ ବରଂ ଜିହାଦ୍‌ର ଅର୍ଥା ହେଉଛି ବ୍ୟାପକ । ପବିତ୍ର କୋରାନ୍‌କୁ କୁଫାର୍ ଅର୍ଥାତ୍ ଅବିଶ୍ୱାସକାରୀମାନଙ୍କ ନିକଟରେ ପହଂଚାଇବା, ସତ୍ୟର ତବ୍‌ଲିଗ୍ କରିବା ଏବଂ ଉପଦେଶ ଏବଂ ନସିହତ୍ ଦେବାକୁ ମଧ୍ୟ ଜିହାଦ୍ କୁହାଯାଏ ବରଂ ଏହା ହେଉଛି ଜିହାଦେ କବୀର୍ (ଅର୍ଥାତ୍ ବଡ ଜିହାଦ୍) । ସୁତରାଂ ଅଲ୍ଲାଃତାଲା କହୁଛନ୍ତି:- ***ଫଲା ତୁତିଇଲ୍ କାଫିରିନା ୱଜାହିଦ୍‌ହୁମ୍ ବିହି ଜିହାଦନ୍ କବିରା*** (ଅଲ୍‌ଫୁର୍‌କାନ୍:୫୩)

ମୌଲାନା ଅବୁଲ୍ କଲାମ୍ ଆଜାଦ୍ ଏହି ଆୟତର ତଫ୍‌ସିର୍‌ରେ ଲେଖୁଛନ୍ତି:- "ଏଥିରେ ତରବାରି ସହିତ ଯୁଦ୍ଧ କରିବାର ଅର୍ଥକୁ ନିଆଯାଇପାରିବ ନାହିଁ । ଅବଶ୍ୟ ଜିହାଦେ କବୀର୍ ସତ୍ୟକୁ ସୁଦୃଢ଼ କରିବା ପାଇଁ ଓ ତା ମାର୍ଗରେ ସବୁ ପ୍ରକାରର ଦୁଃଖ ଓ କଷ୍ଟକୁ ସହି ଯିବାର ନାମ ହୋଇଛି ଜିହାଦ୍ । (ମସ୍‌ଅଲା ଖିଲାଫତ୍ ୱ ଜଜିରାଃ ଆରବ୍, ପୃଷ୍ଠା-୧୦୯)

ଏବଂ ମୌଲବୀ ଜଫର୍ ଅଲୀ ଖାନ୍ ଏହି ଆୟତ ସମ୍ବନ୍ଧରେ ଲେଖୁଛନ୍ତି:- "ଏହି ଆୟତ୍‌ରେ ଜାହିଦ୍‌ହୁମ୍‌ର ଅର୍ଥ ହେଉଛି ଏହା କି କାଫିର୍‌ମାନଙ୍କୁ ଉପଦେଶ ଓ ନସିହତ୍ ଦେବା ଏବଂ ସେମାନଙ୍କୁ ଦାୱତ୍ ୱ ତବ୍‌ଲିଗ୍ କରି ବୁଝାଇବା । ଇମାମ୍ ଫଖ୍‌ରୁଦ୍ଦିନ୍ ରାଜି ନିଜ ତଫସିର୍‌ରେ ଏହିପରି ଆଲୋକପାତ କରିଛନ୍ତି" (ଜମିନ୍‌ଦାର୍, ୨୫ ଜୁନ୍ ୧୯୩୧)

ଏବଂ ମୌଲାନା ହୈଦର୍ ଜମାନ୍ ସିଦ୍ଦିକି ସାହେବ୍ ଲେଖୁଛନ୍ତି:- "ସେହିପରି ଆହାଦିସ୍‌ରେ ଅତ୍ୟାଚାରି ଶାସକଙ୍କ ସମ୍ମୁଖରେ ସତ୍ୟକଥାର ସ୍ୱର ଉତଳନ କରିବାକୁ ଆଜମେ ଜିହାଦ୍ (ଅର୍ଥାତ୍ ସର୍ବୋତମ ଜିହାଦ୍) ବୋଲି କୁହାଯାଇଛି । ***ଇନ୍ନା ମିନ୍ ଆଜମିଲ୍ ଜିହାଦି କଲିମତୁ ହକ୍‌କିନ୍ ଇନ୍‌ଦ ସୁଲ୍‌ତାନିନ୍ ଜାଇର୍*** (ଅବୁଦାଉଦ୍ ୱ ତିରିମିଜି)..... ସୁତରାଂ ଧର୍ମଜ୍ଞାନ, ଧାର୍ମିକ ମଦର୍‌ସା ଗୁଡିକର ସ୍ଥାପନ ଏବଂ ଏପରି ପ୍ରତ୍ୟେକ କାର୍ଯ୍ୟ ଯାହା ଧର୍ମ ସ୍ଥାପନା ଉଦ୍ଦେଶ୍ୟରେ କରାଯାଇଥାଏ ତାହା ଜିହାଦ୍‌ର ବାସ୍ତବିକ୍ (ଅର୍ଥ)ରେ ସାମିଲ୍ ରହିଛି ।" ("ଇସ୍‌ଲାମ୍ କା ନଜ୍‌ରିୟା ଜିହାଦ୍" କିତାବ୍ ମନ୍‌ଜିଲ୍ ଲାହୋର୍ ପୃଷ୍ଠା-୧୨୮-୧୩୦)

ପୁଣି ହଦିସ୍‌ରେ ଆସୁଛି ଯେ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ତବୁକ୍ ଯୁଦ୍ଧରୁ ଫେରିଆସିଲେ ସେତେବେଳେ ଆପଣ ସ:ଆ:ସ ଏକଥା କହିଛନ୍ତି- ***"ରଜଅ୍‌ନା ମିନଲ୍ ଜିହାଦିଲ୍ ଅସ୍‌ଗରି ଇଲଲ୍ ଜିହାଦିଲ୍ ଅକ୍‌ବର୍"*** (ବେହ୍‌କି) ଅର୍ଥାତ୍ ଆପଣ ସ:ଆ:ସ ତରବାରି ସାହାଯ୍ୟରେ ଯୁଦ୍ଧ କରିବାକୁ ଜିହାଦେ ଅସ୍‌ଗର୍ ଅର୍ଥାତ୍ ଛୋଟ ଜିହାଦ୍ ଅଭିହିତ କରିଛନ୍ତି ଏବଂ ନିଜକୁ ସୁଧାରିବା ଓ ପବିତ୍ର କରିବା ପାଇଁ କରାଯାଇଥିବା ଜିହାଦ୍‌କୁ ଜିହାଦେ ଅକ୍‌ବର୍ ଅର୍ଥାତ୍ ବଡ ଜିହାଦ୍ ବୋଲି ଅଭିହିତ କରିଛନ୍ତି । ଏଇଥିଯୋଗୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତରବାରି ଦ୍ୱାରା ଯୁଦ୍ଧ କରିବାର ସର୍ତାବଳୀ ଗୁଡିକ ନମିଳୁଥିବା ଯୋଗୁ ଏକଥା କହିଛନ୍ତି:- "ଦେଖ ମୁଁ ଗୋଟିଏ ଆଦେଶକୁ ନେଇ ଆପଣମାନଙ୍କ ନିକଟକୁ ଆସିଛି ତାହା ହେଉଛି ଏହା କି ଏବେଠାରୁ ତରବାରି ସହିତ ଜିହାଦ୍ କରିବାକୁ ଶେଷ କରିଦିଆଗଲା କିନ୍ତୁ ଏବେ ନିଜ ମନକୁ ପବିତ୍ର କରିବା ପାଇଁ ଜିହାଦ୍ ବାକି ଅଛି । ଏବଂ ଏକଥା ମୁଁ ନିଜ ତରଫରୁ କରିନାହିଁ ବରଂ ଖୁଦାତାଲାଙ୍କର ଏହା ହେଉଛି ଇଛା । ସହି ବୁଖାରୀର ସେହି ହଦିସ୍ ବିଷୟରେ ଚିନ୍ତା କର, ଯେଉଁଠି ମସିହ୍ ମଉଦ୍‌ଙ୍କ ସଂଜ୍ଞାରେ ଏକଥା ଲେଖାଯାଇଛି ଯେ ***ୟଜଉଲ୍ ହର୍‌ବ୍*** ଅର୍ଥାତ୍ ମସିହ୍ ଯେବେ ଆସିବ ସେ ଧର୍ମଯୁଦ୍ଧକୁ ଶେଷ କରିଦେବ" । (ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଅଓର୍ ଜିହାଦ୍, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୧୫)

### ମନା କରିବାର ଫତ୍‌ୱା ସାମୟିକ

ଆପଣ ଆ:ସ ସେହି ଭବିଷ୍ୟବାଣୀ ମୁତାବକ ଯାହା କୁର୍‌ଆନ୍ ଏବଂ ହଦିସ୍‌ରେ ମିଳୁଥିଲା ସଦାସର୍ବଦା ପାଇଁ ତରବାରି ସହିତ ଜିହାଦ୍ କରିବାକୁ ସ୍ଥଗିତ କରିନାହାଁନ୍ତି ବରଂ ନିଜ ଯୁଗରେ ତରବାରି ଦ୍ୱାରା ଯୁଦ୍ଧ କରିବାର ସର୍ତାବଳୀ ଗୁଡିକ ମିଳୁନଥିବା ଯୋଗୁ ସେ ସମୟ ପର୍ଯ୍ୟନ୍ତ ସ୍ଥଗିତ ବା ମୁଲତବି କରିଛନ୍ତି ଯେପର୍ଯ୍ୟନ୍ତ ତାହାର ସର୍ତାବଳୀ ଗୁଡିକ ନ ମିଳିଯାଏ । ଏବଂ ଜିହାଦ୍ ଅକ୍‌ବର୍ ଏବଂ ଜିହାଦେ କବିର୍ ଉପରେ ପରିଚାଳିତ ହେବାପାଇଁ ବାରମ୍ବାର ଜୋର୍ ଦେଇଛନ୍ତି । ସୁତରାଂ ଆପଣ ଆ:ସ କହୁଛନ୍ତି:-

"ଏ ଯୁଗରେ ଜିହାଦ୍ ଆଧ୍ୟାତ୍ମିକର ସ୍ୱରୂପକୁ ଆପଣେଇ ନେଇଛନ୍ତି ଏବଂ ଏ ଯୁଗରେ ଜିହାଦ୍ ହେଉଛି ଏହା କି ଇସ୍‌ଲାମ୍‌ର ବାଣୀକୁ ଉଚ୍ଚତର ସ୍ଥାନରେ ପହଂଚାଇବା ପାଇଁ ଚେଷ୍ଟା କରିବା । ବିରୋଧିମାନଙ୍କ ଆପତି ଅଭିଯୋଗର ଉତର ଦେବା । ଶସକ୍ତ ଧର୍ମ ଇସ୍‌ଲାମ୍‌ର ସୁଗୁଣ ଗୁଡିକୁ ଦୁନିଆରେ ପ୍ରଚାର ପ୍ରସାର କରିବା । ଆଁ ହଜ୍‌ରତ୍ ସ:ଆ:ସଙ୍କ ସତ୍ୟତାକୁ ସାରା ସଂସାରରେ ପ୍ରକାଶ କରନ୍ତୁ । ଯେପର୍ଯ୍ୟନ୍ତ ଖୁଦାତାଲା ଅନ୍ୟ କୌଣସି ମାର୍ଗକୁ ଦୁନିଆରେ ପ୍ରକାଶ ନକରିଛନ୍ତି ସେପର୍ଯ୍ୟନ୍ତ ଏହା ହେଉଛି ଜିହାଦ୍" (ମକ୍‌ତୁବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବନାମ ମୀର୍ ନାସିର୍ ନୱାବ୍ ସାହେବ୍ ଉପରୋକ୍ତ ପତ୍ରିକା ଦରୁଦ୍ ଶରିଫ୍, ପୃଷ୍ଠା-୧୧୩)

ଏ ବାକ୍ୟ "ଯେପର୍ଯ୍ୟନ୍ତ ଖୁଦାତାଲା କୌଣସି ମାର୍ଗକୁ ଦୁନିଆରେ ଜାହିର୍ ନ କରିଛନ୍ତି" ଏବଂ ପଦ "ଇସା ମସିହ୍ ଜଙ୍ଗୋ କା କର୍‌ଦେଗା ଇଲ୍‌ତିବା" (ଅର୍ଥାତ୍ ଇସା ମସିହ୍ ଯୁଦ୍ଧକୁ ମୁଲତବି କରିଦେବେ) ତେଣୁ ସ୍ପଷ୍ଟ ରୂପେ ପ୍ରକାଶ ହେଉଛି ଯେ ଆପଣଙ୍କର ଏହି ତରବାରି ସାହାଯ୍ୟରେ ଧର୍ମ ଜିହାଦ୍‌କୁ ମନା କରିବାର ଫତ୍‌ୱା ସାମୟିକ ଥିଲା ଏବଂ କେବଳ ସେପର୍ଯ୍ୟନ୍ତ ପାଇଁ ଅଛି, ଯେପର୍ଯ୍ୟନ୍ତ ତରବାରି ସହିତ ଯୁଦ୍ଧ କରିବାର ସର୍ତଗୁଡିକ ନମିଳିଯାଏ । ସେହିଭଳି ଆପଣ ପାଦ୍ରୀ ଇମାଦୁଦ୍ଦିନ୍‌ଙ୍କ ଜିହାଦ୍ ପ୍ରସଙ୍ଗରେ ତାଙ୍କ ଅଭିଯୋଗର ଉତର ଦେଇ କହୁଛନ୍ତି:- "ଏହି ଆଲୋଚକ ଜଣକ ଇସ୍‌ଲାମ୍‌ର ଜିହାଦ୍ ସମ୍ବନ୍ଧରେ କହିଛନ୍ତି ଓ ଏକଥା ଭାବୁଛନ୍ତି ଯେ କୁର୍‌ଆନ୍ ସର୍ତାବଳୀ ଗୁଡିକୁ ଅଣଦେଖା କରି ଜିହାଦ୍ କରିବା ପାଇଁ ଉସୁକାଉଛି ବୋଲି । ତେଣୁ ଏହାଠାରୁ ବଳି ଆଉ କୌଣସି ମିଥ୍ୟା ଓ ଅଭିଯୋଗ ନାହିଁ, ଯଦି କେହି ଚିନ୍ତା କରିବାବାଲା ଥିବ । ସୁତରାଂ ଏକଥା ଜାଣିବା ଉଚିତ୍ ଯେ ପବିତ୍ର କୋରାନ୍ ଏମିତି ହିଁ ଯୁଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦେଇନାହିଁ ବରଂ କେବଳ ସେହି ଲୋକମାନଙ୍କ ସହିତ ଲଢ଼େଇ କରିବା ପାଇଁ ନିର୍ଦ୍ଦେଶ ଦେଇଛି, ଯେଉଁମାନେ ଖୁଦାତାଲାଙ୍କ ଭକ୍ତମାନଙ୍କୁ ଇମାନ୍ ଆଣିବାରୁ ରୋକୁଛନ୍ତି ଏବଂ ଏକଥା କରିବା ପାଇଁ ରୋକୁଛନ୍ତି ଯେ ସେମାନେ ଖୁଦାତାଲାଙ୍କ ନିର୍ଦ୍ଦେଶ ଉପରେ ପରିଚାଳିତ ହୁଅନ୍ତୁ ଏବଂ ତାହାଙ୍କ ଉପାସନା କରନ୍ତୁ । ଏବଂ ସେହି ଲୋକମାନଙ୍କ ସହିତ ଯୁଦ୍ଧ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ଯେଉଁମାନେ ମୁସଲ୍‌ମାନ୍ ମାନଙ୍କ ସହିତ ବିନା କାରଣରେ ଯୁଦ୍ଧ କରୁଛନ୍ତି ଏବଂ ବିଶ୍ୱାସକାରୀମାନଙ୍କୁ ସେମାନଙ୍କ ଘରୁ ଓ ସେମାନଙ୍କ ଦେଶରୁ ବାହାର କରିଦେଉଛନ୍ତି ଏବଂ ଇଶ୍ୱରଙ୍କ ସୃଷ୍ଟିକୁ ଜୋର୍ ଜବର୍‌ଦସ୍ତି ନିଜ ଧର୍ମରେ

*ଅବଶିଷ୍ଟାଂଶ ପୃଷ୍ଠା - ୩୫ ରେ ଦେଖନ୍ତୁ....*

# ପବିତ୍ର କୋରାନ୍ ଶିକ୍ଷାର ଆଧାରରେ ଜିହାଦ୍‌ର ବାସ୍ତବିକତା

(ନସିର୍ ଅହେମଦ୍ ଆରିଫ୍, ମୁରବୀ ସିଲ୍‌ସିଲା, ନିଜାରତ୍ ଇସ୍‌ଲାହ୍ ଓ୍ ଇରଶାଦ୍ ମର୍କଜିୟା, କାଦିଆନ୍)

ଇସ୍‌ଲାମ୍ ଧର୍ମ ହେଉଛି ଏକ ସମ୍ପୂର୍ଣ୍ଣ ଧର୍ମ ଏବଂ ପବିତ୍ର କୋରାନ୍ ହେଉଛି ଏକ ସମ୍ପୂର୍ଣ୍ଣ ଜୀବନ ପ୍ରକ୍ରିୟା ଯିଏ ଜୀବନ ବିତାଇବା ପାଇଁ ମନୁଷ୍ୟର ସମ୍ପୂର୍ଣ୍ଣ ମାର୍ଗଦର୍ଶନ କରିଥାଏ ଏବଂ ମନୁଷ୍ୟର ଜୀବନ ନିର୍ବାହ ନିମନ୍ତେ ସମସ୍ତ ନିୟମକାନୁନ୍ ବତାଇଥାଏ ଏବଂ ମଣିଷ ଜୀବନର ଉଦ୍ଦେଶ୍ୟ କ'ଣ ସେ ବିଷୟରେ ମାର୍ଗଦର୍ଶନ କରିଥାଏ । ତାହା ଆଧାତ୍ମିକ କର୍ମ ହେଉ ବା ଶାରିରୀକ କର୍ମ । ପବିତ୍ର କୋରାନ୍‌ରେ ଜିହାଦ୍‌ର ପ୍ରକାରଭେଦ ଏବଂ ସେଗୁଡିକର ଯେଉଁ ବ୍ୟାଖ୍ୟା ବର୍ଣ୍ଣନା କରାଯାଇଛି ଏ ଅଧମ ସେ ସବୁକୁ ସଂକ୍ଷିପ୍ତ ରୂପେ ଉପସ୍ଥାପନ କରିବା ପାଇଁ ଚେଷ୍ଟା କରିବ ।

ସ୍ପଷ୍ଟ ହେଉ ଯେ "ଜିହାଦ" ଶବ୍ଦଟି ଆରବୀ ଭାଷାର ମୂଳ ଶବ୍ଦ "ଜହଦ"ରୁ ବାହାରିଛି । ତାହାର ଅର୍ଥ ହେଉଛି କଷ୍ଟ ବରଦାସ୍ତ କରିବା । ଜିହାଦ୍‌ର ଅର୍ଥ ହେଉଛି କୌଣସି କାର୍ଯ୍ୟରେ ସମ୍ପୂର୍ଣ୍ଣ ଚେଷ୍ଟା କରିବା ଓ ସେଥିରେ କୌଣସି ପ୍ରକାରର ଅବହେଳା କରିବାକୁ ଦେବାନାହିଁ । (ତାଜୁଲ୍ ଉରୁସ୍)

ସାଧାରଣତଃ ଜିହାଦ୍‌ର ଅର୍ଥ ହତ୍ୟା କରିବା ଓ ଯୁଦ୍ଧ କରିବା ପାଇଁ ବ୍ୟବହାର କରାଯାଇଥାଏ । କିନ୍ତୁ ଏହି ଅର୍ଥ ସମ୍ପୂର୍ଣ୍ଣ ଭୁଲ୍ । ଶବ୍ଦକୋଷ ଅନୁସାରେ ଏହାର ଅର୍ଥ ହେଉଛି ପରିଶ୍ରମ କରିବା ଏବଂ ସମ୍ପୂର୍ଣ୍ଣ ଚେଷ୍ଟା କରିବା ।

ଯେତେବେଳେ ଆମେ ପବିତ୍ର କୋରାନ୍ ଆହାଦିସ୍ ଗୁଡିକର ଅଧ୍ୟୟନ କରିଥାଉ ତେବେ ଆମକୁ ଜିହାଦ୍‌ର ଚାରୋଟି ବଡ ବଡ କିସମ ବିଷୟରେ ଜଣାପଡିଥାଏ ଯାହା ନିମ୍ନରେ ଦିଆଗଲା । ଏ ଅଧମ ଏହି କିସମ ଗୁଡିକୁ ପବିତ୍ର କୋରାନ୍‌ର ଆୟତର ଆଲୋକରେ ସଂକ୍ଷିପ୍ତରେ ଚର୍ଚ୍ଚା କରିବ ।

(୧)ଜିହାଦ୍ ବିନ୍ ନଫ୍‌ସ୍ ଅର୍ଥାତ୍ ମନକୁ କଷ୍ଟ ପହଂଚାଉଥିବା ସମସ୍ତ ତତ୍ତ୍ୱ ବିରୋଧରେ ଜିହାଦ୍ କରିବା ଏବଂ ନିଜ ମନକୁ ପ୍ରତ୍ୟେକ ପ୍ରକାରର ସଇତାନି କାର୍ଯ୍ୟରୁ ସୁରକ୍ଷିତ ରଖିବା । (୨)ଜିହାଦ୍ ବିଲ୍ କୁର୍‌ଆନ୍ ଅର୍ଥାତ୍ ପବିତ୍ର କୋରାନ୍ ସାହାଯ୍ୟରେ ଇସ୍‌ଲାମ୍‌ର ତବ୍‌ଲିଗ୍ କରିବା ଏବଂ ପବିତ୍ର କୋରାନ୍‌ର ବାସ୍ତବିକ, ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ ଶିକ୍ଷାର ପ୍ରସାର ପ୍ରଚାର କରିବା । (୩)ଜିହାଦ୍ ବିଲ୍ ମାଲ୍ ଅର୍ଥାତ୍ ଅଲ୍ଲାଃତାଲାଙ୍କ ମାର୍ଗରେ ଧନ ଖର୍ଚ୍ଚ କରିବା ଓ ଧର୍ମର ଆବଶ୍ୟକତା ନିମନ୍ତେ ଆଗକୁ ବଢ଼ି ମାଲି କୁର୍ବାନୀ କରିବା । (୪)ଜିହାଦ୍ ବିସ୍ ସୈଫ୍ ଅର୍ଥାତ୍ ଏପରି ଯୁଦ୍ଧ ଲଢ଼ିବା ଯାହା କେବଳ ପ୍ରତିରକ୍ଷା ନିମନ୍ତେ ହୋଇଥିବ ।

## ଜିହାଦ୍ ବିନ୍ ନଫ୍‌ସ୍

ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି:- *ୱଲ୍‌ଲଜିନା ଜାହଦୁ ଫିନା ଲନହ୍‌ଦିୟନ୍ନହୁମ୍ ସୁବୁଲନା* (ଅଲ୍ ଅନ୍‌କବୁତ୍:୭୦) ଅନୁବାଦ:- ଏବଂ ଯେଉଁମାନେ ଆମ ସହିତ ମିଳିତ ହେବାପାଇଁ ଉଦ୍ୟମ କରନ୍ତି ଆମ୍ଭେ ସେମାନଙ୍କୁ ନିଶ୍ଚୟ ଆମ୍ଭ ପଥରେ ପରିଚାଳିତ ହେବାକୁ ସୁଯୋଗ ଦେବୁ; ଏବଂ ଅଲ୍ଲାଃ ନିଶ୍ଚୟ ହିତକାରୀ ମାନଙ୍କ ସହିତ ଥାଆନ୍ତି ।

ଏହାର ଅର୍ଥ ହେଉଛି ଏପରି କି ଯେଉଁ ଲୋକମାନେ ଖୁଦାତାଲାଙ୍କ ସହିତ ପ୍ରେମ କରିବାରେ ଶେଷ ସୀମାକୁ ପହଂଚିଯାଇଛନ୍ତି ଏବଂ ଖୁଦାଙ୍କ ସାନିଧ ହାସଲ କରିବା ପାଇଁ ଅଦ୍ୟମ ଚେଷ୍ଟା କରିଥାନ୍ତି ଖୁଦାତାଲା ସେମାନଙ୍କୁ ସଫଳତା ପ୍ରଦାନ କରିଥାନ୍ତି ଏବଂ ନିଜର ସମୀପତା ପ୍ରଦାନ କରିଥାନ୍ତି ଓ ସେମାନଙ୍କର ଚେଷ୍ଟା ବ୍ୟର୍ଥ ହୁଏନାହିଁ ବରଂ ଏହା ଫଳରେ ସେମାନେ ସାଂସାରିକ ଉଦ୍ଦେଶ୍ୟ ସାଧନରେ ମଧ ସଫଳ ହୋଇଥାନ୍ତି ଏବଂ ଖୁଦାତାଲାଙ୍କ ନିକଟତର ହେବାର ମାର୍ଗ ମଧ ସେମାନଙ୍କ ପାଇଁ ଖୋଲିଯାଇଥାଏ । ସେମାନେ ପୁଣ୍ୟ କାର୍ଯ୍ୟରେ ଉନ୍ନତିର ଉଚ୍ଚତମ ସ୍ତରକୁ ହାସଲ କରି ନିଅନ୍ତି । ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ଯୁଦ୍ଧରୁ ଫେରିବା ସମୟରେ ଏକଥା କହିଛନ୍ତି:- ଆମେ ଜିହାଦେ ଅସ୍‌ଗର୍ ଅର୍ଥାତ୍ ଛୋଟ ଜିହାଦ୍‌ରୁ ଲେଉଟି ଜିହାଦେ ଅକ୍‌ବର୍ ଅର୍ଥାତ୍ ବଡ ଜିହାଦ କରିବା ପାଇଁ ଆସିଯାଇଛେ । (ଏବଂ ଜିହାଦେ ଅକ୍‌ବର୍ ହେଉଛି) ମନୁଷ୍ୟର ନିଜ ଇଚ୍ଛା ଓ କାମନା ବିରୋଧରେ ଜିହାଦ୍ କରିବା । (କନଜୁଲ୍ ଆମାଲ, କିତାବୁଲ୍ ଜିହାଦ୍ ଫିଲ୍ ଜିହାଦିଲ୍ ଅକ୍‌ବର୍ ମିନଲ୍ ଆମାଲ)

ଏହି ହଦିସ୍‌ରୁ ସ୍ପଷ୍ଟ ହେଉଛି ଯେ ଜିହାଦ୍ ବିନ୍ ନଫ୍‌ସ୍ ହେଉଛି ସବୁଠାରୁ ବଡ ଜିହାଦ୍ । ତେଣୁ ଯେଉଁ ଲୋକମାନେ ଖୁଦାତାଲାଙ୍କ ସହିତ ପ୍ରେମ କରିବା ପାଇଁ ଓ ପାଇବା ପାଇଁ ଅଦ୍ୟମ ଚେଷ୍ଟା କରିଥାନ୍ତି ସେମାନଙ୍କ ପାଇଁ ମାର୍ଗ ଉନ୍ମୁକ୍ତ ହୋଇଯାଏ । କିନ୍ତୁ ଏଥି ସକାଶେ ସର୍ତ୍ତ ହେଉଛି ଏହା ଯେ ସେ ଖୁଦାତାଲାଙ୍କ ଦ୍ୱାରା ବତାଯାଇଥିବା ନିୟମକାନୁନ୍ ମୁତାବକ ସମ୍ପୂର୍ଣ୍ଣ ପରିଚାଳିତ ହୁଅନ୍ତୁ ଏବଂ କୌଣସି ପ୍ରକାରର ବିପଦ ଆପଦ ଯୋଗୁ ବ୍ୟତିବ୍ୟସ୍ତ ନହୁଅନ୍ତୁ ଏବଂ ନା କୌଣସି ପ୍ରକାରର ବିପତି ପଡିବାରେ ନିରାଶା ପ୍ରକାଶ କରନ୍ତୁ ବରଂ ଆଗକୁ ଆଗକୁ ବଢ଼ିଚାଲନ୍ତୁ । ସୁତରାଂ ଆଜି ଜମାତ୍ ଅହେମଦୀୟା ମଧ ଏହି ଜିହାଦ୍‌ରେ ସମ୍ପୂର୍ଣ୍ଣ ରୂପେ ଭାଗ ନେଉଅଛି ଏବଂ ପ୍ରତି କ୍ଷେତ୍ରରେ ତାହା ପୁଣ୍ୟ ଅର୍ଜନ କରିବା କ୍ଷେତ୍ର ହେଉ, ତାହା ଦୁଃଖ କଷ୍ଟ ସହିବାର କ୍ଷେତ୍ର ହେଉ, ପ୍ରତି କ୍ଷେତ୍ରରେ ସେ ଦୃଢ଼ତାର ସହିତ ଆଗକୁ ଆଗକୁ ବଢ଼ିଚାଲିଛି ଏବଂ ଖୁଦାତାଲାଙ୍କ ସାନିଧ, ସ୍ନେହ ଏବଂ ପ୍ରେମର ଦୃଶ୍ୟକୁ ଦେଖୁଅଛି । ଯଦି ଶତ୍ରୁ ତାପାଇଁ ଗୋଟିଏ ମାର୍ଗକୁ ବନ୍ଦ କରିଦେଉଛି ତେବେ ଖୁଦାତାଲା ତାଙ୍କପାଇଁ ଶହ ଶହ ରାସ୍ତା ଖୋଲିଦେଉଛନ୍ତି ଏବଂ ସେମାନେ ନିଜର ଏହି ପୁଣ୍ୟକାର୍ଯ୍ୟ ଯୋଗୁ ଇଶ୍ୱର ପ୍ରେମରେ ଉନ୍ନତି କରି ଦିନକୁ ଦିନ ଆଗକୁ ଆଗକୁ ବଢ଼ି ଚାଲିଛନ୍ତି ଏବଂ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟ ମୁସଲ୍‌ମାନ୍‌ମାନଙ୍କଠାରୁ ବହୁତ ଆଗରେ ଅଛନ୍ତି । ଏକଥାକୁ ଅଣଜମାତୀୟ ବ୍ୟକ୍ତିବିଶେଷମାନେ ମଧ ସ୍ୱୀକାର କରୁଛନ୍ତି ।"

(୧)ମୋକରମ୍ ଶୈଖ୍ ମୁହମ୍ମଦ୍ ଅକ୍‌ରମ୍ ସାହେବ୍ ଏମ୍.ଏ ଲେଖୁଛନ୍ତି:- "ଏହି (ମୁସଲ୍‌ମାନ୍)ଙ୍କ ମୁକାବିଲାରେ ଅହେମଦୀୟା ଜମାତ୍‌ରେ ଅସାଧାରଣ ନିଷ୍ଠା, ଉତ୍ସାହ, ଆତ୍ମବିଶ୍ୱାସ ଏବଂ ବିଧିବଦ୍ଧତା ରହିଛି । ସେମାନେ ଭାବୁଛନ୍ତି ଯେ ସାରା ଦୁନିଆର ଆଧାତ୍ମିକ ରୋଗର ଉପଚାର ସେମାନଙ୍କ ନିକଟରେ ଅଛି" । (ମୌଜେ କୌସର୍, ପୃଷ୍ଠା-୧୯୨) (୨)ମୋକରମ୍ ମକ୍‌ବୁଲୁର୍ ରହିମ୍ ମୁଫ୍‌ତି ସାହେବ୍ ଲେଖୁଛନ୍ତି:- "ଜମାତ୍ ଅହେମଦୀୟା ଭିତରେ ସାମର୍ଥ୍ୟ, ବୁଦ୍ଧିମାନ୍ ଏବଂ ପରିଶ୍ରମୀ ବ୍ୟକ୍ତିମାନେ ଥିବାର ଗୋଟିଏ କାରଣ ବରଂ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଏହା ଯେ ସେମାନେ ବିଗତ ୧ଶତାବ୍ଦୀ ଭିତରେ ପ୍ରତ୍ୟେକ ସ୍ତରରେ ପ୍ରତ୍ୟେକ ପ୍ରକାରର ଝଗଡା, ବାଦବିବାଦରୁ ଦୂରେଇ ରହିବାର ମାର୍ଗକୁ ଗ୍ରହଣ କରି ନିଜ ଜମାତ୍ ଏବଂ ଜମାତ୍‌ର ସଦସ୍ୟମାନଙ୍କର ଇସ୍‌ଲାହ୍ (ସୁଧାର) ଏବଂ ସଫଳତା (ଓ ଉନ୍ନତି) ନିମନ୍ତେ ଯୋଜନାବଦ୍ଧ ରୂପେ ଚେଷ୍ଟା ଓ ପରିଶ୍ରମ କରିଛନ୍ତି ।" (ରୋଜ୍‌ନାମା ମଶ୍‌ରିକ୍, ୨୪ ଫେବୃୟାରୀ ୧୯୯୪)

## ଜିହାଦ୍ ବିଲ୍ କୁର୍‌ଆନ୍

ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଏ ନିର୍ଦ୍ଦେଶ ଦେଇଛନ୍ତି:- *ଫଲା ତୁଟିଇଲ୍ କାଫିରିନା ୱ ଜାହିଦହୁମ୍ ବିହି ଜିହାଦନ୍ କବିରା* (ଅଲ୍‌ଫୁର୍‌କାନ୍:୫୩) ଅର୍ଥାତ୍ ସୁତରାଂ ତୁମେ ଅବିଶ୍ୱାସକାରୀମାନଙ୍କ କଥା ମାନନାହିଁ ଏବଂ ଏହା (ଅର୍ଥାତ୍ କୁର୍‌ଆନ୍) ମାଧମରେ ସେମାନଙ୍କ ବିରୁଦ୍ଧରେ ବଡ ଜିହାଦ୍ (ଅର୍ଥାତ୍ ପ୍ରବଳ ଉଦ୍ୟମ) କର ।

ଏହି ପବିତ୍ର ଆୟତରୁ ଜଣାପଡୁଛି ଯେ ଅଲ୍ଲାଃତାଲା ମୋମିନ୍‌ମାନଙ୍କୁ ଏ ନିର୍ଦ୍ଦେଶ ଦେଉଛନ୍ତି ଯେ ତୁମେମାନେ ଅବିଶ୍ୱାସକାରୀମାନଙ୍କ କଥା ମାନନାହିଁ ବରଂ ପବିତ୍ର କୁର୍‌ଆନ୍ ମାଧମରେ ଜିହାଦ୍ କର । ଏବଂ ଏହି ଜିହାଦ୍ ହେଉଛି ତବ୍‌ଲିଗେ ଇସ୍‌ଲାମ୍ ଅର୍ଥାତ୍ ଇସ୍‌ଲାମ୍‌ର ପ୍ରସାର ପ୍ରଚାର କରିବା ସକାଶେ ଜିହାଦ୍ ଯାହା ହେଉଛି ଦ୍ୱିତୀୟ ସବୁଠାରୁ ବଡ ଜିହାଦ୍ ଏବଂ ଏହି ଜିହାଦ୍ ପ୍ରତ୍ୟେକ ମୁସଲ୍‌ମାନଙ୍କ ପାଇଁ ଫର୍ଜ୍ (ଜରୁରୀ) ଅଟେ କିନ୍ତୁ ଆଜିକାଲି ମୁସଲ୍‌ମାନ୍‌ମାନେ ଏପରି ଜିହାଦ୍ କରିବାରୁ କୋଷ ଦୂରରେ ଅଛନ୍ତି । ଜମାତ୍ ଅହେମଦୀୟା ଉପରେ ଖୁଦାତାଲାଙ୍କର ଏହା ମହାନ୍ ଅନୁଗ୍ରହ ଯେ ଏହି କାର୍ଯ୍ୟ ଅର୍ଥାତ୍ ବଡ ଜିହାଦ୍ କରିବା ପାଇଁ ସେ ଆଜି ଜମାତ୍ ଅହେମଦୀୟାଙ୍କ ଠାରେ ନ୍ୟସ୍ତ କରିଛି ଏବଂ ଜମାତ୍ ଅହେମଦୀୟା ଏହି ଜିହାଦ୍ କରିବାରେ ଅଲ୍ଲାଃତାଲାଙ୍କ କୃପାରୁ ଏକ ସ୍ୱତନ୍ତ୍ର ସ୍ଥାନ ରଖିଛି ଓ ସେଥି ସକାଶେ ଗାଁ ଗାଁ ଓ ବସ୍ତି ବସ୍ତିରେ ପହଂଚି ଲୋକମାନଙ୍କୁ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ସହିତ ପରିଚିତ କରାଉଛି । ପବିତ୍ର କୋରାନ୍‌ର ବର୍‌କାତ୍ ଅର୍ଥାତ୍ ବୈଭବ ଏବଂ ଫଜାଇଲ୍ ଅର୍ଥାତ୍ ବିଶେଷ ଶିକ୍ଷା ସମ୍ବନ୍ଧରେ ବତାଇ ଚାଲିଛି । ପବିତ୍ର କୋରାନ୍‌ର ବାସ୍ତବିକ ସୌନ୍ଦର୍ଯ୍ୟ ଏବଂ ଶାନ୍ତିପୂର୍ଣ୍ଣ ଶିକ୍ଷା ସହିତ ଲୋକମାନଙ୍କୁ ପରିଚିତ କରାଉଅଛି ଏବଂ ପବିତ୍ର କୋରାନ୍‌ର ମହାନ୍ ବୈଭବ ସମ୍ବନ୍ଧରେ ବଦାଇ ସେମାନଙ୍କୁ ଇସ୍‌ଲାମ୍ ସହିତ ଯୋଡୁଅଛି, ଏକଥାକୁ ଅନ୍ୟ ମୁସଲ୍‌ମାନ୍ ଫିର୍‌କାର ଲୋକମାନେ ମଧ ସ୍ୱୀକାର କରିବା ପାଇଁ ବାଧ ହେଉଛନ୍ତି:-

(୧)ମୌଲାନା ଜଫର୍ ଅଲ୍ଲି ଖାନ୍ ସାହେବ୍ ଏଡିଟର୍ ଅଖ୍‌ବାର୍ ଜମିନ୍‌ଦାର୍ ଲାହୋର୍ ଲେଖୁଛନ୍ତି ଯେ:-

"ଘରେ ବସି ଅହେମଦୀ ମାନଙ୍କୁ ଏଣୁତେଣୁ କହିବା ବହୁତ ସହଜ କିନ୍ତୁ ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ ଯେ ଏହା ହିଁ ହେଉଛି ଗୋଟିଏ ଜମାତ୍ ଯିଏ ନିଜ ମୁବଲିଗ୍‌ମାନଙ୍କୁ ଇଂଲିସ୍ତାନ୍ ଓ ଅନ୍ୟାନ୍ୟ ୟୁରୋପୀୟ ଦେଶଗୁଡିକୁ ପଠାଇ ରଖିଛି ।" (ଅଖ୍‌ବାର୍ ଜମିନ୍‌ଦାର୍ ଲାହୋର୍, ଡିସେମ୍ବର୍ ୧୯୨୬)

(୨)ଜନାବ୍ ଅବ୍‌ଦୁଲ୍ ହକ୍ ସାହେବ୍ ନିଜର ପ୍ରବନ୍ଧ "ୱଲମାଏ ଇସ୍‌ଲାମ୍‌ସେ

ଗୁଜାରିଶ୍" ରେ ଲେଖୁଛନ୍ତି:-

"କାଦିଆନି ଟେଲିଭିଜନ୍ ପାକିସ୍ତାନ୍‌ର ଘରେ ଘରେ ପ୍ରବେଶ କରିସାରିଛି। ପବିତ୍ର କୋରାନ୍‌ର ତିଲାୱତ୍ ଏବଂ ତଫ୍‌ସିର୍ (ଅର୍ଥାତ୍ ଆବୃତି ଓ ବ୍ୟାଖ୍ୟା), ଦରସୁଲ୍ ହଦିସ୍, ହମ୍‌ଦ୍ ୱ ନାତ୍ (ଅର୍ଥାତ୍ ଅଲ୍ଲାଃତାଲାଙ୍କ ସ୍ତୁତିଗାନ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୁଣାଗାରିମା ବର୍ଣ୍ଣନା) ଏବଂ ସବୁ ଜାତିବର୍ଗର ଲୋକମାନଙ୍କୁ ବିଶେଷ ରୂପେ ଆରବୀୟମାନଙ୍କୁ ବାରମ୍ବାର ଉପସ୍ଥାପନ କରି ଏହି କାଦିଆନୀମାନେ ଆମ ଯୁବପୀଢ଼ୀଙ୍କ ମନ ଉପରେ ସମ୍ପୂର୍ଣ୍ଣ ରୂପେ ଛାଇଯାଇଛନ୍ତି।" (ହଫ୍‌ତ୍ ରୋଜା ଅଲ୍‌ଏତ୍‌ସାମ୍, ୨୪ ଜାନୁଆରୀ ୧୯୯୭)

(୩)ମୌଲାନା ମଞ୍ଜୁର୍ ଅହେମଦ୍ ଚିନୈାଟି ସାହେବ୍ ଗୋଟିଏ ସାକ୍ଷାତ୍‌କାର୍‌ରେ ଏକଥା କହିଛନ୍ତି:- "ରୁଷି ଭାଷାରେ କାଦିଆନି ଜମାତ୍ ପବିତ୍ର କୋରାନ୍‌କୁ ଅନୁବାଦ କରାଇ ସମଗ୍ର ରୁଷ୍‌ରେ ବାଂଟି ସାରିଛି..... ଅତିକମ୍‌ରେ ଶହେଟି ଭାଷାରେ ଏହି କାଦିଆନୀମାନେ ଅନୁବାଦ ପ୍ରକାଶ କରିସାରିଛନ୍ତି ଯାହାକୁ ସମଗ୍ର ଦୁନିଆରେ ବଂଟାଯାଉଅଛି"। (ହଫ୍‌ତ୍ ରୋଜା ୱୁଜୁଦ୍ କରାଚି ୨୦୦୦, ପୃଷ୍ଠା-୩୧)

(୪)କାଜି ମୁହମ୍ମଦ୍ ଅସ୍‌ଲମ୍ ସୈଫ୍ ସାହେବ୍ ଫିରୋଜ୍‌ପୁରି "ଦିନୀ ଜମାତୋଁ କେ ଲିଏ ଲମାହେ ଫିକ୍‌ରିୟା" ବିଷୟ ଅନ୍ତର୍ଗତ ଲେଖୁଛନ୍ତି:- କାଦିଆନି ମାନଙ୍କ ବଜେଟ୍ କୋଟି କୋଟି ଟଙ୍କାରେ ନିର୍ଦ୍ଧାରିତ ହୋଇଥାଏ। ତବ୍‌ଲିଗ୍ ନାମରେ ସାରା ପୃଥିବୀରେ ସେମାନେ ନିଜର ଜାଲକୁ ବିଛାଇ ସାରିଛନ୍ତି। ତାଙ୍କ ମୁବଲିଗ୍‌ମାନେ ଦୂରଦୁରାନ୍ତ ଦେଶଗୁଡିକରେ ଯାଇ ମାଟି ଛାଣୁଛନ୍ତି। ସ୍ତ୍ରୀ ପିଲା ଓ ଘରବାଡିରୁ ଦୂରରେ ରହି ଅଳ୍ପକେ ସନ୍ତୁଷ୍ଟ ହୋଇ ଆଫ୍ରିକାର ଉତପ୍ତ ମରୁଭୂମିରେ, ୟୁରୋପ୍‌ର ଥଣ୍ଡା ସବୁଜିମାରେ, ଅଷ୍ଟ୍ରେଲିୟାରେ ଏବଂ କାନାଡା ଓ ଆମେରିକାରେ ଏହି କାଦିଆନୀୟତ୍‌ଙ୍କ ତବ୍‌ଲିଗ୍ ନିମନ୍ତେ ଘୁରି ବୁଲୁଛନ୍ତି। (ହଫ୍‌ତ୍ ରୋଜା ଅହ୍‌ଲେ ହଦିସ୍, ଲାହୋର୍, ୧୧ ସେପ୍ଟେମ୍ବର୍ ୧୯୯୨, ପୃଷ୍ଠା-୧୧-୧୨)

ସୁତରାଂ ଏହା ହେଉଛି ସେହି ମହାନ୍ ଜିହାଦେ କବୀର୍ ଅର୍ଥାତ୍ ବଡ ଜିହାଦ୍ ଯାହାକୁ ଆଜି ଜମାତ୍ ଅହେମଦୀୟା ସମ୍ପାଦନ କରୁଅଛି, ଯାହାର ଚର୍ଚ୍ଚା ଅହେମଦୀୟତ୍ ବିରୋଧି ତତ୍ତ୍ୱ ଅତ୍ୟନ୍ତ ଚିନ୍ତାଶୀଳ ବାକ୍ୟ ଦ୍ୱାରା କରୁଛନ୍ତି। କିନ୍ତୁ ଆଜି ସେମାନଙ୍କୁ ଏକଥାର ସୌଭାଗ୍ୟ ନାହିଁ ଯେ ସେମାନେ ଏହି ଜିହାଦ୍‌କୁ ସମ୍ପାଦନ କରିପାରିବେ। କିନ୍ତୁ ବିନା କାରଣରେ ଅହେମଦୀ ମାନଙ୍କ ଉପରେ ମିଥ୍ୟାରୋପ ଲଗାଉଛନ୍ତି ଯେ ଅହେମଦୀମାନେ ଜିହାଦ୍‌କୁ ମାନୁନାହାଁନ୍ତି। ଅଲ୍ଲାଃତାଲା ଆଜି ପବିତ୍ର କୋରାନ୍ ଜରିଆରେ ଜିହାଦ୍ କରୁଥିବା ଅହେମଦୀମାନଙ୍କୁ ପ୍ରତିକ୍ଷେତ୍ରରେ ବିଜୟ ପ୍ରଦାନ କରୁଛନ୍ତି ଓ ସାହାଯ୍ୟ ସହଯୋଗ କରୁଛନ୍ତି। ଅତ୍ୟନ୍ତ ବିରୋଧର ଶିକାର ହେବା ସତ୍ତ୍ୱେ ମଧ୍ୟ ଏମାନେ ପୃଥିବୀର ଦୂରଦୁରାନ୍ତ ଦେଶଗୁଡିକରେ ଯାଇ ଏହି ଜିହାଦ୍‌କୁ ସମ୍ପାଦନ କରୁଛନ୍ତି। ଏବଂ ସେହି ଲୋକମାନେ ଯେଉଁମାନେ ଆମ ଆକା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଗାଳି ଗୁଲଜ କରୁଥିଲେ ସେମାନେ ଏହି ତବ୍‌ଲିଗ୍ ଫଳରେ ଆପଣ ସ:ଆ:ସଙ୍କ ଉପରେ ଦରୁଦ୍ ଓ ସଲାମ୍ ପ୍ରେରଣ କରୁଛନ୍ତି।

**ଜିହାଦ୍ ବିଲ୍ ମାଲ୍**

ଅଲ୍ଲାଃତାଲାଙ୍କ ମାର୍ଗରେ ଧର୍ମତର ପ୍ରସାର ପ୍ରଚାର ନିମନ୍ତେ ଧନ ଖର୍ଚ୍ଚ କରିବାକୁ ମଧ୍ୟ ଜିହାଦ୍ କୁହାଯାଇଛି, ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଏ ନିର୍ଦ୍ଦେଶ ଦେଇଛନ୍ତି:- *ୱ ଜାହିଦୁ ବି ଅମ୍‌ୱାଲିକୁମ୍ ୱ ଅନ୍‌ଫୁସିକୁମ୍ ଫି ସବିଲିଲ୍ଲାଃ* (ତୌବାଃ:୪୧) ଅର୍ଥାତ୍ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ଧନ ଓ ନିଜର ଜୀବନ ସହିତ ଜିହାଦ୍ କର।

ଅଲ୍ଲାଃତାଲାଙ୍କ କୃପାବଳରୁ ଆଜି ଜମାତ୍ ଅହେମଦୀୟା ଏହି ଜିହାଦ୍‌ରେ ମଧ୍ୟ ସ୍ୱତନ୍ତ୍ର ଓ ଉଚ୍ଚତମ ସ୍ଥାନ ଗ୍ରହଣ କରିଛି ଏବଂ ପ୍ରତ୍ୟେକ ଦିନ ଯାହା ଜମାତ୍ ଅହେମଦୀୟା ପାଇଁ ଉଦୟ ହେଉଛି, ଏହି ଜିହାଦ୍‌ର ବର୍‌କତ୍ ଯୋଗୁ ନୂଆ ନୂଆ ଉନ୍ନତିର ମାର୍ଗ ଜମାତ୍ ପାଇଁ ଖୋଲି ଚାଲିଛି। ଅବଶ୍ୟ ଜମାତ୍‌ର ଲୋକମାନଙ୍କ ଉପରେ ବିପତି ଓ ଝଡର ଅବସ୍ଥା ରହିଛି କିନ୍ତୁ ସେମାନେ ନିଜର ଧନ ଓ ଜନର ବଳିଦାନ ଜରିଆରେ ଏପରି ନମୁନା ବା ଉଦାହରଣ ଉପସ୍ଥାପନ କରୁଛନ୍ତି ଯେ ଯାହାର ଦୃଷ୍ଟାନ୍ତ ମିଳିବା କଠିନ ନୁହେଁ ବରଂ ଅସମ୍ଭବ। ଏବଂ ଅଣଜମାତ୍‌ର ଲୋକମାନେ ଜମାତ୍‌ର ଏହି ମାଲି କୁର୍ବାନୀକୁ ଦେଖି ଆଶ୍ଚର୍ଯ୍ୟ ଚକିତ ହେଉଛନ୍ତି। ଏ ସମ୍ବନ୍ଧରେ କେତେକ ଅଣଜମାତୀୟ ଲୋକମାନଙ୍କର ମନୋଭାବବ୍ୟକ୍ତ ନିମ୍ନରେ ଉପସ୍ଥାପନ କରାଯାଉଅଛି।

(୧)ମୋକରମ୍ ହାଫିଜ୍ ଅବ୍‌ଦୁଲ୍ ୱହିଦ୍ ସାହେବ୍ ନିଜର ସମ୍ପାଦକୀୟରେ ଏକଥା ଲେଖୁଛନ୍ତି ଯେ:- ଗୋଟିଏ ସମୀକ୍ଷା ମୁତାବକ ଦୁନିଆରେ ଉପସ୍ଥିତ ପ୍ରତ୍ୟେକ କାଦିଆନି ନିଜ ମାସିକ ଆମଦାନୀର ଦଶପ୍ରତିଶତ ଅର୍ଥ ସ୍ୱଇଚ୍ଛାରେ ନିଜ ଧର୍ମର ତବ୍‌ଲିଗ୍ ପାଇଁ ଖର୍ଚ୍ଚ କରିଥାଏ। କୌଣସି ହଙ୍ଗାମୀ ଆବଶ୍ୟକତାରେ ଖର୍ଚ୍ଚ କରିବା ଏତଦ୍‌ବ୍ୟତୀତ ଅଲଗା କରିଥାଏ। ଏହି ସବୁ ଫଣ୍ଡସ୍ ଫଳରେ ବର୍ତମାନ ଗୋଟିଏ ସ୍ଥାୟୀ ଟି.ଭି ଚ୍ୟାନେଲ୍ ଓ ରେଡିଓ ଷ୍ଟେସନ୍ କାଏମ୍ ହୋଇସାରିଛି ଯେଉଁଥିରୁ ୨୪ଘଂଟା କାଦିଆନୀୟତ୍‌ର ତବ୍‌ଲିଗ୍ ମିଶନ୍ ଜାରି ରହିଛି। (ସମ୍ପାଦକୀୟ ଅଲ୍ ଏତ୍‌ସାମ୍, ୧୧ ଫେବୃୟାରୀ ୨୦୦୦)

(୨)ଅବ୍‌ଦୁର୍ ରହିମ୍ ଅଶ୍‌ରଫ୍ ସାହେବ୍ ଲେଖୁଛନ୍ତି ଯେ:- ଏମାନ (ଅର୍ଥାତ୍ ଜମାତ୍ ଅହେମଦୀୟା)ଙ୍କ ମଧ୍ୟରୁ କିଛି ଅନ୍ୟଦେଶ ଗୁଡିକର ଜମାତ୍‌ମାନେ ଓ ସଦସ୍ୟମାନେ କୋଟିକୋଟି ଟଙ୍କାର ସମ୍ପତି ସଦର୍ ଅଞ୍ଜୁମାନ୍ ଅହେମଦୀୟା ରବ୍‌ୱା ଏବଂ ସଦର୍ ଅଞ୍ଜୁମାନ୍ ଅହେମଦୀୟା କାଦିଆନ୍ ନାମରେ ୱକ୍‌ଫ୍ (ଉତ୍ସର୍ଗ) କରିରଖିଛନ୍ତି। (ହଫ୍‌ତ୍ ରୋଜା ଅଲ୍ ମୁନିର୍, ୨ ମାର୍ଚ୍ଚ୍ ୧୯୫୬)

(୩)ମୋକରମ୍ ମୌଲବୀ ମଞ୍ଜୁର୍ ଅହେମଦ୍ ସାହେବ୍ ଚିନୈାଟି ନିଜର ଗୋଟିଏ ଇଂଟର୍‌ଭ୍ୟୁରେ ଏକଥା କହୁଛନ୍ତି ଯେ:- ପ୍ରତ୍ୟେକ କାଦିଆନୀ ନିଜ ଆମଦାନୀର ଏକ ଦଶାଂସ ନିଜ ଧର୍ମର ପ୍ରଚାର ପ୍ରସାର ପାଇଁ କାଦିଆନୀ ଜମାତ୍‌କୁ ପ୍ରଦାନ କରୁଛି। ହଜାର ହଜାର ସଦସ୍ୟ ନିଜ ସମ୍ପତିର ଦଶଭାଗରୁ ଭାଗେ ୱସିୟତ୍ କରିସାରିଛନ୍ତି.....୫ଲକ୍ଷ ଟଙ୍କା ଘଂଟାପ୍ରତି ହିସାବରେ କାଦିଆନୀ ଜମାତ୍ ଟି.ଭି (ପ୍ରସାରଣ) କରୁଅଛି। ଏହି ଟି.ଭି ୨୪ଘଂଟା ଚାଲୁଛି। ଆମ ନିକଟରେ ଏତେମାତ୍ରାରେ ସାଧନ ନାହିଁ। (ହଫ୍‌ତ୍ ରୋଜା ୱୁଜୁଦ୍ କରାଚି ୨୮ ନଭେମ୍ବର୍ ୨୦୦୦)

ସୁତରାଂ ଆଜି ଖୁଦାତାଲା ଜମାତ୍ ଅମେହଦୀୟାକୁ ଏପରି ନିଷ୍ଠାବାନ୍ ବ୍ୟକ୍ତିବିଶେଷ ପ୍ରଦାନ କରିଛି ଯେଉଁମାନେ କୁର୍ବାନୀ କରିବାର ଦୃଷ୍ଟାନ୍ତ କାଏମ୍ କରିଦେଇଛନ୍ତି। ପ୍ରତ୍ୟେକ ଦିନ ନୂଆ ବୈଭବର ସହିତ ମାଲି କୁର୍ବାନୀ କରୁଥିବା ଲୋକମାନଙ୍କର ଇତିହାସ ଲେଖାଯାଉଅଛି ଏବଂ ପୁଣି ଏହି ନିଷ୍ଠବାନ୍ ବ୍ୟକ୍ତିମାନେ କେବଳ ଓ କେବଳ ଖୁଦାତାଲାଙ୍କ ନିର୍ଦ୍ଦେଶ ଉପରେ ପରିଚାଳିତ ହୋଇ ଏହାକୁ ଅଲ୍ଲାଃତାଲାଙ୍କର କୃପା ବୋଲି ବିବେଚନା କରି ଜିହାଦ୍ କରୁଛନ୍ତି। ଜମାତ୍‌ର କୌଣସି ସଦସ୍ୟ ଏହାକୁ ଦୟା ବୋଲି ଭାବି କୁର୍ବାନୀ କରିନଥାନ୍ତି ବରଂ ସେମାନଙ୍କର ଉଦ୍ଦେଶ୍ୟ କେବଳ ହିଁ କେବଳ ଏହା ହୋଇଥାଏ ଯେ ଏହା ସାହାଯ୍ୟରେ କିପରି ଅଲ୍ଲାଃତାଲାଙ୍କର ବାର୍ତା ସମଗ୍ର ସଂସାରରେ ପହଂଚିଯାଉ। ଅବଶ୍ୟ ଅହେମଦୀୟତ୍‌ର ଶତୃମାନେ ଜମାତ୍ ଅହେମଦୀୟାକୁ ଅସଫଳ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଛନ୍ତି। ଏମାନଙ୍କର ଧନ ସମ୍ପତିକୁ ନଷ୍ଟ କରିଦିଆଗଲା। ଏମାନଙ୍କର ଧନ ସମ୍ପତିକୁ ଲୁଟି ନିଆଗଲା କିନ୍ତୁ ପ୍ରତ୍ୟେକ ବିପତି ଓ ପରୀକ୍ଷା ସମୟରେ ଜମାତ୍ ଦୃଢ଼ତା ଦେଖାଇଛି ଓ ନିଜର ମାଲି କୁର୍ବାନୀର ସ୍ତରକୁ ତଳକୁ ପଡିଯିବାକୁ ଦେଇନାହିଁ। ଏହି ମାଲି କୁର୍ବାନୀ ଯୋଗୁ ଇସ୍‌ଲାମ୍‌ର ଶିକ୍ଷା ପୃଥିବୀର କୋଣ ଅନୁକୋଣରେ ପହଂଚି ଚାଲିଛି ଓ ଆଜି ଖୁଦାତାଲାଙ୍କ କୃପାବଳରୁ ଜମାତ୍ ଅହେମଦୀୟା ପୃଥିବୀର ୨୧୨ଟି ଦେଶରେ *ଲା ଇଲାହା ଇଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାଃ* ର ଧ୍ୱଜାକୁ ପୋତିସାରିଛି ଏବଂ ଏହି ସିଲ୍‌ସିଲା ଅନବରତ ଜାରି ରହିଛି।

**ଜିହାଦ୍ ବିସ୍ ସୈଫ୍**

ଜିହାଦ୍ କରିବାର ଏହି ଚତୁର୍ଥ କିସମର ନାମ ଜିହାଦ୍ ବିସ୍ ସୈଫ୍ ଅର୍ଥାତ୍ ଆତ୍ମରକ୍ଷା ଓ ପ୍ରତିରକ୍ଷା ନିମନ୍ତେ ଯୁଦ୍ଧ କରିବା ଅର୍ଥାତ୍ ଶତୃ ଯେତେବେଳେ ଧର୍ମକୁ ଧ୍ୱଂସ କରିଦେବା ପାଇଁ ଧର୍ମ ଉପରେ ଆକ୍ରମଣ କରିଥାଏ ସେତେବେଳେ ଶତୃଙ୍କ ସହିତ ପ୍ରତିରକ୍ଷା ସ୍ୱରୂପ ଯୁଦ୍ଧ କରିବାକୁ ଜିହାଦ୍ ବିସ୍ ସୈଫ୍ କୁହାଯାଏ ଏବଂ ଆଁ ହଜ୍‌ରତ୍ ସ:ଆ:ସ ଏହି ଜିହାଦ୍‌କୁ ଜିହାଦେ ଅସ୍‌ଗର୍ ଅର୍ଥାତ୍ ଛୋଟ ଜିହାଦ୍ ରୂପେ ଅଭିହିତ କରିଛନ୍ତି।

ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି:-

اُذِنَ لِلَّذِیۡنَ یُقٰتَلُوۡنَ بِاَنَّہُمۡ ظُلِمُوۡا ؕ وَاِنَّ اللّٰہَ
عَلٰی نَصۡرِہِمۡ لَقَدِیۡرُۨ ۙ﴿۴۰﴾ الَّذِیۡنَ اُخۡرِجُوۡا مِنۡ
دِیَارِہِمۡ بِغَیۡرِ حَقٍّ اِلَّاۤ اَنۡ یَّقُوۡلُوۡا رَبُّنَا
اللّٰہُ ؕ وَلَوۡلَا دَفۡعُ اللّٰہِ النَّاسَ بَعۡضَہُمۡ
بِبَعۡضٍ لَّہُدِّمَتۡ صَوَامِعُ وَبِیَعٌ وَّصَلَوٰتٌ
وَّمَسٰجِدُ یُذۡکَرُ فِیۡہَا اسۡمُ اللّٰہِ کَثِیۡرًا ؕ
وَلَیَنۡصُرَنَّ اللّٰہُ مَنۡ یَّنۡصُرُہٗ ؕ اِنَّ اللّٰہَ لَقَوِیٌّ
عَزِیۡزٌ ﴿۴۱﴾ (الحج:40،41)

ଅନୁବାଦ:- ଯେଉଁମାନଙ୍କ ସହିତ (ବିନା କାରଣରେ) ଯୁଦ୍ଧ କରାଯାଏ, ସେମାନଙ୍କୁ ମଧ୍ୟ (ଯୁଦ୍ଧ କରିବା ପାଇଁ) ଅନୁମତି ଦିଆଯାଉଅଛି, କାରଣ ସେମାନଙ୍କ ପ୍ରତି ଅତ୍ୟାଚାର କରାଯାଇଛି, ଏବଂ ବାସ୍ତବିକ ଅଲ୍ଲାଃ ସେମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ। ଏମାନେ (ସେହିଲୋକ) ଯେଉଁମାନଙ୍କୁ ସେମାନଙ୍କ ଗୃହରୁ କେବଳ 'ଅଲ୍ଲାଃ ଆମ୍ଭମାନଙ୍କର ପାଳନକର୍ତା ଅଟନ୍ତି' କହିବାରୁ କୌଣସି ଯୁକ୍ତି ସଙ୍ଗତ କାରଣ ନଥାଇ ବିତାଡିତ କରାଗଲା; ଏବଂ ଯଦି ଅଲ୍ଲାଃ ଏହି (ଅବିଶ୍ୱାସକାରୀ) ମାନଙ୍କ ମଧ୍ୟରୁ କେତେକଙ୍କୁ ଅନ୍ୟ କେତେକଙ୍କ ଦ୍ୱାରା (ଦୁଷ୍ଟାମୀରୁ) ଦୂରେଇ ନରଖନ୍ତେ, ତେବେ ଆଶ୍ରମ, ଗିର୍ଜା, (ୟୁହୁଦୀମାନଙ୍କ)

ଉପାସନା ଗୃହ ଓ ମସ୍‌ଜିଦ୍‌ମାନଙ୍କୁ ଯେଉଁଠାରେ ଅଲ୍ଲାଃଙ୍କ ନାମ ବହୁଳ ଭାବରେ ନିଆଯାଏ, ଧ୍ୱଂସ କରିଦିଆଯାଆନ୍ତା; ଏବଂ ଅଲ୍ଲାଃ ସେହି ମାନଙ୍କୁ ସାହାଯ୍ୟ କରିବେ, ଯେଉଁମାନେ ତାହାଙ୍କୁ (ଅର୍ଥାତ୍ ଅଲ୍ଲାଃଙ୍କ ଧର୍ମକୁ) ସାହାଯ୍ୟ କରିବେ; ବାସ୍ତବିକ ଅଲ୍ଲାଃ ଅତ୍ୟନ୍ତ ବଳବାନ (ଓ) ପରାକ୍ରମୀ । (ଅଲ୍‌ହଜ୍:୪୦-୪୧)

ନିଶ୍ଚିତ ରୂପେ ଇସ୍‌ଲାମ୍ ହେଉଛି ଗୋଟିଏ ଶାନ୍ତିପୁର୍ଣ୍ଣ ଧର୍ମ ଏବଂ ସେ ଆକ୍ରମଣ କରିବା ପାଇଁ ଅନୁମତି ଦିଏନାହିଁ ବରଂ କେବଳ ନିଜର ପ୍ରତିରକ୍ଷା ନିମନ୍ତେ ଅନୁମତି ଦେଇଥାଏ ଓ ତାହା ମଧ୍ୟ କେବଳ ଏ କ୍ଷେତ୍ରରେ ଯେତେବେଳେ ଶତ୍ରୁ ମୁସଲ୍‌ମାନ୍‌ମାନଙ୍କ ଉପରେ ପ୍ରଥମେ ଆକ୍ରମଣ କରିଥାଏ । ଏହା କେବଳ ଦାବୀ ହିଁ ନୁହେଁ ବରଂ ମୁସଲ୍‌ମାନ୍‌ମାନେ ଏହିପରି ହିଁ କରିଛନ୍ତି ଓ କଦାପି ଯୁଦ୍ଧ କରିବାରେ ଆଗତୁରା ହୋଇନାହାଁନ୍ତି । ଉପରୋକ୍ତ ପବିତ୍ର ଆୟତ୍‌ରେ ମୁସଲ୍‌ମାନ୍‌ମାନଙ୍କୁ ଅଲ୍ଲାଃତାଲା ନିଜର ପ୍ରତିରକ୍ଷା ପାଇଁ ଅନୁମତି ଦେଇଛନ୍ତି । ତେଣୁ ମୁସଲ୍‌ମାନ୍‌ମାନେ କେବଳ ନିଜ ପ୍ରତିରକ୍ଷା ନିମନ୍ତେ ଯୁଦ୍ଧ ଲଢ଼ିଛନ୍ତି । କେତେକ ଇସ୍‌ଲାମୀୟ ଓ୍ୱଲେମାଗଣ ପ୍ରତିରକ୍ଷା ଯୁଦ୍ଧ କରିବା ପାଇଁ କେତେକ ସର୍ତାବଳୀ ବର୍ଣ୍ଣନା କରିଛନ୍ତି । ତା ବିନା ଜିହାଦ୍ କରିବା ଠିକ୍ ନୁହେଁ ।

(୧)ମୁକରମ୍ ମୌଲାନା ଜଫର୍ ଅଲୀ ଖାନ୍ ସାହେବ୍ ଲେଖୁଛନ୍ତି (୧)ଇମାରତ୍ (୨)ଇସ୍‌ଲାମୀୟ ହୁକୁମତ୍ ବ୍ୟବସ୍ଥା (୩)ଶତ୍ରୁମାନେ ଯୁଦ୍ଧ କରିବା ପାଇଁ ପ୍ରଥମେ ପଦକ୍ଷେପ ନେଇଥିବେ । (ଅଖ୍‌ବାର୍ ଜମିନ୍‌ଦାର୍ ୧୪ଜୁନ୍ ୧୯୩୪)

(୨)ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଇ ସାହେବ୍ ଲେଖୁଛନ୍ତି:- (୧)ମୁସଲ୍‌ମାନଙ୍କ ମଧ୍ୟରେ ଇମାମ୍ ଏବଂ ଖଲିଫାଏ ଓ୍ୱକ୍ତ (ଯୁଗ ଖଲିଫା) ଉପସ୍ଥିତ ଥିବେ (୩)ମୁସଲ୍‌ମାନ୍‌ମାନଙ୍କ ମଧ୍ୟରେ ଏହିଭଳି ବହୁ ସଂଖ୍ୟକ ଲୋକେ ମହଜୁଦ୍ ଥିବେ ଯଦ୍ୱାରା ସେମାନଙ୍କୁ ଇସ୍‌ଲାମୀୟ ବୈଭବ କ୍ଷୁର୍ଣ୍ଣ ହେଉଥିବାର ଭୟ ନଥିବ । (ଅଲ୍ ଇକ୍‌ତେସାଦ୍ ଫି ମସାଇଲିଲ୍ ଜିହାଦ୍, ପୃଷ୍ଠା-୫୧-୫୨)

(୩)ମୌଲବୀ ନଜିର୍ ହୁସେନ୍ ଦେହ୍‌ଲୁଓ୍ୱି ସାହେବ୍ ଲେଖୁଛନ୍ତି:- ଜିହାଦ୍ କରିବା ପାଇଁ ଅନେକ ସର୍ତାବଳୀ ରହିଛି, ଯେପର୍ଯ୍ୟନ୍ତ ସେ ସବୁର ପାଳନ ନହୋଇଛି ସେପର୍ଯ୍ୟନ୍ତ ଜିହାଦ୍ ହେବନାହିଁ । (ଫତାଓ୍ୱା ନଜିରିୟା, ଖଣ୍ଡ-୩, କିତାବୁଲ୍ ଇମାରତେ ଓ୍ୱଲ୍ ଜିହାଦ୍, ପୃଷ୍ଠା-୨୮୨)

ଓ୍ୱଲେମାମାନଙ୍କର ଏହି ଲେଖାରୁ ଜଣାପଡୁଛି ଯେ ସେମାନଙ୍କ ନିକଟରେ ଜିହାଦ୍ ବିସ୍ ସୈଫ୍ (ଅର୍ଥାତ୍ ତରବାରି ସାହାଯ୍ୟରେ ଯୁଦ୍ଧ) ନିମନ୍ତେ ପାଂଚଟି ସର୍ତାବଳୀ ପୁରଣ ହେବା ଜରୁରୀ ଅଟେ । ସେଥିମଧ୍ୟରୁ ଯଦି ଗୋଟିଏର ଅଭାବ ରହିଛି ତେବେ ଯୁଦ୍ଧ ଲଢ଼ାଯାଇପାରିବନାହିଁ ଏବଂ ସେହି ସବୁ ସର୍ତଗୁଡିକ ନିମ୍ନରେ ଦିଆଯାଉଅଛି ।

(୧)ଇମାମେ ଓ୍ୱକ୍ତ ଥିବେ (୨)ଇସ୍‌ଲାମୀୟ ନିଜାମେ ହୁକୁମତ୍ (ଅର୍ଥାତ୍ ସରକାର ବ୍ୟବସ୍ଥା) ରହିଥିବ (୩)ଯୁଦ୍ଧ ଲଢ଼ିବା ପାଇଁ ଅତ୍ୟାବଶ୍ୟକ ଅସ୍ତ୍ରଶସ୍ତ୍ର ଇତ୍ୟାଦି ମହଜୁଦ୍ ଥିବ (୪)ନିଜର କୌଣସି ଏକ ଦେଶ ବା ଭୁଖଣ୍ଡ ରହିଥିବ (୫)ଶତ୍ରୁଙ୍କ ପକ୍ଷରୁ ପ୍ରଥମେ ଯୁଦ୍ଧ ଆରମ୍ଭ ହୋଇଥିବ ।

ଆଜିକାର ମୁସଲ୍‌ମାନ୍ ଓ ସେମାନଙ୍କର ଓ୍ୱଲେମାଗଣ ଯେଉଁମାନେ ଜିହାଦ୍ କରିବାର ସ୍ଲୋଗାନ୍ ଲଗାଉଛନ୍ତି ଏବଂ ନିରୀହ ଲୋକମାନଙ୍କୁ ହତ୍ୟା କରୁଛନ୍ତି ବା କରାଉଛନ୍ତି ତାହା ସହିତ ଏହି ଜିହାଦ୍ ସଙ୍ଗେ ଦୂରରୁ ମଧ୍ୟ କିଛି ସମ୍ପର୍କ ନାହିଁ ଯାହାକୁ ପବିତ୍ର କୋରାନ୍ ଉପସ୍ଥାପନ କରିଛି । ଯଦି ଏହା ପବିତ୍ର କୋରାନ୍ ଅନୁସାରେ ଜିହାଦ୍ ହୋଇଥାଆନ୍ତା ତେବେ ଅଲ୍ଲାଃତାଲା ନିଶ୍ଚିତ ରୂପେ ସେମାନଙ୍କୁ ବିଜୟ ପ୍ରଦାନ କରିଥାଆନ୍ତା କିନ୍ତୁ ଇତିହାସ ସାକ୍ଷୀ ରହିଛି ଯେ ସେମାନଙ୍କୁ ପ୍ରତିକ୍ଷେତ୍ରରେ ପରାଜୟ ମିଳିଛି ଓ ସେମାନେ ଅସଫଳ ହୋଇଛନ୍ତି ।

ସୁତରାଂ ଏକଥାକୁ ବୁଝିବାର ଆବଶ୍ୟକତା ରହିଛି ଯେ ଇସ୍‌ଲାମ୍‌ର ଶାନ୍ତିପୂର୍ଣ୍ଣ ଶିକ୍ଷା ଥିବା ସତ୍ତ୍ୱେ ମଧ୍ୟ ମୁସଲ୍‌ମାନ୍‌ମାନଙ୍କ ମଧ୍ୟରେ ଜିହାଦ୍‌ର ଭୁଲ୍ ଅର୍ଥ କେଉଁଠାରୁ ଆସିଗଲା । ସୁତରାଂ ଏହା ମଧ୍ୟ ଇସ୍‌ଲାମ୍‌ର ଶତ୍ରୁମାନଙ୍କର ଯୋଜନା ଥିଲା । ଶତ୍ରୁମାନେ ଦେଖିଲେ ଯେ ବର୍ତମାନ ଇସ୍‌ଲାମ୍ ଉନ୍ନତି କରିଚାଲିଛି ଏବଂ ସେମାନେ ତା ସହିତ ମୁକାବିଲା କରିବା ପାଇଁ ଅସମର୍ଥ ଓ ଅନ୍ୟପଟେ ସେମାନେ ତାକୁ ବର୍‌ବାଦ୍ କରିଦେବା ପାଇଁ ଓ ବଦ୍‌ନାମ୍ କରିବା ପାଇଁ ଚାହୁଁଥିଲେ । ତେଣୁ ସେମାନେ ଇସ୍‌ଲାମ୍‌ରେ ସାମିଲ୍ ହୋଇ ଭୁଲ୍ ପ୍ରଥାଗୁଡିକୁ ପ୍ରଚାର ପ୍ରସାର କରିବା ଆରମ୍ଭ କରିଦେଲେ ଓ ଇସ୍‌ଲାମ୍ ମଧ୍ୟରେ ବହୁତ ଗୁଡିଏ ଭୁଲ୍ ବୁଝାମଣା ସୃଷ୍ଟି କରିଦେଲେ ଏବଂ ସେମାନଙ୍କ ଦ୍ୱାରା ପ୍ରଚାର ପ୍ରସାର କରାଯାଇଥିବା ଭୁଲ୍ ବୁଝାମଣାର ମୁସଲ୍‌ମାନ୍‌ମାନେ ଶିକାର ହୋଇଗଲେ । ଏହି ଭୁଲ୍ ବୁଝାମଣାର ମୁଳୋତ୍ପାଟନ ପାଇଁ ଅଲ୍ଲାଃତାଲା ଏବେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ କାଦିଆନୀଙ୍କୁ ମସିହ୍ ମଉଦ୍ ଓ ଇମାନ୍ ମେହ୍‌ଦୀ ବନାଇ ପ୍ରେରଣ କଲେ ଓ ସେ ଜିହାଦ୍‌ର ବାସ୍ତବିକତାକୁ ବ୍ୟାଖ୍ୟା କରି ତାହାର ଭୁଲ୍ ବୁଝାମଣାକୁ ଦୂର କଲେ ଏବଂ ଜିହାଦ୍‌କୁ ବାତିଲ୍ ହୋଇଯିବାର ଘୋଷଣା କଲେ ଏବଂ ଏହି ବାତିଲ୍‌କୁ ସେ କଦାପି ନିଜ ତରଫରୁ କରିନାହାଁନ୍ତି ବରଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ କରିଛନ୍ତି ଯେ ମସିହ୍ ମଉଦ୍ ଏବଂ ଇମାମ୍ ମେହ୍‌ଦୀଙ୍କ ଯୁଗରେ ଧର୍ମଯୁଦ୍ଧ ବାତିଲ୍ ହୋଇଯିବ । ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ***ଯଜଉଲ୍ ହର୍‌ବ୍*** ଅର୍ଥାତ୍ ସେ ଯୁଦ୍ଧକୁ ଶେଷ କରିଦେଲେ । (ବୁଖାରୀ କିତାବୁଲ୍ ଅମ୍ବିୟା, ବାଆବ୍ ନୋଜୁଲେ ଇସା ଇବ୍‌ନେ ମରିୟମ୍) ସୁତରାଂ ଜମାତ୍ ଅହେମଦୀୟାର ସଂସ୍ଥାପକ ମସିହ୍ ମଉଦ୍ ଏବଂ ମେହ୍‌ଦୀ ହେବାର ମୁଦେଇ ଥିଲେ ଏବଂ ଆଁ ହଜ୍‌ରତ୍‌ଙ୍କ ପେଶ୍‌ଗୋଇ ମୁତାବକ ଯୁଦ୍ଧ କରିବାର ସର୍ତାବଳୀ ନଥିବା ଯୋଗୁ ତାହାକୁ ବାତିଲ୍ କରିବା ପାଇଁ ଘୋଷଣା କଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

*ଅବ୍ ଛୋଡ୍ ଦୋ ଜିହାଦ୍ କା ଅଏ ଦୋସ୍‌ତୋ ଖୟାଲ୍*
*ଦିଁ କେ ଲିଏ ହରାମ୍ ହୈ ଅବ୍ ଜଙ୍ଗ୍ ଓ୍ୱ କତାଲ୍*
*କୁଁୟ ଭୁଲ୍‌ତେ ହୋ ତୁମ୍ ଯଜଉଲ୍ ହରବ୍ କି ଖବର୍*
*କ୍ୟା ୟେ ନେହିଁ ବୁଖାରୀ ମେ ଦେଖୋ ତ ଖୋଲ୍ କର୍*

(ଅର୍ଥାତ୍- ହେ ବନ୍ଧୁମାନେ ଏବେ ଜିହାଦ୍‌ର ଭାବନାକୁ ପରିତ୍ୟାଗ କର କାରଣ ଧର୍ମପାଇଁ ଏବେ ଯୁଦ୍ଧ ଓ ଲଢ଼ାଇ କରିବା ହରାମ୍ ହୋଇଯାଇଛି । କାହିଁକି ତୁମେ ଧର୍ମ ଶେଷ ହୋଇଯିବାର ଖବରକୁ ଭୁଲିଯାଉଛ, କ'ଣ ଏହା ବୁଖାରୀରେ ନାହିଁ, ଟିକେ ଖୋଲିକି ଦେଖ ତ)

(ରୁହାନି ଖଜାଏନ୍, ଖଣ୍ଡ-୧୭, ତୋହ୍‌ଫା ଗୋଲଡୁଓ୍ୱିୟା, ପୃଷ୍ଠା-୭୭-୭୮)

ପୁଣି ଆପଣ ଆ:ସ କହୁଛନ୍ତି- ଏକଥାରେ କୌଣସି ସନ୍ଦେହ ନାହିଁ ଯେ ଏ ଯୁଗରେ ଓ ଏ ଦେଶରେ ଜିହାଦ୍ କରିବାର ସର୍ତାବଳୀ ଗୁଡିକ ଶେଷ ହୋଇଯାଇଛି..... ଶାନ୍ତି ଏବଂ ସଦ୍‌ଭାବନାର ଯୁଗରେ ଜିହାଦ୍ କରାଯାଇନପାରେ । (ରୁହାନି ଖଜାଏନ୍, ଖଣ୍ଡ-୧୭, ତୋହ୍‌ଫା ଗୋଲଡୁଓ୍ୱିୟା, ପୃଷ୍ଠା-୮୨, ଆରବୀ ବାକ୍ୟର ଅନୁବାଦ)

ଆପଣ ଆ:ସ ଏହା ମଧ୍ୟ କହିଛନ୍ତି ଯେ "ମୋମିନ୍ ମାନଙ୍କ ପାଇଁ (ସେତେବେଳେ ଯୁଦ୍ଧ କରିବା) ଜରୁରୀ ଅଟେ ଯେତେବେଳେ ତାଙ୍କ ସହିତ ଯୁଦ୍ଧ କରାଯାଉଥିବ ଏବଂ ସେମାନେ ଖ୍ୟାନ୍ତ ହେଉନଥିବେ" । (ରୁହାନି ଖଜାଏନ୍, ଖଣ୍ଡ-୮, ନୁରୁଲ୍ ହକ୍, ପ୍ରଥମ ଭାଗ, ପୃଷ୍ଠା-୬୨)

ଅବଶ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜିହାଦ୍ ବିସ୍ ସୈଫ୍‌କୁ ବାତିଲ୍ କରିବାର ଘୋଷଣା କରିଛନ୍ତି । କିନ୍ତୁ ତତ୍‌ସହିତ ଏହା ମଧ୍ୟ କହିଛନ୍ତି ଯେ ଯେତେବେଳେ ଜିହାଦ୍ କରିବା ପାଇଁ ସର୍ତଗୁଡିକ ପୁରଣ ହେଉଥିବ ସେତେବେଳେ ଏହି ଜିହାଦ୍ ମଧ୍ୟ ହେବ । ଆପଣ ଆ:ସ ସ୍ପଷ୍ଟ ଭାବେ ଏକଥା କହିଛନ୍ତି ଯେ "ଆମ (ଅହ୍‌ଲେ ଇସ୍‌ଲାମ୍‌କୁ ଅର୍ଥାତ୍ ମୁସଲ୍‌ମାନମାନଙ୍କ ପାଇଁ) ଏ ନିର୍ଦ୍ଦେଶ ମଧ୍ୟ ରହିଛି ଯେ ଶତ୍ରୁ ଯେଉଁଭଳି ଆମ ବିରୋଧରେ ପ୍ରସ୍ତୁତି ଚଳାଇଥିବ ଆମେ ମଧ୍ୟ ତା ବିରୋଧରେ ସେହିପରି ପ୍ରସ୍ତୁତି ଚଳାଇବା" (ରୁହାନି ଖଜାଏନ୍, ଖଣ୍ଡ-୧୪, ହକିକତୁଲ୍ ମେହ୍‌ଦୀ, ପୃଷ୍ଠା-୪୫୪)

ସୁତରାଂ ହେ ସମ୍ମାନୀୟ ପାଠକେ! ପବିତ୍ର କୋରାନ୍‌ର ଅଧ୍ୟୟନ କରିବା ଦ୍ୱାରା ଆମକୁ ଏହା ଜ୍ଞାନ ମିଳୁଛି ଯେ ସର୍ବପ୍ରଥମ ସ୍ତରର ଜିହାଦ୍ ହେଉଛି ତାହା ଯାହାକୁ ମଣିଷ ନିଜ ବିରୋଧରେ ବ୍ୟବହାର କରିଥାଏ ଓ ତା ସାହାଯ୍ୟରେ ନିଜକୁ ପାପ କାର୍ଯ୍ୟ ଓ କୁକର୍ମରୁ ବଂଚାଇଥାଏ ଏବଂ ପୁଣ୍ୟ କାର୍ଯ୍ୟ କରିବା ସାହାଯ୍ୟରେ ଆଧାତ୍ମିକତାରେ ଉନ୍ନତି କରି ନିଜକୁ ପବିତ୍ର ଏବଂ କର୍ମଠ ବ୍ୟକ୍ତି ବନାଇଥାଏ । ତେବେ ଏହାପରେ ତାକୁ ଦ୍ୱିତୀୟ ସ୍ତରର ଜିହାଦ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଅର୍ଥାତ୍ ପବିତ୍ର କୋରାନ୍‌ର ଶିକ୍ଷାଗୁଡିକୁ ଅନ୍ୟମାନଙ୍କ ନିକଟରେ ସେ ପହଂଚାଉ । ପ୍ରେମ, ସ୍ନେହ ଏବଂ ଦଲିଲ୍ ଜରିଆରେ ଏହି ଧର୍ମ ଶିକ୍ଷାକୁ ଲୋକମାନଙ୍କ ନିକଟରେ ପରିଚିତ କରାଉ ଏବଂ ତୃତୀୟସ୍ତରର ଜିହାଦ୍ ହେଉଛି ତାହା ଯାହାକୁ ଜିହାଦେ ଅସ୍‌ଗର୍ ଅର୍ଥାତ୍ ଛୋଟ ଜିହାଦ୍ କୁହାଯାଇଥାଏ । ତାକୁ କେବଳ ସେତେବଳେ ହିଁ ଅନୁମତି ଦିଆଯାଇଥାଏ ଯେତେବେଳେ ତା ଉପରେ ଅତ୍ୟାଚାର ହୋଇଥାଏ ଏବଂ ତାକୁ ରବ୍‌ବୁନଲ୍ଲାହୁ ଅର୍ଥାତ୍ ଅଲ୍ଲାଃ ହେଉଛନ୍ତି ଆମର ପାଳନକର୍ତା କହିବାରୁ ରୋକାଯାଇଥାଏ । ଯେତେବେଳେ ସେ ଏହି ଜିହାଦ୍‌କୁ କରିଥାଏ ସେତେବେଳେ ଖୁଦାତାଲା ମଧ୍ୟ ତାକୁ ସାହାଯ୍ୟ ସହଯୋଗ କରିବା ପାଇଁ ଚାଲିଆସିଥାନ୍ତି । ଏବଂ ଚତୁର୍ଥ ଜିହାଦ୍ ହେଉଛି ଜିହାଦ୍ ବିଲ୍‌ମାଲ୍ ଅର୍ଥାତ୍ ଖୁଦାତାଲାଙ୍କ ମାର୍ଗରେ ଧାର୍ମିକ ଆବଶ୍ୟକତା ଗୁଡିକୁ ପୁରଣ କରିବା ଖାତିର୍ ମାଲି କୁର୍ବାନୀ କରିବା ଓ ସେଥିରେ ବଢ଼ିଚଢ଼ି କରି ଭାଗନେବା ।

ସୁତରାଂ ଆଜି ଜମାତ୍ ଅହେମଦୀୟା କୌଣସି ଜିହାଦ୍ କରିବା କ୍ଷେତ୍ରରେ ପଛୁଆ ନାହିଁ ବରଂ ଏତେ ଆଗରେ ରହିଛି ଯେ ଅନ୍ୟ କେହି ତାର ଧୁଳିକୁ ମଧ୍ୟ ପହଂଚି ପାରିବ ନାହିଁ । ତାହା ଇସ୍‌ଲାହେ ନଫ୍‌ସ୍ ଅର୍ଥାତ୍ ନିଜକୁ ସୁଧାରିବାର ଜିହାଦ୍ ହେଉ, ତାହା ପବିତ୍ର କୋରାନ୍‌ର ଶିକ୍ଷା ସାହାଯ୍ୟରେ ଜିହାଦ୍ ହେଉ । ତାହା ମାଲି କୁର୍ବାନୀ କରିବାର ଜିହାଦ୍ ହେଉ । ବିରୋଧପୁର୍ଣ୍ଣ ଚେଷ୍ଟା ହେବା ସତ୍ତ୍ୱେ ମଧ୍ୟ ପ୍ରତିକ୍ଷେତ୍ରରେ ଜମାତ୍ ଅହେମଦୀୟା ସଫଳତାର ଧ୍ୱଜାକୁ ପୋତି ଚାଲିଛି ଏବଂ ନିଜେ ଶତ୍ରୁମାନେ ମଧ୍ୟ ଏକଥାକୁ ସ୍ୱୀକାର କରୁଛନ୍ତି ।

ସୁତରାଂ ଅଲ୍ଲାଃତାଲା ଜମାତ୍ ଅହେମଦୀୟାକୁ ପ୍ରତି କ୍ଷେତ୍ରରେ ଜିହାଦ୍ କରିବା ପାଇଁ ଓ ସେଥିରେ ଆଗକୁ ବଢ଼ିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

# ରସୁଲୁଲ୍ଲାଃ ସ:ଆ:ସଙ୍କ ଆଦର୍ଶମୟ ଜୀବନ ଦୃଷ୍ଟିକୋଣରୁ ଜିହାଦର୍ ଅସଲ ଭାବ

(ଫଲାହୁଦ୍ଦିନ୍ କମର୍, ମୁରବୀ ସିଲ୍‌ସିଲା, ନିଜାରତେ ଉଲିୟା, ଜୁନୁବି ହିନ୍ଦ୍, କାଦିଆନ୍)

ଯେଉଁଭଳି ଇସ୍‌ଲାମ୍ ଧର୍ମ ହେଉଛି ଏକ ସମ୍ପୂର୍ଣ୍ଣ ଧର୍ମ ସେହିପରି ଇସ୍‌ଲାମ୍ ଧର୍ମର ରସୁଲ୍ ମଧ୍ୟ ସମ୍ପୂର୍ଣ୍ଣ ରସୁଲ୍ (ଅବତାର) ଅଟନ୍ତି । ଇସ୍‌ଲାମ୍‌ର ଶରୀୟତ୍ ଏକ ପୁର୍ଣ୍ଣ ଶରୀୟତ୍ ଅଟେ ଏବଂ ଏପରି ଏକ ପୂର୍ଣ୍ଣ ଜୀବନଶୈଳୀ ଅଟେ କି ଯାହା ଜୀବନର ପ୍ରତିକ୍ଷେତ୍ରରେ ମନୁଷ୍ୟର ମାର୍ଗଦର୍ଶନ କରିଥାଏ । ମନୁଷ୍ୟକୁ ତା'ର ଜନ୍ମହେବାର ଉଦ୍ଦେଶ୍ୟ ସମ୍ବନ୍ଧରେ ଜ୍ଞାନ ଦେଇଥାଏ ଏବଂ ତାକୁ ଜୀବନର ସିଦ୍ଧାନ୍ତ ଶିଖାଇଥାଏ । ଏବଂ ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ନିଜର ସୁନ୍ନତେ ମୁବାରକା (ଅର୍ଥାତ୍ ପବିତ୍ର କାର୍ଯ୍ୟଶୈଳୀ) ଏବଂ ଆହାଦିସେ ନବୱିୟାର ଏକ ମହାନ୍ ଭଣ୍ଡାର ଉମ୍ମତେ ମୁସ୍‌ଲେମା ପାଇଁ ଛାଡି ଯାଇଛନ୍ତି ଯାହା କୟାମତ୍ ପର୍ଯ୍ୟନ୍ତ ଉମ୍ମତ୍ ପାଇଁ ମାର୍ଗଦର୍ଶକ ହୋଇରହିବ ଏବଂ ତୃଷାର୍ତ୍ତ ଆତ୍ମାମାନଙ୍କର ତୃଷ୍ଣା ମେଂଟାଇବ । ଇସ୍‌ଲାମ୍ ଧର୍ମ ଯେଉଁଠି ଜୀବନର ବିଭିନ୍ନ ବିଭାଗ ଉପରେ କାଇଦା କାନୁନ୍ ଓ ଜୀବନଶୈଳୀ ସମ୍ବନ୍ଧରେ ପରିଚୟ କରାଇଥାଏ ସେଠାରେ ଯଦି କେବେ ଇସ୍‌ଲାମ୍‌ର ଶତ୍ରୁମାନଙ୍କ ତରଫରୁ ଜୋର୍ ଜବରଦସ୍ତି ଯୁଦ୍ଧ ଥୋପି ଦିଆଯାଏ ତେବେ ନିଜର ପ୍ରତିରକ୍ଷା ନିମନ୍ତେ ପରିସ୍ଥିତି ଓ କାଇଦା କାନୁନ୍ ମଧ୍ୟ ବତାଇଥାଏ ଏବଂ ଏହାର ଛବି ଆମକୁ ଆମ ପ୍ରିୟ ଆକା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ବୈଭବପୂର୍ଣ୍ଣ ଜୀବନରେ ଦେଖିବାକୁ ମିଳୁଅଛି । ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ମୋମିନ୍‌ମାନଙ୍କୁ ସମ୍ବୋଧନ କରି କହୁଛନ୍ତି- ***ଲକଦ୍ କାନା ଲକୁମ୍ ଫି ରସୁଲିଲ୍ଲାହି ଉସ୍‌ୱତୁନ୍ ହସନତୁଲ୍ ଲିମନ୍ କାନା ୟର୍‌ଜୁଲ୍ଲାହା ୱଲୟୋମଲ୍ ଆଖିରା ୱ ଜକରଲ୍ଲାହା କସିରା*** (ସୁରତୁଲ୍ ଅହ୍‌ଜାବ୍:୨୨) ଅର୍ଥାତ୍ ନିଶ୍ଚିତ ରୂପେ ତୁମମାନଙ୍କ ସକାଶେ (ଅର୍ଥାତ୍ ସେହି ଲୋକମାନଙ୍କ ସକାଶେ) ଯେଉଁମାନେ ଅଲ୍ଲାଃ ଓ ଅନ୍ତିମ ଦିବସର ସାକ୍ଷାତ୍ ବିଷୟରେ ଆଶା ପୋଷଣ କରନ୍ତି ଏବଂ ଅଲ୍ଲାଃଙ୍କୁ ବହୁତ ସ୍ମରଣ କରନ୍ତି, ଅଲ୍ଲାଃଙ୍କ ରସୁଲ୍‌ଙ୍କ ଠାରେ ଉତମ ଚରିତ୍ରର ଏକ ଉଚ୍ଚ ଆଦର୍ଶ ରହିଅଛି (ଯାହାକୁ ଅନୁସରଣ କରିବା ସେମାନଙ୍କ ପକ୍ଷରେ ଉଚିତ୍)

ବର୍ତମାନ ଯୁଗରେ ଇସ୍‌ଲାମ୍‌ର ବିରୋଧିମାନଙ୍କ ତରଫରୁ ବିଭିନ୍ନ ପ୍ରକାରର ଆପତି ଅଭିଯୋଗ ଜରିଆରେ ଇସ୍‌ଲାମ୍‌କୁ ବଦ୍‌ନାମ୍ କରିବା ପାଇଁ ଇସ୍‌ଲାମ୍ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଉଛି । ସେଥିମଧ୍ୟରୁ ଗୋଟିଏ ବଡ ଆପତି ହେଉଛି ଏହା କି ଜିହାଦ୍‌କୁ ନେଇ ଇସ୍‌ଲାମ୍ ପରି ଶାନ୍ତିପ୍ରିୟ ଧର୍ମକୁ ସନ୍ତ୍ରାସବାଦ ସହିତ ଯୋଡାଯାଉଅଛି । ଇସ୍‌ଲାମ୍‌ର ଶତ୍ରୁମାନେ ଏ ଦୁନିଆ ସମ୍ମୁଖରେ ଏକଥା ଉପସ୍ଥାପନ କରୁଛନ୍ତି ଯେ ନଉଜୁବିଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ଶରଣ) ଇସ୍‌ଲାମ୍ ସନ୍ତ୍ରାସବାଦ କାର୍ଯ୍ୟକଳାପ ପାଇଁ ନିର୍ଦ୍ଦେଶ ଦେଉଅଛି ଏବଂ ଜୋର୍ ଜବରଦସ୍ତି ବାହୁବଳ ପ୍ରୟୋଗ କରି ଲୋକମାନଙ୍କୁ ମୁସଲ୍‌ମାନ୍ ବନାଇବାକୁ ଉଚିତ୍ ମଣୁଛି ଏବଂ କେତେକ ଏପରି ଅଛନ୍ତି ଯେଉଁମାନେ ନିଜର ଅନ୍ଧ ଶତ୍ରୁତାର ଜୋସ୍‌ରେ ଏକଥା ମଧ୍ୟ କହିଦେଉଛନ୍ତି ଯେ ନଉଜୁବିଲ୍ଲାଃ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ତରବାରି ସାହାଯ୍ୟରେ ଇସ୍‌ଲାମ୍‌ର ପ୍ରଚାର ପ୍ରସାର କରିଛନ୍ତି । ଏହି ଅଭିଯୋଗ ଗୁଡିକର ସବୁଠାରୁ ବଡ କାରଣ ହେଉଛି ପ୍ରଥମତଃ ଇସ୍‌ଲାମ୍‌ର ଶତ୍ରୁମାନେ ଶତ୍ରୁତାରେ ଅନ୍ଧ ହୋଇଯାଇଛନ୍ତି ଓ ଦ୍ୱିତୀୟତଃ ମୁସଲ୍‌ମାନ୍ ଓ୍ୱଲେମାମାନଙ୍କର ଜିହାଦ୍ ସମ୍ବନ୍ଧରେ ଭୁଲ୍ ବ୍ୟାଖ୍ୟା ଯେବେକି ବାସ୍ତବରେ ଏହାର ବିଲ୍‌କୁଲ୍ ବିପରୀତ । ଆଜି ଆମେ ରସୁଲେ କରିମ୍ ସ:ଆ:ସଙ୍କ ବୈଭବପୁର୍ଣ୍ଣ ଜୀବନ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ବୈଭବପୁର୍ଣ୍ଣ ନମୁନାରୁ ଜିହାଦ୍‌କୁ ବୁଝିବା ପାଇଁ ଚେଷ୍ଟା କରିବା ଯଦ୍ୱାରା ଜିହାଦ୍‌ର ବାସ୍ତବିକ୍ ଅର୍ଥକୁ ଆମେ ବୁଝିପାରିବା ।

ସୁତରାଂ ସ୍ପଷ୍ଟ ହେଉ ଯେ "ଜିହାଦ" ଶବ୍ଦଟି ଆରବୀ ଭାଷାର ମୂଳ ଶବ୍ଦ "ଜହଦ"ରୁ ବାହାରିଛି । ତାହାର ଅର୍ଥ ହେଉଛି କଷ୍ଟ ବର୍‌ଦାସ୍ତ କରିବା । ଜିହାଦ୍‌ର ଅର୍ଥ ହେଉଛି କୌଣସି କାର୍ଯ୍ୟରେ ସମ୍ପୂର୍ଣ୍ଣ ଚେଷ୍ଟା କରିବା ଓ ସେଥିରେ କୌଣସି ପ୍ରକାରର ଅବହେଳା କରିବାକୁ ଦେବାନାହିଁ । (ତାଜୁଲ୍ ଉରୁସ୍)

ସୁତରାଂ ପବିତ୍ର କୋରାନ୍ ଏବଂ ଆହାଦିସ୍‌ରେ ଜିହାଦ୍‌ର ବହୁତ ଗୁଡିଏ କିସମ ବର୍ଣ୍ଣନା କରାଯାଇଛି କିନ୍ତୁ ମୋଟାମୋଟି ତିନୋଟି କିସମ୍‌କୁ ବର୍ଣ୍ଣନା କରାଯାଇଥାଏ ଓ ପ୍ରକୃତରେ ଏହି ତିନୋଟି ହିଁ ହେଉଛି ତାର ଅସଲ ସିଦ୍ଧାନ୍ତ । ସେଗୁଡିକୁ ନିମ୍ନରେ ବର୍ଣ୍ଣନା କରାଗଲା:- (୧)ଜିହାଦେ ଅକ୍‌ବର୍ ଅର୍ଥାତ୍ ଜିହାଦେ ବିଲ୍ ନଫ୍‌ସ୍ (୨)ଜିହାଦେ କବିର୍ ଅର୍ଥାତ୍ ଜିହାଦ୍ ବିଲ୍ କୁର୍‌ଆନ୍ (୩)ଜିହାଦେ ଅସ୍‌ଗର୍ ଅର୍ଥାତ୍ ଜିହାଦ୍ ବିସ୍ ସୈଫ୍ ।

### (୧) ଜିହାଦେ ଅକ୍‌ବର୍ ଅର୍ଥାତ୍ ଜିହାଦେ ବିଲ୍ ନଫ୍‌ସ୍
### (ନିଜ ମନ ସହିତ ଜିହାଦ୍ କରିବା)

ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ୬୩ବର୍ଷ ବିଶିଷ୍ଟ ବୈଭବପୂର୍ଣ୍ଣ ଜୀବନରେ ଜିହାଦେ ଅକ୍‌ବର୍‌ର ଧାରା ମକ୍କା ମୋକରମାରେ ଗାରେ ହିରା (ଅର୍ଥାତ୍ ହିରା ପାହାଡର ଗୁମ୍ଫା)ର ଅନ୍ଧକାରଠାରୁ ନେଇ ମଦିନା ମନଓ୍ୱରାର ସାହି ବିଜୟ ପର୍ଯ୍ୟନ୍ତ ବ୍ୟାପି ରହିଛି । ଆପଣ ସ:ଆ:ସଙ୍କ ଜୀବନର ପ୍ରତିଟି କ୍ଷଣ ଜିହାଦେ ଅକ୍‌ବର୍ ଅର୍ଥାତ୍ ନିଜ ଶରୀର ଓ ମନ ସହିତ ଜିହାଦ୍ କରିବାରେ ବ୍ୟସ୍ତ ରହିଥିଲା । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ ଜୁହ୍‌ଦୋ କିନାତ୍, ତକ୍‌ୱା ତାହାରତ୍, ଇଖ୍‌ୱତ୍ ୱ ମରୱତ୍ ଏବଂ ସିଦ୍‌କୋ ଅମାନତ୍ (ଅର୍ଥାତ୍ ସୁଖରେ ଦୁଃଖରେ, ଧର୍ମପରାୟଣତା ଓ ପବିତ୍ରତାରେ, ଭାଇଚାରା ଓ ମନୁଷ୍ୟତାରେ ଏବଂ ସଦାଚାରିତା)ରେ ଏପରି ଉଚ୍ଚତମ ଦୃଷ୍ଟାନ୍ତ ସ୍ଥାପନ କରିଦେଲେ ଯେ ଶତ୍ରୁମାନେ ମଧ୍ୟ ଆପଣ ସ:ଆ:ସଙ୍କୁ ସୁଦୁକ୍ ୱ ଅମିନ୍ ଅର୍ଥାତ୍ ସଦାଚାରି ଓ ବିଶ୍ୱସନୀୟ ବ୍ୟକ୍ତିର ଉପାଧି ନଦେବା ବିନା ରହିପାରିଲେ ନାହିଁ ।

ସୁତରାଂ ହଦିସ୍‌ରେ ଆସୁଛି ଯେ ଯେତେବେଳେ ଆପଣ ସ:ଆ:ସ ନବୁୱତ୍‌ର ଦାବି କଲେ ସେତେବେଳେ ମକ୍କାର ଅଧିବାସୀମାନଙ୍କ ତରଫରୁ ଆପଣ ସ:ଆ:ସ ଏବଂ ଆପଣଙ୍କର ଅନୁଯାୟୀମାନଙ୍କ ଉପରେ ଅତ୍ୟାଚାରର ଧାରା ଆରମ୍ଭ ହୋଇଗଲା ଓ ତାହା ଦିନକୁ ଦିନ ବଢ଼ିଚାଲିଲା । ଯେଉଁଲୋକମାନେ ଆପଣ ସ:ଆ:ସଙ୍କ ପଡୋଶୀ ଥିଲେ ସେମାନଙ୍କର ଏହି କାର୍ଯ୍ୟ ନିତଦିନିଆ ଥିଲା ଯେ ସେମାନେ ଆପଣ ସ:ଆ:ସଙ୍କ ଘର ଉପରକୁ ପଥର ପିଙ୍ଗିଥାନ୍ତି ଏବଂ ଦୁଆର ମୁହଁରେ କଂଟା ପକାଇଦିଅନ୍ତି । ଏକଦା ଆପଣ ସ:ଆ:ସ କାବା ନିକଟରେ ନମାଜ ପଢୁଥିଲେ । ଏହିପରି ଅବସ୍ଥାରେ ଉକ୍‌ବା ବିନ୍ ଅବି ମୁଇତ୍ ଆପଣ ସ:ଆ:ସଙ୍କ ବେକରେ କପଡା ଦ୍ୱାରା ଏତେ ମାତ୍ରାରେ ଚିପିଦେଲା ଯେ ଆପଣ ସ:ଆ:ସଙ୍କର ଶ୍ୱାସ ରୁଦ୍ଧ ହେବାକୁ ଲାଗିଲା । ଯେତେବେଳେ ଏକଥା ହଜ୍‌ରତ୍ ଅବୁ ବକର୍ ର:ଅ ଜାଣିବାକୁ ପାଇଲେ ସେ ଦଉଡି ଆସି ଆପଣ ସ:ଆ:ସଙ୍କୁ ସେହି ଅଭାଗା ବ୍ୟକ୍ତିଙ୍କ ଧୃଷ୍ଟତାରୁ ବଂଚାଇଲେ । ଆଉଥରକ ଘଟଣ ହେଉଛି ଏପରି ଯେ ଏକଦା ଆପଣ ସ:ଆ:ସ ନମାଜ ପଢୁଥିଲେ ଓ ଯେତେବେଳେ ଆପଣ ସଜ୍‌ଦା କରିବାକୁ ଲାଗିଲେ ସେତେବେଳେ କେହିଜଣେ ଆପଣଙ୍କ ଉପରେ ଓଟର ଉଝୁଡି (ପୁଟା) ଆଣି ରଖିଦେଲା । ସେହି ପୁଟାର ବୋଝଦ୍ୱାରା ସେ ସମୟରେ ଆପଣ ସ:ଆ:ସ ନିଜର ମୁଣ୍ଡକୁ ଉଠାଇପାରିଲେ ନାହିଁ, ଯେପର୍ଯ୍ୟନ୍ତ କିଛି ଲୋକ ଆସି ଉକ୍ତ ପୁଟାଟିକୁ ଆପଣ ସ:ଆ:ସଙ୍କ ପିଠି ଉପରୁ ବାହାର କରି ନଦେଲେ ।

(ସହି ବୁଖାରୀ କିତାବୁସ୍ ସଲାତ୍)

ଏହି ସବୁ ପ୍ରକାରର ଅତ୍ୟାଚାର ମୂଳକ କାରବାଇ ସତ୍ୱେ ମଧ୍ୟ ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଅଫୁ ୱ ଦର୍‌ଗୁଜର୍ ଅର୍ଥାତ୍ କ୍ଷମା ଆଚରଣ କରିବାର ଜିହାଦ୍ କରି ସର୍ବଦା କୁ କାର୍ଯ୍ୟର ଉତର ପୁଣ୍ୟ କାର୍ଯ୍ୟଦ୍ୱାରା, ଦୁଆ ଦ୍ୱାରା ଏବଂ ସଦୟ ବ୍ୟବହାର ଦ୍ୱାରା ଦେଉଥିଲେ କାରଣ ଏହା ହେଉଛି ସେହି ମହାନ୍ ଜିହାଦ୍ ଯେଉଁଥିପାଇଁ ଆପଣ ସ:ଆ:ସଙ୍କୁ ପ୍ରେରଣ କରାଯାଇଥିଲା । ସୁତରାଂ ରିୱାୟତ୍‌ରେ ଆସୁଛି ଯେ *ଅନିନ୍ନବି ସ୍ୱଲଲ୍ଲାହୋ ଆଲୈହେ ୱସଲ୍ଲମ୍........ କାଲା ୱହିୟା ମୁଜାହିଦତୁନ୍ ନଫ୍‌ସ୍* (କନଜୁଲ୍ ଅମ୍ମାଲ୍, କିତାବୁଲ୍ ଜିହାଦ୍, ଜିହାଦିଲ୍ ଅକ୍‌ବର୍ ମିନଲ୍ ଆମାଲ୍, ଖଣ୍ଡ-୪, ହଦିସ୍ ୧୧୨୬୦, ମୁଦ୍ରଣ ମକ୍‌ତବତୁଲ୍ ତୁରାସୁଲ୍ ଇସ୍‌ଲାମୀ ହଲବ୍) ଅନୁବାଦ:- ଏକଦା ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଗୋଟିଏ ଯୁଦ୍ଧରୁ ଲେଉଟୁଥିଲେ ସେତେବେଳେ ଆପଣ ସ:ଆ:ସ କହିଲେ ଯେ ଆମେ ସବୁଠାରୁ ଛୋଟ ଜିହାଦ୍ ଅର୍ଥାତ୍ ଯୁଦ୍ଧରୁ ଲେଉଟୁ ଅଛେ ଏବଂ ସବୁଠାରୁ ବଡ ଜିହାଦ୍, ଜିହାଦେ ଅକ୍‌ବର୍ ଅର୍ଥାତ୍ ନିଜ ମନ ସହିତ ଜିହାଦ୍ କରିବା ପାଇଁ ଯାଉଅଛେ ।

ଆଉ ଏକ ରିୱାୟତ୍‌ରେ ଆସୁଛି ଯେ ଆପଣ ସ:ଆ:ସ କହିଛନ୍ତି କି *ଅଲ୍ ମୁଜାହିଦୋ ମନ୍ ଯାହାଦା ନଫ୍‌ସହୁ ଫି ତାଅତିଲ୍ଲାହି* (ମିଶ୍‌କାତ୍ କିତାବୁଲ୍ ଇମାନ) ଅର୍ଥାତ୍ ଜିହାଦ୍ ହେଉଛି ତାହା ଯାହାକୁ ଅଲ୍ଲାଃତାଲାଙ୍କ ଆଜ୍ଞା ପାଳନ କରି ନିଜର ମନ ସହିତ ଲଢ଼େଇ କରିବାକୁ ହୋଇଥାଏ ।

ସୁତରାଂ ସବୁଠାରୁ ବଡ ଜିହାଦ୍ ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଜିହାଦ୍ ବିନ୍ ନଫ୍‌ସ୍ କୁ ଅଭିହିତ୍ କରିଛନ୍ତି ଏବଂ ଆପଣ ସ:ଆ:ସଙ୍କର କାର୍ଯ୍ୟ ନମୁନା ଏକଥା ସାକ୍ଷୀ ରହିଛି ଯେ ଆପଣ ସ:ଆ:ସ ଶେଷ ନିଃଶ୍ୱାସ ପରିତ୍ୟାଗ କରିବା ପର୍ଯ୍ୟନ୍ତ ଏହି ଜିହାଦ୍ ଉପରେ ପ୍ରତିଷ୍ଠିତ ଓ କାଏମ୍ ରହିଲେ । ଉଦାହରଣ ସ୍ୱରୂପ ହଦିସ୍‌ରେ ଆସୁଅଛି ଯେ ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରୁଛନ୍ତି ଯେ ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ରାତିରେ ଉଠି ନମାଜ ପଢୁଥିଲେ ଏପରିକି ଆପଣ ସ:ଆ:ସଙ୍କର ପବିତ୍ର ପାଦ ଫୁଲିଯାଉଥିଲା । ଥରେ ମୁଁ ଆପଣ ସ:ଆ:ସଙ୍କୁ ନିବେଦନ କଲି ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ଆପଣ କାହିଁକି ଏତେ; କଷ୍ଟ କରୁଛନ୍ତି । ଯେବେ କି ଅଲ୍ଲାଃତାଲା ଆପଣଙ୍କର ପୂର୍ବ ଓ ପର ସମସ୍ତ ଦୋଷକୁ କ୍ଷମା କରି ଦେଇଛନ୍ତି । ଏଥିରେ ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହିଲେ ଯେ କଣ ମୁ ଏହା ଚାହିଁବି ନାହିଁ କି ମୋର ପାଳନକର୍ତାଙ୍କର ଏହି କୃପା ଓ ଅନୁଗ୍ରହ ପାଇଁ ମୁଁ ତାହାଙ୍କ କୃତଜ୍ଞ ଭକ୍ତ ହୋଇଯାଏ । (ସହି ବୁଖାରୀ କିତାବୁଲ୍ ତଫସର୍ ସୁରତୁଲ୍ ଫତାଃ

ପୁଣି ରସୁଲେ କରିମ୍ ସ:ଆ:ସ ଏହି ଜିହାଦେ ଅକ୍‌ବର୍‌କୁ ଆହୁରି ବ୍ୟାଖ୍ୟା କରି ଏକଥା କହୁଛନ୍ତି ଯେ:-

۞ عَنْ اَنَسٍ رَضِیَ اللّٰهُ عَنْهُ اَنَّ النَّبِیَّ صَلَّی اللّٰهُ عَلَیْهِ وَسَلَّمَ قَالَ : جَاهِدُوْا الْمُشْرِكِیْنَ بِاَمْوَالِكُمْ وَاَنْفُسِكُمْ وَاَلْسِنَتِكُمْ ۔

(ابوداؤد، کتاب الجہاد، باب کراھیۃ ترک الغزو، جلد 1، صفحہ 339)

ଅନୁବାଦ:- ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ମୁସ୍‌ରିକ୍ (ଅର୍ଥାତ୍ ଅନେକେଶ୍ୱରବାଦୀ)ଙ୍କ ସହିତ ନିଜର ଧନ ସମ୍ପତି, ନିଜ ଜୀବନ ଏବଂ ନିଜ କଥନ ମାଧ୍ୟମରେ ଜିହାଦ୍ କର । (ଅବୁଦାଉଦ୍ କିତାବୁଲ୍ ଜିହାଦ୍ ଭାଗ-୧, ପୃଷ୍ଠା-୩୩୯)

ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଜିହାଦେ ଅକ୍‌ବର୍ ଅନ୍ତର୍ଗତ ଆଉ ତିନୋଟି ଜିହାଦ୍‌କୁ ସାମିଲ୍ କରିଦେଇଛନ୍ତି । ଆପଣ ସ:ଆ:ସ କହିଛନ୍ତି ଯେ ଯେମିତି ଜିହାଦେ ବିନ୍ ନଫ୍‌ସ୍ ଜରୁରୀ ସେହିପରି ମାଲ୍‌ର ଜିହାଦ୍ ଏବଂ ମୁହଁଦ୍ୱାରା ଜିହାଦ୍ କରିବା ମଧ୍ୟ ଜରୁରୀ ଅଟେ । ସୁତରାଂ ଏହାର ଉଦାହରଣ ମଧ୍ୟ ଆମକୁ ଆହାଦେଶରୁ ମିଳିଥାଏ ଯେ କିପରି ଆପଣ ସ:ଆ:ସଙ୍କ ଅନୁଯାୟୀମାନେ ଆପଣଙ୍କର ଗୋଟିଏ ଇଂଗିତରେ ନିଜର ସବୁକିଛି ଅଲ୍ଲାଃତାଲାଙ୍କ ମାର୍ଗରେ ଉତ୍ସର୍ଗ କରିଦେଲେ । ହଦିସ୍‌ରେ ଆସୁଛି ଯେ

ହଜ୍‌ରତ୍ ଜଏଦ୍ ର:ଅ ନିଜ ବାପା ଅସ୍‌ଲମ୍ ର:ଅଙ୍କ ଠାରୁ ରିଓ୍ୱାୟତ୍ କରୁଛନ୍ତି ଯେ ମୁଁ ଉମର ବିନ୍ ଖତ୍‌ତାବ୍ ର:ଅଙ୍କୁ ଏକଥା କହିବାର ଶୁଣିଛି ଯେ ଏକଦା ଆଁ ହଜ୍‌ରତ୍ ସ:ଆ:ସ ଆମକୁ କୌଣସି ଯୁଦ୍ଧର ଆବଶ୍ୟକତା ପାଇଁ ଖୁଦାଙ୍କ ମାର୍ଗରେ ମାଲ୍ ଖର୍ଚ୍ଚ କରିବା ପାଇଁ ଆହ୍ୱାନ ଦେଲେ । ସେ ସମୟରେ ମୋ ନିକଟରେ ବହୁତ ଧନ ସମ୍ପତି ଥିଲା । ମୁଁ ମନେମନେ ଏକଥା କହିଲି ଯେ ଯଦି ମୁଁ ଅବୁ ବକର୍‌ଙ୍କଠାରୁ ଅଧିକ ପୁଣ୍ୟ ପାଇପାରେ ତେବେ ଆଜି ମୌକା ଅଛି ଯେ ମୁଁ ନିଜର ଅଧା ଧନସମ୍ପତିକୁ ନେଇ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରରେ ଉପସ୍ଥିତ ହେଲି । ହଜୁର୍ ସ:ଆ:ସ ମୋତେ ପଚାରିଲେ ଯେ ଉମର୍ କେତେ ମାଲ୍ ଆଣିଛ ଓ ଆଉ କେତେ ନିଜ ପିଲାପିଲିଙ୍କ ପାଇଁ ଛାଡି ଆସିଛ । ଏଥିରେ ମୁଁ କହିଲି ଯେ ହଜୁର୍ ମୁଁ ଅଧା ମାଲ୍ ନେଇ ଆସିଛି ଓ ବାକି ଅଧା ଘରେ ଛାଡି ଆସିଛି ଏହି ସମୟରେ ହଜ୍‌ରତ୍ ଅବୁ ବକର୍ ର:ଅ ଯାହାକିଛି ତାଙ୍କ ନିକଟରେ ଥିଲା ସେ ସବୁକୁ ସାଥିରେ ନେଇ ଆସି ପହଂଚିଲେ । ହଜୁର୍ ସ:ଆ:ସ ଅବୁ ବକର୍ ର:ଅଙ୍କୁ ପଚାରିଲେ ଯେ ଅବୁବକର୍ କେତେ ମାଲ୍ ଆଣିଛ ଓ ଆଉ କେତେ ଘର ଲୋକଙ୍କ ପାଇଁ ଛାଡି ଆସିଛ । ଏଥିରେ ଅବୁ ବକର୍ ର:ଅ କହିଲେ ଯେ ହଜୁର୍ ଯାହା କିଛି ମୋର ନିକଟରେ ଥିଲା ସେ ସବୁକିଛି ନେଇ ଆସିଛି ଓ ପିଲାପିଲିଙ୍କ ପାଇଁ ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍ ସ:ଆ:ସଙ୍କୁ ଛାଡି ଆସିଛି ଅର୍ଥାତ୍ ଖୁଦାତାଲାଙ୍କ ଉପରେ ଭରଷା ରଖିଛି । ହଜ୍‌ରତ୍ ଉମର୍ ର:ଅ ଏକଥା ଶୁଣି ମନେମନେ କହିଲେ ମୁଁ ଅବୁ ବକର୍‌ଙ୍କଠାରୁ କେବେ ମଧ୍ୟ ଆଗକୁ ବଢ଼ିପାରିବି ନାହିଁ । (ତିର୍‌ମିଜି ଅବ୍‌ୱାବୁଲ୍ ମନାକିବ୍ ଫି ମନାକିବେ ଅବିବକର୍ ଓ୍ୱ ଉମର୍ ର:ଅ)

ସୟଦ୍‌ନା ହଜ୍‌ରତ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ନିଜ ଅନୁଯାୟୀମାନଙ୍କଠାରୁ ଯେଉଁଠି ଗୋଟିଏପଟେ ଧର୍ମ ଏବଂ ଜାତିର ଆବଶ୍ୟକତାକୁ ଦୃଷ୍ଟିଆଗରେ ରଖି ଅସ୍ଥାୟୀ ତହ୍‌ରିକାତ୍ ଜରିଆରେ ମାଲି କୁର୍ବାନୀ କରିବା ପାଇଁ ପ୍ରୋତ୍ସାହିତ କରିଛନ୍ତି ସେଠାରେ ଅନ୍ୟପଟେ ଗରିବ, ଅନାଥ, ବିଧବା ଏବଂ ଜାତିର ଉନ୍ନତି ସାଧନ ପାଇଁ ସ୍ଥାୟୀ ଭାବେ ଜକାତ୍ ଆକାରରେ ମାଲି ଜିହାଦ୍‌କୁ ପ୍ରତିଷ୍ଠ କରିଛନ୍ତି ଏବଂ ସାହାବା କରାମ୍ ଏହି ମାଲି ଜିହାଦ୍‌ରେ ବହୁତ ଉତ୍ସାହିତ ହୋଇ ଆଗକୁ ବଢ଼ି ଚଢ଼ି ଭାଗ ନେଉଥିଲେ ।

ପୁଣି ଆଁ ହଜ୍‌ରତ୍ ସ:ଆ:ସ ଜିହାଦ୍‌ର ଅର୍ଥକୁ ଆହୁରି ବ୍ୟାପକ ଭାବେ ବର୍ଣ୍ଣନା କରି ଏକଥା କହିଛନ୍ତି:-

۞ عَنْ اَبِیْ سَعِیْدِ نِالْخُدْرِیِّ رَضِیَ اللّٰهُ عَنْهُ عَنِ النَّبِیِّ صَلَّی اللّٰهُ عَلَیْهِ وَسَلَّمَ قَالَ: اَفْضَلُ الْجِهَادِ كَلِمَةُ عَدْلٍ عِنْدَ سُلْطَانٍ جَائِرٍ ۔ (ترمذی۔کتاب الفتن)

ଅନୁବାଦ:- ହଜ୍‌ରତ୍ ଅବୁ ସୟିଦ୍ ଖୁଦ୍‌ରି ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ସର୍ବୋତମ ଜିହାଦ୍ ହେଉଛି ଅତ୍ୟାଚାରୀ ସମ୍ରାଟଙ୍କ ସମ୍ମୁଖରେ ସତ୍ୟ ଓ ନ୍ୟାୟ କଥା କହିବା । (ତିରିମିଜି-କିତାବୁଲ୍ ଫିତନ୍)

ପୁଣି ଆଉ ଏକ ହଦିସ୍‌ରେ ରସୁଲେ କରିମ୍ ସ:ଆ:ସ କହିଛନ୍ତି ଯେ *ଅନ୍ ଆଇଶତା ରଜିଅଲ୍ଲାହୋ ଅନ୍‌ହା ଅନ୍‌ହା କଲତ୍ ୟା ରସୁଲଲ୍ଲାଃ ତୁରିୟଲ୍ ଜିହାଦୁ ଅଫ୍‌ଜଲୁଲ୍ ଅମଲ୍ ଅଫଲା ନୁଜାହିଦୁ କାଲା ଲାକିନ୍ ଅଫ୍‌ଜଲୁଲ୍ ଜିହାଦ୍ ହଜ୍ଜେ ମବ୍‌ରୁର୍* (ସହିବୁଖାରୀ କିତାବୁଲ୍ ଜିହାଦ୍ ହଦିସ୍ ନଂ-୨୭୯୪) ଅର୍ଥାତ୍ ହଜ୍‌ରତ୍ ଆଇସା ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କଠାରୁ ଏକଥା ଜାଣିବା ପାଇଁ ନିବେଦନ କଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ! ଆମେ ଭାବୁଛୁ ଅଫ୍‌ଜଲୁଲ୍ ଜିହାଦ୍ ହେଉଛି ଆମାଲ୍ ଅର୍ଥାତ୍ ଉତମ କର୍ମ କରିବା ତେଣୁ ଆମ୍ଭେ ମହିଳାମାନେ କାହିଁକି ଜିହାଦ୍ ନକରିବୁ ? ଏଥିରେ ଆପଣ ସ:ଆ:ସ କହିଲେ କିନ୍ତୁ ଅଫ୍‌ଜଲ୍ ଜିହାଦ୍ ଅର୍ଥାତ୍ ସର୍ବୋତମ ଜିହାଦ୍ ହେଉଛି ହଜ୍ଜେ ମବ୍‌ରୁର୍ ।

ଏହି ସମସ୍ତ ରିଓ୍ୱାୟତ୍ ଗୁଡିକରୁ ସ୍ପଷ୍ଟ ହେଉଛି ଯେ ରସୁଲ୍ କରିମ୍ ସ:ଆ:ସ ଜିହାଦ୍‌କୁ ଜୀବନର ପ୍ରତିକ୍ଷେତ୍ର ସହିତ ଯୋଡିଦେଇଛନ୍ତି ।

**(୨)ଜିହାଦେ କବୀର୍ ଅର୍ଥାତ୍ ଜିହାଦ୍ ବିଲ୍ କୁର୍‌ଆନ୍**

ଏବେ ମୁଁ ଜିହାଦ୍‌ର ଦ୍ୱିତୀୟ କିସମ ଆଡକୁ ଆସୁଛି ଯାହାକୁ ଜିହାଦେ କବୀର୍ କୁହାଯାଇଥାଏ ଅର୍ଥାତ୍ କୋରାନ୍ ଜରିଆରେ ଜିହାଦ୍ । ପବିତ୍ର କୋରାନ୍ ଜରିଆରେ ସାରା ସଂସାରରେ ଇସ୍‌ଲାମ୍‌ର ତବ୍‌ଲିଗ୍ କରିବା ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି ଯେ ଜାହିଦ୍ ହୁମ୍ ବିହି ଜିହାଦନ୍ କବୀରା (ସୁରତୁଲ୍ ଫୁର୍‌କାନ୍:୫୩) ଅର୍ଥାତ୍ ତୁମେ ପବିତ୍ର କୋରାନ୍‌ର ଶିକ୍ଷାକୁ ଅନ୍ୟମାନଙ୍କ ନିକଟରେ ପ୍ରେମ, ସ୍ନେହ ଏବଂ ଯୁକ୍ତିଯୁକ୍ତ ପ୍ରମାଣ ଦ୍ୱାରା ପହଂଚାଇଦିଅ । ସୁତରାଂ ଆହାଦିସ୍ ଏବଂ ଇତିହାସ୍‌ର ରିଓ୍ୱାୟତ୍‌ରୁ ଏକଥା ଜଣାପଡୁଛି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସକାଳ ଓ ସନ୍ଧ୍ୟା ଏହି ଜିହାଦ୍‌କୁ ସମ୍ପାଦନ କରିବାରେ ହିଁ ବିତୁଥିଲା । ଅଲ୍ଲାଃତାଲା ଆପଣ ସ:ଆ:ସଙ୍କୁ ପବିତ୍ର କୋରାନ୍ ରୂପକ ଶରୀୟତ୍ ଅର୍ଥାତ୍ ଐଶି ବିଧାନ ପ୍ରଦାନ କରିଥିଲେ ଯାହା ଦଲିଲ୍ ଓ ଯୁକ୍ତିଯୁକ୍ତ ପ୍ରମାଣର ଏପରି ଏକ ସମୁଦ୍ର ଯାହାର ଚୁମ୍ବକୀୟ ଆକର୍ଷଣ ଦ୍ୱାରା ଶତ୍ରୁ ମଧ୍ୟ ପ୍ରଭାବିତ ନହୋଇ ରହିପାରୁନଥିଲେ । ସୁତରାଂ ଏହି କାରଣ ଥିଲା ଯେ କୁଫାର୍ ସମ୍ପୂର୍ଣ୍ଣ ମକ୍କାରେ ଏ ଗୁଜବ ପ୍ରଚାର କରିଦେଇଥିଲେ ଯେ ନଉଜୁବିଲ୍ଲାଃ ମୁହମ୍ମଦ୍ (ସ:ଆ:ସ) ହେଉଛନ୍ତି ଜଣେ ଜାଦୁଗର ଓ ଯିଏ ତାଙ୍କ କଥାକୁ ଶୁଣୁଛି ତା ଉପରେ ଜାଦୁର ପ୍ରଭାବ ପଡିଯାଉଛି । ସୁତରାଂ ହଜ୍‌ରତ୍ ଉମର୍ ବିନ୍ ଖତ୍‌ତାବ୍ ଯିଏ ସେ ସମୟରେ ଇସ୍‌ଲାମ୍ ଶତ୍ରୁମାନଙ୍କ ମଧ୍ୟରୁ ଜଣେ ଥିଲେ ସେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ସେହି ଜିହାଦ୍ ବିଲ୍ କୁର୍‌ଆନ୍ ଫଳରେ ଇସ୍‌ଲାମ୍‌ର କୋଳ ଭିତରକୁ ଆସିଗଲେ ଏବଂ କିଛି ବର୍ଷ ମଧ୍ୟରେ ମୋମିନ୍‌ମାନଙ୍କର ଏହି ଛୋଟ ଜମାତ୍‌ଟି ଦେଖୁଦେଖୁ ଏକ ଜନସମୂହରେ ପରିବର୍ତନ ହୋଇଗଲା ।

**(୩)ଜିହାଦେ ଅସ୍‌ଗର୍ ଅର୍ଥାତ୍ ଜିହାଦ୍ ବିସ୍ ସୈଫ୍ (ତରବାରି ଜରିଆରେ ଯୁଦ୍ଧ)**

ଏବେ ମୁଁ ନିଜ ଏହି ବିଷୟବସ୍ତୁର ଶେଷ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାଗ ଆଡକୁ ଆସୁଅଛି । ଜିହାଦ୍‌ର ତୃତୀୟ କିସମ ହେଉଛି ଜିହାଦେ ଅସ୍‌ଗର୍ (ସବୁଠାରୁ ଛୋଟ ଜିହାଦ୍) ଅର୍ଥାତ୍ ତରବାରି ସାହାଯ୍ୟରେ ଯୁଦ୍ଧ କରିବା । ଏଥିରୁ ଇସ୍‌ଲାମ୍‌ର ଶତ୍ରୁମାନେ ଏ ଦୁନିଆର ସମ୍ମୁଖରେ ଏ କଥା ଉପସ୍ଥାପନ କରୁଛନ୍ତି ଯେ ନଉଜୁବିଲ୍ଲାଃ ଇସ୍‌ଲାମ୍ ତରବାରି ଜରିଆରେ ପ୍ରଚାର ପ୍ରସାର ହୋଇଛି ଏବଂ ଏହା ହେଉଛି ସେହି ଜିହାଦ୍ ଯାହାର ଭୁଲ୍ ବ୍ୟାଖ୍ୟା କରି ଆଜିର ଏ ଯୁଗରେ ତଥାକଥିତ ମୁସଲମାନ୍ ଓ୍ୱଲେମାମାନେ ନିରୀହ ଲୋକମାନଙ୍କୁ ଅକାରଣେ ହତ୍ୟା କରାଉଛନ୍ତି । ବାସ୍ତବରେ ଏହି ଲୋକମାନଙ୍କ ଯୋଗୁ ହିଁ ଇସ୍‌ଲାମ୍ ପରି ସୁନ୍ଦର ଓ ଶାନ୍ତିପ୍ରିୟ ଧର୍ମକୁ ସନ୍ତ୍ରାସବାଦ ସହିତ ଯୋଡାଯାଉଅଛି ।

ଆସନ୍ତୁ ଆଜି ଆମେ ଜିହାଦ୍ ବିସ୍ ସୈଫ୍‌କୁ ରସୁଲୁଲ୍ଲାଃ ସ:ଆ:ସଙ୍କ ଆଦର୍ଶର ଆଲୋକରେ ଦେଖିବା ଯେ ଆପଣ ଜିହାଦ୍ ବିସ୍ ସୈଫ୍‌ର କେଉଁ ପ୍ରକାରର ବ୍ୟାଖ୍ୟା କରିଛନ୍ତି ଓ କିପରି ଅବସ୍ଥାରେ ତାହାକୁ କରିବା ଜରୁରୀ ହୋଇଯାଇଥାଏ ଏବଂ ଯଦି କେବେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ସେଥିପ୍ରତି କ'ଣ କାଇଦା କାନୁନ୍ ଓ ସର୍ତାବଳୀ ରଖିଛନ୍ତି ଏବଂ ସେ ବାବଦରେ ଉମ୍ମତେ ମୁସ୍‌ଲିମାଙ୍କ ପାଇଁ କ'ଣ ନମୁନା ପେଶ୍ କରିଛନ୍ତି ।

ତେଣୁ ସ୍ପଷ୍ଟ ହେଉ ଯେ ରସୁଲେ କରିମ୍ ସ:ଆ:ସଙ୍କ ନମୁନା ଏ ମାମଲାରେ ଅନୁପମ ଓ ଅଦ୍ୱିତୀୟ । ଆପଣ ସ:ଆ:ସ ନିଜର ସାରା ଜୀବନରେ କେବେ ବି ଅତ୍ୟାଚାରର ପ୍ରତ୍ୟୁତରରେ ଅତ୍ୟାଚାର କରିବା ପାଇଁ ନିର୍ଦ୍ଦେଶ ଦେଇନାହାଁନ୍ତି । ଯେବେ କି ଆପଣଙ୍କ ଉପରେ ଆପଣଙ୍କ ସାହାବା କରାମ୍‌ଙ୍କ ଉପରେ କୁଫ୍‌ଫାରେ ମକ୍କାଙ୍କ ତରଫରୁ ପ୍ରତିଦିନ ନୂଆ ନୂଆ ପ୍ରକାରର ଅତ୍ୟାଚାର ଓ ପୀଡା ଦିଆଯାଉଥିଲା । କିନ୍ତୁ ଆପଣ ସ:ଆ:ସ ସର୍ବଦା କ୍ଷମା ଆଚରଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସୁତରାଂ ଇତିହାସରେ ଏକଥା ମିଳୁଛି ଯେ ମକ୍କାରେ ଅତ୍ୟାଚାରିତ ହୋଇ ରହିଥିବା ଦିନଗୁଡିକରେ ଆପଣ ସ:ଆ:ସଙ୍କର ଜଣେ ସାହାବୀ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଏବଂ ଆଉ କେତେକ ସାହାବା ଏ ନିବେଦନ କଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଯେତେବେଳେ ଆମେ ମୁସଲମାନ୍ ନଥିଲୁ ସେତେବେଳେ ଆମେ ଆରାମ୍‌ରେ ସମ୍ମାନିତ ଅବସ୍ଥାରେ ଥିଲୁ । କେହି ମଧ୍ୟ ଆମ ଆଡକୁ ଆଖି ଉଠାଇ ମଧ୍ୟ ଦେଖିପାରୁନଥିଲେ । କିନ୍ତୁ ବର୍ତମାନ ଏହି କୁଫାର୍‌ମାନେ ଆମକୁ କାପୁରୁଷ ଓ ଦୁର୍ବଳ ବୋଲି ଭାବିବାକୁ ଲାଗିଲେଣି । ତେଣୁ ଆମକୁ ଅନୁମତି ଦିଅନ୍ତୁ ଯେ ଆମେ ସେମାନଙ୍କର ମୁକାବିଲା କରିବୁ ଓ ସେମାନଙ୍କୁ ଉଚିତ୍ ଶିକ୍ଷା ଦେବୁ କିନ୍ତୁ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଏହାର ଉତରରେ କହିଲେ:- ***ଇନ୍ନି ଉମିର୍‌ତୁ ବିଲ୍ ଅଫୁ ଫଲାତୁକାତିଲୁ*** (ସୁନନେ ନସାଇ.... ଖଣ୍ଡ-୧, ପୃଷ୍ଠା-୧୫୨) ଅର୍ଥାତ୍ ମୋତେ ଅଲ୍ଲାଃତାଲାଙ୍କ ତରଫରୁ କ୍ଷମା ଆଚରଣ କରିବା ପାଇଁ ନିର୍ଦ୍ଦେଶ ମିଳିଛି । ତେଣୁ ମୁଁ ତୁମମାନଙ୍କୁ ଲଢ଼ିବା ପାଇଁ ଅନୁମତି ଦେଇପାରିବି ନାହିଁ । ଆଁ ହଜ୍‌ରତ୍ ସ:ଆ:ସ ଏବଂ ଆପଣଙ୍କ ସାହାବା କରାମ୍ ରିଜ୍‌ୱାନୁଲ୍ଲାଃ

ଆଲୈହିମ୍ ଅଜ୍‌ମଇନ୍‌ମାନେ ଲଗାତାର ୧୩ବର୍ଷ ପର୍ଯ୍ୟନ୍ତ ଅତ୍ୟାଚାରୀମାନଙ୍କ ଅତ୍ୟାଚାରର ମୁକାବିଲାରେ ଧୈର୍ଯ୍ୟ ଓ ଦୁଆ ଦ୍ୱାରା କାମ ନେଲେ । ଏବଂ ସେମାନଙ୍କର ଅତ୍ୟାଚାର ଯୋଗୁ ହିଁ ଆପଣ ସ:ଆ:ସଙ୍କୁ ମକ୍କା ଛାଡି ମଦିନା ହିଜ୍‌ରତ୍ କରି ଯିବାକୁ ପଡିଲା । କିନ୍ତୁ ପୁଣି ମଧ ମକ୍କାର ଇସ୍‌ଲାମ୍‌ର ଶତ୍ରୁମାନେ ସେଠାରେ ମଧ ଆପଣ ସ:ଆ:ସଙ୍କ ପଛ ଛାଡିଲେ ନାହିଁ ଏବଂ ଆପଣ ସ:ଆ:ସଙ୍କୁ ଧ୍ୱଂସ ଓ ନିପାତ କରିଦେବା ପାଇଁ ଯଥାସମ୍ଭବ ଚେଷ୍ଟା କଲେ । ସୁତରାଂ ୧୫ବର୍ଷ ଅନବରତ ଅତ୍ୟାଚାର ଓ ନିର୍ଯ୍ୟାତନା ସହିବା ପରେ ଅଲ୍ଲାଃତାଲା ମୁସଲ୍‌ମାନ୍‌ମାନଙ୍କୁ ଏ ଅନୁମତି ଦେଲେ ଯେ ଏବେ ତୁମେମାନେ ସେମାନଙ୍କ ସହିତ ମୁକାବିଲା କରିପାରିବ । କାରଣ ଏବେ ଅତ୍ୟାଚାର ବହୁତ ବଢ଼ିଯାଇଛି । ସୁତରାଂ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି:-

۞ اُذِنَ لِلَّذِیۡنَ یُقٰتَلُوۡنَ بِاَنَّہُمۡ ظُلِمُوۡا ؕ وَ اِنَّ اللّٰہَ عَلٰی نَصۡرِہِمۡ لَقَدِیۡرُۨ ۙ﴿﴾ الَّذِیۡنَ اُخۡرِجُوۡا مِنۡ دِیَارِہِمۡ بِغَیۡرِ حَقٍّ اِلَّاۤ اَنۡ یَّقُوۡلُوۡا رَبُّنَا اللّٰہُ ؕ وَ لَوۡ لَا دَفۡعُ اللّٰہِ النَّاسَ بَعۡضَہُمۡ بِبَعۡضٍ لَّہُدِّمَتۡ صَوَامِعُ وَ بِیَعٌ وَّ صَلَوٰتٌ وَّ مَسٰجِدُ یُذۡکَرُ فِیۡہَا اسۡمُ اللّٰہِ کَثِیۡرًا ؕ وَ لَیَنۡصُرَنَّ اللّٰہُ مَنۡ یَّنۡصُرُہٗ ؕ اِنَّ اللّٰہَ لَقَوِیٌّ عَزِیۡزٌ ﴿﴾ (الحج:40-41)

ଅନୁବାଦ:- ଯେଉଁମାନଙ୍କ ସହିତ (ବିନା କାରଣରେ) ଯୁଦ୍ଧ କରାଯାଏ, ସେମାନଙ୍କୁ ମଧ (ଯୁଦ୍ଧ କରିବା ପାଇଁ) ଅନୁମତି ଦିଆଯାଉଅଛି, କାରଣ ସେମାନଙ୍କ ପ୍ରତି ଅତ୍ୟାଚାର କରାଯାଇଛି, ଏବଂ ବାସ୍ତବିକ ଅଲ୍ଲାଃ ସେମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ । ଏମାନେ (ସେହିଲୋକ) ଯେଉଁମାନଙ୍କୁ ସେମାନଙ୍କ ଗୃହରୁ କେବଳ 'ଅଲ୍ଲାଃ ଆମ୍ଭମାନଙ୍କର ପାଳନକର୍ତ୍ତା ଅଟନ୍ତି' କହିବାରୁ କୌଣସି ଯୁକ୍ତି ସଙ୍ଗତ କାରଣ ନଥାଇ ବିତାଡିତ କରାଗଲା; ଏବଂ ଯଦି ଅଲ୍ଲାଃ ଏହି (ଅବିଶ୍ୱାସକାରୀ) ମାନଙ୍କ ମଧ୍ୟରୁ କେତେକଙ୍କୁ ଅନ୍ୟ କେତେକଙ୍କ ଦ୍ୱାରା (ଦୁଷ୍ଟାମୀରୁ) ଦୂରେଇ ନରଖନ୍ତେ, ତେବେ ଆଶ୍ରମ, ଗିର୍ଜା, (ଯୁହୁଦୀମାନଙ୍କ) ଉପାସନା ଗୃହ ଓ ମସ୍‌ଜିଦ୍‌ମାନଙ୍କୁ ଯେଉଁଠାରେ ଅଲ୍ଲାଃଙ୍କ ନାମ ବହୁଳ ଭାବରେ ନିଆଯାଏ, ଧ୍ୱଂସ କରିଦିଆଯାଆନ୍ତା; ଏବଂ ଅଲ୍ଲାଃ ସେହି ମାନଙ୍କୁ ସାହାଯ୍ୟ କରିବେ, ଯେଉଁମାନେ ତାହାଙ୍କୁ (ଅର୍ଥାତ୍ ଅଲ୍ଲାଃଙ୍କ ଧର୍ମକୁ) ସାହାଯ୍ୟ କରିବେ; ବାସ୍ତବିକ ଅଲ୍ଲାଃ ଅତ୍ୟନ୍ତ ବଳବାନ (ଓ) ପରାକ୍ରମୀ । (ଅଲ୍‌ହଜ୍:୪୦-୪୧)

ପବିତ୍ର କୋରାନ୍‌ର ଏହି ଆୟତ୍‌ରୁ ଏକଥା ବିଲ୍‌କୁଲ୍ ସ୍ପଷ୍ଟ ହୋଇଯାଉଛି ଯେ ଜିହାଦ୍ ବିସ୍ ସୈଫ୍‌ର ଅନୁମତି କେଉଁଭଳି ଅବସ୍ଥାରେ ଦିଆଯାଇଛି । ଯେତେବେଳେ କୌଣସି କୌମ୍ ଉପରେ ସୀମାଧିକ ଅତ୍ୟାଚାର କରାଯାଏ ଏବଂ ସେମାନଙ୍କୁ ଅକାରଣରେ ହତ୍ୟା କରାଯାଇ ସେମାନଙ୍କ ଉପରେ ଯୁଦ୍ଧକୁ ଥୋପି ଦିଆଯାଏ ଏବଂ ସେମାନଙ୍କୁ ଈଶ୍ୱରଙ୍କ ନାମ ନେବା ଯୋଗୁ ସେମାନଙ୍କ ନିଜ ଘରୁ ବାହାର କରିଦିଆଯାଏ ସେତେବେଳେ ଯାଇ ଅଲ୍ଲାଃତାଲା ନିଜର ପ୍ରତିରକ୍ଷା ପାଇଁ ତରବାରି ଉଠାଇବାକୁ ଅନୁମତି ଦେଇଛନ୍ତି । ଏବଂ ଆମର ଆକା ଓ ମୌଲା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ମଧ ଏହି ସର୍ତ୍ତାବଳୀ ଅନ୍ତର୍ଗତ ପ୍ରତିରକ୍ଷା ମୂଳକ ଯୁଦ୍ଧ ଲଢ଼ିଛନ୍ତି ଏବଂ ସେଥିରେ ମଧ ଆଁ ହଜ୍‌ରତ୍ ସ:ଆ:ସ ଏପରି ନମୁନା କାଏମ୍ କରିଛନ୍ତି ଯେ ଯାହାର ଦଶଭାଗରୁ ଭାଗେ ମଧ ଆରବର ଅନ୍ୟାନ୍ୟ ଯୁଦ୍ଧ ଗୁଡିକରେ ଦେଖିବାକୁ ମିଳେନାହିଁ । ଆରବର ଯୁଦ୍ଧଖୋର୍ ମନବୃତି ରଖିଥିବା ଲୋକମାନେ ଛୋଟିଆ ଛୋଟିଆ କଥାକୁ ନେଇ ଶହଶହ ବର୍ଷ ଯୁଦ୍ଧ କରୁଥିଲେ ଏବଂ ଯୁଦ୍ଧ ସମୟରେ ହତ୍ୟା ହୋଇଥିବା ଲୋକମାନଙ୍କୁ ମୁସ୍‌ଲା କରୁଥିଲେ ଅର୍ଥାତ୍ ସେମାନଙ୍କର ନାକ କାନ ଓ ଆଖି ଇତ୍ୟାଦି କାଟି ପକାଉଥିଲେ । ଏବଂ ମହିଳା, ପିଲା ଓ ବୁଢ଼ାମାନଙ୍କୁ ହତ୍ୟା କରିବାରେ ପଛଘୁଂଚା ଦେଉନଥିଲେ । କିନ୍ତୁ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କର ନମୁନା ଅନୁପମ ଓ ଅଦ୍ୱିତୀୟ ଥିଲା । ହଦିସ୍‌ରେ ଆସୁଛି ଯେ:-

ଅନୁବାଦ:- ହେ ମୁସଲ୍‌ମାନ୍‌ମାନେ ! ଅଲ୍ଲାଃଙ୍କ ନାମ ନେଇ ବାହାରିପଡ ଏବଂ ଧର୍ମକୁ ସୁରକ୍ଷା ଦେବାପାଇଁ ନିୟତ କରି ଜିହାଦ୍ କର । କିନ୍ତୁ ଖବର୍‌ଦାର୍ ମାଲେ ଗନିମତ୍ (ଅର୍ଥାତ୍ ଯୁଦ୍ଧରେ ଜିଣାଯାଇଥିବା ଧନସମ୍ପତି)ରେ ଅନିୟମିତତା ଓ ଆତ୍ମସାତ୍ କରନାହିଁ । କୌଣସି ଜାତିକୁ ଧୋକା ଦିଅନାହିଁ ଏବଂ ଶତ୍ରୁମାନଙ୍କର ହତ୍ୟା ହୋଇଥିବା ଲୋକମାନଙ୍କର ଆଖି ନାକ, କାନ ଇତ୍ୟାଦି କାଟନାହିଁ ଏବଂ ପିଲା, ମହିଳା, ଧାର୍ମିକ ଉପାସନା ପୀଠରେ ଥିବା ଲୋକମାନଙ୍କୁ ହତ୍ୟା କରନାହିଁ । ବୃଦ୍ଧ ଅବସ୍ଥାରେ ପହଂଚି ଯାଇଥିବା ଲୋକମାନଙ୍କୁ ହତ୍ୟା କରନାହିଁ ଏବଂ ଦେଶରେ ଇସ୍‌ଲାହ୍ କରିବ ଅର୍ଥାତ୍ ସୁଧାର କାର୍ଯ୍ୟ କରିବ ଏବଂ ଲୋକମାନଙ୍କ ସହିତ ଦୟା ଆଚରଣ କରିବ । କାରଣ ଖୁଦାତାଲା ଦୟା ଆଚରଣ କରୁଥିବା ଲୋକମାନଙ୍କୁ ପସନ୍ଦ କରିଥାଏ ।

ଆଜିକାର ଯେଉଁ ତଥାକଥିତ ମୁସଲ୍‌ମାନ୍ ମୁଲାମାନେ ଜିହାଦ୍ ଜିହାଦ୍‌ର ସ୍ଲୋଗାନ୍ ଲଗାଇ ନିରୀହ ଲୋକମାନଙ୍କୁ ହତ୍ୟା କରୁଛନ୍ତି ଓ କରାଉଛନ୍ତି ଏହା ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦିତ କାର୍ଯ୍ୟ । ଏହା ସହିତ ଇସ୍‌ଲାମ୍, ଇସ୍‌ଲାମ୍‌ର ସଂସ୍ଥାପକ ଏବଂ ପବିତ୍ର କୋରାନ୍ ସହିତ ଦୁରରୁ ମଧ କୌଣସି ସମ୍ପର୍କ ନାହିଁ । ଆମ ପ୍ରିୟ ଆକା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଆଜିଠାରୁ ଊଣାଅଧିକେ ୧୪୦୦ ବର୍ଷ ପୂର୍ବେ ଏହା କହିଥିଲେ

اغدو بسم اللہ وقاتلوا فی سبیل اللہ ولا تغلوا ولا تغدروا ولا تمثلوا ولا تقتلوا ولیدا ولا امراۃ ولا تقتلوا اصحاب الصوامع ولا تقتلوا شیخا فانیا ولا طفلا ولا صغیرا ولا امراۃ وصلحوا واحسنوا ان اللہ یحب المحسنین (صحیح مسلم، الطحاوی 2، ابوداؤد 3)

ଯେ ମୁସଲ୍‌ମାନ୍‌ମାନଙ୍କ ଉପରେ ଏପରି ଏକ ଯୁଗ ଆସିବ ଯେ ସେମାନଙ୍କର କାର୍ଯ୍ୟଶୈଳୀ ବିଶ୍ୱାସ ଏବଂ ଆସ୍ଥାରେ ବିଗାଡ ସୃଷ୍ଟି ହୋଇଯିବ, ଭୀଷଣ ମତଭେଦ ସୃଷ୍ଟି ହୋଇଯିବ । ଏହିଭଳି ବିଭ୍ରାଟରେ ପରିପୂର୍ଣ୍ଣ ଯୁଗରେ ଅଲ୍ଲାଃତାଲା ମୁସଲ୍‌ମାନ୍‌ମାନଙ୍କର ଇସ୍‌ଲାହ୍ ନିମନ୍ତେ ଇମାମ୍ ଆଖିର୍‌ଜମା (ଅର୍ଥାତ୍ ଶେଷ ଯୁଗର ଇମାମ୍) ହଜ୍‌ରତ୍ ଇମାମ୍ ମେହ୍‌ଦୀ ଆ:ସଙ୍କୁ ପ୍ରେରଣ କରିବ ଯିଏ ମୁସଲ୍‌ମାନମାନଙ୍କର କାର୍ଯ୍ୟଶୈଳୀକୁ ସୁଧାରିବା ସହିତ ସେମାନଙ୍କର ବିଶ୍ୱାସର ମଧ ସୁଧାର କରିବେ ଓ ତାଙ୍କ ଆଗମନ ଦ୍ୱାରା ଯୁଦ୍ଧ ଶେଷ ହୋଇଯିବ । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି:- ***ଯଜଉଲ୍ ହର୍‌ବ୍*** (ସେ ଯୁଦ୍ଧକୁ ରୋକିଦେବ) (ସହି ବୁଖାରୀ କିତାବୁଲ୍ ଅମ୍ବିୟା ବାବ୍ ନୁଜୁଲେ ଇସା ଇବ୍‌ନେ ମରିୟମ୍)

ବାସ୍ତବରେ ଏହି ପେଶଗୋଇରେ ଏହା ଇସାରା ଥିଲା ଯେ ଇମାମ୍ ମେହ୍‌ଦୀଙ୍କ ଯୁଗରେ ଜିହାଦ୍‌ର ସର୍ତ୍ତାବଳୀଗୁଡିକ ପୂରଣ ହେବନାହିଁ ଓ ସେହି ଯୁଗ ଦଲାଇଲ୍ ଓ୍ୱ ବରାହିନ୍ (ଅର୍ଥାତ୍ ଯୁକ୍ତିଯୁକ୍ତ ପ୍ରମାଣ) ଏବଂ କଲମ ସାହାଯ୍ୟରେ ଜିହାଦ କରିବାର ଯୁଗ ହେବ) ସୁତରାଂ ସେଥିଯୋଗୁ ଅଲ୍ଲାଃତାଲା ଏ ଯୁଗରେ ଏହି ପ୍ରକାର ଭୁଲ୍ ପ୍ରଥାର ଏବଂ ଭୁଲ୍ ଆସ୍ଥା ଓ ବିଶ୍ୱାସ ଗୁଡିକର ସୁଧାର ନିମନ୍ତେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସଙ୍କୁ ଇମାମ୍ ମେହ୍‌ଦୀ କରି ପ୍ରେରଣ କଲେ । ସେ ଘୋଷଣା କଲେ ଯେ

*ଅବ୍ ଛୋଡ୍ ଦୋ ଜିହାଦ୍ କା ଅଏ ଦୋସ୍‌ତୋ ଖୟାଲ୍*
*ଦିଁ କେ ଲିଏ ହରାମ୍ ହୈ ଅବ୍ ଜଙ୍ଗ୍ ଓ୍ୱ କତାଲ୍*
*କ୍ୟୁଁ ଭୁଲ୍‌ତେ ହୋ ତୁମ୍ ଯଜଉଲ୍ ହରବ୍ କି ଖବର୍*
*କ୍ୟା ୟେ ନେହିଁ ବୁଖାରୀ ମେ ଦେଖୋ ତ ଖୋଲ୍ କର୍*
*ଫର୍‌ମାଚୁକା ହୈ ସୟଦେ କୌନେନ୍ ମୁସ୍ତଫା*
*ଇସା ମସିହ୍ ଜଙ୍ଗୋ କା କର୍‌ଦେଗା ଇଲ୍‌ତିଓ୍ୱା*
*ୟେ ହୁକୁମ୍ ସୁନ୍‌କର୍ ଭି ଜୋ ଲଢ଼ାଇ କୋ ଜାଏଗା*
*ଓ୍ୱହ୍ କାଫିରୋଁ ସେ ସଖ୍‌ତ୍ ହଜିମତ୍ ଉଠାଏଗା*
*ଇକ୍ ମୋଜେଜା କେ ତୌର୍ ସେ ୟେ ପେଶ୍‌ଗୋଇ ହୈ*
*କାଫି ହେ ସୋଚ୍‌ନେ କୋ ଅଗର୍ ଅହଲ୍ କୋଇ ହୈ*

(ଅର୍ଥାତ୍- ହେ ବନ୍ଧୁମାନେ ଏବେ ଜିହାଦ୍‌ର ଭାବନାକୁ ପରିତ୍ୟାଗ କର କାରଣ ଧର୍ମପାଇଁ ଏବେ ଯୁଦ୍ଧ ଓ ଲଢ଼ାଇ କରିବା ହରାମ୍ ହୋଇଯାଇଛି । କାହିଁକି ତୁମେ ଧର୍ମ ଶେଷ ହୋଇଯିବାର ଖବରକୁ ଭୁଲିଯାଉଛ, କ'ଣ ଏହା ବୁଖାରୀରେ ନାହିଁ, ଟିକେ ଖୋଲିକି ଦେଖ ତ, ଏକଥା ସୟଦ୍ କୌନେନ୍ ମୁସ୍ତଫା କହିସାରିଛନ୍ତି ଯେ ଇସା ମସିହ୍ ଯୁଦ୍ଧକୁ ବାତିଲ୍ କରିଦେବେ । ଏହି ନିର୍ଦ୍ଦେଶକୁ ଶୁଣିକରି ମଧ ଯିଏ ଯୁଦ୍ଧ କରିବ ସେ ଅବିଶ୍ୱାସକାରୀମାନଙ୍କ ଦ୍ୱାରା ଭୀଷଣ ଭାବେ ପରାଜୟ ବରଣ କରିବ)
(ରୁହାନି ଖଜାଏନ୍, ଖଣ୍ଡ-୧୭, ତୋହ୍‌ଫା ଗୋଲଡ୍ରୁଓ୍ୱିୟା, ପୃଷ୍ଠା-୭୭-୭୮)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- "ଆଜିଠାରୁ ମାନବିକ ଜିହାଦ୍ ଯାହା ତରବାରି ଦ୍ୱାରା କରାଯାଉଥିଲା ତାହା ଖୁଦାଙ୍କ ନିର୍ଦ୍ଦେଶ ସହିତ ବନ୍ଦ କରିଦିଆଗଲା । ଏବେ ଏହାପରେ ଯେଉଁ ବ୍ୟକ୍ତି କାଫିର୍ (ଅର୍ଥାତ୍ ଅବିଶ୍ୱାସକାରୀ)ଙ୍କ ଉପରେ ତରବାରି ଚାଳନା କରେ ଓ ନିଜର ନାମ ଗାଜି ରଖେ ତେବେ ସେ ରସୁଲେ କରିମ୍ ସ:ଆ:ସଙ୍କ ଅମାନ୍ୟ କରୁଅଛି ଯିଏ ଆଜିଠାରୁ ୧୩ଶହ ବର୍ଷ ପୂର୍ବେ ଏକଥା କହିଛନ୍ତି ଯେ ମସିହ୍ ମଉଦ୍‌ଙ୍କ ଆବିର୍ଭାବ ହେବାରେ ସମସ୍ତ ତରବାରିର ଜିହାଦ୍‌କୁ ଶେଷ କରିଦିଆଯିବ । ସୁତରାଂ ଏବେ ମୋ ପ୍ରକଟ ହେବାପରେ ତରବାରିର କୌଣସି ଜିହାଦ୍ ନାହିଁ । ଆମ ତରଫରୁ ଶାନ୍ତି ଓ ସୁଲାହ୍‌ର ଶୁଭ୍ର ଧ୍ୱଜା ଉତଳନ କରାଯାଇଅଛି । ଖୁଦାତାଲାଙ୍କ ଆଡକୁ ଡାକିବା ପାଇଁ କେବଳ ଗୋଟିଏ ମାର୍ଗ ନାହିଁ । ସୁତରାଂ ଯେଉଁ ମାର୍ଗ ଉପରେ ଏହି ଅଜ୍ଞାନ ଲୋକମାନେ ଆପତି କରିସାରିଛନ୍ତି, ଖୁଦାତାଲାଙ୍କ ହିକ୍‌ମତ୍ ଓ କର୍ମ ଏକଥା ଚାହୁଁନାହିଁ ଯେ ସେହି ମାର୍ଗକୁ ପୁଣି ଗ୍ରହଣ କରାଯାଉ । ଏହାର ଉଦାହରଣ ହେଉଛି ଏପରି କି ଯେଉଁ ନିଦ୍ଦର୍ଶନ/ଲକ୍ଷଣ/ଚିହ୍ନ ଗୁଡିକର ପୂର୍ବରୁ ମିଥ୍ୟାରୂପେ ଅଭିହିତ କରାଯାଇସାରିଛି ତାହା ଆମ ସୟଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଦିଆଯାଇନାହିଁ । ସୁତରାଂ ମସିହ୍ ମଉଦ୍ ନିଜର ସେନାକୁ ଏହି ପରିତ୍ୟକ୍ତ ସ୍ଥାନରୁ ପଛକୁ ଘୁଂଚିଯିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି । (ଖୁତ୍‌ବା ଇଲ୍‌ହାମିୟା, ରୁହାନି ଖଜାଏନ୍, ଖଣ୍ଡ-୧୬, ପୃଷ୍ଠା-୨୮)

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଜିହାଦ୍‌ର ବାସ୍ତବିକ୍ ଅର୍ଥକୁ ଓ ଅଭିପ୍ରାୟକୁ ବୁଝି ତା ଉପରେ ପରିଚାଳିତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । *ଆମିନ୍!*

# ଜିହାଦ୍‌ର ଭୁଲ୍ ଦୃଷ୍ଟିକୋଣର କୁପରିଣାମ ଏବଂ ଏହାର ସମାଧାନ

**(ମୁହମ୍ମଦ୍ ଶରିଫ୍ କୌସର୍, ଶିକ୍ଷକ, ଜାମିଆ ଅହେମଦୀୟା କାଦିଆନ୍)**

ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ ସଲଲ୍ଲାହୋ ଆଲେହି ୱସଲ୍ଲମ୍ ଗୋଟିଏ ଧର୍ମର ମୂଳଦୁଆ ରଖିଲେ, ଯାହାର ନାମ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ "ଇସ୍‌ଲାମ୍" ଏବଂ ସେଥିରେ ସାମିଲ୍ ହୋଇଥିବା ଲୋକମାନଙ୍କର ନାମ ମୁସଲ୍‌ମାନ୍ ରଖିଲେ, ଯେମିତିକି କହିଲେ:- ***ଇନ୍ନଦ୍ଦିନା ଇନ୍‌ଦଲ୍ଲାହିଲ୍ ଇସ୍‌ଲାମା*** (ଆଲେ ଇମ୍‌ରାନ୍:୨୦) ଅର୍ଥାତ୍ ବାସ୍ତବିକ ଅଲ୍ଲାଃଙ୍କ ନିକଟରେ ଇସ୍‌ଲାମ (ଅର୍ଥାତ୍ ସମ୍ପୂର୍ଣ୍ଣ ଆଜ୍ଞାପାଳନ) ହିଁ ପ୍ରକୃତ ଧର୍ମ ଅଟେ । ***ହୁଅ ସମ୍ମାକୁମୁଲ୍ ମୁସ୍‌ଲିମି*** (ଅଲ୍‌ହଜ୍:୭୯) ବାସ୍ତବିକ ଅଲ୍ଲାଃ ତୁମର ନାମ ମୁସଲମାନ୍ ରଖିଛନ୍ତି ।

### ଇସ୍‌ଲାମ୍‌ର ଅର୍ଥ

ଇସ୍‌ଲାମ୍ ହେଉଛି ଆରବୀ ଭାଷାର ଶବ୍ଦ, ଯାହା ସଲିମାରୁ ତିଆରି ହୋଇଛି । ସଲିମାର ଅର୍ଥ ହେଉଛି ଶାନ୍ତି ଓ ସୌହାର୍ଦ୍ଦ୍ୟ । ଇସ୍‌ଲାମ୍‌ର ପ୍ରତିଷ୍ଠାତା ସୟଦ୍‌ନା ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହିଛନ୍ତି ***"ଅସ୍ ସଲାମୁ ମିନଲ୍ ଇସ୍‌ଲାମେ"*** ଅର୍ଥାତ୍ ଶାନ୍ତି ଓ ସୌହାର୍ଦ୍ଦ୍ୟ ଇସ୍‌ଲାମ୍‌ରେ ହିଁ ରହିଛି । ଅଲ୍ଲାଃତାଲା ସମସ୍ତ ଲୋକଙ୍କୁ କହୁଛନ୍ତି:- ***ୱଲ୍ଲାହୁ ୟଦ୍‌ଉ ଇଲା ଦାରିସ୍ ସଲାମି*** (ୟୁନୁସ୍:୨୬) ଏବଂ ଅଲ୍ଲାଃ ତୁମମାନଙ୍କୁ ଶାନ୍ତିର ସଦନ ଆଡକୁ ଡାକୁଛନ୍ତି । ଇସ୍‌ଲାମ୍‌ର ଆଉ ଏକ ଅର୍ଥ ହେଉଛି ଅଲ୍ଲାଃତାଲାଙ୍କ ତରଫରୁ ଅବତୀର୍ଣ୍ଣ ହୋଇଥିବା ନିର୍ଦ୍ଦେଶାବଳୀ ଗୁଡିକର ସମ୍ପୂର୍ଣ୍ଣ ରୂପେ ଆଜ୍ଞାପାଳନ କରାଯାଉ ।

ଇସ୍‌ଲାମ୍ ହେଉଛି ଏପରି ଏକ ଧର୍ମ ଯିଏ ନିଜ ଅନୁଯାୟୀ ପ୍ରତ୍ୟେକ ମୁସଲ୍‌ମାନ୍‌ମାନଙ୍କୁ ସଂସାରର ପ୍ରତ୍ୟେକ ମନୁଷ୍ୟଙ୍କ ସହିତ ପ୍ରେମ, ସ୍ନେହ ଏବଂ ଅନ୍ୟମାନଙ୍କର କୁଶଳ ମଙ୍ଗଳ ପାଇଁ ଶିକ୍ଷା ଦେଇଥାଏ । ତାଙ୍କର ସମ୍ପର୍କ କୌଣସି ଧର୍ମ, ସମ୍ପ୍ରଦାୟ ତଥା ଅକିଦା (ଆସ୍ଥା) ଏବଂ ଜାଗା ସହିତ ହୋଇଥାଉ ନା କାହିଁକି । ଜଣେ ମୁସଲମାନ୍ ଦିନରେ ପାଂଚବେଳା ନମାଜ ପାଠ କରିଥାଏ ଏବଂ ପ୍ରତ୍ୟେକ ନମାଜର ଶେଷରେ ଡାହାଣପଟକୁ ମୁହଁକରି ଅସ୍‌ସଲାମୋ ଆଲେକୁମ୍ ୱ ରହମତୁଲ୍ଲାଃ କହିଥାଏ । ପୁଣି ବାପପଟକୁ ଏହି ବାକ୍ୟକୁ ପୁନରାବୃତି କରିଥାଏ । ଏହାର ଅର୍ଥ ହେଉଛି ଏହା କି ହେ ମୋର ଡାହାଣପଟେ ଥିବା (ଲୋକମାନେ ସେ ଯିଏ ଥାଉ ନା କାହିଁକି) ତୁମମାନଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ କରୁଣା ଅବତୀର୍ଣ୍ଣ ହେଉ । ପୁଣି ସେହିପରି ଦୁଆ ବାମପଟେ ଥିବା ଲୋକମାନଙ୍କ ପାଇଁ ମଧ୍ୟ ସେ କରିଥାଏ । ସେ ଯାହାଙ୍କ ସହିତ ମିଶିଥାଏ ତାକୁ "ଅସ୍‌ସଲାମୋ ଆଲେକୁମ୍ ୱ ରହମତୁଲ୍ଲାହି ୱ ବରକାତୁହୁ" ରହିଥାଏ ଅର୍ଥାତ୍ ତୁମ ଉପରେ ଶାନ୍ତି ବର୍ଷଣ ହେଉ ଏବଂ ଅଲ୍ଲାଃଙ୍କ କରୁଣା ଓ ବରକତ୍ ହେଉ । ସୁତରାଂ ଇସ୍‌ଲାମ୍ ଏବଂ ମୁସଲମାନ୍‌ର ନାମ ହିଁ ଏହି ବାସ୍ତବକତା ପ୍ରତି ଇଂଗିତ କରିଥାଏ ଯେ ଏହି ଧର୍ମ ନିଜ ଅନୁଯାୟୀମାନଙ୍କୁ ଏ ଶିକ୍ଷା ଦେଉଅଛି ଯେ ସେମାନେ ପୃଥିବୀର ଲୋକମାନଙ୍କ ପାଇଁ ଯଥା ସମ୍ଭବ ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ସ୍ଥିରତା ପ୍ରଦାନ କରନ୍ତୁ ।

### ଇସ୍‌ଲାମ୍‌ର ସଂସ୍ଥାପକ ସମଗ୍ର ସଂସାର ପାଇଁ କରୁଣା

ଅଲ୍ଲାଃତାଲା ଇସ୍‌ଲାମ୍‌ର ସଂସ୍ଥାପକ ସୟଦ୍‌ନା ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କୁ ସାରା ଜଗତପାଇଁ କରୁଣା ରୂପେ ପ୍ରେରଣ କରିଛନ୍ତି । ଯେମିତିକି ପବିତ୍ର କୋରାନ୍‌ରେ ଏକଥା ଚର୍ଚ୍ଚା କରାଯାଇଛି:- ***ୱମା ଅର୍‌ସଲ୍‌ନାକା ଇଲ୍ଲା ରହ୍‌ମତଲ୍ ଲିଲ୍ ଆଲମିନ୍*** *(ଅଲ୍‌ଅମ୍ବିୟା:୧୦୯)* ଅର୍ଥାତ୍ ହେ ମୁହମ୍ମଦ୍ ସ:ଆ:ସ ! ଆମେ ତୁମକୁ ସାରା ସଂସାର ପାଇଁ କରୁଣା ରୂପେ ଗଢ଼ି ପ୍ରେରଣ କରିଅଛୁ । ଏଥିରେ କେବଳ ମୁସଲ୍‌ମାନ୍‌ମାନଙ୍କର ଅଥବା ଆରବୀୟମାନଙ୍କର ଚର୍ଚ୍ଚା କରାଯାଇନାହିଁ ବରଂ ଆପଣ ସ:ଆ:ସଙ୍କ ଅସ୍ତିତ୍ୱ ସମଗ୍ର ସଂସାର ପାଇଁ ହେଉଛି କରୁଣା । ତେଣୁ ପ୍ରତ୍ୟେକ ମୁସଲ୍‌ମାନ୍ ଯିଏ ସୟଦ୍‌ନା ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ସହିତ ନିଜକୁ ଯୋଡୁଅଛି ସେ ସମସ୍ତଙ୍କୁ ମଧ୍ୟ ନିଜ ରସୁଲ୍‌ଙ୍କ ଆଦର୍ଶ ଉପରେ ପରିଚାଳିତ ହୋଇ ଇଶ୍ୱରଙ୍କ ପ୍ରାଣୀଜଗତକୁ କଷ୍ଟ ପହଂଚାଇବାରୁ ନିଜକୁ ସବୁ ଦିଗରୁ ବଂଚାଇବାକୁ ହେବ ।

### ପ୍ରତ୍ୟେକ ଲୋକଙ୍କ ସହିତ ପ୍ରେମ କାହିଁକି ?

ଏଠାରେ ଏକ ପ୍ରଶ୍ନ ମଧ୍ୟ ଉଠୁଛି ଯେ ପ୍ରତ୍ୟେକ ଲୋକଙ୍କ ସହିତ ପ୍ରେମ ଓ ସହାନୁଭୂତି କାହିଁକି କରାଯିବ ? ଏହାର ଉତ୍ତର ସୟଦ୍‌ନା ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ହଦିସ୍‌ରୁ ମିଳୁଅଛି, ଯେଉଁଥିରେ ଆପଣ ସ:ଆ:ସ କହୁଛନ୍ତି:- ***ଅଲ୍‌ଖଲ୍‌କୁ ଇୟାଲୁଲ୍ଲାହି ଫଅହବୁଲ୍ ଖଲ୍‌କି ଇଲଲ୍ଲାହି ମନ୍ ଅହ୍‌ସନା ଇଲା ଇୟାଲିହି ।*** (ମିଶ୍‌କାତ୍ କିତାବୁଲ୍ ଆଦାବ୍) ଅର୍ଥାତ୍ ସମଗ୍ର ପ୍ରାଣୀଜଗତ ହେଉଛି ଅଲ୍ଲାଃତାଲାଙ୍କ ଅୟାଲ (ଅର୍ଥାତ୍ କୁଟୁମ୍ବ) ସୁତରାଂ ଏ ସୃଷ୍ଟିରେ ତାକୁ ସବୁଠାରୁ ପ୍ରିୟ ହେଉଛି ସେ ଯିଏ ତା କୁଟୁମ୍ବ ସହିତ ସବୁଠାରୁ ଅଧିକା ଉତମ ବ୍ୟବହାର କରିଥାଏ ।

ପବିତ୍ର କୋରାନ୍‌ର ଆୟାତ୍ ଏବଂ ହଦିସ୍‌ରୁ ସ୍ପଷ୍ଟ ହେଉଅଛି ଯେ ପୃଥିବୀର ସମସ୍ତ ଧର୍ମ ଓ ସମ୍ପ୍ରଦାୟ ତତ୍‌ସହିତ ପ୍ରତ୍ୟେକ ଇଲାକାର ଲୋକମାନେ ହେଉଛନ୍ତି ଅଲ୍ଲାଃଙ୍କ କୁଟୁମ୍ବ । ଯେମିତି ମଣିଷ ନିଜ କୁଟୁମ୍ବର ଲୋକମାନଙ୍କ ସହିତ ପ୍ରେମ କରିଥାଏ ସେହିପରି ତାକୁ ଏ ସଂସାରର ସମସ୍ତ ଲୋକମାନଙ୍କୁ ନିଜର କୁଟୁମ୍ବ ଲୋକମାନଙ୍କ ଭଳି ଭାବି ସେମାନଙ୍କ ସହିତ ପ୍ରେମ ଓ ସଦ୍‌ବ୍ୟବହାର କରିବାକୁ ହେବ । ଏପରି କରିବା ଦ୍ୱାରା ହିଁ ଆମେ ଅଲ୍ଲାଃତାଲାଙ୍କ ପ୍ରିୟପାତ୍ର ହୋଇପାରିବା, ଏତଦ୍‌ଭିନ୍ନ ସମ୍ଭବ ନୁହେଁ । କାରଣ ଯେଉଁ ଅଲ୍ଲାଃଙ୍କ ଉପରେ ପ୍ରତ୍ୟେକ ମୁସଲ୍‌ମାନ୍ ଇମାନ୍ ରଖିଥାଏ ସେ ହେଉଛନ୍ତି *"ରବ୍‌ବୁଲ୍ ଆଲମିନ୍ (ଅର୍ଥାତ୍ ସମଗ୍ର ଜଗତର ପାଳନକର୍ତା)"* ଏବଂ "ଅସ୍‌ସଲାମ୍" ଅର୍ଥାତ୍ ଶାନ୍ତି ପ୍ରଦାନକାରୀ । ସୁତରାଂ ଏହିଭଳି ଗୁଣର ଅଧିକାରୀ ଖୁଦାଙ୍କ ସହିତ ସମ୍ବନ୍ଧ ରଖିଥିବା ଯୋଗୁ ତାହାର ଦାୟିତ୍ୱ ହେଉଛି ଏହା କି ସେ ନିଜର ପରିଧି ଏବଂ ପରିବେଶରେ ନିଜ ଶକ୍ତି ଓ ସାମର୍ଥ୍ୟ ମୁତାବକ ରବୁବିୟତ୍ ଏବଂ ଅସ୍‌ସଲାମ୍‌ର ବିଶେଷ ଗୁଣର ବାସ୍ତବିକ ପ୍ରତିଦ୍ଧ୍ୟୋତକ ହେଉ ନଚେତ୍ ସେ ଖୁଦାଙ୍କ ସହିତ ସମ୍ବନ୍ଧିତ ହେବାର ଅଧିକାରକୁ ହରାଇ ବସିବ ।

### ରହ୍‌ମତୁଲ୍ ଲିଲ୍ ଆଲମିନ୍ କାହିଁକି ଯୁଦ୍ଧ କଲେ ?

ଏହାର ଉତର ହେଉଛି ଏପରି କି ସୟଦ୍‌ନା ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ବୟସ ଯେତେବେଳେ ୪୦ ହେଲା ସେତେବେଳେ ଅଲ୍ଲାଃଙ୍କ ତରଫରୁ ଆପଣ ସ:ଆ:ସଙ୍କ ଉପରେ ୱହି (ଅର୍ଥାତ୍ ସ୍ୱର୍ଗବାଣୀ) ଅବତୀର୍ଣ୍ଣ ହେବା ଆରମ୍ଭ ହେଲା । ଯାହାର ଆଲୋକରେ ଆପଣ ସ:ଆ:ସ ମକ୍କାର ଅଧିବାସୀମାନଙ୍କୁ ଏହା କହିଲେ ଯେ ମୋତେ ଅଲ୍ଲାଃ ରସୁଲ୍ (ଅବତାର) ଏବଂ ପୈଗମ୍ବର୍ ବନାଇ ପ୍ରେରଣ କରିଛନ୍ତି । ତେଣୁ ତୁମେମାନେ ଏକ ଅଲ୍ଲାଃଙ୍କ ଉପାସନା କର ଏବଂ ପାପ, କୁକର୍ମ ଏବଂ ଅତ୍ୟାଚାରରେ ପରିପୂର୍ଣ୍ଣ ଜୀବନରୁ ତୌବା କର ଅର୍ଥାତ୍ ପଶ୍ଚାତାପ୍ କରି ସେ ସବୁକୁ ପରିତ୍ୟାଗ କର । ଆରବୀରେ ଗୋଟିଏ ଉଦାହରଣ ରହିଛି *ଲଲ୍ ମତରି ମୁହିବ୍‌ବୁ ୱ କାରିହୁ* ଅର୍ଥାତ୍ ବର୍ଷାକୁ ପସନ୍ଦ କରୁଥିବା ଲୋକେ ମଧ୍ୟ ଅଛନ୍ତି ଏବଂ ଅପସନ୍ଦ କରୁଥିବା ଲୋକମାନେ ମଧ୍ୟ ଅଛନ୍ତି । ଭୌତିକ ବର୍ଷା ସଦୃଶ ଆଧାତ୍ମିକ ବର୍ଷାକୁ ମଧ୍ୟ କିଛି ଲୋକେ ପସନ୍ଦ କରିବା ଆରମ୍ଭ କଲେ ଓ ଆଉ କିଛି ଲୋକେ ନାପସନ୍ଦ କରିବା ଆରମ୍ଭ କରିଦେଲେ । ପସନ୍ଦ କରୁଥିବା ଲୋକେ ଏବଂ ମାନୁଥିବା ଲୋକମାନେ ନମ୍ର, ଉତମ ଚରିତ୍ର ଏବଂ ପ୍ରେମର ମାର୍ଗକୁ ଆପାଣେଇନେଲେ ଏବଂ ନାପସନ୍ଦ କରୁଥିବା ବିରୋଧିମାନେ ଚରମପନ୍ଥୀ କାର୍ଯ୍ୟକଳାପ, ଘୃଣାଭାବ ଏବଂ ଅତ୍ୟାଚାର କରିବାର ଶୈଳୀକୁ ଆପଣେଇ ନେଲେ ଓ ଦିନକୁ ଦିନ ଏହି ଦୂରତା ବଢ଼ିଚାଲିଲା । ମକ୍କାର ବିରୋଧିମାନେ ଏକଥା ଜାଣୁଥିଲେ ଯେ ଆମେ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଏବଂ ତାହାଙ୍କ ଅନୁଯାୟୀମାନଙ୍କୁ ଶକ୍ତି ଓ ବଳପ୍ରୟୋଗ କରି ଏ ଭୂପୃଷ୍ଠରୁ ଧ୍ୱଂସ କରିଦେବୁ । ଅନ୍ୟପଟେ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କର ଏହା କହିବାର ଥିଲା ଯେ ଆମେ ପ୍ରେମ ଏବଂ ଯୁକ୍ତିଯୁକ୍ତ ପ୍ରମାଣ ଦ୍ୱାରା ତୁମମାନଙ୍କୁ ଇସ୍‌ଲାମ୍‌ର ସତ୍ୟତା ବିଷୟରେ ବୁଝାଇ ଚାଲିବୁ । ଆମେ ତୁମ ଉପରେ କୌଣସି ବାଧ କରିବୁ ନାହିଁ ଯେ ତୁମେମାନେ ଇସ୍‌ଲାମ୍ ଗ୍ରହଣ କରିନିଅ କାରଣ ପବିତ୍ର କୋରାନ୍‌ରେ ଅଲ୍ଲାଃତାଲାଙ୍କର ଏ ନିର୍ଦ୍ଦେଶ ରହିଛି- ***ଲା ଇକ୍‌ରାହା ଫିଦ୍ଦିନ୍*** *(ଅଲ୍‌ବକ୍‌ରା:୨୫୭)* ଅର୍ଥାତ୍ ଧର୍ମ ସଂକ୍ରାନ୍ତରେ କୌଣସି ବାଧ୍ୟବାଧକତା ନାହିଁ । ତତ୍‌ସହିତ ଏହା ମଧ୍ୟ ନିର୍ଦ୍ଦେଶ ରହିଛି ଯେ -***ୱକୁଲିଲ୍ ହକ୍କୁ ମିର୍‌ରବ୍‌ବିକୁମ୍ ଫମନ୍ ଶାଆ ଫଲ୍‌ୟୁମିନ୍ ୱମନ୍ ଶାଆ ଫଲ୍‌ୟକ୍‌ଫୁର୍*** *(ଅଲ୍‌କହଫ୍:୩୦)* ଅର୍ଥାତ୍ ଏହି ସତ୍ୟ ତୁମ ପାଳନକର୍ତାଙ୍କ ତରଫରୁ ହିଁ ଆସିଅଛି । ସୁତରାଂ ଯାହାର ଇଚ୍ଛା ସେ (ଏହାକୁ) ବିଶ୍ୱାସ କରୁ ଓ ଯାହାର ଇଚ୍ଛା ସେ ଏହାକୁ ପ୍ରତ୍ୟାଖ୍ୟାନ କରୁ ।

ଗୋଟିଏ ଦିନ ନୁହେଁ, ଗୋଟିଏ ମାସ ନୁହେଁ, ଗୋଟିଏ ବର୍ଷ ମଧ୍ୟ ନୁହେଁ ବରଂ ଲଗାତାର ୧୩ବର୍ଷ ପର୍ଯ୍ୟନ୍ତ ସୟଦ୍‌ନା ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଏବଂ ଆପଣଙ୍କ ସାହାବାମାନେ ବିରୋଧିମାନଙ୍କ ହାତରେ ଦୁଃଖ, କଷ୍ଟ ଓ ନିର୍ଯ୍ୟାତନା ସହି ଚାଲିଲେ । ସେମାନଙ୍କ ମଧ୍ୟରୁ କେତେକ ଶହିଦ୍ ମଧ୍ୟ ହେଲେ, କିନ୍ତୁ ଆପଣ ସ:ଆ:ସ ସେ ସବୁର ଜବାବ୍‌ରେ ଚରମପନ୍ଥୀ କାର୍ଯ୍ୟକଳାପର ରାସ୍ତାକୁ ଆପଣେଇଲେ ନାହିଁ । କୌଣସି ପଥରରେ ମାରିଥିବା ଲୋକକୁ ପଥର ମାରିନାହାଁନ୍ତି । କୌଣସି ଗାଳିଗୁଲଜ କରୁଥିବା ଲୋକକୁ ଗାଳି ଦେଇନାହାଁନ୍ତି । ଏମିତି କଥା ମଧ୍ୟ ନଥିଲା ଯେ ଏହି ନମ୍ର ବ୍ୟବହାର କୌଣସି ପ୍ରକାର କାପୁରୁଷ ପଣିଆ ଯୋଗୁ କରାଯାଉଥିଲା ବରଂ ମାନବତା ଏବଂ ମାନବଜାତି ସହିତ ପ୍ରେମ ଥିବା ଯୋଗୁ ଏପରି ନମ୍ର ବ୍ୟବହାର କରାଯାଉଥିଲା ଓ ଏ ଧାରଣା ରଖି ଏପରି ନମ୍ର ବ୍ୟବହାର କରାଯାଉଥିଲା ଯେ ସେହି ବିରୋଧିମାନଙ୍କ ଦ୍ୱାରା ଯେଉଁ ଦୁଃଖ କଷ୍ଟ ମିଳୁଛି ତାହା ସେମାନଙ୍କର ଅଜ୍ଞାନତା ଯୋଗୁ । ନଚେତ୍ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଯିଏ ମକ୍କାର ରଇସ୍‌ମାନଙ୍କ ମଧ୍ୟରୁ ଜଣେ ଥିଲେ, ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଯେତେବେଳେ ଆମେ ମୁସଲ୍‌ମାନ୍ ନଥିଲୁ

ସେତେବେଳେ ଆମେ ଅତ୍ୟନ୍ତ ସମ୍ମାନର ଅଧିକାରୀ ଓ ପ୍ରଭାବଶାଳୀ ଥିଲୁ । ଆମ ଉପରେ ଆଖି ଉଠାଇ ଦେଖିବା ପାଇଁ କାହାର ସାହସ ନଥିଲା । ଯେବେଠାରୁ ଆମେ ମୁସଲମାନ୍ ହେଲୁଣି ମକ୍କାର ଇସଲାମୀ ବିରୋଧି ଲୋକମାନେ ଆମକୁ ବହୁତ ଦୁର୍ବଳ ବୋଲି ଭାବିବାକୁ ଲାଗିଲେଣି । ତେଣୁ ଆପଣ ଆମକୁ ମୁକାବିଲା କରିବା ପାଇଁ ଅନୁମତି ଦିଅନ୍ତୁ । ମାନବଜାତି ସହିତ ଅତ୍ୟନ୍ତ ପ୍ରେମ ରଖିଥିବା ରହମତଲ୍ ଲିଲ୍ ଆଲମିନ୍ ଏ ଉତର ଦେଲେ *"ଇନ୍ନି ଉମିର୍‌ତୁ ବିଲ୍ ଅଫୁ"* (ନସାଇ) ଅର୍ଥାତ୍ ମୋତେ କ୍ଷମା ଏବଂ ମାଫ୍ କରିବା ପାଇଁ ଆଦେଶ ଦିଆଯାଇଛି ସେଥିପାଇଁ ମୁ ତୁମକୁ ମୁକାବିଲା କରିବା ପାଇଁ ଅନୁମତି ଦେଇପାରିବି ନାହିଁ ।

ସାରକଥା ହେଉଛି ଏହା ଯେ ୧୩ବର୍ଷ ପର୍ଯ୍ୟନ୍ତ ମକ୍କାର ଇସଲାମ୍ ବିରୋଧି ଲୋକମାନଙ୍କ ହାତରେ ଅନବରତ ଅତ୍ୟାଚାର ସହିବା ପରେ ଆପଣ ସ:ଆ:ସ ଏକଥା ଭାବିଲେ ଯେ ନା ତ ଏମାନେ ଇସଲାମ୍‌କୁ ବୁଝୁଛନ୍ତି ଏବଂ ନା ଇସଲାମ୍ ଗ୍ରହଣ କରିଥିବା ଲୋକମାନଙ୍କୁ ସ୍ୱାଧୀନ ଭାବେ ବଂଚିବାକୁ ଦେଉଛନ୍ତି । ତେଣୁ ଏବେ ଦୁଇଟି ରାସ୍ତା ରହିଛି । ସେମାନଙ୍କ ସହିତ ଯୁଦ୍ଧ କରାଯାଉ ବା ପୁଣି ନିଜ ଦେଶକୁ ବିଦାୟ ଜଣାଇ ଆଉ କେଉଁଆଡେ ହିଜରତ୍ କରି ଚାଲିଯିବାକୁ ହେବ । ଆପଣ ସ:ଆ:ସ ନିଜ କରୁଣାର ଭାବନା ଅନ୍ତର୍ଗତ କୌଣସି ଲୋକର ମଧ୍ୟ ରକ୍ତପାତ କରିବା ପାଇଁ ଚାହୁଁନଥିଲେ ଏବଂ ୨୮ ସଫର୍ ୧ ହିଜରି ମୁତାବକ ୧୧ ସେପ୍ଟେମ୍ବର୍ ୬୨୨ ମସିହା ଦିନ ମକ୍କାଠାରୁ ୩ଶହ କି.ମି ଦୂରତାରେ ଅବସ୍ଥିତ ୟସ୍‌ରବ୍ (ମଦିନା ମନଓ୍ୱରା) ଆଡକୁ ହିଜରତ୍ କରି ଚାଲିଗଲେ ।

ଉଚିତ୍ ତ ଏହା ଥିଲା ଯେ ବିରୋଧିମାନେ ହଜୁର୍ ସ:ଆ:ସ ଓ ମୁସଲମାନ୍‌ମାନଙ୍କୁ ହିଜରତ୍ କରିବା ପରେ ସେମାନଙ୍କ ପଛ ଛାଡିଦେଇଥାଆନ୍ତେ କିନ୍ତୁ ଦୁଃଖର କଥା ଯେ ଏପରି କିଛି ହେଲାନାହିଁ ବରଂ ସେମାନେ ମଦିନା ଉପରେ ଆକ୍ରମଣ କରି ମୁସଲମାନ୍‌ମାନଙ୍କୁ ଧ୍ୱଂସ କରିଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ ଏବଂ ଶାମ୍(ଶିରିୟା) ଦେଶ ଆଡକୁ ବଣିକ କାଫିଲା ପଠାଇଲେ ଯଦ୍ୱାରା ସେହି ବାଣିଜ୍ୟର ଆମଦାନୀରୁ ଯୁଦ୍ଧାସ୍ତ୍ର ଇତ୍ୟାଦି ସାମାନ୍ କିଣାଯାଇପାରିବ । ସୁତରାଂ ମକ୍କାନିବାସୀ ୧ହଜାର ଲଢୁଆ ସିପାହୀମାନଙ୍କ ଦ୍ୱାରା ଗୋଟିଏ ସେନା ଯିଏ ସବୁ ପ୍ରକାର ଯୁଦ୍ଧାସ୍ତ୍ର ଇତ୍ୟାଦି ସାମାନ୍‌ରେ ପରିପୁର୍ଣ୍ଣ ଥିଲେ, ସେମାନଙ୍କୁ ମଦିନା ଉପରେ ଆକ୍ରମଣ କରିବା ପାଇଁ ପଠାଇଲେ । କୁଫାର ମକ୍କା (ମକ୍କାର ଅବିଶ୍ୱାସକାରୀମାନେ)ଙ୍କର ଏ ଇଛା ଥିଲା ଯେ ମଦିନା ଉପରେ ଅଚାନକ ଆକ୍ରମଣ କରାଯାଇ ମୁସଲମାନ୍ ମାନଙ୍କୁ ଧ୍ୱଂସ କରିଦିଆଯାଉ ଓ ଏପରି ଜଣେ ମଧ୍ୟ ବ୍ୟକ୍ତି ନ ବଂଚୁ ଯିଏ ଇସଲାମ୍ ସହିତ ସମ୍ବନ୍ଧିତ ଥିବ । ହଜରତ୍ ମସିହ୍ ମଉଦ୍ ଆ:ସ ଏହି ଘଟଣା ସମ୍ବନ୍ଧରେ ବର୍ଣ୍ଣନା କରି ଲେଖୁଛନ୍ତି ଯେ:-

ମକ୍କାରେ "ସେମାନେ ଅଧିକାଂଶ ମୁସଲମାନ୍‌ମାନଙ୍କୁ କଷ୍ଟଦେଇ ମାରିଲେ ଓ ବହୁ ସମୟ ପର୍ଯ୍ୟନ୍ତ ଯାହା ୧୩ବର୍ଷର ଅବଧି ଥିଲା ସେମାନଙ୍କ ତରଫରୁ ଏହି କାରବାଇ କରାଯାଉଥିଲା ଓ ଅତ୍ୟନ୍ତ ନିର୍ଦ୍ଦୟତାର ସହିତ ଖୁଦାଙ୍କ ପ୍ରିୟ ଭକ୍ତମାନଙ୍କୁ ଓ ମାନବଜାତିର ଗର୍ବକୁ ଏହି ଦୁଷ୍ଟ ପଶୁମାନଙ୍କ ତରବାରିଦ୍ୱାରା ଖଣ୍ଡଖଣ୍ଡ କରାଗଲେ ଏବଂ ଅନାଥ ପିଲାମାନେ, ନିରୀହ ଏବଂ ଅବଳା ମହିଳାମାନଙ୍କୁ ଗଳିକନ୍ଦିରେ ଜେଭ କରିଦିଆଗଲା । ଏଥିରେ ମଧ୍ୟ ଖୁଦାତାଲାଙ୍କ ତରଫରୁ ନିର୍ଦ୍ଦିଷ୍ଟ ରୂପେ ଏ ତାଗିଦ୍ ଥିଲା ଯେ କଦାପି ଧୃଷ୍ଟତାର ମୁକାବିଲା କରନାହିଁ । ସୁତରାଂ ଏହି ସମ୍ମାନୀୟ ସଦାଚାରୀମାନେ ଏପରି ହିଁ କଲେ । ସେମାନଙ୍କ ରକ୍ତରେ ଗଳି କନ୍ଦି ଲାଲ୍ ହୋଇଗଲା । ଏହା ସତ୍ୱେ ମଧ୍ୟ ସେମାନେ ଛାଡିଲେ ନାହିଁ । ଏମାନେ କୁର୍ବାନୀ ପରି ଜେଭ ହେଲେ । କିନ୍ତୁ ସେମାନେ କୌଣସି ପ୍ରକାର ଦୁଃଖ ପ୍ରକାଶ କଲେନାହିଁ । ଖୁଦାଙ୍କ ପବିତ୍ର ରସୁଲ୍ ସ:ଆ:ସଙ୍କୁ ଯାହାଙ୍କ ଉପରେ ପୃଥିବୀ ଓ ଆକାଶରୁ ଅଗଣତି ଶାନ୍ତିବର୍ଷଣ ହେଉ, ଅନେକଥର ପଥର ମାରି ରକ୍ତରେ ଜୁଡୁବୁଡୁ କରିଦିଆଗଲା । କିନ୍ତୁ ଏହି ସତ୍ୟ ଓ ଦୃଢ଼ତାର ପାହାଡ ସେମାନଙ୍କ ସମସ୍ତ ନିର୍ଯ୍ୟାତନାକୁ ହୃଦୟ ଖୋଲି ଓ ପ୍ରେମର ସହିତ ଖୁସି ଖୁସି ବରଦାସ୍ତ କଲେ ଏବଂ ଏହି ଧୈର୍ଯ୍ୟପୂର୍ଣ୍ଣ ଓ ବିନୟଭାବକୁ ଦେଖି ବିରୋଧିମାନଙ୍କର ଗର୍ବ ଅହଂକାର ଦିନକୁ ଦିନ ବଢ଼ିଚାଲିଲା । ସୁତରାଂ ସେମାନେ ଏହି ପବିତ୍ର ଜମାତ୍‌କୁ ନିଜର ଏକ ଶିକାର ବୋଲି ଭାବିନେଲେ । ତାପରେ ଯାଇ ଏହି ଖୁଦା ଯିଏ ଏକଥା ଚାହୁଁନଥିଲେ ଯେ ଏ ଭୁପୃଷ୍ଠରେ ଅତ୍ୟାଚାର ଓ ନିର୍ଯ୍ୟାତନା ସୀମାଧିକ ହୋଇଯାଉ, ସେ ନିଜ ଅତ୍ୟାଚାରିତ ଭକ୍ତମାନଙ୍କୁ ମନେପକାଇଲେ ଏବଂ ତାହାର କ୍ରୋଧ ଦୁଷ୍ଟମାନଙ୍କ ଉପରେ ବଢ଼ିଗଲା ଏବଂ ସେ ନିଜର ପବିତ୍ର କୋରାନ୍ ମାଧ୍ୟମରେ ନିଜର ଅତ୍ୟାଚାରିତ ଭକ୍ତମାନଙ୍କୁ ଏ ଏତେଲା ଦେଲେ ଯେ ଯାହା କିଛି ତୁମ ସହିତ ହେଉଅଛି ମୁଁ ସେ ସବୁକୁ ଦେଖୁଅଛି । ମୁଁ ତମକୁ ଆଜିଠାରୁ ମୁକାବିଲା କରିବା ପାଇଁ ଅନୁମତି ଦେଉଅଛି ଓ ମୁଁ ହେଉଛି ଶକ୍ତିଶାଳୀ ଈଶ୍ୱର । ଅତ୍ୟାଚାରୀମାନଙ୍କୁ ଦଣ୍ଡ ନଦେଇ ମୁଁ ଛାଡିବି ନାହିଁ । ଏ ନିର୍ଦ୍ଦେଶ ଥିଲା ଯାହାକୁ ଅନ୍ୟ ଶବ୍ଦରେ ଜିହାଦ୍ କୁହାଗଲା । ଏହି ନିର୍ଦ୍ଦେଶର ଅସଲ ବାକ୍ୟ ଯାହା ପବିତ୍ର କୋରାନ୍‌ରେ ଏପର୍ଯ୍ୟନ୍ତ ମହଜୁଦ୍ ରହିଛି ତାହା ହେଉଛି ଏପରି । *ଉଜିନା ଲିଲ୍‌ଲ୍ଲଜିନା ଯୁକାତଲୁନା ବି ଅନ୍ନହୁମ୍ ଜୁଲିମୁ; ଓ୍ୱ ଇନ୍ନଲ୍ଲାହା ଅଲା ନସ୍‌ରିହିମ୍ ଲକଦିର୍ ଅଲ୍‌ଲଜିନା ଉଖ୍‌ରିଜୁ ମିନ୍ ଦିୟାରେହିମ୍ ବି ଗୈରି ହକ୍‌କିନ୍ (ସୁରତ୍ ହଜ୍:୪୦-୪୧)*

*(ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଅଓର୍ ଜିହାଦ୍, ରୁହାନି ଖଜାଇନ୍, ଖଣ୍ଡ-୧୭, ପୃଷ୍ଠା-୫)*

ଅନୁବାଦ:- ଯେଉଁମାନଙ୍କ ସହିତ (ବିନା କାରଣରେ) ଯୁଦ୍ଧ କରାଯାଏ, ସେମାନଙ୍କୁ ମଧ୍ୟ (ଯୁଦ୍ଧ କରିବା ପାଇଁ) ଅନୁମତି ଦିଆଯାଉଅଛି, କାରଣ ସେମାନଙ୍କ ପ୍ରତି ଅତ୍ୟାଚାର କରାଯାଇଛି, ଏବଂ ବାସ୍ତବିକ ଅଲ୍ଲାଃ ସେମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ । ଏମାନେ (ସେହିଲୋକ) ଯେଉଁମାନଙ୍କୁ ସେମାନଙ୍କ ଗୃହରୁ କେବଳ 'ଅଲ୍ଲାଃ ଆମ୍ଭମାନଙ୍କର ପାଳନକର୍ତା ଅଟନ୍ତି' କହିବାରୁ କୌଣସି ଯୁକ୍ତି ସଙ୍ଗତ କାରଣ ନଥାଇ ବିତାଡିତ କରାଗଲା ।

ସମ୍ମାନୀୟ ପାଠକେ ! ଜିହାଦ୍‌ର ଶବ୍ଦର ବ୍ୟାପକ ଅର୍ଥ ରହିଛି । ଜିହାଦ୍ କେବଳ କୁଫାର୍ (ଅବିଶ୍ୱାସକାରୀ)ମାନଙ୍କ ସହିତ ଯୁଦ୍ଧ କରିବାକୁ ହିଁ କୁହାଯାଏନାହିଁ ବରଂ କୌଣସି କାର୍ଯ୍ୟରେ ନିଜର ସମସ୍ତ ଶକ୍ତି ଓ ସାମର୍ଥକୁ ଖର୍ଚ୍ଚ କରିବା, ଏବଂ ପୁଣି ସେ ସମ୍ବନ୍ଧରେ ସମ୍ପୂର୍ଣ୍ଣ ରୂପେ ଚେଷ୍ଟା କରିବାକୁ ଜିହାଦ୍ କୁହାଯାଏ । ଆରବୀରେ ଏହାର ମୂଳଶବ୍ଦ ହେଉଛି ଜହଦ୍ ଏବଂ ଜାହିଦ୍ ଫିଲ୍ ଅମ୍‌ରେ ର ଅର୍ଥ ହେଉଛି ସେ କାର୍ଯ୍ୟ କରିବା ପାଇଁ ଚେଷ୍ଟା ଓ ପରିଶ୍ରମ କଲା ।

ଜିହାଦ୍ ହେଉଛି ଇସଲାମ୍ ଧର୍ମର ଗୋଟିଏ ପବିତ୍ର ଓ ଗୁରୁତ୍ୱପୁର୍ଣ୍ଣ କର୍ତବ୍ୟ ଯାହା ପ୍ରାରମ୍ଭରୁ ଆରମ୍ଭ ହୋଇଅଛି ଏବଂ କୟାମତ୍ ପର୍ଯ୍ୟନ୍ତ ଜାରି ରହିବ । ପବିତ୍ର କୋରାନ୍ ଓ ଆହଦିସ୍‌ରୁ ଜିହାଦ୍‌ର ବହୁତ ଗୁଡିଏ କିସମ ଥିବାର ପ୍ରମାଣ ମିଳୁଛି । ଉଦାହରଣ ସ୍ୱରୂପ ଜିହାଦେ କବୀର୍, ଜିହାଦେ ଅକ୍‌ବର୍, ଜିହାଦେ ଅସ୍‌ଗର୍ ଏବଂ ଜିହାଦ୍ ବିଲ୍‌ଇଲମ୍ ଇତ୍ୟାଦି ଇତ୍ୟାଦି ।

ଜିହାଦେ ଅସ୍‌ଗର୍‌ର ଦ୍ୱିତୀୟ ନାମ ହେଉଛି ଜିହାଦ୍ ବିସ୍‌ସୈଫ୍ ଅର୍ଥାତ୍ ତରବାରି ସାହାଯ୍ୟରେ ଯୁଦ୍ଧ କରିବା । ଏହା ସେତେବଳେ ଉଚିତ୍ ହୋଇଥାଏ ଯେତେବେଳେ କୌଣସି ଅଣ ଇସଲାମୀୟ ଶକ୍ତି ବା ଦେଶ ଇସଲାମ୍ ଧର୍ମକୁ ବା ମୁସଲମାନ୍‌ମାନଙ୍କୁ ଇସଲାମ୍‌ର ଶିକ୍ଷା ଉପରେ ପରିଚାଳିତ ହେଉଥିବା ଯୋଗୁ ଏ ଭୁପୃଷ୍ଟଷ୍ଠରୁ ନିଃଶେଷ କରିଦେବା ପାଇଁ ଯୁଦ୍ଧ କରିଥାଏ । ସେମାନଙ୍କୁ (ଅର୍ଥାତ୍ ମୁସଲମାନ୍ ମାନଙ୍କୁ) କେବଳ "ରବ୍‌ବୁନଲ୍ଲାହା" (ଅର୍ଥାତ୍ ଅଲ୍ଲାଃ ହେଉଛନ୍ତି ଆମର ପାଳନକର୍ତା) କହିବା ଯୋଗୁ ସେମାନଙ୍କ ଘରୁ ବାହାର କରିଦିଏ ।

**ତରବାରି ସହିତ ଯୁଦ୍ଧ କରିବା ସମ୍ବନ୍ଧରେ ମୁସଲମାନ୍ ମାନଙ୍କର ମନଗଢ଼ା ବିଶ୍ୱାସ**

ଅତ୍ୟନ୍ତ ଦୁଃଖର କଥା ଏହା ଯେ ମୁସଲମାନ୍‌ମାନେ ଜିହାଦ୍‌ର ଅର୍ଥକୁ ସମ୍ପୂର୍ଣ୍ଣ ରୂପେ ଭୁଲ୍ ବୁଝିଛନ୍ତି । ମୁସଲମାନ୍‌ମାନେ ଇସଲାମ୍ ନାମରେ ରକ୍ତପାତ, ବିଭ୍ରାଟ, ଦେଶଦ୍ରୋହୀ, ଡକାୟତି ଏବଂ ଲୁଟ୍‌ପାଟ୍ କରିବାର ନାମକୁ ଜିହାଦ୍ ରଖିଛନ୍ତି ଓ ସେମାନେ ଗାଜି କହିବା ସଉକ୍‌ରେ ବନ୍ଧୁକ ଏବଂ ପିସ୍ତଲ୍ ଦ୍ୱାରା ଅଣ ମୁସଲମାନ୍‌ମାନଙ୍କ ଉପରେ ଗୁଳି ଚଳାଇବାର ନାମକୁ ଜିହାଦ୍ ରଖିଛନ୍ତି ।

ହଜରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- "ମନେରଖ ଯେ ଜିହାଦ୍‌ର ପ୍ରସଙ୍ଗକୁ ଏବେକାର ଇସଲାମୀୟ ଓ୍ୱଲେମାମାନେ, ଯେଉଁମାନେ ମୌଲବୀ ବୋଲାଉଛନ୍ତି ଯେଉଁଭଳି ବୁଝୁଛନ୍ତି ଓ ଯେଉଁଭଳି ସେମାନେ ଲୋକମାନଙ୍କ ସମ୍ମୁଖରେ ଏହାର ସ୍ୱରୂପକୁ ବର୍ଣ୍ଣନା କରୁଛନ୍ତି ତାହା କଦାପି ଠିକ୍ ନୁହେଁ ଓ ଏହାର ଫଳ ଏତଦ୍‌ବ୍ୟତୀତ କିଛି ନୁହେଁ ଯେ ସେହି ଲୋକମାନେ ନିଜର ଉନ୍ମାଦଭରା ପ୍ରବଚନ ଦ୍ୱାରା ଲୋକମାନଙ୍କ ପାଶବିକ ଗୁଣକୁ ଏକ ହିଂସ୍ର ଓ ବର୍ବରଗୁଣ କରିଦେଉଛି ଏବଂ ମାନବିକତାର ସମସ୍ତ ପବିତ୍ର ଗୁଣରୁ ବଂଚିତ କରିଦେଉଛି । ସୁତରାଂ ଏପରି ହିଁ ହେଉଅଛି । ମୁଁ ନିଶ୍ଚିତ ରୂପେ ଜାଣିଛି ଯେ ଯେତେମାତ୍ରାରେ ଏହିପରି ଅକାରଣରେ ହତ୍ୟା ଏପରି ଅଜ୍ଞାନ ଓ ସ୍ୱାର୍ଥପର ଲୋକମାନଙ୍କ ଦ୍ୱାରା ହେଉଅଛି ଯେ ସେମାନେ ଏହି ରହସ୍ୟକୁ ଜାଣିନାହାଁନ୍ତି କି କାହିଁକି ଓ କେଉଁଥିପାଇଁ ଇସଲାମ୍‌କୁ ନିଜର ପ୍ରାରମ୍ଭିକ ଯୁଗରେ ଯୁଦ୍ଧ କରିବାର ଆବଶ୍ୟକତା ଥିଲା । ସେ ସମସ୍ତଙ୍କ ପାପ ଏହି ମୌଲବୀ ମାନଙ୍କ ମୁଣ୍ଡରେ ପଡିବ ଯେ ସେମାନେ ଗୁପ୍ତ ଭାବେ ଏମିତି କଥା ଶିଖାଇଚାଲିଛନ୍ତି ଯାହାର ଫଳ ହେଉଛି ଭୟଙ୍କର କଷ୍ଟଦାୟକ ରକ୍ତପାତ" । (ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଅଓର୍ ଜିହାଦ୍, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୭)

"ବାସ୍ତବିକ ଏହି ଜିହାଦ୍ ପ୍ରସଙ୍ଗ ଯେମିତି ସେମାନଙ୍କ ମନ ଭିତରେ ରହିଛି ତାହା ଠିକ୍ ନୁହେଁ । ଓ ଏହାର ପ୍ରଥମ ପଦକ୍ଷେପ ହେଉଛି ମାନବିକ ସହାନୁଭୁତିକୁ ହତ୍ୟା କରିବା । (ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଅଓର୍ ଜିହାଦ୍, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୮)

"ମୌଲବୀମାନେ ଜିହାଦ୍‌ର ବାସ୍ତବିକତାକୁ ଲୁଚାଇ ରଖି ଲୁଟ୍‌ମାର୍ କରିବା ଓ ଲୋକମାନଙ୍କୁ ହତ୍ୟା କରିବାର ଯୋଜନା କରିବା ଇତ୍ୟାଦି ଶିକ୍ଷା ସାଧାରଣ ଲୋକମାନଙ୍କୁ ଶିଖାଇଛନ୍ତି ଓ ଏହାର ନାମ ଜିହାଦ୍ ରଖିଦେଇଛନ୍ତି" । (ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଅଓର୍ ଜିହାଦ୍, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୯)

"ଜିହାଦ୍‌ର ଏପରି ଶୈଳୀ ଯାହା ଉପରେ ଏ ଯୁଗରେ ଅଧିକାଂଶ ବର୍ବରକାଣ୍ଡ କରାଯାଉଅଛି ଏହା ଇସଲାମୀୟ ଜିହାଦ୍ ନୁହେଁ ବରଂ ଏହା ନଫ୍‌ସେ ଅମ୍ମାରା ଅର୍ଥାତ୍ ତାମସିକ ଗୁଣର ଆବେଗ ବା ତୁଛା ବୈକୁଣ୍ଠର ଲୋଭ କରିବାର ଅନୁଚିତ କାର୍ଯ୍ୟ ଅଟେ

ଯାହା ମୁସଲ୍‌ମାନ୍‌ମାନଙ୍କ ମଧ୍ୟରେ ପ୍ରଚାର ପ୍ରସାର ହୋଇଯାଇଛି” । (ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଅଓର୍ ଜିହାଦ୍, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୯)

### ମନଗଢ଼ା ଜିହାଦ୍ କରିବାର କୁଫଳାଫଳ

(୧)ଇସାଇମାନେ ନିଜ ଧର୍ମକୁ “ଦୀନେ ମୁହବତ୍ (ଅର୍ଥାତ୍ ପ୍ରେମର ଧର୍ମ)”ରୂପେ ଅଭିହିତ କରିଛନ୍ତି ଓ ଏ ସଂସାରବାସୀ ଇସାଇ ଧର୍ମକୁ ପ୍ରେମ, କରୁଣା ଓ ବିନୟ ସ୍ୱଭାବର ଧର୍ମ ବୋଲି ବିଶ୍ୱାସ କରୁଛନ୍ତି । ସେହିପରି ସନାତନ ଧର୍ମ (ହିନ୍ଦୁ ଧର୍ମ)ର ଲୋକମାନେ ନିଜ ଧର୍ମକୁ ଅହିଂସାର ଧର୍ମ ରୂପେ ପରିଚିତ କରାଇଛନ୍ତି ଏବଂ ଘୋଷଣା କରୁଛନ୍ତି ଯେ ହିନ୍ଦୁ ଧର୍ମ ଅହିଂସା ଉପରେ ବିଶ୍ୱାସ ରଖିଥାଏ । ଏ ଧର୍ମରେ ମନୁଷ୍ୟକୁ ହତ୍ୟା କରାଯିବା ଓ ରକ୍ତପାତ କରାଯିବା କଥା ତ ଛାଡନ୍ତୁ ଜୀବହତ୍ୟା କରିବା ମଧ୍ୟ ମନା ଅଛି । ସେହିପରି ପୃଥିବୀର ଅନ୍ୟଧର୍ମର ଧର୍ମଗୁରୁମାନେ ମଧ୍ୟ ନିଜ ନିଜ ଧର୍ମକୁ ସର୍ବୋତମ ବୋଲି ପ୍ରମାଣ ଦେଉଛନ୍ତି ଏବଂ ବତାଉଛନ୍ତି ଯେ ସେମାନଙ୍କ ଶିକ୍ଷାରେ ନମ୍ରତା ଓ ପ୍ରେମର ପାର୍ଶ୍ୱ ଅଧିକ ରହିଛି । ଏହା ଅଲଗା କଥା ଯେ ସେମାନଙ୍କର ଅସଲ ପୁସ୍ତକ ଗୁଡିକରେ କିପ୍ରକାର ଶିକ୍ଷା ରହିଛି କିନ୍ତୁ ସେହି ଧର୍ମର ଠିକାଦାର୍‌ମାନେ ଏ ପୃଥିବୀବାସୀଙ୍କ ଏକଥା ସ୍ୱୀକାର କରାଇଛନ୍ତି ଯେ ସେମାନଙ୍କର ଧର୍ମ, ପ୍ରେମ ଓ କରୁଣାର ଶିକ୍ଷା ଦେଇଥାଏ ।

ଏହାର ବିପରୀତ ପରକାଳ ବିଷୟରେ ଜ୍ଞାନ ନରଖିଥିବା ମୁସଲ୍‌ମାନମାନେ, ତଥାକଥିତ ମୌଲବୀମାନେ ଏବଂ ତଥାକଥିତ ଓ୍ୱଲେମାମାନେ ଇସ୍‌ଲାମ୍‌କୁ ଯେଉଁଭଳି ଏ ଦୁନିଆ ସମ୍ମୁଖରେ ଉପସ୍ଥାପନ କରିଛନ୍ତି ସେଥିରୁ ଏକଥା ନିଶ୍ଚିତ ହୋଇଯାଇଛି ଯେ ମୁଲାମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ଇସ୍‌ଲାମ୍ ସନ୍ତ୍ରାସବାଦ ଓ ରକ୍ତପାତ ବ୍ୟତୀତ ଆଉ କୌଣସି ଶିକ୍ଷା ଦେଉନାହିଁ । ମୌଲବୀମାନଙ୍କ ପ୍ରଭାବରେ ମୁସଲ୍‌ମାନ୍‌ମାନେ ଏପରି ଇସ୍‌ଲାମ୍‌କୁ ସୟଦ୍‌ନା ମୁହମ୍ମଦ୍ ସ:ଆ:ସଙ୍କ ସହିତ ଯୋଡି ଦେଇଛନ୍ତି । ଯେବେ କି ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ଉପସ୍ଥାପିତ ହେଉଥିବା ଇସ୍‌ଲାମ୍ ସହିତ ଏହାର ସମ୍ପର୍କ ତିଳେମାତ୍ର ବି ନାହିଁ ।

(୨)ଦୁଃଖର କଥା ହେଉଛି ଏହା ଯେ ବର୍ତମାନ ଯୁଗରେ ମୁସଲ୍‌ମାନ୍‌ମାନଙ୍କର ପ୍ରତ୍ୟେକ ଦେଶରେ ଦୁଇ ଦୁଇଟି ଫିର୍‌କା ଅର୍ଥାତ୍ ଦୁଇଟି ଦଳ ସୃଷ୍ଟି ହୋଇଯାଇଛି । ଗୋଟିଏ ହେଉଛି ସରକାରଙ୍କ ଦଳ ଏବଂ ଆଉ ଗୋଟିଏ ହେଉଛି ସରକାର ବିରୋଧି ଦଳ । ଏହି ଦୁଇ ଦଳ ଆନ୍ତର୍ଜାତୀୟ ଇସ୍‌ଲାମୀୟ ଶତୃମାନଙ୍କର ଅସ୍ତ୍ର ହୋଇ ରହିଛନ୍ତି ଏବଂ ଏହି ଦୁଇଦଳକୁ ବିପଦପୂର୍ଣ୍ଣ ହତିଆର୍ ବାହ୍ୟ ଶକ୍ତିଶାଳୀ ରାଷ୍ଟ୍ରଗୁଡିକ ଯୋଗାଇ ଦେଉଛନ୍ତି । ଯେବେ କି ଇସ୍‌ଲାମ୍ ସହିତ ଏହାର କିଛି ମଧ୍ୟ ସମ୍ପର୍କ ନାହିଁ । ବରଂ ବୈଦେଶିକ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କର ଏହା ଏକ ଯୋଜନା ଯାହା ଜରିଆରେ ଇସ୍‌ଲାମ୍‌ର ଶାନ୍ତିପୂର୍ଣ୍ଣ ଶିକ୍ଷାକୁ ଦାଗ ଲଗାଯାଉଛି ଓ ଇସ୍‌ଲାମ୍‌କୁ ଏକ ସନ୍ତ୍ରାସବାଦ ଓ ଭୟର ଧର୍ମ ବୋଲି ପ୍ରଚାର କରାଯାଉଛି ।

ଉଦାହରଣ ସ୍ୱରୂପ ନିକଟ ଅତୀତରେ ଆଫ୍‌ଗାନିସ୍ତାନ୍‌ରେ ରୁଷ୍ ଦେଶର ସେନା ପ୍ରବେଶ କରିଯାଇଥିଲେ ଏବଂ ଆଫ୍‌ଗାନିସ୍ତାନ୍ ଉପରେ କବ୍‌ଜା କରିନେଲେ । ରୁଷ୍‌ର ଶତୃରାଷ୍ଟ୍ର ଆମେରିକାକୁ ଏକଥା ଠିକ୍ ଲାଗିଲା ନାହିଁ । ତେଣୁ ସେ ପେଶାଓ୍ୱର୍ ଏବଂ ତା ଚତୁଃପାର୍ଶ୍ୱରେ ରହିଥିବା ମୁସଲ୍‌ମାନ୍ ଜିହାଦିମାନଙ୍କୁ ଟ୍ରେନିଂ ଦେଲା ଓ ସେମାନଙ୍କୁ ଜିହାଦ୍ କରିବା ପାଇଁ ଆଫ୍‌ଗାନିସ୍ତାନ୍ ପଠାଇଦେଲା ଓ ସେମାନଙ୍କୁ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇଦେଲା । ପରିଶେଷରେ କିଛି ବର୍ଷ ଚେଷ୍ଟା କରିବା ପରେ ରୁଷିଆ ଆଫ୍‌ଗାନିସ୍ତାନ୍‌ରୁ ବାହାରି ଚାଲିଯିବା ପାଇଁ ବାଧ୍ୟ ହେଲା । ତା’ପରେ ଆମେରିକା ସେଠାରେ କବ୍‌ଜା କରିନେଲା । ସୁତରାଂ ଆଫ୍‌ଗାନିସ୍ତାନ୍‌ରେ ଏପର୍ଯ୍ୟନ୍ତ ମୁସଲ୍‌ମାନମାନଙ୍କ ରକ୍ତରେ ହୋଲି ଖେଳାଯାଉଅଛି । ଏହା ସବୁକିଛି ଜିହାଦ୍ ନାମରେ ଇସ୍‌ଲାମ୍‌କୁ ବଦ୍‌ନାମ୍ କରିବା ପାଇଁ କରାଯାଉଅଛି ।

କେବଳ ଆଫ୍‌ଗାନିସ୍ତାନ୍‌ରେ କାହିଁକି । ଇରାକ୍, ଶିରିୟା, ମିଶର୍, ପାଲେଷ୍ଟାଇନ୍, ଲେବ୍‌ନାନ୍, ଅଲ୍‌ଜଜାଇର୍, ତିଉନସ୍ ଏବଂ ୟମନ୍ ଇତ୍ୟାଦି ଦେଶଗୁଡିକରେ ମଧ୍ୟ ଏହି ତଥାକଥିତ ଜିହାଦିମାନେ ନିଜର ତଥାକଥିତ ଜିହାଦ୍ ଜରିଆରେ ଇସ୍‌ଲାମ୍‌କୁ ବଦ୍‌ନାମ୍ କରୁଛନ୍ତି ଓ ଅନ୍ୟପଟେ ନିଜ ଦେଶକୁ ଧ୍ୱଂସ କରୁଅଛନ୍ତି । ଇରାକ୍‌ରେ ଜଣେ ତଥାକଥିତ ଖଲିଫା ସର୍ବସାଧାରଣରେ ଏହାକୁ ବାଗ୍‌ଦାଦି କୁହାଯାଉଛି ତାକୁ ଗୋଟିଏ ଆନ୍ତର୍ଜାତୀୟ ଶକ୍ତି ଛିଡା କରାଇଲା । ତା ଜରିଆରେ ଇସ୍‌ଲାମ୍ ନାମରେ ହତ୍ୟା, ବର୍ବରତା ଓ ରକ୍ତପାତ କରାଇଲା ଏବଂ ଖିଲାଫତ୍ ପରି ପବିତ୍ର ନାମକୁ ବଦ୍‌ନାମ୍ କଲା ଏବଂ ପୁଣି ଯେତେବେଳେ ଏହି ନିନ୍ଦନୀୟ ଷଡଯନ୍ତ୍ର ସଫଳ ନହେଲା ତେବେ କୁହାଯାଉଛି ଯେ ତାକୁ ଏ ସଂସାରରୁ ଧ୍ୱଂସ କରିଦିଆଗଲା । ଏହା ସବୁ ଏଇଥିପାଇଁ ହେଲା ଯେ ମୁସଲ୍‌ମାନ୍‌ମାନଙ୍କର ମୁଲାମାନେ ଜିହାଦ୍‌ର ଅର୍ଥ ଭୁଲ୍ କରିଛନ୍ତି ଏବଂ ସାଧାରଣ ଲୋକମାନଙ୍କୁ ଏତେମାତ୍ରାରେ ଉସୁକାଇ ଦେଇଛନ୍ତି ଯେ ସେମାନେ ଜିହାଦ୍‌ର ସଠିକ୍ ଅର୍ଥକୁ ଓ ଭାବକୁ ବୁଝିପାରୁନାହାଁନ୍ତି । ଏହାର ବିପରୀତ ସେମାନେ କେବଳ ରକ୍ତପାତକୁ ହିଁ ଜିହାଦ୍ ବୋଲି ବୁଝି ନେଇଛନ୍ତି ।

### ଜିହାଦ୍‌ର ମନଗଢ଼ା ବିଶ୍ୱାସ ଏବଂ ତା’ର କୁପ୍ରଭାବରୁ ବଂଚିବାର ମାର୍ଗ

ଅଲ୍ଲାଃତାଲା ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସକୁ ଏ ଯୁଗର ହକମ୍ ଏବଂ ଅଦଲ୍ ବନାଇ ପ୍ରେରଣ କରିଛନ୍ତି । ଆପଣ ଆ:ସ ସେହି ସମସ୍ତ ଖରାପ ପ୍ରଥା ଗୁଡିକର ଇସ୍‌ଲାହ୍ କଲେ ଯାହାକୁ ମୁସଲ୍‌ମାନମାନେ ବିଗାଡି ଦେଇଥିଲେ । ସେହି ପ୍ରଥାଗୁଡିକ ମଧ୍ୟରେ ଗୋଟିଏ ପ୍ରଥା ଥିଲା ଜିହାଦ୍ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜିହାଦ୍‌ର ପ୍ରକୃତ ସଂଜ୍ଞା ଲୋକମାନଙ୍କୁ ବୁଝାଇଲେ ଓ ଏକଥା କହିଲେ ଯେ ବର୍ତମାନ ଯୁଗରେ କୌଣସି ଦେଶ ବା କୌଣସି ଶକ୍ତି ମୁସଲ୍‌ମାନ୍‌ମାନଙ୍କୁ ଇସ୍‌ଲାମୀୟ ଶିକ୍ଷା ଉପରେ ପରିଚାଳିତ ହେବାପାଇଁ ତରବାରି ସାହାଯ୍ୟରେ ରୋକୁନାହିଁ ଏବଂ ନା ହିଁ ସେମାନଙ୍କୁ ଇସ୍‌ଲାମ୍ ଉପରେ ପରିଚାଳିତ ହେବାଯୋଗୁ ସେମାନଙ୍କ ଘରୁ ବେଦଖଲ କରୁଛି ଏବଂ ନା ହିଁ ତାଙ୍କ ଉପରେ ଏପରି ଅତ୍ୟାଚାର କରୁଛି, ଯେଉଁଭଳି ଅତ୍ୟାଚାର କୁଫାରେ ମକ୍କା (ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ମକ୍କାର ଅବିଶ୍ୱାସୀମାନେ) ମୁସଲ୍‌ମାନ୍‌ମାନଙ୍କ ଉପରେ କରିଥିଲେ ସୁତରାଂ ଜିହାଦେ ଅସ୍‌ଗର୍ ବା ଜିହାଦେ ବିସ୍‌ସୈଫ୍ (ଅର୍ଥାତ୍ ତରବାରି ସାହାଯ୍ୟରେ ଯୁଦ୍ଧ) କରିବାର କୌଣସି କାରଣ ନାହିଁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- “ଆଜିଠାରୁ ମାନବିକ ଜିହାଦ୍ ଯାହା ତରବାରି ଦ୍ୱାରା କରାଯାଉଥିଲା ତାହା ଖୁଦାଙ୍କ ନିର୍ଦ୍ଦେଶ ସହିତ ବନ୍ଦ କରିଦିଆଗଲା । ଏବେ ଏହାପରେ ଯେଉଁ ବ୍ୟକ୍ତି କାଫିର୍ (ଅର୍ଥାତ୍ ଅବିଶ୍ୱାସକାରୀ)ଙ୍କ ଉପରେ ତରବାରି ଚାଳନା କରେ ଓ ନିଜର ନାମ ଗାଜି ରଖେ ତେବେ ସେ ରସୁଲେ କରିମ୍ ସ:ଆ:ସଙ୍କ ଅମାନ୍ୟ କରୁଅଛି ଯିଏ ଆଜିଠାରୁ ୧୩ଶହ ବର୍ଷ ପୂର୍ବେ ଏକଥା କହିଛନ୍ତି ଯେ ମସିହ୍ ମଉଦ୍‌ଙ୍କ ଆବିର୍ଭାବ ହେବାରେ ସମସ୍ତ ତରବାରିର ଜିହାଦ୍‌କୁ ଶେଷ କରିଦିଆଯିବ । ସୁତରାଂ ଏବେ ମୋ ପ୍ରକଟ ହେବାପରେ ତରବାରିର କୌଣସି ଜିହାଦ୍ ନାହିଁ । ଆମ ତରଫରୁ ଶାନ୍ତି ଓ ସୁଲାହ୍‌ର ଶୁଭ୍ର ଧ୍ୱଜା ଉତଳନ କରାଯାଇଅଛି । ଖୁଦାତାଲାଙ୍କ ଆଡକୁ ଡାକିବା ପାଇଁ କେବଳ ଗୋଟିଏ ମାର୍ଗ ନାହିଁ । ସୁତରାଂ ଯେଉଁ ମାର୍ଗ ଉପରେ ଏହି ଅଜ୍ଞାନ ଲୋକମାନେ ଆପତି କରିସାରିଛନ୍ତି, ଖୁଦାତାଲାଙ୍କ ହିକ୍‌ମତ୍ ଓ କର୍ମ ଏକଥା ଚାହୁଁନାହିଁ ଯେ ସେହି ମାର୍ଗକୁ ପୁଣି ଗ୍ରହଣ କରାଯାଉ । ଏହାର ଉଦାହରଣ ହେଉଛି ଏପରି କି ଯେଉଁ ନିଦ୍ଦର୍ଶନ/ଲକ୍ଷଣ/ଚିହ୍ନ ଗୁଡିକର ପୂର୍ବରୁ ମିଥ୍ୟାରୂପେ ଅଭିହିତ କରାଯାଇସାରିଛି ତାହା ଆମ ସୟଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଦିଆଯାଇନାହିଁ । ସୁତରାଂ ମସିହ୍ ମଉଦ୍ ନିଜର ସେନାକୁ ଏହି ପରିତ୍ୟକ୍ତ ସ୍ଥାନରୁ ପଛକୁ ଘୁଂଚିଯିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି । (ଖୁତ୍‌ବା ଇଲ୍‌ହାମିୟା, ରୁହାନି ଖଜାଏନ୍, ଖଣ୍ଡ-୧୬, ପୃଷ୍ଠା-୨୮)

ତୋହଫା ଗୋଲଡିୟା ପୁସ୍ତକରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

”وجوه الجهاد معدومة فى هذا لزمن و هذه
البلاد ـفاليوم حرامٌ على المسلمين
ان يحاربو اللدين ـو ان يقتلوا من كفر
بالشرع المتين ـفان الله صرّح حرمة
الجهاد عند زمان الامن والعافية “

ଅର୍ଥାତ୍-ଯେହେତୁ ବର୍ତମାନ ଯୁଗରେ ଓ ଏ ଦେଶରେ ଜିହାଦ୍ କରିବାର କୌଣସି ଯଥାର୍ଥ କାରଣ ହିଁ ନାହିଁ ତେଣୁ ମୁସଲ୍‌ମାନମାନଙ୍କ ଉପରେ ଧର୍ମ ପାଇଁ ଯୁଦ୍ଧ କରିବା ଏବେ ହରାମ୍ ଯେ ସେମାନେ ଏପରି ବ୍ୟକ୍ତିକୁ ହତ୍ୟା କରନ୍ତୁ ଯିଏ ଶରଏ ମତିନ (ଅର୍ଥାତ୍ ମଜ୍‌ବୁତ୍ ବିଧାନ ଅର୍ଥାତ୍ ଇସ୍‌ଲାମ୍)କୁ ଅସ୍ୱୀକାର କରୁଅଛି, କାରଣ ଖୁଦାତାଲା ସ୍ୱଷ୍ଟଭାବେ ଏକଥା ବତାଇ ଦେଇଛନ୍ତି ଯେ ଶାନ୍ତି ଓ କୁଶଳ ମଙ୍ଗଳ ସମୟରେ ଜିହାଦ୍ ହରାମ୍ (ଅର୍ଥାତ୍ ଅବୈଧ) ହୋଇଥାଏ । (ଜମିମା ତୋହଫା ଗୋଲଡ୍ରୁଓ୍ୱିୟା, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୮୨)

ହକିକତୁଲ୍ ମେହ୍‌ଦୀରେ ସେ କହୁଛନ୍ତି ଯେ:- *“ଫରୁଫିଅତ୍ ହାଜେହିସ୍ ସୁନ୍ନା.....ଅନ୍‌ନକ୍‌ତୁଲା ବିଲ୍ ହିସାମ୍”*

ଅର୍ଥାତ୍ ଏହି ସୁନ୍ନତ୍ (ଅର୍ଥାତ୍ ତରବାରି ସାହାଯ୍ୟରେ ଯୁଦ୍ଧ କରିବା)କୁ ମୁଲତବି କରିଦିଆଯାଇଅଛି । ଏହା ଏଇଥିଯୋଗୁ ଯେ ଏବେ ଏ ସବୁର ଆବଶ୍ୟକତା ଆଉନାହିଁ । ଆମକୁ ଏ ନିର୍ଦ୍ଦେଶ ଦିଆଯାଇଛି ଯେ ଆମେ କାଫର୍ ଅର୍ଥାତ୍ ଅବିଶ୍ୱାସକାରୀମାନଙ୍କ ସହିତ ସେହିପରି ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବୁ ଯେଉଁଭଳି ସେମାନେ ଆମ ସହିତ ମୁକାବିଲା କରୁଛନ୍ତି । ଆମେ ସେପର୍ଯ୍ୟନ୍ତ ସେମାନଙ୍କ ସହିତ ତରବାରି ସାହାଯ୍ୟରେ ଯୁଦ୍ଧ କରିବୁ ନାହିଁ, ଯେପର୍ଯ୍ୟନ୍ତ ଆମ ଉପରେ ତରବାରି ସାହାଯ୍ୟରେ ଆକ୍ରମଣ ନ କରାଯାଇଛି । (ହକିକତୁଲ୍ ମେହ୍‌ଦୀ, ରୁହାନି ଖଜାଏନ୍, ଖଣ୍ଡ-୧୪, ପୃଷ୍ଠା-୪୫୪)

ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମୁସଲ୍‌ମାନ୍‌ମାନଙ୍କୁ ଜିହାଦ୍ କରିବା ପାଇଁ ରୋକି ନାହାଁନ୍ତି ବରଂ ଇସ୍‌ଲାମ୍‌ର ବିରୋଧିମାନଙ୍କ ସହିତ ତରବାରି ସାହାଯ୍ୟରେ ଯୁଦ୍ଧ କରିବା ପାଇଁ ଓ ସେମାନଙ୍କୁ ହତ୍ୟା କରିବା ପାଇଁ ରୋକିଛନ୍ତି । ଏହା ଏଇଥିପାଇଁ

ଯେ ବର୍ତମାନ ସେମାନେ ଇସ୍‌ଲାମ୍ ଧର୍ମକୁ ନିଃଶେଷ କରିବା ପାଇଁ ତରବାରି ସାହାଯ୍ୟରେ ଆକ୍ରମଣ କରୁନାହାଁନ୍ତି । ତେଣୁ ବିନା କାରଣରେ ଇସ୍‌ଲାମ୍ ନାମରେ ତରବାରି ଉଠାଇବା ମୁସଲ୍‌ମାନ୍‌ମାନଙ୍କ ପାଇଁ ଅନୁଚିତ୍ । ଏବଂ ଗାଜି ବୋଲାଇବା ସଉକ୍‌ରେ କୁଫାର୍‌ଙ୍କ ମୁଣ୍ଡ କାଟିବା ଅନୁଚିତ୍ ।

**ମୁସଲ୍‌ମାନ୍‌ଙ୍କ ନିକଟରେ ତରବାରିର ଯୁଦ୍ଧ ନିମନ୍ତେ ତା ତରବାରି ଅଛି ନା ଢ଼ାଲ**

ସୟଦ୍‌ନା ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହିଛନ୍ତି ଯେ *"ଇନ୍ନମଲ୍ ଇମାମୁ ଜୁନ୍ନତୁ ୟୁକାତିଲୁ ମିଉ ୱରାଇହି ୱ ୟୁତ୍‌ତକା ବିହି" (ସହି ମୁସ୍‌ଲିମ୍ କିତାବୁଲ୍ ଇମାରାଃ)* ଅର୍ଥାତ୍ (ଅଲ୍ଲାଃତାଲାଙ୍କ ତରଫରୁ) ନିୟୋଜିତ ହୋଇଥିବା ଇମାମ୍ ଢ଼ାଲ ସଦୃଶ ହୋଇଥାନ୍ତି, ଯାହାଙ୍କ ପଛରେ ରହି ଯୁଦ୍ଧ ଲଢ଼ା ଯାଇଥାଏ ଓ ତାହାଙ୍କ ଜରିଆରେ ବଂଚାଯାଇଥାଏ । ଏହିପରି ଯୁଦ୍ଧ କରୁଥିବା ଲୋକମାନଙ୍କ ସମ୍ବନ୍ଧରେ ଅଲ୍ଲାଃତାଲାଙ୍କ ପ୍ରତିଶୃତି ରହିଛି ଯେ ଅଲ୍ଲାଃ ସେମାନଙ୍କୁ ପୂର୍ଣ୍ଣ ସାହାଯ୍ୟ ସହଯୋଗ କରିବା ପାଇଁ ସମର୍ଥ ହୋଇଥାନ୍ତି । କିନ୍ତୁ ବର୍ତମାନ ଯୁଗରେ ଏପରି ଦେଶଗୁଡିକ ଅଛନ୍ତି ଯେଉଁଥିରେ ନିଜକୁ ମୁସଲ୍‌ମାନ୍ ବୋଲାଉଥିବା ଶାସକ ବା ଏପରି ସନ୍ତ୍ରାସବାଦ ସଂଗଠନମାନ ରହିଛି ଯିଏ ନିଜକୁ ଇସ୍‌ଲାମ୍ ସହିତ ସମ୍ବନ୍ଧିତ କରୁଛନ୍ତି । କିନ୍ତୁ ପ୍ରତ୍ୟେକ ଅଭିଯାନରେ ସେମାନେ ପରାଜୟ ବରଣ କରୁଛନ୍ତି ଓ ଅସଫଳତାର ସମ୍ମୁଖୀନ ହେଉଛନ୍ତି । ଏଥିରୁ ସ୍ପଷ୍ଟ ଅର୍ଥ ବାହାରୁଛି ଯେ ଉପରୋକ୍ତ ବର୍ଣ୍ଣିତ ଆୟତର ଆଲୋକରେ ସେମାନଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରାପ୍ତ ହେଉନାହିଁ । ହଁ ଯେଉଁ ସବୁ ଯୁଦ୍ଧ ଗୁଡିକ ରାଜନୈତିକ ଉଦ୍ଦେଶ୍ୟ ପାଇଁ କରାଯାଉଛି ସେହି ଯୁଦ୍ଧଗୁଡିକୁ ରାଜନିତୀ ନାଆରେ ଲଢ଼ିବା ଉଚିତ୍ । ଇସ୍‌ଲାମ୍ ଧର୍ମର ତା ସହିତ କିଛି ସମ୍ପର୍କ ନାହିଁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

*ଅବ୍ ତୁମ୍ ମେ କ୍ୟୁଁ ସୈଫ୍ କି ତାକତ୍ ନେହିଁ ରହି*
*ଭେଦ୍ ଇସ୍ ମେ ହୈ ୟେହି କେ ୱହ୍ ହାଜତ୍ ନେହିଁ ରହି*

(ଅର୍ଥାତ୍- ଏବେ ତୁମଠାରେ କାହିଁକି ତରବାରି ଚାଳନା କରିବାର ଶକ୍ତିନାହିଁ, ଏହାର ରହସ୍ୟ ହେଉଛି ଏହା ଯେ ଏବେ ତାହାର କୌଣସି ଆବଶ୍ୟକତା ନାହିଁ)

*ଅବ୍ କୋଇ ତୁମ୍ ପେ ଜବର୍ ନେହିଁ ଗଏର୍ କୌମ୍ ସେ*
*କରତି ନେହିଁ ହୈ ମନା ସଲାତ୍ ଅଓର୍ ସୌମ୍ ସେ*

(ଅର୍ଥାତ୍- ଅନ୍ୟ ଧର୍ମର ଲୋକମାନଙ୍କ ତରଫରୁ ତୁମ ଉପରେ କୌଣସି ବାଧ-ବାଧକତା ନାହିଁ, କାରଣ ସେମାନେ ତୁମକୁ ନମାଜ ଓ ରୋଜା ରଖିବା ପାଇଁ ମନା କରୁନାହାଁନ୍ତି)

*ତୁମ୍ ମେ ସେ ଜିସ୍‌କୋ ଦିନୋ ଦିଆନତ୍ ସେ ହୈ ପ୍ୟାର୍*
*ଅବ୍ ଉସ୍‌କା ଫର୍ଜ୍ ହୈ କେ ୱ ଦିଲ୍ କର୍ କେ ଇସ୍‌ତ୍‌ୱାର୍*

(ଅର୍ଥାତ୍- ତୁମମାନଙ୍କ ମଧ୍ୟରୁ ଯିଏ ସତ୍ୟ ଓ ଧର୍ମକୁ ପ୍ରେମ କରୁଛି, ଏବେ ତା'ପାଇଁ ଏହା ନିଶ୍ଚିତ ଯେ ସେ ହୃଦୟକୁ ମଜବୁତ୍ କରି)

*ଲୋଗୌଁ କୋ ୟେ ବତାଇୟେ କେ ୱକ୍‌ତେ ମସି ହୈ*
*ଅବ୍ ଜଙ୍ଗ୍ ଅଓର୍ ଜିହାଦ୍ ହରାମ୍ ଅଓର୍ କବିହ୍ ହୈ*

(ଲୋକମାନଙ୍କୁ ଏକଥା ବତାଉ ଯେ ବର୍ତମାନ ମସିହ୍‌ଙ୍କ ସମୟ ଆସିଯାଇଛି, ତେଣୁ ଯୁଦ୍ଧ, ଜିହାଦ୍ ହେଉଛି ହରାମ୍ ଓ ନିକୃଷ୍ଟ କାର୍ଯ୍ୟ)

(ଜମିମା ତୋହଫା ଗୋଲଡୁଓ୍ୱିୟା, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୭୭)

**ପ୍ରତ୍ୟେକ ଯୁଗରେ ଜିହାଦ୍‌ର ସ୍ୱରୂପ ଅଲଗା ହୋଇଥାଏ**

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ:-

واعلمو ان وقت الجهاد السيفى
قد مضى ولم يبق الا جهاد القلم
والدعاء وآيات عظمى

ଅର୍ଥାତ୍ ଏକଥା ଜାଣିରଖ ଯେ ବର୍ତମାନ ତରବାରି ସାହାଯ୍ୟରେ ଯୁଦ୍ଧ କରିବାର ଯୁଗନାହିଁ ବରଂ ଦୁଆ ଏବଂ ଆୟାତେ ଉଜ୍‌ମା (ଅର୍ଥାତ୍ ପବିତ୍ର କୋରାନ୍‌ର ମହାନ୍ ଶିକ୍ଷାଦ୍ୱାରା) ଜିହାଦ୍ କରିବାର ଯୁଦ୍ଧ । (ହକିକତୁଲ୍ ମେହ୍‌ଦୀ, ରୁହାନି ଖଜାଏନ୍, ଖଣ୍ଡ-୧୪, ପୃଷ୍ଠା-୪୫୭)

فلا سيف فى هذا الزمان الّا
سيف قوة البيان ولا اجد فى هذا العصر
تاثير القنات الّا فى البراهين و الادلة
والآيات

ଅର୍ଥାତ୍:- ଏ ଯୁଗରେ ବାକ୍ ଶକ୍ତି ବ୍ୟତୀତ ଆଉ କୌଣସି ତରବାରି ନାହିଁ ଏବଂ ଦଲିଲ୍, ପ୍ରମାଣ ଏବଂ ନିଦର୍ଶନ ଗୁଡିକ ବର୍ଣ୍ଣନା କରିବାରେ ଯେଉଁ ପ୍ରଭାବ ହୋଇଛି ତାହା କନ୍ତ/ଭାଲି ରେ କଦାପି ନାହିଁ ।

(ହକିକତୁଲ୍ ମେହ୍‌ଦୀ, ରୁହାନି ଖଜାଏନ୍, ଖଣ୍ଡ-୧୪, ପୃଷ୍ଠା-୪୬୩)

ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ସୟଦ୍‌ନା ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଜରିଆରେ ପ୍ରତ୍ୟେକ ମୁସଲ୍‌ମାନଙ୍କୁ ଯେଉଁ ଜିହାଦ୍ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ତାହା ହେଉଛି "ଜିହାଦେ କବୀର୍" (ଅର୍ଥାତ୍ ବଡ ଜିହାଦ୍) । ଅଲ୍ଲାଃତାଲାଙ୍କର ଏ ନିର୍ଦ୍ଦେଶ ରହିଛି କି ***ୱଜାହିଦ୍‌ହୁମ୍ ବିହି ଜିହାଦନ୍ କବିରା*** (ଅଲ୍‌ଫୁର୍‌କାନ୍:୫୩) ଅର୍ଥାତ୍ ତୁମେ ଅବିଶ୍ୱାସୀମାନଙ୍କ କଥା ମାନନାହିଁ ଓ ଏହି (ପବିତ୍ର କୋରାନ୍) ଜରିଆରେ "ଜିହାଦେ କବୀର୍" କର । ଆଉ ଗୋଟିଏ ସ୍ଥାନରେ ଅଲ୍ଲାଃତାଲା ଏ ନିର୍ଦ୍ଦେଶ ଦେଇଛନ୍ତି ଯେ:-

يٰٓاَيُّهَا الرَّسُوۡلُ بَلِّغۡ مَاۤ اُنۡزِلَ اِلَيۡكَ مِنۡ رَّبِّكَ

ଅର୍ଥାତ୍ ହେ ରସୁଲ୍ ତୁମ ପାଳନକର୍ତାଙ୍କ ତରଫରୁ ଯେଉଁବାଣୀ ମଧ ତୁମ ଉପରେ ଅବତୀର୍ଣ୍ଣ କରାଯାଇଅଛି ତାହା ସବୁକୁ ଲୋକମାନଙ୍କ ନିକଟରେ ପହଂଚାଇଦିଅ । (ଅଲ୍‌ମାଇଦା:୬୮)

ବର୍ତମାନ ଯୁଗରେ ମୁସଲ୍‌ମାନ୍‌ମାନଙ୍କ ଉପରେ ଯେଉଁ ଜିହାଦ୍‌କୁ କରିବା ପାଇଁ ଫର୍ଜ୍ (ଅର୍ଥାତ୍ ବୈଧ) କରାଯାଇଛି ଓ ଯାହାକୁ କରିବା ପାଇଁ ଭୀଷଣ ଆବଶ୍ୟକତା ରହିଛି ତାହା ହେଉଛି "ତବ୍‌ଲିଗେ ଇସ୍‌ଲାମ୍ ଅଓର୍ ଦାଓ୍ୱତେ ଇଲଲ୍ଲାଃ" (ଅର୍ଥାତ୍ ଇସ୍‌ଲାମ୍‌ର ତବ୍‌ଲିଗ୍ କରିବା ଓ ଅଲ୍ଲାଃତାଲାଙ୍କ ଆଡକୁ ଲୋକମାନଙ୍କୁ ଡାକିବା) ଏହା ହେଉଛି ଜିହାଦେ କବୀର୍ ଓ ଏହା ମୁସଲ୍‌ମାନ୍‌ମାନଙ୍କ ଉପରେ ପ୍ରତ୍ୟେକ ଯୁଗରେ ଓ ପ୍ରତ୍ୟେକ ସ୍ଥାନରେ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା କିନ୍ତୁ ଦୁଃଖର କଥା ହେଉଛି ଏହା ଯେ ମୁସଲ୍‌ମାନ୍‌ମାନଙ୍କର ତଥାକଥିତ ମୁଲାମାନଙ୍କ ଉପରେ ଏବଂ ତଥାକଥିତ ଧର୍ମଗୁରୁମାନଙ୍କ ଉପରେ ଦୁଃଖ ଲାଗୁଛି ଯେ ସେମାନେ ଏହି ଜିହାଦ୍ କରିବା ପାଇଁ ତ କୌଣସି ଧ୍ୟାନ ଦେଲେନାହିଁ ବରଂ ଏମିତି ଏକ ଜିହାଦ୍ କରିବା ପାଇଁ ବାହାରିପଡିଲେ ଯାହାର ଆବଶ୍ୟକତା ଏ ଯୁଗରେ ନଥିଲା । ସେଥିଯୋଗୁ ମୁସଲ୍‌ମାନ୍‌ମାନଙ୍କର ପ୍ରତ୍ୟେକ ଅଭିଯାନରେ ଭୟାବହ ପରାଜୟ ହେଲା । ଆଜିଠାରୁ ଊଣାଅଧିକେ ଏକଶହ ଦୁଇବର୍ଷ ପୂର୍ବେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏ ଉପଦେଶ ଦେଇଥିଲେ ଯେ:-

*ଅବ୍ ଛୋଡ୍ ଦୋ ଜିହାଦ୍ କା ଆଏ ଦୋସ୍ତୋ ଖୟାଲ୍*
*ଦୀଁ କେଲିଏ ହରାମ୍ ହୈ ଅବ୍ ଜଙ୍ଗ୍ ୱ କିତାଲ୍*
*ୟେ ହୁକୁମ୍ ସୁନ୍ କେ ଭି ଜୋ ଲଢ଼ାଇ କୋ ଯାଏଗା*
*ୱ କାଫିରୌଁ ସେ ସଖ୍‌ତ୍ ହଜିମତ୍ ଉଠାଏଗା*

(ଅର୍ଥାତ୍- ହେ ବନ୍ଧୁମାନେ ! ଏବେ ଜିହାଦ୍ କରିବାର ଭାବନାକୁ ପରିତ୍ୟାଗ କରିଦିଅ କାରଣ ଏବେ ଧର୍ମପାଇଁ ଯୁଦ୍ଧ ଓ ହତ୍ୟାକାଣ୍ଡ କରିବା ହରାମ୍ ହୋଇଯାଇଛି । ଏହି ନିର୍ଦ୍ଦେଶକୁ ଶୁଣି ମଧ ଯିଏ ଯୁଦ୍ଧ କରିବା ପାଇଁ ଯିବ ସେ ଅବିଶ୍ୱାସକାରୀଙ୍କଦ୍ୱାରା ଭୀଷଣ ରୂପେ ପରାଜୟ ବରଣ କରିବ) । (ଜମିମା ତୋହଫା ଗୋଲଡିଓ୍ୱିୟା, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୭୭)

ବିଗତ ୧୦୨ବର୍ଷ ସାକ୍ଷୀ ରହିଛି ଯେ ଏ ଦୁନିଆରେ ଯେଉଁଠି ମଧ ମୁସଲ୍‌ମାନ୍‌ମାନେ "ଇସ୍‌ଲାମ୍ ଧର୍ମ" ନାମରେ ତରବାରି ସାହାଯ୍ୟରେ ଯୁଦ୍ଧ କରିଛନ୍ତି ସେଠାରେ ସେମାନଙ୍କୁ ଭୀଷଣ ପରାଜୟର ମୁହଁ ଦେଖିବାକୁ ପଡିଛି ।

ବର୍ତମାନ ଯୁଗରେ ତବ୍‌ଲିଗେ ଇସ୍‌ଲାମ୍ ଅର୍ଥାତ୍ ଇସ୍‌ଲାମ୍‌ର ପ୍ରସାର ପ୍ରଚାର କରିବା ଏବଂ ଜିହାଦ୍ ବିଲ୍ କୁରଆନ୍ ଅର୍ଥାତ୍ ପବିତ୍ର କୋରାନ୍ ଜରିଆରେ ଅଦମ୍ୟ ଚେଷ୍ଟା କରିବାର ଆବଶ୍ୟକତା ରହିଛି । ଅଲ୍‌ହମ୍‌ଦୋଲିଲ୍ଲାଃ ମୁସ୍‌ଲିମ୍ ଜମାତ୍ ଅହେମଦୀୟା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ନସରଲ୍ଲାହୁ ନସରନ୍ ଅଜିଜାଙ୍କ ନେତୃତ୍ୱରେ ଓ ଇମାମତ୍ ଜରିଆରେ ଜିହାଦେ କବୀର୍‌ର କର୍ତବ୍ୟ ନିର୍ବାହ କରିଚାଲିଛି ।

---

*ପୃଷ୍ଠା-୮ ର ଅବଶିଷ୍ଟାଂଶ......*

ହେବ । ଏହା ହେଉଛି ଦ୍ୱିତୀୟ ପ୍ରକାରର ଜିହାଦ୍ ଅର୍ଥାତ୍ ମନୁଷ୍ୟ ମନର ସୁଧାର କୁର୍‌ଆନ୍‌ର ଜ୍ୟୋତି ମାଧ୍ୟମରେ ହୋଇଥାଏ ।

ତୃତୀୟ ପ୍ରକାରର ଜିହାଦ୍ ହେଉଛି ଏହା କି ଯେତେବେଳେ ସଇତାନ୍ ନିଜ ତରବାରିକୁ ନିୟାମରୁ ବାହାର କରେ ଏବଂ ଭୌତିକ ଓ ସାଂସାରିକ ଶକ୍ତି ସହିତ ଆଧାତ୍ମିକ ପରାକାଷ୍ଠାକୁ ଦଳିଦେବା ପାଇଁ ଚେଷ୍ଟା କରେ ସେତେବେଳେ ସେହି ତରବାରିକୁ ଖୁଦାତାଲାଙ୍କ ସହଯୋଗ ଦ୍ୱାରା ଏବଂ ଦୁଆ ମାଧ୍ୟମରେ ଅଲ୍ଲାଃତାଲାଙ୍କ କୃପାକୁ ଗ୍ରହଣ କରି ଭାଙ୍ଗଦେବା ଏବଂ ଅସଫଳ କରିଦେବା । ଏହା ହେଉଛି ସବୁଠାରୁ ଛୋଟ ଜିହାଦ୍, ତେଣୁ ଏହାକୁ ଜିହାଦେ ଅସ୍‌ଗର୍ କୁହାଯାଏ । (ଖୁତ୍‌ବାତେ ନାସିର୍, ଖଣ୍ଡ-୪, ପୃଷ୍ଠା-୨୯୫, ଖୁତ୍‌ବାଜୁମା ୨୧ ଜୁଲାଇ ୧୯୭୨)

*ପୃଷ୍ଠା-୧ର ଅବଶିଷ୍ଟାଂଶ......*
କାର୍ଯ୍ୟ ମଧ୍ୟ ଅନ୍ତର୍ଭୁକ୍ତ ।

୨୨ ଅକ୍ଟୋବର ୨୦୧୯ ଦିନ ସେ ଜର୍ମାନୀର ରାଜଧାନୀ ବର୍ଲିନ ଠାରେ 'ଇସଲାମ ଏବଂ ୟୁରୋପ' ଶୀର୍ଷକ ବିଷୟ ଉପରେ ବକ୍ତବ୍ୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ଆସେମ୍ବ୍ଲିର ୨୭ଜଣ ସଦସ୍ୟ,ବୈଦେଶିକ ମନ୍ତ୍ରଣାଳୟର ପ୍ରତିନିଧିଗଣ, ପ୍ରାଧ୍ୟାପକ, ଆମେରିକା ଓ ଫ୍ରାନ୍ସ ଦୂତାବାସର ଅଧିକାରୀଗଣ, ବିଭିନ୍ନ ସରକାରୀ ମୁଖପାତ୍ର, ବିଭିନ୍ନ ଧାର୍ମିକ ସଂପ୍ରଦାୟ, ଚର୍ଚ୍ଚ ଓ କମ୍ୟୁନିଟିଜ୍‌ର ପ୍ରତିନିଧି, ପ୍ରେସ ଓ ମିଡିଆର ପ୍ରତିନିଧି ତଥା ଏମନ୍‌ଷ୍ଟି ଇଂଟରନାସନାଲ୍‌ର ପ୍ରତିନିଧି ଯୋଗ ଦେଇଥିଲେ । ହଜୁରଙ୍କ ହଲାଣ୍ଡ ଆଗମନ ଉପଲକ୍ଷେ ସମ୍ବାଦପତ୍ର Ons Almere ୨୫ ସେପ୍ଟେମ୍ବର ୨୦୧୯ ଦିନ ଏହି ଶୀର୍ଷକ ପ୍ରକାଶିତ କଲା:

'ଶାନ୍ତିଦୂତ ଖଲିଫା ହଲାଣ୍ଡ ଆସିଛନ୍ତି ।' ଏହି ଖବର ମଧ୍ୟ ଉଲ୍ଲେଖ ଥିଲା ଯେ 'ଖଲିଫତୁଲ୍ ମସିହ ସମଗ୍ର ସଂସାରରେ ମାନବୀୟ ସହାନୁଭୁତି ଓ ମାନବସେବା କରି ଆସୁଛନ୍ତି । ଶାନ୍ତି ଓ ସଂପ୍ରଦାୟିକ ସଦ୍‌ଭାବନା ସ୍ଥାପନ କରୁଛନ୍ତି । ସମୟର ଖଲିଫା ବିଶ୍ୱର ବିଭିନ୍ନ ପାର୍ଲାମେ ବ୍ୟତୀତ ଡଚ୍ ପାର୍ଲାମେଂଟରେ ମଧ୍ୟ ସମ୍ବୋଧନ କରିଛନ୍ତି ।'

ସମୟର ଆହ୍ୱାନ ଓ ଆବଶ୍ୟକତା ଅନୁଯାୟୀ ସେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଅଲ୍ଲାଃଙ୍କ କରୁଣା ବଳରେ ଯେଉଁ କାର୍ଯ୍ୟ କରିବାର ସାମର୍ଥ୍ୟ ଲାଭ କରିଛନ୍ତି, ସେଥିରେ ତାଙ୍କର ଏକ ଉଚ୍ଚ ଆଦର୍ଶମୟ ସ୍ଥାନ ରହିଛି । ଏହି କାରଣ ଯୋଗୁଁ ହିଁ କେବଳ ଆମେମାନେ ଯେ ନିଜ ପୁସ୍ତକ, ପତ୍ର ପ୍ରତିକା ଓ ସମ୍ବାଦପତ୍ରମାନଙ୍କରେ ତାଙ୍କୁ 'ଶାନ୍ତିଦୂତ' ରୂପେ ଉଲ୍ଲେଖ କରୁଛୁ ତା' ନୁହେଁ, ବରଂ ଅନ୍ୟମାନେ ମଧ୍ୟ ଅନାୟାସରେ ଏହା ପ୍ରକାଶ କରିବାରେ ଲାଗିଛନ୍ତି ଯେ ସଂସାରରେ ଶାନ୍ତି ଓ ସହାବସ୍ଥାନର ବାର୍ତ୍ତା ପ୍ରସାର କରିବା କ୍ଷେତ୍ରରେ ଏହି ବ୍ୟକ୍ତିଙ୍କର କୌଣସି ପଟାନ୍ତର ନାହିଁ । ବିଗତ ଆମେରିକା ଗସ୍ତ ସମୟରେ ୨୧ ଅକ୍ଟୋବର ୨୦୧୮ ଦିନ ୨ଟା ୩୫ରେ United Airlineର ବିମାନ UA 484 ୱାଶିଙ୍ଗଟନ Dulles ବିମାନ ବନ୍ଦରରୁ ହୋଷ୍ଟେନର ଜର୍ଜ ବୁଶ ଇଂଟରନାସନାଲ Airport ଅଭିମୁଖେ ଯାତ୍ରା କଲା । ଉଡାଣର କିଛି କ୍ଷଣ ପରେ ପାଇଲଟଙ୍କ କେବିନରୁ ଏହା ଘୋଷଣା କରାଗଲା:

'ହଜରତ ମିର୍ଜା ମସରୁର ଅହମଦ ଆମ ବିମାନରେ ଯାତ୍ରା କରୁଛନ୍ତି ଏବଂ ଆମେମାନେ ତାଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଉଛୁ । ହଜୁର ଶାନ୍ତିର ବିଶ୍ୱ ବ୍ୟାପକ ଦୂତ(World Ambassador of Peace) ଏବଂ ବିଶ୍ୱରେ ଧର୍ମଗତ ସ୍ୱାଧୀନତା, ସୌହାର୍ଦ୍ଦ୍ୟ ଓ ଶାନ୍ତି ପ୍ରତିଷ୍ଠା ଦିଗରେ ଶତତ ପ୍ରୟାସରତ ।'
**(ସାପ୍ତାହିକ ବଦର, ୩୧ ଜାନୁୟାରୀ ୨୦୧୯, ପୃଷ୍ଠା ୧୦)**

ପୃଥିବୀର ବିଭିନ୍ନ ସଂସଦ ଭବନରେ ମହାମାନ୍ୟ ଖଲିଫା ଇସଲାମର ଶାନ୍ତିପ୍ରଦ ଶିକ୍ଷା ଉପରେ ଯେଉଁସବୁ ଭାଷଣ ପ୍ରଦାନ କରିଛନ୍ତି, ତନ୍ମଧ୍ୟରୁ କେତେକ ଅଂଶ ତଥା ତାଙ୍କ ବକ୍ତବ୍ୟ ପରେ ଉପସ୍ଥିତ ଅତିଥିମାନଙ୍କର ପ୍ରତିକ୍ରୀୟା ଓ ମନୋଭାବ ନିମ୍ନରେ ଉଲ୍ଲେଖ କରାଯାଉଛି ।

୨୨ ଅକ୍ଟୋବର ୨୦୦୮ ଦିନ ବ୍ରିଟିଶ ପାର୍ଲାମେଂଟ୍‌ରେ ଦୁଇଟିଯାକ ସଦନରୁ ଆସିଥିବା ୩୦ରୁ ଅଧିକ ସାଂସଦ ତଥା ବିଶ୍ୱ ଗଣ ପ୍ରତିନିଧି ଓ ଚିନ୍ତାଶୀଳ ବ୍ୟକ୍ତିବିଶେଷ ହଜୁରଙ୍କ ଭାଷଣ ଶୁଣିବା ପାଇଁ ଏକତ୍ରୀତ ହୋଇଥିଲେ ।

**ଉଦବୋଧନ:** ଆମ ଜୀବନର ଏକମାତ୍ର ଓ ଶ୍ରେଷ୍ଠ ଲକ୍ଷ୍ୟ ହେଉଛି, ଆମେ ଦୁନିଆ ସମ୍ମୁଖରେ ହଜରତ ମୁହମ୍ମଦ[ସଅ]ଙ୍କ ପବିତ୍ର ଜୀବନ ଓ ଇସଲାମର ସୁନ୍ଦର ଶିକ୍ଷା ପରିବେଷଣ କରିବା ।.........ସାମାଜିକ ପରିବେଶରେ ଶାନ୍ତି ପ୍ରତିଷ୍ଠା ସକାଶେ ଇସଲାମର ଶିକ୍ଷା ହେଉଛି ନ୍ୟାୟ ପଥରୁ ଆଦୌ ନିଜ ପାଦ ହଟାଅ ନାହିଁ । ଏପରି କି ଶତ୍ରୁ ସହିତ ମଧ୍ୟ ନ୍ୟାୟ କର । ଇସଲାମର ପ୍ରାରମ୍ଭିକ ଇତିହାସ ଏହା ପ୍ରକାଶ କରୁଛି ଯେ ଏହି ଶିକ୍ଷା ଉପରେ ପରିଚାଳିତ ହୋଇ ନ୍ୟାୟର ସମସ୍ତ ଆବଶ୍ୟକତା ପୂରଣ ଦିଗରେ ଯଥାରୀତି ପାଳନ କରାଯାଇଥିଲା । ଇତିହାସ ଏହାର ସାକ୍ଷୀ ଯେ ରସୁଲୁଲ୍ଲାଃ ମକ୍କା ବିଜୟ ପରେ ସେହି ଶତ୍ରୁ ପକ୍ଷର ଲୋକମାନଙ୍କ ଠାରୁ କସ୍ମିନକାଳେ କୌଣସି ପ୍ରକାର ପ୍ରତିଶୋଧ ନେଲେ ନାହିଁ । ଯେଉଁମାନେ ମୁସଲମାନମାନଙ୍କ ଉପରେ ଅତ୍ୟାଚାରର ଦମନ ଲୀଳା ଚଳାଇ ଥିଲେ, ସେ କେବଳ ଯେ ସେମାନଙ୍କୁ କ୍ଷମା କରିଦେଲେ ତା' ନୁହେଁ, ବରଂ ସ୍ୱ ସ୍ୱ ଧର୍ମପାଳନ କରିବା ପାଇଁ ମଧ୍ୟ ସେମାନଙ୍କୁ ଅନୁମତି ଦେଇଥିଲେ ।

**ପ୍ରତିକ୍ରୀୟା:** ହେିଜଲ୍ ବ୍ଲେୟରସ୍ Secretary of State local Govt for Community କହିଲେ: 'ମୁଁ ନିରାଟ ସତ୍ୟ କହୁଛି ଯେ ଏହି ବକ୍ତବ୍ୟ ଅତ୍ୟନ୍ତ ପ୍ରଭାବଶାଳୀ । ଏପରି ବଳିଷ୍ଠ ଧରଣର ବକ୍ତୃତା ରାଜନୀତିଜ୍ଞ ମାନେ ବହୁତ କମ ଦେଇପାରନ୍ତି ଏବଂ ଏହିପରି ଅତ୍ୟନ୍ତ ପ୍ରଭାବଶାଳୀ ଭାଷଣ ବହୁତ କମ ଶୁଣିବାକୁ ମିଳିଥାଏ ।'

Capitol Hill ଆମେରିକାରେ ହଜୁର ଅନଓ୍ୱରଙ୍କ ଉଦ୍‌ବୋଧନ **୨୭ ଜୁନ୍ ୨୦୧୨** ବୁଧବାର ଦିନ ପ୍ରଦାନ କରାଯାଇଥିଲା । ମହାମାନ୍ୟ ହଜୁର ହଲ ମଧ୍ୟକୁ ପ୍ରବେଶ କରିବା କ୍ଷଣି ସମସ୍ତ ଅତିଥି ଅତ୍ୟନ୍ତ ସମ୍ମାନ ସହକାରେ ଛିଡା ହୋଇଗଲେ । ହଜୁର ତା'ପରେ ମତାସୀନ ହେଲେ । ସେଠାରେ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ୨୯ ସିନେଟର ଓ କଂଗ୍ରେସ ମେନ୍‌ଙ୍କ ବ୍ୟତୀତ ସେମାନଙ୍କ ଅଧସ୍ତନ ସଭ୍ୟ, ବୈଦେଶିକ ମନ୍ତ୍ରାଳୟର Department of Stateର ପ୍ରତିନିଧିଗଣ, ହ୍ୱାଇଟ ହାଉସ ଅନ୍ତର୍ଗତ ଲୋକ ପ୍ରତିନିଧି, ପେଂଟାଗନ ପ୍ରତିରକ୍ଷା ବିଭାଗର ପ୍ରତିନିଧିଗଣ Think Tinkos, NGOS, Human right ସଂସ୍ଥାର ପ୍ରତିନିଧି, ବିଭିନ୍ନ କଲେଜ ତଥା ୟୁନିଭରସିଟିର ପ୍ରଫେସର୍, ବିଭିନ୍ନ ଦେଶର ରାଷ୍ଟ୍ରଦୂତ ଓ ସେନା ଅଧିକାରୀମାନେ ଯୋଗ ଦେଇଥିଲେ । ଏହିସବୁ ଅତିଥିମାନଙ୍କ ସଂଖ୍ୟା ୧୧୦ରୁ ଅଧିକ ଥିଲା । ହଜୁରଙ୍କ ଉଦ୍‌ବୋଧନ ପୂର୍ବରୁ କଂଗ୍ରେସ ତରଫରୁ ଯେଉଁ ଆନୁଷ୍ଠାନିକ ପ୍ରସ୍ତାବ ଗୃହୀତ ହୋଇଥିଲା, ତାହାର କୀୟଦଂଶ ଏଠାରେ ଉଲ୍ଲେଖ କରାଯାଉଛି ।

❖ ଆପଣଙ୍କର ବିଶ୍ୱଶାନ୍ତି, ନ୍ୟାୟର ପ୍ରତିଷ୍ଠା ଅହିଂସା, ମାନବିକ ଅଧିକାର, ଗଣତନ୍ତ୍ରର ସୁରକ୍ଷା ଓ ଧାର୍ମିକ ସ୍ୱାଧୀନତା କ୍ଷେତ୍ରରେ ଦୃଢ଼ ପ୍ରୟାସ ଓ ପ୍ରତିଶ୍ରୁତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରାଯାଉଛି ।

❖ ଏହି ସ୍ୱୀକୃତିନାମା ଏହା ମଧ୍ୟ ସମର୍ଥନ କରୁଛି ଯେ ହଜରତ ଖଲିଫତୁଲ୍ ମସିହ ମୁସଲମାନଙ୍କର ଜଣେ ମହାନ ଆଧ୍ୟାତ୍ମିକ ନେତା ଯେ ଶାନ୍ତି ପ୍ରତିଷ୍ଠା ସକାଶେ ତାଙ୍କ ଦ୍ୱାରା ପ୍ରଦତ୍ତ ଯୁଗ୍ମା ଅଭିଭାଷଣ, ବକ୍ତୃତା ଓ ବ୍ୟକ୍ତିଗତ ସାକ୍ଷାତକାର ଅବସରରେ ମାନବିକ ସେବା ପାଇଁ ଅହମଦିୟା ଜମାଅତର କାର୍ଯ୍ୟପନ୍ଥା, ଆନ୍ତର୍ଜାତିକ ମାନବାଧିକାର ପ୍ରତିଷ୍ଠା ଏବଂ ଶାନ୍ତି ଓ ନ୍ୟାୟଭିତିକ ପରିବେଶ ସୃଷ୍ଟି କରିବା ଓ ସୁସ୍ଥ ସମାଜ ଗଠନ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି ।

❖ ଏହି ପ୍ରସ୍ତାବର ସ୍ୱୀକୃତି ଗ୍ରହଣ ଦ୍ୱାରା ଆମେ ଏ କଥାରେ ମଧ୍ୟ ସହମତି ପ୍ରଦାନ କରୁଛୁ ଯେ ହଜୁର ଯେତେବେଳେ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଗସ୍ତରେ ଯାଇ ରାଷ୍ଟ୍ରାଧ୍ୟକ୍ଷ, ମନ୍ତ୍ରୀ ପରିଷଦ, ରାଷ୍ଟ୍ରଦୂତ ତଥା ସେମାନଙ୍କ ସଂାସଦମାନଙ୍କୁ ସାକ୍ଷାତ କରୁଛନ୍ତି, ସେମାନଙ୍କ ମଧ୍ୟରେ ମାନବିକତାର ସେବା ପ୍ରତି ଆଗ୍ରହକୁ ଉଜ୍ଜୀବିତ କରୁଛନ୍ତି । ସେହିପରି ମାନବ ସେବା ପାଇଁ କର୍ମଭିତିକ ପଦକ୍ଷେପ ଗ୍ରହଣ କରୁଛନ୍ତି ।

❖ ସୁତରାଂ କଂଗ୍ରେସ ଏହି ସ୍ୱୀକୃତିନାମାକୁ ଶ୍ରେଷ୍ଠ ବିବେଚିତ କରୁଛି ଯେ ଏହି ପରିଷଦ ହଜରତ ମିର୍ଜା ମସରୁର ଅହମଦ ଯଥୋଚିତ ପ୍ରୟାସକୁ ଦୃଢ଼ ସମର୍ଥନ ଜଣାଉଛି । ଅହମଦିମାନଙ୍କ ପ୍ରତି ହେଉଥିବା ଅକଥନୀୟ ଅତ୍ୟାଚାର ଓ ନିର୍ଯାତନା ସତ୍ୱେ ଶାନ୍ତି ଓ ଧୈର୍ଯ୍ୟର ସହିତ ରହିବା ସକାଶେ ଆହ୍ୱାନ କରୁଛନ୍ତି ।

**ଉଦ୍‌ବୋଧନ:**ଇସ୍‌ଲାମ ଏହା ସ୍ପଷ୍ଟ କରିଅଛି ଯେ ସବୁ ମନୁଷ୍ୟ ସମାନ ହୋଇ ଜନ୍ମ ଲାଭ କରିଛନ୍ତି । ପୁନଶ୍ଚ ଦିବ୍ୟ ଅବତାର ମୁହମ୍ମଦ[ସଅ] ନିଜର ଅନ୍ତିମ ଅଭିଭାଷଣରେ ସମସ୍ତ ମୁସଲମାନଙ୍କୁ ଏହା ମନେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ଯେ କୌଣସି ଆରବୀୟ ଲୋକକୁ ଅଣ ଆରବୀୟ ଉପରେ କିମ୍ବା ଆରବ ବାହାର କୌଣସି ଲୋକକୁ ଆରବୀୟ ଉପରେ ଶ୍ରେଷ୍ଠତା ଦିଆଯିବ ନାହିଁ । କୌଣସି କଳାଲୋକ ଗୋରାଲୋକ ଠାରୁ ଅଥବା ଗୋରାଲୋକ କଳାଲୋକ ଠାରୁ ଉତ୍କୃଷ୍ଟ ନୁହେଁ । ସୁତରାଂ ଇସ୍‌ଲାମ ସ୍ପଷ୍ଟ ଶିକ୍ଷା ଦେଇଅଛି ଯେ ସମସ୍ତ ଜାତି ଓ ବର୍ଗର ଲୋକ ପରସ୍ପର ମଧ୍ୟରେ ସମାନ । ପୁନଶ୍ଚ କୁହାଯାଇଛି ଯେ କୌଣସି ଲିଙ୍ଗଭେଦ ଓ ପକ୍ଷପାତିତା ବିନା ମନୁଷ୍ୟ ସମାନ ଅଧିକାର ପାଇବାକୁ ହକଦାର । ଭିନ୍ନ ଭିନ୍ନ ଜାତି, ଦେଶ ଓ ଗୋଷ୍ଠୀ ମଧ୍ୟରେ ଏକତା ସ୍ଥାପନ କରିବା ତଥା ଶାନ୍ତି ପ୍ରତିଷ୍ଠା କରିବାର ଭିତି ସ୍ଥାପନ ନିମନ୍ତେ ଏହା ହିଁ ଉତ୍କୃଷ୍ଟ ନିୟମ ଓ ସଫଳତାର ଚାବିକାଠି । ସୁତରାଂ ଅଧ୍ୟାୟ ୪ ପଙ୍କ୍ତି ୧୩୬ରେ ପବିତ୍ର କୁରଆନ ଉଲ୍ଲେଖ କରୁଛି ଯେ ଯଦି ତୁମକୁ ନିଜ ବିଷୟରେ ବା ନିଜ ପିତାମାତା କିମ୍ବା ନିକଟ ସଂପର୍କୀୟଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦେବାକୁ ପଡେ, ତା'ହେଲେ ସତ୍ୟ ଓ ନ୍ୟାୟକୁ ଅକ୍ଷୁଣ୍ଣ ରଖିବା ପାଇଁ ତୁମେ ନିଶ୍ଚୟ ତାହା କର । ସୁତରାଂ ଇସଲାମ ଶାନ୍ତିର ପ୍ରତିଷ୍ଠା ଦିଗରେ ଆମମାନଙ୍କ ଧ୍ୟାନ ଆକର୍ଷଣ କରୁଛି । ଫଳରେ ଏହା ଆହ୍ୱାନ କରୁଛି ସଂପୂର୍ଣ୍ଣ ନ୍ୟାୟର ପ୍ରତିବଦ୍ଧତାକୁ । ଇସଲାମ ଆମଠାରୁ ଆଶା କରୁଛି ସର୍ବଦା ସତ୍ୟ ସାକ୍ଷ୍ୟ ପ୍ରଦାନ କରିବାର ଦୃଢ ମାନସିକତା । କାହାରି ଧନ ପ୍ରତି ଆମର ଈର୍ଷା ମନୋଭାବ ଯେପରି ନ ଆସିବ, ସେଥିପ୍ରତି ଆମକୁ ନିର୍ଦ୍ଦେଶ ଦେଉଛି ଆମର ବଚନ ବଦ୍ଧତା । ଉନ୍ନତଶୀଳ ଦେଶ ନିଜର ନ୍ୟସ୍ତ ସ୍ୱାର୍ଥକୁ ତ୍ୟାଗ କରି ସ୍ୱଳ୍ପ ବିକାଶନ୍ମୋଖୀ ଦେଶକୁ ସାହାଯ୍ୟ ସହଯୋଗର ହାତ ବଢାଇବାର ପ୍ରତିଶ୍ରୁତି ବଦ୍ଧତା । ପୁଣି ଇସଲାମ ଦୁର୍ବଳ, ବିପଦଗ୍ରସ୍ତ ଓ ଅସହାୟ ଦେଶରେ

ଉତ୍ସର୍ଗୀକୃତ ଆଗ୍ରହର ସହିତ ସେବାକାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଉଛି ଆମର ତତ୍ପରଶୀଳତା । ଯେତେବେଳେ ଏ ସମସ୍ତ ପଦକ୍ଷେପ ଯଥାଯଥ ଭାବରେ ଗ୍ରହଣ କରାଯିବ ଏବଂ ଇସଲାମ ଆବଶ୍ୟକ କରୁଥିବା ଲକ୍ଷ୍ୟ ପୂରଣ ହେବ, ସେତେବେଳେ ଶାଶ୍ୱତ ଶାନ୍ତିର ସ୍ୱର୍ଗ ପୃଥିବୀରେ ପ୍ରତିଷ୍ଠିତ ହୋଇପାରିବ ।

**ପ୍ରତିକ୍ରିୟା**: କଂଗ୍ରେସ ସଦସ୍ୟ Keith Ellison କହିଲେ : 'ହଜୁର ଅନୱରଙ୍କ ଭାଷଣ ଶୁଣି ସେ ବହୁତ ପ୍ରଭାବିତ ହୋଇଛନ୍ତି । ଶାନ୍ତି ଓ ନ୍ୟାୟ ସମ୍ବନ୍ଧରେ ହଜୁର ଯେପରି ଭାବରେ ଧାର୍ମୀକ ନୀତିଶିକ୍ଷା ଉପସ୍ଥାପନ କରୁଛନ୍ତି, ତାହା ଅତି ସୁନ୍ଦର । ମହାମାନ୍ୟଙ୍କ ଭାଷଣକୁ ପ୍ରକାଶିତ କରି ବ୍ୟାପକ ଭାବେ ବିତରଣ କରିବା ଉଚିତ । ଏପରି ଆଧ୍ୟାତ୍ମିକତାର ଉଚ୍ଚ ସ୍ତରରେ ଅବସ୍ଥାନ କରିଥିବା ଏହି ମୁସଲିମ ନେତାଙ୍କର ଆଜି ସମଗ୍ର ମୁସଲିମ ଜଗତ ପାଇଁ ଆବଶ୍ୟକତା ରହିଛି । ବିଭିନ୍ନ ଗୋଷ୍ଠୀ ଓ ସଂପ୍ରଦାୟରେ ବିଭାଜିତ ମୁସଲମାନମାନଙ୍କ ପାଇଁ ହଜୁରଙ୍କ ଅସ୍ତିତ୍ୱ ଅତୀବ କଲ୍ୟାଣକର ଓ ଆଶୀର୍ବାଦର ପରିଚାୟକ । ସେ କହିଲେ ପବିତ୍ର କୁରଆନର ଶିକ୍ଷାନୁଯାୟୀ ଧର୍ମ ସଂକ୍ରାନ୍ତରେ କୌଣସି ଜୋର ଜବରଦସ୍ତି ନାହିଁ । ଏବଂ ସମସ୍ତ ମୁସଲମାନମାନଙ୍କର ଏହା କର୍ତବ୍ୟ ହେଉଛି ଯେ ସେମାନେ ଇସଲାମର ପ୍ରକୃତ ଶିକ୍ଷାକୁ ବୁଝନ୍ତୁ ।'

**୪ ଡିସେମ୍ବର ୨୦୧୨** ମଙ୍ଗଳବାର ଦିନ ୟୁରୋପିଆନ ପାର୍ଲାମେଂଟ୍‌ରେ ହଜୁର ଉଦବୋଧନ ଦେଇଥିଲେ । ଏହି ପାର୍ଲାମେଂଟ୍ ୟୁରୋପୀୟ ସଂଘକୁ ପରିଚାଳନା କରୁଥିବା ଏକ ସଂସଦୀୟ ଅନୁଷ୍ଠାନ । ଆଇନ ପ୍ରଣୟନ ଓ ସଂଗଠନିକ ବିଧିବ୍ୟବସ୍ଥା କ୍ଷେତ୍ରରେ ଏହାକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପାର୍ଲାମେଂଟ୍ ମଧ କୁହାଯାଏ । ପାର୍ଲାମେଂଟ୍ ଭବନରେ ପହଂଚିବା ପରେ ସାଂସଦ ଓ ଅନ୍ୟାନ୍ୟ ଅତିଥିଗଣ ହଜୁରଙ୍କ ସହିତ ଜଣକ ପରେ ଜଣେ ସାକ୍ଷାତ ଓ କରମର୍ଦ୍ଦନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସୁତରାଂ ବ୍ରିଟେନ, ନରୱେ, ସ୍ପେନ ତଥା ଆୟରଲ୍ୟାଣ୍ଡର ସାଂସଦଗଣ ତଥା ଅନ୍ୟାନ୍ୟ ଅତିଥି ହଜୁରଙ୍କୁ ସାକ୍ଷାତ କଲେ । ହଜୁର ସଂସଦ ଭବନର ମଂଚ ଉପରେ ଯାଇ ବସିଲେ । ହଜୁରଙ୍କ ଡାହାଣ ପଟେ ଏହି ସଭାର ଆବାହକ ୟୁରୋପୀୟ ପାର୍ଲାମେଂଟ୍ ସଦସ୍ୟ Dr. Charles Tannock ବସିଥିଲେ । ମଂଚର ଏକ ପାର୍ଶ୍ୱରେ ୟୁରୋପୀୟନ ପାର୍ଲାମେଂଟ୍‌ର ପତାକା ଓ ଅପର ପାର୍ଶ୍ୱରେ ଅହମଦୀୟତ ପତାକା ଫର ଫର ହୋଇ ଉଡୁଥିଲା । ୟୁରୋପୀୟ ସଂସଦରେ ଇତିହାସରେ ପ୍ରଥମଥର ପାଇଁ ସେମାନଙ୍କ ସମ୍ମିଳନୀ କକ୍ଷରେ ଅହମଦିୟତ୍‌ର ପତାକା ଲଗାଯାଇଥିଲା । ଅଲ୍‌ହମଦୁଲିଲ୍ଲାଃ । ଡଃ. ଚାର୍ଲସ ଟାନକ ନିଜର ଭିତିକ ବକ୍ତବ୍ୟ ପ୍ରଦାନ କରି କହିଲେ ।

ଅହମଦିୟା ମୁସଲିମ ଜମାଅତ ବିଶ୍ୱ ସ୍ତରରେ ଶାନ୍ତିର ବାର୍ତା ପ୍ରଚାର କରିଆସୁଛି ଏବଂ ଆତଙ୍କବାଦ ବିରୁଦ୍ଧରେ ଲଢୁଛନ୍ତି । ଆମର ଏହା ପରମ କର୍ତବ୍ୟ ଯେ ଏହି କମ୍ୟୁନିଟିର ମୂଳ ବାର୍ତାକୁ ସମଗ୍ର ୟୁରୋପରେ ପରିବ୍ୟାପ୍ତ କରିବା । ଏହି ନୀତିବାକ୍ୟ: 'ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ' ସେହି ବାର୍ତାର ମୁଖ୍ୟ ଅଂଶ । ଏହା ଶାନ୍ତିର ସନ୍ଦେଶ, ଯାହା କେବଳ ମୁସଲମାନମାନଙ୍କ ମଧ୍ୟରେ ସୀମିତ ନୁହେଁ, ବରଂ ବିଶ୍ୱରେ ଥିବା ସମସ୍ତ ଧର୍ମ ସଂପ୍ରଦାୟ ସକାଶେ ଅଭିପ୍ରେତ ।

**ଉଦ୍‌ବୋଧନ**: ଏକ ଧର୍ମୀୟ ସଂପ୍ରଦାୟ ରୂପେ ଶାନ୍ତି ଓ ନିରାପତାକୁ ବିଶ୍ୱରେ ପୁନଃସ୍ଥାପିତ କରିବା ପାଇଁ ଆମେମାନେ ନୀରବଚ୍ଛିନ୍ନ ଭାବରେ ପୃଥିବୀବାସୀଙ୍କର ଧ୍ୟାନ ଆକର୍ଷଣ କରିଆସୁଛୁ । ଆମେ ନିଶ୍ଚୟ ସ୍ୱସମ୍ବଳ ଭିତରେ ଥାଇ ଆଉ ଏକ ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛୁ । ଯେଉଁଠାରେ ସୁଯୋଗ ମିଳୁଛି, ଅହମଦୀୟା ମୁସଲିମ ଜମାଅତର ମୁଖ୍ୟ ଭାବରେ ମୁଁ ଏହି ବିଷୟକୁ ନିୟମିତ ରୂପେ କହି ଆସୁଛି ।

ଇସଲାମ୍‌ର ମୌଳିକ ଶିକ୍ଷା ହେଉଛି, ଜଣେ ନୈଷ୍ଠିକ ମୁସଲମାନର କଥା ଓ କାର୍ଯ୍ୟ ଦ୍ୱାରା ଅନ୍ୟ ଜଣେ ଶାନ୍ତିପ୍ରିୟ ବ୍ୟକ୍ତି ନିରାପଦରେ ରହିପାରିବ(ହଦିସ୍ ବୁଖାରୀ) । ଏହା ହିଁ ଜଣେ ମୁସଲମାନର ପ୍ରକୃତ ପରିଚୟ ବା ସଂଜ୍ଞା, ଯାହା ଦିବ୍ୟ ଅବତାର ମୁହମ୍ମଦସଅଙ୍କ ଦ୍ୱାରା ଦିଆଯାଇଛି । ଏତାଦୃଶ ସୁନ୍ଦର ମୌଳିକ ନିୟମ ଶୁଣିବା ପରେ କେହି କେବେ ଇସଲାମ ବିରୁଦ୍ଧରେ କୌଣସି ଦୋଷାରୋପ ବା ଅଭିଯୋଗ କରିପାରେ କି ? ତାହା କଦାପି ନୁହେଁ । ତେଣୁ ଯଦି ତୃଣମୂଳ ସ୍ତରରୁ ଆରମ୍ଭ କରି ବିଶ୍ୱ ସ୍ତର ପର୍ଯ୍ୟନ୍ତ ଏହି ଉତ୍କୃଷ୍ଟ ବିଧାନକୁ ସବୁ ପକ୍ଷ ପାଇଁ ଲାଗୁ କରାଯାଏ, ତା'ହେଲେ ଆମେ ଦେଖିବା ଯେ କଦାପି ଧର୍ମୀୟ ବିଶୃଙ୍ଖଳା ସୃଷ୍ଟି ହେବ ନାହିଁ କି କୌଣସି ରାଜନୈତିକ ଅନ୍ତର୍ଦ୍ୱନ୍ଦ୍ୱ ରହିବ ନାହିଁ ଓ କ୍ଷମତା ଲୋଭ ଯୋଗୁଁ କୌଣସି ଗଣ୍ଡଗୋଳ ମଧ ହେବ ନାହିଁ ।

ଶାନ୍ତି ସ୍ଥାପନ ଦିଗରେ ଉନ୍ନତି ଆଣିବା ସକାଶେ ଇସଲାମର ଅନ୍ୟ ଏକ ନୀତିକୁ ଅବଲମ୍ବନ କରିବାକୁ ହେବ । ଆମେ କୌଣସି ପରିସ୍ଥିତିରେ ମଧ କାହାପ୍ରତି ହେଉଥିବା ଅନ୍ୟାୟକୁ ବରଦାସ୍ତ କରିବା ଉଚିତ ନୁହେଁ । ଏପରିକି ବଳପୂର୍ବକ କାହାର ଅଧିକାର ଦଖଲ କରିବା ପାଇଁ ଆଦୌ ପ୍ରଶୟ ଦେବା ଉଚିତ ନୁହେଁ । ଯେପରି ଆମେ ନିଜର ଅଧିକାର କ୍ଷୁର୍ଣ୍ଣ ହେଉଥିବାର ଦେଖି ବରଦାସ୍ତ କରିପାରୁ ନାହୁଁ , ସେହିପରି ଅନ୍ୟ କାହାର ଅଧିକାରକୁ ଛଡାଇ ନିଆଯାଉଥିଲେ ସେପରି ଅନ୍ୟାୟ କାର୍ଯ୍ୟକୁ ଦେଖି ନୀରବଦ୍ରଷ୍ଟା ହୋଇ ରହିବା ଉଚିତ ନୁହେଁ । ଇସଲାମ ଆମକୁ ଶିକ୍ଷା ଦିଏ ଯେ ଜଣେ ବ୍ୟକ୍ତି ଯେତିକି ଅପରାଧ କରିଥିବ, ତାକୁ ସେତିକି ଅନୁପାତରେ ଶାସ୍ତି ଦେବା ବିଧେୟ, କିନ୍ତୁ କ୍ଷମା କରିଦେଲେ ଯଦି ତାହାର ଅବସ୍ଥା ସୁଧୁରିଯିବ ଏବଂ ସେହି ଦୁଷ୍କର୍ମ ପାଇଁ ସେ ଅନୁତାପ କରୁଥିବ,ସେ କ୍ଷେତ୍ରରେ କ୍ଷମାଦାନକୁ ଅଗ୍ରାଧିକାର ଦିଆଯିବା ଉଚିତ ।

ସର୍ବଦା ନ୍ୟାୟ ଓ ସ୍ୱଚ୍ଛ ମନୋଭାବ ସହିତ କାର୍ଯ୍ୟ କରିବା ଉପରେ ଇସଲାମ ଗୁରୁତ୍ୱାରୋପ କରିଛି । କୌଣସି ପକ୍ଷକୁ ଅନୁଗ୍ରହପୂର୍ଣ୍ଣ ବ୍ୟବହାର ଦେଖାଇବା କିମ୍ବା ଅଯାଚିତ ଭାବରେ କାହାର ପକ୍ଷ ନେବା ପାଇଁ ଇସଲାମ ବାରଣ କରିଛି । ଇସଲାମର ଅନ୍ୟ ଏକ ମହନୀୟ ଶିକ୍ଷା ହେଉଛି, ସାମାଜିକ ପରିବେଶକୁ ଶାନ୍ତିମୟ କରିବାକୁ ହେଲେ ସାଧୁତା ଓ ନ୍ୟାୟଶୀଳ ନୀତି ଉପରେ ପ୍ରତିଷ୍ଠିତ ହୋଇ ରହିବ । କୌଣସି ପ୍ରକାର କ୍ରୋଧର ବଶବର୍ତୀ ହେବା ପରିବର୍ତେ ଏହାକୁ ପ୍ରଶମିତ କରିବା ଉଚିତ । ଇସଲାମର ଆଦ୍ୟ ଇତିହାସ ଏହାର ସାକ୍ଷୀ । ମୁସଲମାନମାନେ ସର୍ବଦା ଏହି ନିର୍ଦ୍ଦେଶକୁ ପାଳନ କରୁଥିଲେ ଏବଂ ଯେତେବେଳେ କୌଣସି ବ୍ୟକ୍ତି ଏହାର ବ୍ୟତିକ୍ରମ କରୁଥିଲା ଦିବ୍ୟ ଅବତାର ମୁହମ୍ମଦସଅ ଅତ୍ୟନ୍ତ କ୍ଷୁବ୍ଧ ହେଉଥିଲେ । ଇସଲାମ ଶିକ୍ଷା ଦିଏ ଯେ କାହାର ଧନ ବା ସମ୍ବଳ ପ୍ରତି ଈର୍ଷାପୂର୍ଣ୍ଣ ଦୃଷ୍ଟିରେ ଦେଖ ନାହିଁ । କାରଣ ଅନ୍ୟର ସାମଗ୍ରୀ ପ୍ରତି ଲୋଭ କରିବା କିମ୍ବା ତାହା ପାଇବାକୁ ଲାଳାୟିତ ହେବାର ପରିସ୍ଥିତି ଶାନ୍ତିର ଭାବନାକୁ ଧ୍ୱଂସ କରିବାର କାରଣ ହୋଇଥାଏ ।

**ପ୍ରତିକ୍ରିୟା**: Bishop Dr.Amen Hawarrd ଯେ କି ଜେନେଭା(ସୁଇଜରଲ୍ୟାଣ୍ଡ) ରୁ ମହାମାନ୍ୟ ଖଲିଫାଙ୍କ ଭାଷଣରେ ସମ୍ମିଳିତ ହେବା ପାଇଁ ଆସିଥିଲେ, ସେ Interfaith Intenational ର ପ୍ରତିନିଧି ତଥା Feed A Family ର ପ୍ରତିଷ୍ଠାତା ସଭାପତି ମଧ ଥିଲେ । ସେ କହିଲେ : 'ଏହି ବ୍ୟକ୍ତି ଜାଦୁକର ନୁହନ୍ତି' । କିନ୍ତୁ ତାଙ୍କ ଶବ୍ଦ ଯାଦୁମନ୍ତ୍ର ପରି ମନ ମୋହି ନେଉଥିଲା । ସ୍ୱର ଧିମା ଥିଲା ସତ, କିନ୍ତୁ ମୁଖରୁ ଉଚ୍ଚାରିତ ପ୍ରତିଟି ମୃଦୁ ବାକ୍ୟ ନିଜ ଭିତରେ ଏକ ଅସାଧାରଣ ଶକ୍ତି ଓ ଦୀପ୍ତି ଗଚ୍ଛିତ କରି ରଖିଥିଲା । ଏପରି ନିର୍ଭୀକ ଓ ସାହସିକ ବ୍ୟକ୍ତି ମୋ ଜୀବନରେ ମୁଁ କେବେ ଦେଖି ନାହିଁ । ତାଙ୍କ ପରି କେବଳ ତିନିଜଣ ପୁରୁଷ ଯଦି ଏହି ଦୁନିଆକୁ ମିଳିଯାଆନ୍ତେ, ତେବେ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାତାବରଣ ଦ୍ୱାରା ଏହି ପୃଥିବୀରେ ଏକ ଅଭୂତପୂର୍ବ ବିପ୍ଳବ ମାସରେ ନୁହେଁ ଦିନ ମଧ୍ୟରେ ଅଣାଯାଇ ପାରିବ । ଏହି ସଂସାର ଶାନ୍ତି ଓ ଭାଇଚାରାର ଅପୂର୍ବ ସଂଗମ ସ୍ଥଳୀରେ ପରିଣତ ହୋଇଯାଆନ୍ତା । ଇସଲାମ ସମ୍ବନ୍ଧରେ ମୋର ଧାରଣା ସେତତା ଭଲ ନଥିଲା । ହଜୁରଙ୍କ ଭାଷଣ ଇସଲାମ ସଂକ୍ରାନ୍ତରେ ମୋର ଦୃଷ୍ଟିକୋଣକୁ ସଂପୂର୍ଣ୍ଣ ରୂପେ ବଦଳାଇ ଦେଇଛି ।'

**୪ ନଭେମ୍ବର ୨୦୧୩** ଦିନ ନ୍ୟୁଜିଲାଣ୍ଡ ପାର୍ଲାମେଣ୍ଟରେ ହଜୁର ଉଦ୍‌ବୋଧନ ଦେଇଥିଲେ । ପାର୍ଲାମେଂଟ୍ ସଦସ୍ୟ ସମ୍ମାନୀୟ କୱଁଲଜିତ ବଖଶୀ ହଜୁରଙ୍କୁ ସ୍ୱାଗତ ଜଣାଇଲେ ଓ ହଜୁରଙ୍କୁ ପାର୍ଲାମେଂଟ୍ ସଦନ ଭିତରକୁ ପାଛୋଟି ନେଇଗଲେ । ସେଠାକାର ସର୍ବବୃହତ ସମ୍ମିଳନୀ କକ୍ଷ 'ଗ୍ରାଉଣ୍ଡ ହଲ୍'ରେ ହଜୁରଙ୍କ ଭାଷଣ ପାଇଁ ସଂରକ୍ଷିତ ରଖାଯାଇଥିଲା । ମହାମାନ୍ୟ ହଜୁର ନିଜର ଉଦବୋଧନ ପ୍ରାରମ୍ଭରେ କହିଲେ:

**ଉଦ୍‌ବୋଧନ**: "ମୁଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କହିବି, ଯାହା ମୋ ନିକଟରେ ବର୍ତମାନ ସମୟ ପାଇଁ ଏକ ଜରୁରୀ ଆବଶ୍ୟକତା । ତାହା ହେଉଛି 'ବିଶ୍ୱଶାନ୍ତି' ।" ଆଜି ପୃଥିବୀର ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଓ ଆଣବିକ ଯୁଦ୍ଧର ଭୟାବହ ପରିସ୍ଥିତି ସୃଷ୍ଟି ହେବା ବିଷୟରେ ସୂଚନା ଦେବା ପରେ ହଜୁର କହିଲେ:

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀରେ ଏକ ଦୀର୍ଘସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଓ ଭବିଷ୍ୟତରେ ଯୁଦ୍ଧକୁ ପ୍ରତିରୋଧ କରିବା ଲକ୍ଷ୍ୟ ନେଇ ରାଷ୍ଟ୍ରଗୁଡିକ ଏକତ୍ରିତ ହୋଇ 'ମିଳିତ ଜାତିସଂଘ' ଗଠନ କରିଥିଲେ । କିନ୍ତୁ ଦେଖାଗଲା ଯେପରି ଅତୀତରେ League of Nation ନିଜ ଲକ୍ଷ୍ୟରେ ବିଫଳ ହୋଇଥିଲା, ସେହିପରି United Nations ପ୍ରତିଷ୍ଠିତ ଲକ୍ଷ୍ୟର ମହତ୍ୱ ଓ ପଦ ମର୍ଯ୍ୟାଦା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । କିନ୍ତୁ ଯଦି ନ୍ୟାୟର ଆବଶ୍ୟକତା ପୂରଣ ହୋଇପାରୁ ନାହିଁ, ତା'ହେଲେ ଯେତେ ପ୍ରକାର ବଡ ବଡ ସଂଘ ଗଠନ କରାଗଲେ ମଧ ଶାନ୍ତିର ସୁରକ୍ଷା ଦିଗରେ ସେମାନଙ୍କୁ ଆଶାନୁରୂପ ଫଳ ମିଳିବ ନାହିଁ ।

ଶାନ୍ତି ପ୍ରତିଷ୍ଠା ଦିଗରେ ଇସଲାମର ଶିକ୍ଷା ସମ୍ବନ୍ଧରେ ଆଲୋକପାତ କରି କହିଲେ:

କୁରଆନର ଶିକ୍ଷା ଅନୁଯାୟୀ କୌଣସି ଶତ୍ରୁତା କିମ୍ବା ଆକ୍ରୋଶମୂଳକ ମନୋଭାବ ଦୂର କରିବା ପାଇଁ ଯେତେଦୂର ସମ୍ଭବ କଥାବର୍ତା ଓ ଭାବର ଆଦାନ ପ୍ରଦାନ ମାଧ୍ୟମରେ ସମାଧାନର ଉପାୟ ବାହାର କରିବା ଉଚିତ । ଲୋକମାନଙ୍କ ସହିତ

କୋମଳ ବଚନ କରି ବିବେକପୂର୍ଣ୍ଣ ଆଚରଣ ପ୍ରଦର୍ଶନ କଲେ ତାହା ସେମାନଙ୍କ ଉପରେ ଗଭୀର ପ୍ରଭାବ ପକାଇବ ଏବଂ ନିଶ୍ଚିତ ରୂପେ ତାହା ଲୋକଙ୍କ ହୃଦୟରୁ ଘୃଣା ଭାବ ଓ ଆବିଳତା ଦୂର କରିବାର କାରଣ ହେବ ।

ସୁତରାଂ ବିଶ୍ୱବ୍ୟାପୀ ମୁସଲିମ ସଂପ୍ରଦାୟର ମୁଖ୍ୟ ହେବା ଦୃଷ୍ଟିରୁ ମୋର ଏହା କର୍ତବ୍ୟ ଯେ ଶାନ୍ତି ପ୍ରତିଷ୍ଠା ପ୍ରତି ପୃଥିବୀବାସୀଙ୍କର ଧ୍ୟାନ ଆକର୍ଷଣ କରିବି । ନୀତିଗତ ଭାବରେ ମୁଁ ଏହା କରିବାକୁ ବାଧ୍ୟ ହେଉଛି, କାରଣ ଇସଲାମର ଅବିକଳ ଅର୍ଥ ଶାନ୍ତି ଏବଂ ନିରାପତା । ଯଦି କେତେକ ମୁସଲିମ ରାଷ୍ଟ୍ର ଘୃଣା,ଦ୍ୱେଷ ପ୍ରବଣତା ବଶତଃ ଚରମ ପନ୍ଥୀ କାର୍ଯ୍ୟ କରୁଛନ୍ତି କିମ୍ବା ସେହି କାର୍ଯ୍ୟକୁ ସମର୍ଥନ କରୁଛନ୍ତି, ତହିଁରୁ ଏହା ନିଷ୍କର୍ଷ ବାହାର କରିବା ଆଦୌ ଉଚିତ ହେବ ନାହିଁ ଯେ ଇସଲାମର ଶିକ୍ଷା ବିଶୃଙ୍ଖଳା ବା ହିଂସାକାଣ୍ଡ ଜନିତ ସଂଘର୍ଷ କରିବାକୁ ପ୍ରୋତ୍ସାହିତ କରୁଛି । ଇସଲାମର ପ୍ରତିଷ୍ଠାତା ହଜରତ ମୁହମ୍ମଦସଅ ନିଜ ଅନୁଗାମୀମାନଙ୍କୁ ବରାବର 'ସଲାମ' କହିବାର ଶିକ୍ଷା କହିଛନ୍ତି । ଯାହାର ମାର୍ମିକ ଅର୍ଥ ହେଉଛି: 'ସର୍ବଦା ଶାନ୍ତିର ବର୍ତା ପ୍ରସାର କର ।' ତାଙ୍କର ପବିତ୍ର ଜୀବନ ଚରିତକୁ ଅଧ୍ୟୟନ କଲେ ଏହି ଦୃଷ୍ଟାନ୍ତ ଦେଖିବାକୁ ମିଳେ ଯେ ସମସ୍ତ ଅଣମୁସଲିମ ସମାଜ ସେମାନେ ଇହୁଦୀ, ଖ୍ରୀଷ୍ଟିୟାନ କିମ୍ବା ଅନ୍ୟ ଯେକୌଣସି ଧର୍ମରେ ବିଶ୍ୱାସ ସ୍ଥାପନ କରିଥାନ୍ତୁ ନା କାହିଁକି ଦିବ୍ୟ ଅବତାର ମୁହମ୍ମଦସଅ ସମସ୍ତଙ୍କ ଠାରୁ ଶାନ୍ତି ଭିକ୍ଷା କରୁଥିଲେ । ସେ ବୁଝିଥିଲେ ଯେ ସକଳ ମନୁଷ୍ୟ ପ୍ରଭୁଙ୍କର ଅନବଦ୍ୟ ସୃଷ୍ଟିର ଏକ ଅଂଶବିଶେଷ । ତେଣୁ ଅଲ୍ଲାଃଙ୍କର ଗୋଟିଏ ନାମ 'ଶାନ୍ତିର ଆଧାର' ହୋଇଥିବା ଯୋଗୁଁ ସେ ସମଗ୍ର ମାନବ ଜାତିର ଶାନ୍ତି ଓ ନିରାପତା ଚାହାଁନ୍ତି ।

**ପ୍ରତିକ୍ରିୟା:** କର୍ଓ୍ୱଲ୍‌ଜିତ୍ ସିଂ ବଖ୍‌ଶୀ(M.P) କହିଲେ, "ମୋର ଅହମଦିୟା ଜମାଅତ ସହିତ ବିଗତ ଦଶନ୍ଧି ଧରି ସଂପର୍କ ରହିଆସିଛି । ମୋର ନିଜସ୍ୱ ଅନୁଭୂତିରୁ ମୁଁ ଏହା ସାକ୍ଷ୍ୟ ଦେଇପାରେ ଯେ ଏହି ଜମାଅତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶାନ୍ତି ଓ ସାମ୍ପ୍ରଦୀୟିକ ସଦଭାବନାକୁ ପ୍ରୋତ୍ସାହିତ କରିବା ।"

❖ ଇସ୍ରାଇଲ ରାଷ୍ଟ୍ରଦୂତ Yosef Livne କହିଲେ "ମୋ ମତରେ ଖଲିଫତୁଲ ମସିହ ଯେଉଁ ବାର୍ତା ଦେଇଛନ୍ତି, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ବ୍ୟକ୍ତି ଏହାକୁ ଗ୍ରହଣ କରିବା ଉଚିତ । ମୋର ଆନ୍ତରିକ ଇଚ୍ଛା ଯେ ତାଙ୍କ ବାର୍ତା ବାସ୍ତବ ରୂପ ଧାରଣ କରୁ । ଏହା ଯେତେ ଶୀଘ୍ର ହେବ, ସେତିକି ଉତମ ହେବ ।"

❖ ରାଜନ ପ୍ରସାଦ (M.P.) କହିଲେ "ମୁଁ ଏହି ବିଷୟରେ ବହୁତ ପ୍ରଭାବିତ ହୋଇଛି ଯେ ଅହମଦିମାନେ ଏହି ଦେଶରେ କେତେ ଶାନ୍ତିପ୍ରିୟ ଉପାୟରେ ନାଗରିକ ହୋଇ ବସବାସ କରୁଛନ୍ତି ଏବଂ ସେହି ଶାନ୍ତି ସହାବସ୍ଥାନ ଅନୁଯାୟୀ କର୍ମ କରୁଛନ୍ତି ।"

❖ Patric Reilly ଉପ-ହାଇ କମିଶନର, ୟୁ.କେ. କହିଲେ: "ଆମମାନଙ୍କୁ ଯେଉଁ ବାର୍ତା ଶୁଣିବାକୁ ମିଳିଲା, ତାହା ଅତି ମହତ୍ୱପୂର୍ଣ୍ଣ । ଏହା କିପରି ସମଗ୍ର ବିଶ୍ୱରେ ପହଂଚିବ, ତା'ର ଆବଶ୍ୟକତା ରହିଛି ।"

***୬ ଅକ୍ଟୋବର ୨୦୧୫*** ଦିନ ହଲାଣ୍ଡର ଜାତୀୟ ପାର୍ଲାମେଂଟ୍‌ରେ ହଜୁର ଏହିପରି ଉଦ୍‌ବୋଧନ ଦେଇଥିଲେ:

**ଉଦ୍‌ବୋଧନ:** "ଆଜିର ଯୁଗରେ ବିଶ୍ୱଶାନ୍ତି ଓ ଏହାର ସୁରକ୍ଷା ସବୁଠାରୁ ବଡ ସଂଗୀନ୍ ସମସ୍ୟା ହୋଇ ଦେଖାଦେଇଛି । ସୁତରାଂ ଆମେ ହେଉଛୁ ସେହି ଅହମଦି ମୁସଲମାନ ଯେଉଁମାନେ ବିଶୃଙ୍ଖଳା ଓ ଅସ୍ଥିରତା ସୃଷ୍ଟିକାରୀ ଦଳଗୁଡ଼ିକ ମଧ୍ୟରେ ଅର୍ନ୍ତଭୁକ୍ତ ନୁହନ୍ତି । ବରଂ ଆମେ ସେହି ଲୋକ, ଯେଉଁମାନେ ପୃଥିବୀରେ ଶାନ୍ତି ଓ ସଦ୍‌ଭାବନା ଚାହାନ୍ତି । ଆମେ ତ ସେହି ଲୋକ ଯେଉଁମାନେ ଦୁନିଆର ଦୁର୍ଦ୍ଦଶାର ନିରାକରଣ ପାଇଁ ସବୁବେଳେ ପ୍ରୟାସରତ । ଆମେ ତ ସେହି ଲୋକ ଯେଉଁମାନେ ମାନବିକତାକୁ ଏକତାର ମଧୁ ମନ୍ତ୍ରରେ ଆବଦ୍ଧ କରିବାକୁ ଚାହୁଁଛୁ । ଆମେ ତ ସେହି ଲୋକ ଯେଉଁମାନେ ପ୍ରତ୍ୟେକ ପ୍ରକାର ଘୃଣା ଓ ଶତ୍ରୁତାକୁ ସ୍ନେହ ଓ ପ୍ରେମରେ ପରିବର୍ତନ କରିବାକୁ ଚାହୁଁଛୁ । ଏବଂ ନିଶ୍ଚିତ ଭାବରେ ଆମେମାନେ ସେହି ଲୋକ, ଯେଉଁମାନେ ବିଶ୍ୱ ଶାନ୍ତି ପ୍ରତିଷ୍ଠା ପାଇଁ ଯଥା ସମ୍ଭବ ଉଦ୍ୟମ ଜାରି ରଖିଛୁ ।

ତେଣୁ ଏହା ଅତ୍ୟନ୍ତ ଅନ୍ୟାୟପୂର୍ଣ୍ଣ କଥା ହେବ, ଯଦି କେତେକ ଧାର୍ମିକ ସଂଗଠନ କିମ୍ବା ବ୍ୟକ୍ତିବିଶେଷ ହିଂସା ଓ ନିଷ୍ଠୁରତାମୂଳକ ଆଚରଣକୁ ପବିତ୍ର କୁରଆନ କିମ୍ବା ଦିବ୍ୟ ଅବତାର ମୁହମ୍ମଦଙ୍କ ସହିତ ସଂଶ୍ଳିଷ୍ଟ କରିବେ । ଯଦି ଆମେ ନିରପେକ୍ଷ ଭାବରେ ପବିତ୍ର କୁରଆନ ଓ ଦିବ୍ୟ ଅବତାରଙ୍କ ଜୀବନ ଚରିତକୁ ଅଧ୍ୟୟନ କରିବା, ତା'ହେଲେ ଆମେ ଦେଖିବା ଯେ ଇସଲାମ ସଂପୂର୍ଣ୍ଣ ରୂପେ ଆତଙ୍କବାଦ ଓ ରକ୍ତପାତକୁ ଏକାନ୍ତ ଭାବେ ବିରୋଧ କରେ । ସୀମିତ ସମୟ ଦୃଷ୍ଟିରୁ ମୁଁ ବିସ୍ତାରପୂର୍ବକ ଏ ପ୍ରସଙ୍ଗରେ କହିପାରିବି ନାହିଁ, ମାତ୍ର ଏଠାରେ ଇସଲାମର କେତେକ ଶିକ୍ଷା ସଂବନ୍ଧରେ ଅବଶ୍ୟ କହୁଛି । ଏହା ନିଃସନ୍ଦେହରେ ପ୍ରମାଣିତ କରିବ ଯେ ଇସଲାମ ଏକ ଶାନ୍ତିପ୍ରିୟ ଧର୍ମ ।"

ଏହାପରେ ମହାମାନ୍ୟ ହଜୁର ଶାନ୍ତି ସଂବନ୍ଧରେ ଇସଲାମ ପ୍ରଦତ ଶିକ୍ଷାର ଅବତାରଣା କଲେ ।

**ପ୍ରତିକ୍ରିୟା:** ବୈଦେଶିକ ବ୍ୟାପାର କମିଟିର ଚେୟାରମାନ Harry Van Bommel, ଯେକି ଏହି ସଭାର ଆୟୋଜକ ଥିଲେ, ସେ ନିଜର ମତବ୍ୟକ୍ତ କରି କହିଲେ : "ଏହି କାର୍ଯ୍ୟକ୍ରମ ଆଶାତୀତ ଭାବେ ସଫଳତା ଲାଭ କରିଛି । ଏହାର ସୁଦୂର ପ୍ରସାରୀ ପରିଣାମ ଅବଶ୍ୟ ବାହାରିବ । ଖଲିଫତୁଲ୍ ମସିହ ନିଜ ସନ୍ଦେଶ ଅତ୍ୟନ୍ତ ପ୍ରଭାବିତ ଢଙ୍ଗରେ ଉପସ୍ଥାପନ କଲେ । ହଲାଣ୍ଡ ଦେଶବାସୀଙ୍କର ଅଧିକାର ରହିଛି ଯେ ସେମାନଙ୍କୁ ଇସଲାମର ଶାନ୍ତି ପ୍ରଦାୟକ ଚେହେରା ପ୍ରଦର୍ଶିତ କରାଯାଉ । ସେମାନଙ୍କୁ ଏହି ସନ୍ଦେଶର ଆବଶ୍ୟକତା ରହିଛି । ଖଲିଫାଙ୍କ ସହିତ ପାର୍ଲାମେଂଟ୍‌ରେ ଅନୁଷ୍ଠିତ ଏହି ସଭା ପ୍ରଥମ ପଦକ୍ଷେପ ସ୍ୱରୂପ ଥିଲା । ଏଣିକି ଆମେମାନେ ଏପରି କାର୍ଯ୍ୟକ୍ରମ ଅଧିକ ବ୍ୟାପକ ରୂପେ ଆୟୋଜନ କରିବୁ ।"

ହଲାଣ୍ଡର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ Dr.W.F.Van Eekelen କହିଲେ: "ଖଲିଫାଙ୍କ ବାର୍ତା ପରିବେଷଣ ହେବା ଦ୍ୱାରା ଇସଲାମ ପ୍ରକୃତ ଛବି ଦେଖିବାର ସୁଯୋଗ ମିଳିଲା । ଏବେ ଆମର ଇଚ୍ଛା ଯେ ହଜୁର ବାରମ୍ବାର ହଲାଣ୍ଡ ଆସନ୍ତୁ । ଯଦ୍ଦ୍ୱାରା ଲୋକମାନଙ୍କ ମନରୁ ଇସଲାମ ପ୍ରତି ରହିଥିବା ଭୟ ଦୂରେଇ ଯିବ ।"

ମଂଟି ନିଗ୍ରୋର M.P. Mr.Dritan Abazovic କହିଲେ: "ଏହି ସଭା ଜମାଅତ ସକାଶେ ବଡ ସଫଳତାର ପ୍ରତୀକ ଯେ ଏହାର ବିଶ୍ୱବ୍ୟାପି ଖଲିଫା ଇସଲାମର ବାସ୍ତବ ଶିକ୍ଷାକୁ ସର୍ବୋଚ୍ଚ ସ୍ତରରେ ନେଇ ଉପସ୍ଥାପନ କରିଛନ୍ତି । ଆଜିକାଲିର ବିପଦ ସଂକୁଳ ଦୁନିଆରେ ଏପରି ଆୟୋଜନର ଜରୁରୀ ଆବଶ୍ୟକତା ରହିଛି ।"

କ୍ରୋସିୟା ଦେଶ ସୋସିଆଲ ଡେମୋକ୍ରେଟିକ ପାର୍ଟିର M.P. Pandek Drazenko କହିଲେ "ଖଲିଫତୁଲ ମସିହ ଇସଲାମୀୟ ଶିକ୍ଷାକୁ ଅତି ସ୍ୱଷ୍ଟ ଓ ପ୍ରଭାବିତ ଢ଼ଙ୍ଗରେ ବର୍ଣ୍ଣନା କରିଛନ୍ତି । ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଇସଲାମର ଶିକ୍ଷା ଅତ୍ୟନ୍ତ ଉପଯୋଗୀ ଓ ପ୍ରଭାବଶାଳୀ । ଯଦି ସମସ୍ତ ମୁସଲମାନ ଏହି ଶିକ୍ଷା ଉପରେ ସହୃଦୟରୁ ପାଳନ କରିବେ, ତେବେ ପୃଥିବୀ ଶାନ୍ତିର ଦୋଳାୟମାନ ଝୁଲାରେ ପରିଣତ ହୋଇପାରିବ ।"

ସ୍ୱିଡେନର M.P. Mr. Bengt. Eliasson କହିଲେ "ହଜୁରଙ୍କ ସମ୍ଭାଷଣ ମୋ ମନରେ ଗଭୀର ରେଖାପାତ କରିଛି । ତାଙ୍କ ଭାଷଣରେ କେବଳ ସତ୍ୟ ହି ସତ୍ୟ ଭରି ରହିଥିଲା ଓ କୌଣସି ସୁବିଧାବାଦୀ ଉଦ୍ଦେଶ୍ୟ ହାସଲ କରିବାର ସାଧନ ନଥିଲା । ଏକ ନିଚ୍ଛକ ପ୍ରୟାସ ଦ୍ୱାରା ମହାମହିମ ଖଲିଫା ଶାନ୍ତି, ନ୍ୟାୟ, ସହିଷ୍ଣୁତା, ମାନବିକତା, ପ୍ରେମ ଓ ଭାଇଚାରା ସମ୍ବନ୍ଧୀୟ ଅତି ସହଜ ଓ ସାବଲୀଳ ଶବ୍ଦରେ ସମସ୍ତଙ୍କୁ ଉଦବୁଦ୍ଧ କଲେ ଓ ଦୁନିଆକୁ ଏକ ବର୍ତା ଦେଲେ ।"

***୧୭ ଅକ୍ଟୋବର ୨୦୧୬*** ଦିନ କାନାଡା ପାର୍ଲାମେଂଟ୍‌ରେ ହଜୁର ଉଦ୍‌ବୋଧନ ଦେଇଥିଲେ । ଶାନ୍ତି ପ୍ରତିଷ୍ଠା ସମ୍ବନ୍ଧରେ ଇସଲାମୀୟ ଶିକ୍ଷା ତଥା ଅନେକ ସମସ୍ୟା ଉପରେ ସେ ଆଲୋକପାତ କରିଥିଲେ । କେବଳ କେତେକ ବ୍ୟକ୍ତିଙ୍କ ପ୍ରତିକ୍ରୀୟା ନିମ୍ନରେ ପ୍ରଦତ ହେଲା । ଏଥିରୁ ଜଣାପଡିବ ଯେ ହଜୁରଙ୍କ ଭାଷଣକୁ କେତେ ଭାବୋଦ୍ଦୀପକ ଓ ପ୍ରଭାବଶାଳୀ ଦୃଷ୍ଟିରେ ଦେଖା ଯାଇଥିଲା ।

**ପ୍ରତିକ୍ରୀୟା:** ଇସ୍ରାଇଲ ରାଷ୍ଟ୍ରଦୂତ ଫାଇଲ୍ ବାରାକ ନିଜର ମନୋଭାବ ପ୍ରକାଶ କରି କହିଲେ: "କେତେ ଯେ ପ୍ରଭାବଶାଳୀ ଭାଷଣ ଥିଲା! ଶାନ୍ତି ସକାଶେ ମହତ୍ୱପୂର୍ଣ୍ଣ ବାର୍ତା । ପୁଣି ସମସ୍ତ ସଂପ୍ରଦାୟ ପରସ୍ପରକୁ କିପରି ସମ୍ମାନ କରିବା ଉଚିତ । ଆଜି ଇସଲାମ ସମ୍ବନ୍ଧରେ ମୋର ଚିନ୍ତାଧାରା ସଂପୂର୍ଣ୍ଣ ବଦଳି ଯାଇଛି ଓ ଏଥିପ୍ରତି ମୋର ଶ୍ରଦ୍ଧା ବଢ଼ିଯାଇଛି । ଏହି ବକ୍ତବ୍ୟକୁ ସର୍ବସାଧାରଣରେ ପ୍ରକାଶିତ କରିବା ଉଚିତ ଏବଂ ଅଧିକରୁ ଅଧିକ ଲୋକମାନଙ୍କ ନିକଟରେ ପହଂଚାଇବା ଉଚିତ । ଯଦି ଲୋକମାନେ ଏହି ବାର୍ତାର ଅନୁସରଣ କରିବେ, ତେବେ ଦୁନିଆର ଜଟିଳ ଓ ଗମ୍ଭୀର ସମସ୍ୟାଗୁଡ଼ିକର ସମାଧାନ ହୋଇପାରିବ । ମୋତେ ହଜୁରଙ୍କ ସମ୍ଭାଷଣରେ ସହିଷ୍ଣୁତା ଓ ଧୈର୍ଯ୍ୟ ଶକ୍ତି ପସନ୍ଦ ଆସିଲା । ଏହା ମଧ୍ୟ ଯେ ସେ ମୁସଲମାନ ହୁଅନ୍ତୁ କି ଇହୁଦୀ, ସମସ୍ତ ଲୋକଙ୍କ ଅଧିକାରର ସୁରକ୍ଷା କରାଯିବା ଉଚିତ । ଏହି ବାର୍ତା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଓ ପ୍ରଭାବଶାଳୀ ଥିଲା ।"

ଚିଫ୍ ଇମାମ ତଥା ବିଦ୍ୱାନ 'ମୁହମ୍ମଦ ଜିବାରା' କହିଲେ, "ମୁଁ ଜଣେ ସୁନ୍ନି ଇମାମ ହୋଇଥିଲେ ସୁଦ୍ଧା ମୁଁ ଏହା କହିବାରେ କୁଣ୍ଠାବୋଧ କରିବି ନାହିଁ ଯେ ଏହି ଭାଷଣ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ମୂଳଦୂଆ ପକାଇଛି । ଏହି ଭାଷଣର ଆଜିର

ଦୁନିଆକୁ ବହୁତ ଆବଶ୍ୟକତା ରହିଛି । ଖଲିଫାଙ୍କ ଉଦବୋଧନ ଅତ୍ୟନ୍ତ ଭାବ ଗମ୍ଭୀର, ଉଚ୍ଚକୋଟୀର ଓ ସମୟୋପଯୋଗୀ ଥିଲା । ମହାମାନ୍ୟ ଅତୀବ ଦୂରଦର୍ଶୀତା ସଂପନ୍ନ ଓ ସରଳ ବ୍ୟକ୍ତିତ୍ୱ ଓ ନିରାଡମ୍ବର ପୂର୍ଣ୍ଣ ବିଚାରଧାରାର ଅଧିକାରୀ । ମାନ୍ୟବର ଏହା ମଧ କହିଥିଲେ ଯେ ନ୍ୟାୟର ପ୍ରତିଷ୍ଠା ପାଇଁ ସନ୍ତୁଳନ ରକ୍ଷା କରିବା ଉଚିତ । ସେ ଇସଲାମର ଦୃଷ୍ଟିକୋଣକୁ ଅତ୍ୟନ୍ତ ସୁନ୍ଦର ଶୈଳୀରେ ଉପସ୍ଥାପନ କଲେ । ଯେପରି କି ଲୋକମାନଙ୍କ ଭାବନାକୁ ଆଘାତ ପହଂଚିବ ନାହିଁ ।"

ପାର୍ଲାମେଂଟ୍ ସଦସ୍ୟ 'ନିକୁଲାଡି ଔର ୟୁ' ନିଜର ଭାବନା ବ୍ୟକ୍ତି କରି କହିଲେ, "ହଜୁରଙ୍କ ବ୍ୟକ୍ତିତ୍ୱ ଆକର୍ଷଣୀୟ ଓ ତେଜସ୍ୱୀ ପ୍ରତିଭାରେ ପରିପୂର୍ଣ୍ଣ । ତାଙ୍କ ଶ୍ରୀମୁଖରୁ ଉଚ୍ଚାରିତ ବାକ୍ୟ ସୁମଧୁର ଥିଲା । ତାଙ୍କ ଭାଷଣ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଥିଲା, ଯହିଁରେ ସମସ୍ତ ସଂସାରିକ ସମସ୍ୟାକୁ ସଂକ୍ଷେପରେ ବର୍ଣ୍ଣନା କରାଯାଇଥିଲା । ଜମାଅତ ଅହମଦୀୟା ଏକ ବଳିଷ୍ଠ ଗାରିମାସଂପନ୍ନ ସଂପ୍ରଦାୟ ଏବଂ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନଗୁଡିକ ସକାଶେ ଏକ ଉଦାହରଣ ସୃଷ୍ଟି କରିଛି । ଏହା ଦେଖି ମୁଁ ଆଶ୍ଚର୍ଯ୍ୟଚକିତ ହୋଇଯାଇଛି । ମୁଁ ଭାବୁଥିଲି ହଜୁର ଅଳ୍ପ କିଛି ଶବ୍ଦରେ ଧନ୍ୟବାଦ ଜଣାଇ ବସିପଡିବେ । କିନ୍ତୁ ସେ ଯେଉଁ ଭାଷଣ ଦେଲେ, ବୋଧହୁଏ ତାହାଠାରୁ ଅଧିକ ଉତ୍କୃଷ୍ଟ ଭାଷଣ ଅନ୍ୟ କେଉଁଠାରେ ଶୁଣିବାକୁ ମିଳିବ ନାହିଁ । ମୋତେ ଆଜିର କାର୍ଯ୍ୟକ୍ରମରେ ସମ୍ମିଳିତ ହୋଇ ଅତ୍ୟନ୍ତ ଆନନ୍ଦ ମିଳିଛି ଓ ମୁଁ ସେହି ମହାନ ଶାନ୍ତିଦୂତଙ୍କ ଭାବପୂର୍ଣ୍ଣ ସମ୍ଭାଷଣକୁ ଶୁଣିବାର ସୌଭାଗ୍ୟ ପ୍ରାପ୍ତ କରି ପାରିଲି । ସେ ଏକାକୀ ଏକନିଷ୍ଠ ଓ ଏକାଗ୍ର ଚିତ ହୋଇ ସମସ୍ତ ବିଶ୍ୱକୁ ଇସଲାମର ପରିଚୟ ଦେଇ ଚାଲିଛନ୍ତି ।"

ଅଲ୍ଲାଃ କରନ୍ତୁ, ବିଶ୍ୱବାସୀ ଯଥାଶୀଘ୍ର ଇସଲାମର ଶାନ୍ତିପ୍ରଦ ଶିକ୍ଷାଗୁଡିକର ବଳୟ ମଧ୍ୟକୁ ଚାଲିଆସନ୍ତୁ । ଆମିନ୍

**ମନସୁର ଅହମଦ୍ ମସରୁର୍**

ଓଡିଆ ରୂପାନ୍ତର- **ଇଂ. ରୌଶନ୍ ଖାନ୍, କେରଙ୍ଗ(ଓଡିଶା)**

---

*ପୃଷ୍ଠା-୬ ର ଅବଶିଷ୍ଟାଂଶ......*

କରିଛନ୍ତି ସେ ଦେଶର ଉପସନା ପୀଠ ଗୁଡିକ ଏପର୍ଯ୍ୟନ୍ତ ମହଜୁଦ୍ ରହିଛି ଓ ସେଗୁଡିକୁ ଧ୍ୱଂସ କରିନାହିଁ । କିନ୍ତୁ ବଡବଡ ଉଜ୍ଜଳ ଜାତିଙ୍କୁ ପଚାରି ବୁଝନ୍ତୁ ଯେ ପଡାମୁର ମନ୍ଦିର କେଉଁଠି ଥିଲା ବୋଲି ତେବେ ସେମାନେ ବତାଇପାରିବେ ନାହିଁ । ସେଠିକାର ଚିହ୍ନବର୍ଣ୍ଣକୁ ଉଡାଇ ଦିଆଯାଇଛି ବରଂ ଜେରୁଜେଲମ୍ ପରି ସ୍ଥାନ ଯାହାକୁ ବାଇବଲ୍‌ରେ ପବିତ୍ର ସ୍ଥଳୀ ରୂପେ ବିବେଚନା କରାଯାଇଥିଲା ତାହାକୁ ମଧ ଖଣ୍ଡ ଖଣ୍ଡ କରିଦିଆଗଲା ଓ ସେଠାରେ ସୁଅର୍ (ଅର୍ଥାତ୍ ଘୁଷୁରୀ)ର କୁର୍ବାନୀ କରାଗଲା । କାଳେ କିଏ କହିଦେବ ଯେ ସୁଅର୍ ଅପବିତ୍ର ନୁହେଁ । କିନ୍ତୁ ଯଦି ବାଇବଲ୍ ପଢ଼ିବେ ଏହାର ବିପରୀତ କଥା ଦେଖିବାକୁ ପାଇବେ ।

ଏହାର ବିପରୀତ ଦେଖନ୍ତୁ ଯେ ସ୍ପେନ୍ ଏବଂ ପାଲେଷ୍ଟାଇନ୍‌ରେ କିପରି ବୈଭବପୂର୍ଣ୍ଣ ଇସ୍‌ଲାମୀୟ ରାଜତ୍ୱ ଚାଲିଥିଲା । କିନ୍ତୁ ଦେଖିନିଅ ସେମାନେ ପୁରୁଣାରୁ ଅତି ପୁରୁଣା ଉପାସନା ପୀଠଗୁଡିକୁ ହାତ ମଧ ମାରିନାହାଁନ୍ତି । ବରଂ ଫାରୁକେ ଆଜମ୍‌ଙ୍କ ସମୟରେ ଯେତେବେଳେ ସେ ଜେରୁଜେଲମ୍‌ଠାରେ ପହଂଚିଥିଲେ ସେତେବେଳେ ସେଠିକାର ବିଶପ ଏକଥା କହିଥିଲେ ଯେ ଏଠାରେ ନମାଜ ପଢ଼ିନିଅ । ସେ କହିଥିଲେ ଯେ ତୁମେ ହେଉଛ ବଡ ଅଦୂରଦର୍ଶୀ ବ୍ୟକ୍ତି । ଯଦି ମୁଁ ଏଠାରେ ନମାଜ ପଢ଼ିନିଏ ତେବେ ମୁସଲ୍‌ମାନ୍‌ମାନେ ଏ ସ୍ଥାନକୁ ମସ୍‌ଜିଦ୍ ରୂପେ ବନାଇନେବେ । ଆମ ସରକାର ସଲଲ୍ଲାହୋ ଆଲେ ହେ ଓ୍ୱ ସଲ୍ଲମ୍‌ଙ୍କ ନିକଟକୁ ନଜ୍‌ରାନ୍‌ର କିଛି ଇସାଇ ଆସିଲେ ଓ ସେଦିନ ରବିବାର ଥିଲା । ଆପଣ ସ:ଆ:ସ ସେମାନଙ୍କୁ କହିଲେ ମୋ ମସ୍‌ଜିଦ୍‌ରେ ଗିର୍ଜା କରିନିଅ । ସେହି ଲୋକମାନେ ରୋମାନ୍ କ୍ୟାଥୋଲିକ୍ ହୋଇଥିବେ । କିନ୍ତୁ ବହୁତ ସାହସର ସହିତ ସେମାନଙ୍କୁ ଅନୁମତି ଦେଲେ । ଏଥିରୁ ଏକଥା ପ୍ରମାଣିତ ହେଉଛି ଯେ ଯେଉଁଠି ସେ ଉପକାରକୁ ସର୍ବସାଧାରଣ କରୁଥିଲେ ସେଠାରେ ଧର୍ମକୁ ବାକି ରଖିବା ମଧ ତାଙ୍କର ସିଦ୍ଧାନ୍ତ ଥିଲା । ଯେଉଁଠି ହିନ୍ଦୁସ୍ତାନ୍‌ରେ ପ୍ରଥମ ସଦି ହିଜ୍‌ରିରେ ଆରବୀୟ ଆସିଲେ ଏବଂ ଅତି କମ୍‌ରେ ସାଢ଼େ ୧୧୦୦ ବର୍ଷ ପର୍ଯ୍ୟନ୍ତ ଇସ୍‌ଲାମୀୟ ହୁକୁମତ୍ (ରାଜତ୍ୱ) ଏଠାରେ ରହିଲା......ଏହି ଲମ୍ବା ସମୟ ମଧରେ ହିନ୍ଦୁସ୍ତାନ୍‌ର ଉପାସନା ପୀଠ ଗୁଡିକ ଉପରେ ଇସ୍‌ଲାମୀୟ ରାଜତ୍ୱ କ'ଣ ପ୍ରଭାବ ପକାଇଲା ? ସେ ସବୁର ଉପସ୍ଥିତି ହିଁ ସ୍ୱୟଂ ଏକଥା ପ୍ରକାଶ କରୁଅଛି ! (ହକାୟକୁଲ୍ ଫୁର୍‌କାନ୍, ଖଣ୍ଡ-୩, ପୃଷ୍ଠା-୧୫୪-୧୫୭)

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । '' *(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)* |
|---|---|

*ତାଲିବେ ଦୁଆ: Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

---

*ପୃଷ୍ଠା-୭ ର ଅବଶିଷ୍ଟାଂଶ......*

ଆରୋପ ଲଗାଇଚାଲିଛନ୍ତି ଯେ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଯୁଦ୍ଧ କରି ନିଜର ଶତୃମାନଙ୍କୁ ପରାଜୟ କରିଛନ୍ତି । ଯଦି ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ବିଜୟ ଯୁଦ୍ଧ ସହିତ ସଂଲଗ୍ନ ଥିଲା ତେବେ ପବିତ୍ର କୋରାନ୍ ଏଥିପ୍ରତି ଇସାରା କରି ଏହାକୁ ଛୋଟ କାହିଁକି କହିଲା ଏବଂ କୋରାନ୍‌ର ଶିକ୍ଷାକୁ ନେଇ ଯୁଦ୍ଧ କରିବାକୁ ବଡ କାହିଁକି କହିଲା । ସେ ଏକଥା କାହିଁକି କହିଲା ଯେ *ଜାହିଦ୍‌ହୁମ୍ ବିହି ଜିହାଦନ୍ କବିରା* (ଅର୍ଥାତ୍) ହେ ମୁହମ୍ମଦ୍ ରସୁଲଲ୍ଲାଃ ସ:ଆ:ସ ! ତୁମର ଅସଲ ଯୁଦ୍ଧ ପବିତ୍ର କୁର୍‌ଆନ୍‌ର ଅସ୍ତ୍ର ସହିତ ରହିଛି । ତୁମେ ଏହି ହତିଆର୍ ସାହାଯ୍ୟରେ ନିଜ ଶତୃମାନଙ୍କ ସହିତ ଯୁଦ୍ଧ କର । ଏହି ଯୁଦ୍ଧ ବଡ ଯୁଦ୍ଧ ହେବ ।

ଆଶ୍ଚର୍ଯ୍ୟର କଥା ହେଉଛି ଏହା କି ଏହି ଆୟତ ଯେଉଁଥିରେ ଦୁଇଟି ଜିହାଦ୍ କରିବାର ଖବର ଦିଆଯାଇଛି ଗୋଟିଏ ହେଉଛି ତରବାରି ଯୁଦ୍ଧ ଯାହା ଛୋଟ ହେବ ଏବଂ ଆଉଗୋଟିଏ ହେଉଛି ଯୁକ୍ତିଯୁକ୍ତ ପ୍ରମାଣର ଯୁଦ୍ଧ ଯାହା ବଡ ଯୁଦ୍ଧ ହେବ, ଏକଥା ସୁରଃ ଫୁର୍‌କାନ୍‌ର ଆୟତ୍‌ରେ ଉଲ୍ଲେଖ ରହିଛି ଓ ତାହା ହେଉଛି ମକ୍କାରେ ଅବତୀର୍ଣ୍ଣ ହେଉଥିବା ସୁରଃ ଅର୍ଥାତ୍ ରସୁଲେ କରିମ୍ ସ:ଆ:ସ ସେତେବେଳେ ମକ୍କାରେ ହିଁ ଥିଲେ । କୌଣସି ପ୍ରକାରର ସେନା ଆପଣଙ୍କ ନିକଟରେ ନଥିଲେ ନା କୌଣସି ଦେଶ ଆପଣଙ୍କ ସହିତ ଥିଲା ଯେ ଆପଣଙ୍କୁ ଖୁଦାତାଲା ଏକଥା ବତାଇଲେ କି ତୁମକୁ ନିଜ ବିରୋଧିମାନଙ୍କ ସହିତ ଯୁଦ୍ଧ କରିବାକୁ ହେବ । କିଛି ତରବାରି ସହିତ ଏବଂ କିଛି ଦଲାଇଲ୍ ଓ ବରାହିନ୍ (ଅର୍ଥାତ୍ ଯୁକ୍ତିଯୁକ୍ତ ପ୍ରମାଣ) ସହିତ । ଦଲାଇଲ୍ ଏବଂ ବରହିନ୍‌ର ଲଢ଼େଇ ବଡ ହେବ ଏବଂ ତରବାରିର ଛୋଟ । ସ୍ୱୟଂ ରସୁଲେ କରିମ୍ ସ:ଆ:ସ ଏହି ପ୍ରଭେଦକୁ ବର୍ଣ୍ଣନା କରିଛନ୍ତି । ସୁତରାଂ ଏକଦା ଆପଣ ଜିହାଦ୍‌ରୁ ଫେରିଆସିବା ସମୟରେ ଏକଥା କହିଛନ୍ତି ***ରଜଅନା ମିନଲ୍ ଜିହାଦିଲ୍ ଅସ୍‌ଗରି ଇଲଲ୍ ଜିହାଦିଲ୍ ଅକ୍‌ବର୍*** (ରଦ୍ଧୁଲ୍ ମୁଖ୍‌ତାର୍ ଅଲଦ୍‌ଦାରୁଲ୍ ମୁଖ୍‌ତାର୍, ଖଣ୍ଡ-୩, ପୃଷ୍ଠା-୨୩୫) ଅର୍ଥାତ୍ ଆମେ ଗୋଟିଏ ଛୋଟ ଲଢ଼େଇରୁ ଫେରିଆସିଛୁ । ଫଳରେ ବଡ ଲଢ଼େଇ ଅର୍ଥାତ୍ ଦଲାଇଲ୍ ଓ ବରାହିନ୍ ର ଲଢ଼େଇ ଏବଂ ପବିତ୍ର କୋରାନ୍ ଶିକ୍ଷାର ପ୍ରଚାର ପ୍ରସାରର ଲଢ଼େଇ ଆରମ୍ଭ କରିବୁ । ସୁତରାଂ ରସୁଲେ କରିମ୍ ସ:ଆ:ସ ମଧ ଦଲାଇଲ୍ ଓ ବରାହିନ୍‌ର ଯୁଦ୍ଧକୁ ବଡ ଯୁଦ୍ଧ ଏବଂ ତରବାରି ସହିତ ଯୁଦ୍ଧ କରିବାକୁ ଛୋଟ ଯୁଦ୍ଧ ବୋଲି ଅଭିହିତ କରିଛନ୍ତି । (ତଫସିର୍ କବୀର୍, ଖଣ୍ଡ-୭, ପୃଷ୍ଠା-୪୭୧)

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତ୍ୟନ୍ତ ସତର୍କତାର ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

*ପୃଷ୍ଠା- ୨୦ ର ଅବଶିଷ୍ଟାଂଶ......*

ଦିକ୍ଷୀତ କରାଉଛନ୍ତି ଏବଂ ଇସ୍‌ଲାମ୍ ଧର୍ମକୁ ନିଃଶେଷ କରିଦେବାକୁ ଚାହୁଁଛନ୍ତି ଏବଂ ଲୋକମାନଙ୍କୁ ମୁସଲ୍‌ମାନ୍ ହେବାରୁ ନିବୃତ ରଖୁଛନ୍ତି । ଏମାନେ ହେଉଛନ୍ତି ଏପରି ଲୋକେ ଯାହାଙ୍କ ଉପରେ ଇଶ୍ୱରଙ୍କର କୋପ ରହିଛି । ***"ଓ୍ୱ ଓ୍ୱଜବା ଅଲଲ୍ ମୁମିନିନା ଅଇଁ ଯୁହାରିବୁହୁମ୍ ଇଲ୍‌ଲମ୍ ଯନ୍‌ତହୁ"*** ଏବଂ ଯେଉଁମାନେ ମୋମିନ୍‌ଙ୍କ ସହିତ ଯୁଦ୍ଧ କରୁଛନ୍ତି ଏବଂ ସେଥିରୁ ଖ୍ୟାନ୍ତ ହେଉନାହାଁନ୍ତି ସେମାନଙ୍କ ସହିତ ଲଢ଼ିବା ମୋମିନ୍‌ମାନଙ୍କ ପାଇଁ ଜରୁରୀ ଅଟେ" ।

(ନୁରୁଲ୍ ହକ୍ ପ୍ରଥମଭାଗ, ରୁହାନି ଖଜାଏନ୍, ଖଣ୍ଡ-୮, ପୃଷ୍ଠା-୬୨)

ଆପଣ ଆ:ସଙ୍କର ଏହି ଆଲେଖ୍ୟରୁ ସ୍ୱଷ୍ଟ ହେଉଛି ଯେ ଆପଣଙ୍କ ନିକଟରେ ଯେତେବେଳେ ତରବାରି ସହିତ ଜିହାଦ୍ କରିବାର ସର୍ତଗୁଡିକ ମିଳିବ ସେତେବେଳେ ମୋମିନ୍‌ଙ୍କ ଉପରେ ତରବାରି ସହିତ ଯୁଦ୍ଧ କରିବା ଫର୍ଜ୍ ହୋଇଯିବ ।

ଇସ୍‌ଲାମ୍ ଯେଉଁଠି ଆତ୍ମସୁଦ୍ଧି କରିବାକୁ ଜିହାଦେ ଅକ୍‌ବର୍ ଅର୍ଥାତ୍ ବଡଯୁଦ୍ଧ ଏବଂ ଉପଦେଶ ଦେବା ଓ ତବ୍‌ଲିଗ୍ କରିବାକୁ ଜିହାଦେ କବୀର୍ ଅଭିହିତ କରି ସେଗୁଡିକୁ ସ୍ଥାୟୀ ଓ ଅନିର୍ବାର୍ଯ୍ୟ ରୂପେ ଅଭିହିତ କରିଛି ସେଠାରେ ସେ ତରବାରି ସହିତ ଯୁଦ୍ଧ କରିବାକୁ ଜିହାଦେ ଅସ୍‌ଗର୍ ଅର୍ଥାତ୍ ଛୋଟଯୁଦ୍ଧ ଏବଂ ଏହାକୁ ସାମୟିକ ଭାବେ ସର୍ତାବଳୀ ସହିତ ଅଭିହିତ କରିଛି । ସୁତରାଂ ଯେଉଁଠି ଏହାର ସର୍ତାବଳୀ ଗୁଡିକ ମିଳିଯିବ ସେଠାରେ ତରବାରି ସହିତ ଜିହାଦ୍ କରିବା ଜରୁରୀ ହେବ ଏବଂ ଯେଉଁଠି ସର୍ତାବଳୀ ଗୁଡିକ ନମିଳିବ ସେଠାରେ ହେବନାହିଁ । ଯେହେତୁ ମସିହ୍ ମଉଦ୍ ଆ:ସଙ୍କ ଯୁଗରେ ହିନ୍ଦୁସ୍ତାନ୍‌ରେ ତରବାରି ସହିତ ଯୁଦ୍ଧ କରିବାର ସର୍ତାବଳୀ ଗୁଡିକ ମିଳୁନଥିଲା ସେଥିଯୋଗୁ ଆପଣ ଆ:ସ ତାହାର ବିପରୀତ ଫତ୍‌ୱା ଦେଲେ ଏବଂ ସମସ୍ତ ବଡବଡ ଓ୍ୱଲେମାମାନେ ନିଜର କର୍ମଦ୍ୱାରା ଏବଂ ନିଜର କଲମ ଦ୍ୱାରା ଆପଣ ଆ:ସଙ୍କ ସିଦ୍ଧାନ୍ତକୁ ସମର୍ଥନ କରିଛନ୍ତି, ଯେମିତିକି ଉପରେ ଏହାକୁ ପ୍ରମାଣ କରାଯାଇଛି କିନ୍ତୁ ୧୯୪୭ ମସିହାରେ ହିନ୍ଦୁସ୍ତାନ୍ ବିଭାଜନ ହେବାପରେ ପରିସ୍ଥିତି ପରିବର୍ତନ ହୋଇଯାଇଛି । ପୂର୍ବପଞ୍ଜାବ୍‌ରୁ ମୁସଲ୍‌ମାନ୍‌ମାନଙ୍କୁ ଶେଷ କରିଦେବା ପାଇଁ ସେମାନଙ୍କ ଉପରେ ଗଏର୍ ମୁସ୍‌ଲିମ୍ (ଅଣମୁସ୍‌ଲିମ୍)ମାନଙ୍କର ଆକ୍ରମଣ କରିବା ଗୋଟିଏ ବୁଝି ବିଚାରି ଯୋଜନା ଅନ୍ତର୍ଗତ ହେଲା..... ସୁତରାଂ ଯେତେବେଳେ ଶତ୍ରୁ ନିଜେ ଆକ୍ରମଣ କଲା ଓ ଏହାର ଉଦ୍ଦେଶ୍ୟ କେବଳ ମୁସଲ୍‌ମାନ୍‌ମାନଙ୍କ ଅସ୍ତିତ୍ୱକୁ ଧ୍ୱଂସ କରିବା ପାଇଁ ଏବଂ ତାଙ୍କ ଧର୍ମକୁ ନିଃଶେଷ କରିବା ପାଇଁ ତେବେ ଏହିପରି ଅତ୍ୟାଚାରି ଶତ୍ରୁମାନଙ୍କ ମୁକାବିଲା ପାଇଁ ପ୍ରତିରକ୍ଷା ମୂଳକ ଯୁଦ୍ଧ କରିବା ଇସ୍‌ଲାମ୍ ମୁତାବକ ପ୍ରକୃତ ଜିହାଦ୍ ।

ଇସ୍‌ଲାମ୍‌ର ଯୁଦ୍ଧଗୁଡିକ ତିନି ପ୍ରକାରରୁ ବାହାର ନୁହେଁ:- (୧)ପ୍ରତିରକ୍ଷା ମୂଳକ ଅର୍ଥାତ୍ ନିଜକୁ ସୁରକ୍ଷିତ ରଖିବା ପାଇଁ ଶୈଳୀ ବ୍ୟବହାର କରିବା (୨)ଦଣ୍ଡ ସ୍ୱରୂପ ଅର୍ଥାତ୍ ରକ୍ତ ବଦଳରେ ରକ୍ତ (୩)ସ୍ୱାଧୀନତା କାଏମ୍ କରିବା ପାଇଁ ଅର୍ଥାତ୍ ଯୁଦ୍ଧ କରୁଥିବା ଲୋକମାନଙ୍କୁ ଶକ୍ତିହୀନ କରିବା ପାଇଁ ଯେଉଁମାନେ ମୁସଲ୍‌ମାନ୍ ହୋଇଥିବା ଯୋଗୁ ହତ୍ୟା କରୁଥିଲେ । ଏବଂ ଏହି ତିନି ପ୍ରକାରର ଜିହାଦ୍ ପାଇଁ ଶବ୍ଦକୋଷରେ ଥିବା ଅର୍ଥଗୁଡିକୁ ଦୃଷ୍ଟିରେ ରଖି ଜିହାଦ୍ ଶବ୍ଦ ବ୍ୟବହାର କରିବା ଉଚିତ୍ ହେବ । କିନ୍ତୁ ଇସ୍‌ଲାମ୍ ଏକଥାକୁ ଭୀଷଣ ରୂପେ ବିରୋଧ କରିଥାଏ ଯେ କୌଣସି ବ୍ୟକ୍ତିକୁ ଜୋର୍ ଜବର୍‌ଦସ୍ତି ଏବଂ ହତ୍ୟା କରିବାର ଧମକ ଦେଇ ଧର୍ମରେ ଦାଖିଲ୍ କରାଯାଉ ବା କେବଳ ଦେଶ ଜିଣିବା ପାଇଁ ଓ ଦେଶକୁ ବଢ଼ାଇବା ପାଇଁ ଅତ୍ୟାଚାର ମୂଳକ ଆକ୍ରମଣ କରାଯାଉ ।


**ଓଡ଼ିଆ ବଦର୍‌ରେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସ୍ୱେଚ୍ଛାସେବୀ କମ୍ପୋଜରଙ୍କ ଆବଶ୍ୟକ**

ଓଡ଼ିଆ ବଦର୍ ନିମନ୍ତେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱେଚ୍ଛାସେବୀ କମ୍ପୋଜର ଆବଶ୍ୟକ ହେଉଛି ତେଣୁ ଏହି ସେବା କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥିନୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ ।

Manager WeeklyBadar Qadian
Ph No: +911872 224757
Mob No: +919417020616
Email: managerbadarqnd@gmail.com
Naib Editor Odia Badar
Mob: 9437128786


**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family, Jamat Ahmadiyya, Pankal (Odisha)*

*ପୃଷ୍ଠା- ୯ ର ଅବଶିଷ୍ଟାଂଶ......*

ଯେଉଁ ଆୟତଟି ମୁଁ ଏଠାରେ ଆବୃତି କଲି ଏଥିରେ ଅଲ୍ଲାଃଙ୍କ ମାର୍ଗରେ ଜିହାଦ୍ କରିବା ପାଇଁ ବର୍ଣ୍ଣନା କରାଯାଇଛି ଓ ଏହା ହେଉଛି ବାସ୍ତବିକ୍, ପ୍ରାଥମିକ ଏବଂ ସର୍ବୋତମ ଜିହାଦ୍ ଅର୍ଥାତ୍ ନିଜ ପାଳନକର୍ତାଙ୍କ ଆଡକୁ ମନୁଷ୍ୟ ଜାତିକୁ ଡାକିବା। ଏ ଜିହାଦ୍ କିପରି କରାଯିବ, କେଉଁ ଅସ୍ତ୍ରଦ୍ଵାରା କରାଯିବ, ଏ ଯୁଦ୍ଧ କିପରି ଲଢ଼ାଯିବ? ଏ ସମ୍ବନ୍ଧରେ ଏହି ପବିତ୍ର ଆୟତ୍ ନିର୍ଦ୍ଦେଶ ଦେଉଛି ଯେ *ଉଦ୍‌ଉ ଇଲା ସବିଲି ରବ୍‌ବିକା* ଅର୍ଥାତ୍ ନିଜ ପାଳନକର୍ତାଙ୍କ ମାର୍ଗ ଆଡକୁ ମନୁଷ୍ୟ ଜାତିଙ୍କୁ ସତ୍‌ଜ୍ଞାନ ମାଧ୍ୟମରେ ଡାକିଆଣ, ତରବାରି ବା ତୀର ମାଧ୍ୟମରେ ନୁହେଁ, ଧମକାଇ ଚମକାଇ ନୁହେଁ ବରଂ ସତ୍‌ଜ୍ଞାନ ମାଧ୍ୟମରେ ଡାକ। *ୱଲ୍‌ମୌଇଜତିଲ୍ ହସନତି* ଅର୍ଥାତ୍ ସତ୍ ଉପଦେଶ ମାଧ୍ୟମରେ ଏବଂ ଏପରି ସୁନ୍ଦର ନସିହତ୍ ଜରିଆରେ ଡାକିଆଣ ଯାହା ମନକୁ ନିଜ ଆଡକୁ ଟାଣି ନେଉଥିବ। *ୱ ଜାଦିଲ୍‌ହୁମ୍ ବିଲ୍ଲତି ହିୟ ଅହ୍‌ସନ୍ ।* ଏବଂ ପରିଶେଷରେ ଯଦି ମୁକାବିଲା କରିବାକୁ ହୁଏ ତେବେ ବହୁତ ଭଲଭାବେ ମୁକାବିଲା କର। ସବୁଠାରୁ ଉତମ ତର୍କକୁ ବ୍ୟବହାର କର। ସୁନ୍ଦରଭାବେ ଅର୍ଥାତ୍ ମନମୁଗ୍ଧକାରୀ ଶୈଳୀଦ୍ଵାରା ଏହି ତର୍କଗୁଡିକୁ ଉପସ୍ଥାପନ କର କାରଣ ହୃଦୟ ଜିଣିବା ହେଉଛି (ଆମର) ଉଦ୍ଦେଶ୍ୟ ନା କି ଲୋକମାନଙ୍କୁ ହରାଇବା। ତେଣୁ ଏହା ହେଉଛି ସେହି ପ୍ରାଥମିକ ଓ ବାସ୍ତବିକ ଜିହାଦ୍ ଯାହାପ୍ରତି ପବିତ୍ର କୋରାନ୍ ପ୍ରତ୍ୟେକ ମୋମିନ୍‌କୁ ଡାକୁଅଛି ଏବଂ ଏହି ଜିହାଦ୍‌ର ନିୟମକାନୁନ୍ ବିଷୟରେ ବହୁତ ସ୍ପଷ୍ଟଭାବେ ସୂଚନା ଦେଉଅଛି। ସେହି ହତିଆର୍‌ଗୁଡିକ ସମ୍ବନ୍ଧରେ ମଧ୍ୟ ବର୍ଣ୍ଣନା କରିଦେଇଛି ଯାହାସବୁ ଏହି ଜିହାଦ୍‌ରେ ବ୍ୟବହାର ହେବ।

*(ଖୁତ୍‌ବାତେ ତାହେର୍, ଖଣ୍ଡ-୧୦, ପୃଷ୍ଠା-୮୬୯,*
*ଖୁତ୍‌ବାଜୁମା-୮ ନଭେମ୍ବର୍ ୧୯୯୧)*

*ପୃଷ୍ଠା- ୧୦ ର ଅବଶିଷ୍ଟାଂଶ......*

ଶିକ୍ଷା। ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ସ୍ଥାପନ କରିବାର ଶିକ୍ଷା, ଶାନ୍ତି ଏବଂ ପ୍ରେମର ବାର୍ତା ଦେବାର ଶିକ୍ଷା। ଯଦି କିଛି ମୁସଲ୍‌ମାନ୍ ସଂଗଠନ ଏହା ଉପରେ ପରିଚାଳିତ ହେଉନାହାଁନ୍ତି ତେବେ ଏହା ହେଉଛି ସେମାନଙ୍କର ଦୁର୍ଭାଗ୍ୟ। କୁର୍‌ଆନ୍ ଅବଶ୍ୟ ଅସଲ ଶବ୍ଦରେ ସେମାନଙ୍କ ନିକଟରେ ମହଜୁଦ୍ ରହିଛି କିନ୍ତୁ ଅମଳ ନାହିଁ (ଅର୍ଥାତ୍ ତା ଉପରେ ପରିଚାଳିତ ହେଉନାହାଁନ୍ତି)। ପବିତ୍ର କୋରାନ୍‌ର ଶିକ୍ଷା ଏବଂ ପବିତ୍ର କୋରାନ୍‌ର ଆଦେଶ ଗୁଡିକର ଯେପରି ସୁରକ୍ଷା କରିବାର ଥିଲା ବା କରିବା ଉଚିତ୍ ତାହା ଏହି ଲୋକମାନେ କରୁନାହାଁନ୍ତି। ଏହାର ସୁରକ୍ଷା ତ ମସିହ୍ ମଉଦ୍ ଆ:ସ ଏବଂ ତାଙ୍କ ଜମାତ୍‌କୁ ହିଁ କରିବାକୁ ହେବ। ଦୁନିଆକୁ ଆମେ ନିଜର ଜ୍ଞାନ ଓ କର୍ମ ଦ୍ଵାରା ବତାଇଦେବାକୁ ହେବ ଯେ ଦୁନିଆକୁ ନିଜର ଶାନ୍ତି ଓ ସୁରକ୍ଷା ପାଇଁ ଇସ୍‌ଲାମ୍ ନିକଟରୁ ବିପଦନାହିଁ ବରଂ ସେହି ଲୋକମାନଙ୍କଠାରୁ ରହିଛି ଯେଉଁମାନେ ଇସ୍‌ଲାମ୍ ବିରୋଧି.....ଯେଉଁ ଲୋକମାନେ ଇସ୍‌ଲାମ୍‌କୁ ବଦ୍‌ନାମ୍ କରୁଛନ୍ତି ସେମାନେ ମିଥ୍ୟାରୋପ ଓ ଲାଞ୍ଛନା ଦ୍ଵାରା କାମ ନେଉଛନ୍ତି। ସେମାନଙ୍କର ଏହି ମିଥ୍ୟାରୋପ ଅସଲରେ ଦୁନିଆର ସୁରକ୍ଷାକୁ ବିପଦରେ ପକାଉଛି। ଏମାନେ ନିଜର ସ୍ଵାର୍ଥ ପାଇଁ, ଦୁନିଆରେ ନିଜର ଭୌଗଳିକ ଓ ରାଜନୈତିକ ବୃଦ୍ଧି ହାସଲ କରିବା ପାଇଁ ବିଭ୍ରାଟ କରୁଛନ୍ତି। ମୁସଲ୍‌ମାନ୍ ଦେଶଗୁଡିକରେ ହେଉଥିବା ବିଭ୍ରାଟ ଓ ଉପଦ୍ରବରେ ମଧ୍ୟ କେତେକ ବଡବଡ ରାଷ୍ଟ୍ରର ହାତ ରହିଛି। ଏବେ ତ ବିଭିନ୍ନ ପ୍ରାଶ୍ଚାତ୍ୟ ମିଡିଆରେ ଖୁଦ୍ ସେମାନଙ୍କର ନିଜ ଲୋକମାନେ ହିଁ କହିବାକୁ ଲାଗିଲେଣି ଯେ ମୁସଲ୍‌ମାନ୍‌ମାନଙ୍କର ଏହି ଚରମପନ୍ଥୀ ସଂଗଠନ ଗୁଡିକ ଆମ ସରକାରଙ୍କ ଦ୍ଵାରା ସୃଷ୍ଟି ହୋଇଛନ୍ତି। ସେ ସବୁକୁ ଆମେ ଇରାକ୍‌ର ଯୁଦ୍ଧ ପରେ ବା ସିରିଆର ପରିସ୍ଥିତି ପରେ ସୃଷ୍ଟି କରିଅଛୁ। ଏକଥାରେ ମୁଁ ମୁସଲ୍‌ମାନ୍‌ମାନଙ୍କୁ ଏବଂ ସେ ଲୋକମାନଙ୍କୁ ଯେଉଁମାନେ ଇସ୍‌ଲାମ୍ ନାମରେ ମୁସଲ୍‌ମାନ୍ ବୋଲାଇ ଚରମପନ୍ଥୀ କାର୍ଯ୍ୟକଳାପରୁ ଏବଂ ଇସ୍‌ଲାମ୍ ସମ୍ବନ୍ଧରେ ଭୁଲ୍ ଶିକ୍ଷାକୁ ଉପସ୍ଥାପନ କରୁଛନ୍ତି, ମୁଁ ମୁକ୍ତ କରୁନାହିଁ। କିନ୍ତୁ ଏହି ନ୍ୟାୟକୁ ଉଡକାଇବାରେ ବଡବଡ ଶକ୍ତିଶାଳୀ ରାଷ୍ଟ୍ରଗୁଡିକର ହାତ ଅଛି। ନ୍ୟାୟ ସାହାଯ୍ୟରେ କାମ ନ ନେବା, ଯାହା ବହୁତ ବଡ କାରଣ, ଫଳତଃ ଏହା ସବୁକିଛି ହେଉଅଛି। (ଖୁତ୍‌ବାଜୁମା ପ୍ରଦତ ୧୧ ଡିସେମ୍ବର୍ ୨୦୧୫ ଅଖ୍‌ବାର୍ ବଦର୍ ୭,୧୪ ଜାନୁଆରୀ ୨୦୧୬)

## ଅଖ୍‌ବାର୍ ବଦର୍ ନିଜେ ପଢ଼ନ୍ତୁ ଏବଂ ନିଜ ସାଙ୍ଗସାଥିମାନଙ୍କୁ ପଢ଼ିବା ପାଇଁ ମଧ୍ୟ ପ୍ରୋତ୍ସାହିତ କରନ୍ତୁ

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଲ୍‌ଖାମିସ୍ ଅୟଦହୁଲ୍ଲାହୁ ତାଆଲା ବେ ନସ୍‌ବିହିଲ୍ ଅଜିଜ୍ ଅଖ୍‌ବାର୍ ବଦରର ବିଶେଷାଙ୍କ ୨୦୧୪ ନିମନ୍ତେ ନିଜର ବାର୍ତା ପ୍ରେରଣ କରି ଏ ଉପଦେଶ ଦେଇଥିଲେ ଯେ:-

"ଏକଥା ବଦର୍ କାର୍ଯ୍ୟାଳୟ ଏବଂ ପାଠକମାନଙ୍କୁ ମନେ ରଖିବା ଉଚିତ୍ ଯେ ଏହି ଅଖ୍‌ବାର୍ ଯମାତ୍‌ର ଲୋକମାନଙ୍କ ଆଧ୍ୟାତ୍ମିକ ସୁଧାର ଏବଂ ଉନ୍ନତି ସକାଶେ ଜାରି କରାଯାଇଥିଲା ଏବଂ ଆମ ପ୍ରତିଷ୍ଠିତ ପୂର୍ବଜମାନେ ବିପରିତ ପରିସ୍ଥିତି ଥିବା ସତ୍ତ୍ୱେ ମଧ୍ୟ ସମ୍ପୂର୍ଣ୍ଣ ଯତ୍ନର ସହିତ ଏହାକୁ ଜାରି ରଖିବା ପାଇଁ ଚେଷ୍ଟା କରିଛନ୍ତି ଏବଂ ସେମାନଙ୍କ ପ୍ରାର୍ଥନା ଓ ପବିତ୍ର ପ୍ରୟାସ ଯୋଗୁଁ ଏହା ଆଜି ପର୍ଯ୍ୟନ୍ତ ଜାରି ରହିଛି ଓ ଏକଥା ଆମଠାରୁ ଏ ଆଶା କରୁଛି ଯେ ଅଧିକରୁ ଅଧିକ ଅହେମଦୀ ଏହାକୁ ପାଠ କରି ଲାଭବାନ ହୁଅନ୍ତୁ। ଅଲ୍ଲାଃତାଲା ନିଜର କୃପା ମାଧ୍ୟମରେ ବିଶେଷ ରୂପେ ହିନ୍ଦୁସ୍ତାନ୍‌ର ଅହେମଦୀମାନଙ୍କୁ ଓ ପୃଥିବୀର ଅନ୍ୟ ଅହେମଦୀମାନଙ୍କୁ ପ୍ରାୟତଃ ଏହର ଅଧ୍ୟୟନ କରିବା ପାଇଁ ଏବଂ ଏହା ସହିତ ସଂଲଗ୍ନ ଥିବା ବର୍‌କତ୍‌କୁ ଆବୋରିବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ। ଆମିନ୍!

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଲ୍‌ଖାମିସ୍ ଅୟଦୁଲ୍ଲାହୁ ତାଆଲା ବିନସ୍‌ରିହିଲ୍ ଅଜିଜ୍ ଏହି ମହତ୍ଵପୂର୍ଣ୍ଣ ଏବଂ ବିଶ୍ଵାସବର୍ଦ୍ଧକ ଉପଦେଶକୁ ସମ୍ମୁଖରେ ରଖି ଯମାତ୍ ଅହେମଦୀୟା ଭାରତ ବନ୍ଧୁମାନଙ୍କ ସେବାରେ ଅନୁରୋଧ କରାଯାଉଅଛି ଯେ ପ୍ରତ୍ୟେକ ଘରେ ବଦରର ଅଧ୍ୟୟନ କରାଯିବ ବହୁତ ଜରୁରୀ। ଏଥିରେ କୁର୍‌ଆନ୍ ହଦିସ୍ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ଉପଦେଶ ଅତିରିକ୍ତ ହଜୁର୍ ଅନୁଓ୍ଵର୍‌ଙ୍କ ଖୁତ୍‌ବାଜୁମା ଅଭିଭାଷଣଗୁଡିକ ତଥା ହଜୁର ଅନ୍‌ଓ୍ଵରଙ୍କ ବିଭିନ୍ନ ଦେଶର ଗସ୍ତ ସମ୍ବନ୍ଧୀୟ ବହୁତ ମନମୁଗ୍ଧକାରୀ ଏବଂ ବିଶ୍ଵାସ ବର୍ଦ୍ଧକ ରିପୋର୍ଟ୍ ନିୟମିତ ପ୍ରକାଶିତ ହୋଇଥାଏ, ଯାହାର ଅଧ୍ୟୟନ ପ୍ରତ୍ୟେକ ଅହେମଦୀଙ୍କୁ ଆବଶ୍ୟକ ରହିଛି। ଅଲ୍ଲାଃତାଲାଙ୍କ କୃପାରୁ ଏବେ ଏହି ଅଖ୍‌ବାର୍ (ଖବରକାଗଜ) ହିନ୍ଦି, ବଙ୍ଗଳା, ତେଲଗୁ, ମାଲାୟାଲମ୍, ଓଡିଆ ଏବଂ କନ୍ନଡ ଭାଷାରେ ପ୍ରକାଶିତ ହେଉଅଛି। ଯେଉଁ ଅହେମଦୀ ବନ୍ଧୁମାନେ ଏପର୍ଯ୍ୟନ୍ତ ଅଖ୍‌ବାର୍ ବଦର୍ ନିଜ ନାମରେ ମଗାଇନାହାଁନ୍ତି, ସେମାନଙ୍କୁ ଅନୁରୋଧ ଯେ ଅଖ୍‌ବାର୍ ବଦର୍ ମଗାଇ ନିଜେ ମଧ୍ୟ ଏହାର ଅଧ୍ୟୟନ କରନ୍ତୁ ଏବଂ ପିଲାମାନଙ୍କୁ ଓ ଘରର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ଏହାର ଅଧ୍ୟୟନ କରିବା ପ୍ରତି ଅବସର ଦିଅନ୍ତୁ। ଅଲ୍ଲାଃତାଲା ଆମକୁ ହଜୁର୍ ଅନୁଓ୍ଵର୍‌ଙ୍କ ଉପଦେଶ ଉପରେ ପରିଚାଳିତ ହେବାପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ। ଆମିନ୍! ବଦର୍ ସମ୍ବନ୍ଧିତ କୌଣସି ବିଷୟ ଜାଣିବା ପାଇଁ ହେଲେ ନିମ୍ନଲିଖିତ ନମ୍ବରରେ ସମ୍ପର୍କ କରନ୍ତୁ।

*(ନଓ୍ଵାବ ଅହମଦ୍, ପ୍ରବନ୍ଧକ ଅଖ୍‌ବାର୍ ବଦର୍)*

*managerbadrqnd@gmail.com*

*Contact:- +91-9417020616*

## ଜଲ୍‌ସା ସାଲାନା କାଦିୟାନ ସମ୍ବନ୍ଧରେ ଜରୁରୀ ଘୋଷଣା

ଡ଼ିସେମ୍ବର ୨୦୧୯ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା କାଦିୟାନ୍ ସମ୍ବନ୍ଧରେ ଅଖ୍‌ବାର୍ ବଦର୍ କାଦିୟାନ୍‌ରେ ଏଲାନ୍ (ଘୋଷଣା) ହେଉଥିଲା ଯେ, ଏହି ଜଲ୍‌ସା ହେଉଛି ୧୨୫ ତମ ଜଲ୍‌ସା ସାଲାନା। ଏହି ଐତିହାସିକ ଜଲ୍‌ସା ନିମନ୍ତେ ହଜୁର ଅନଓ୍ଵର ଅ:ବ:ଅ କେତେକ ବିଶେଷ ପ୍ରୋଗ୍ରାମଗୁଡ଼ିକର ମଞ୍ଜୁରି ପ୍ରଦାନ କରିଛନ୍ତି, ଯାହାର ଏତେଲା ସର୍କୁଲାର ଜରିଆରେ ଯମାତ୍‌ମାନଙ୍କୁ ଦିଆଯାଇଅଛି।

ଏହି ଅବଧିରେ ''ତାରିଖେ ଅହେମଦୀୟତ କାଦିୟାନ୍ ବିଭାଗ''ର ଗବେଷଣା ଓ ଅନୁଧ୍ୟାନର ଆଲୋକରେ ସୟଦନା ହଜୁର ଅନଓ୍ଵର ଅ:ବ:ଅଙ୍କ ପବିତ୍ର ଗୋଚରେ ଏ ଏତେଲା ଦିଆଗଲା ଯେ:

*__୨୦୧୯__ରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା __୧୨୫__ ତମ ଜଲ୍‌ସା ସାଲାନା ନୁହେଁ ବରଂ ଏହା ହେଉଛି __୧୨୬__ ତମ ଜଲ୍‌ସା ସାଲାନା।*

ହଜୁର ଅନଓ୍ଵର ଅ:ବ:ଅ ବହୁତ ସ୍ନେହର ସହିତ ଏହାର ମଞ୍ଜୁରି ପ୍ରଦାନ କଲେ ଓ ପ୍ରୋଗ୍ରାମଗୁଡ଼ିକୁ ମଧ୍ୟ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଲେ। ବଦରର ପାଠକେ ଅବଗତ ରୁହନ୍ତୁ।

**(ନାଜ୍‌ର ଇସ୍‌ଲାହ୍ ଓ୍ଵ ଇର୍‌ଶାଦ୍ ମର୍‌କଜିୟା)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ଵାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍